
ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ଅପ୍ରେଲ ୨୦୨୪




## ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

Vol-3 • Issue-2 • April 2024 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୩ • ସଂଖ୍ୟା-୨ • ଅପ୍ରେଲ ୨୦୨୪ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସଂପାଦକ
**ପ୍ରଭାତ ରଞ୍ଜନ ବେହୁରା**
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ଅଜୟ ମହାଲା**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
E-mail: info@sahityacharcha.com
Website: www.sahityacharcha.com

**ମୂଲ୍ୟ : ଟ. ୪୦/-**


## || ସୂଚୀ ||

| | |
|---|---|
| ପାଠକଙ୍କ ମତାମତ | ୦୨ |
| ସାହିତ୍ୟରେ ବିଭାଜନ (ସଂପାଦକୀୟ) | ୦୩ |
| କମ୍ପ୍ୟୁଟର ପ୍ରୟୋଗରେ ଓଡ଼ିଆ ଭାଷାର ଅନୁକୂଳତା (ପ୍ରବନ୍ଧ): ଉଦୟନାଥ ସାହୁ | ୦୫ |
| ଅନ୍ତିମ କବିତା (କବିତା) : ବସନ୍ତ ବେହେରା | ୦୯ |
| ପ୍ରତିଦାନ (ଗଳ୍ପ) : ସୁଚିତ୍ରା ରଥ | ୧୦ |
| ବନ୍ଦେ ଉତ୍କଳ ଜନନୀ : ଓଡ଼ିଆ ଜାତିର ମର୍ମସ୍ୱର (ପ୍ରବନ୍ଧ) : ଦାଶ ବେନହୁର | ୧୨ |
| ବହି ସାଙ୍ଗକୁ ପାନିଆଁ ଫ୍ରି (ରମ୍ୟରଚନା) : ଅଭୟ ଦାଶ | ୧୫ |
| ୩୧ ତାରିଖ (ଗଳ୍ପ) : ରବି ସ୍ୱାଇଁ | ୧୭ |
| ସାରସ୍ୱତ ସ୍ରଷ୍ଟା ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ସହିତ ବାର୍ତ୍ତାଳାପ (ସାକ୍ଷାତକାର) | ୧୯ |
| ସାହିତ୍ୟରେ କ୍ଲାସିସିଜିମ୍‌ର ଧାରା (ପ୍ରବନ୍ଧ) : ବସନ୍ତ କୁମାର ପଣ୍ଡା | ୨୩ |
| ସବୁଠାରୁ ଦୀର୍ଘ ଦାମ୍ପତ୍ୟ (ଗଳ୍ପ) : କବିତା ବାରିକ | ୨୬ |
| ହଣା ଶଙ୍କରା (ବ୍ୟଙ୍ଗ) : ଅଜୟ କୁମାର ମିଶ୍ର | ୩୧ |
| ଊନବିଂଶ ଶତାବ୍ଦୀ ଓଡ଼ିଆ ପତ୍ରପତ୍ରିକାରେ ଭାଷା ଆଲୋଚନା (ପ୍ରବନ୍ଧ) : ସୁପ୍ରିୟା ପ୍ରଶାନ୍ତ | ୩୫ |
| ଜୀବନର ଆରପାଖ (ଗଳ୍ପ) : ସ୍ମୃତି ପଟ୍ଟନାୟକ | ୪୧ |
| ସମ୍ପର୍କ (ଅନୁବାଦ ଗଳ୍ପ) : ଆଶିଷ କୁମାର ରାୟ | ୪୫ |
| ଅନୁବାଦ ପୁସ୍ତକର ସମ୍ପାଦନା (ପ୍ରବନ୍ଧ): ମାନସ ରଞ୍ଜନ ମହାପାତ୍ର | ୪୭ |
| ଆୟୁଷ୍ମାନ ଚକ୍ଷୁଷ୍ମାନ (ଅନୁଭୂତି) : ଭାବଗ୍ରାହୀ ବଳ | ୫୦ |
| ଅଭାଗିନୀ (ଗଳ୍ପ) : ସୁଶ୍ରୀ ସଂଗୀତା ସ୍ୱାଇଁ | ୫୪ |
| ସାଂପ୍ରତିକ ଓଡ଼ିଆ ନାଟକରେ ଦଳିତ ଚେତନା (ପ୍ରବନ୍ଧ): ଶୁଚିସ୍ମିତା ବିଶ୍ୱାଳ | ୫୭ |
| ରାଜଧର୍ମ (କବିତା) : କୁଳମଣି ଓଝା | ୬୨ |
| ଦୁଇଟି ମିନିଗଳ୍ପ (ଗଳ୍ପ) : ରଞ୍ଜନ ସ୍ୱାଇଁ | ୬୩ |
| ମଣିଷପଣିଆ (ଶିଶୁ ଗଳ୍ପ) : କୁଞ୍ଜ ବିହାରୀ ସାହୁ | ୬୪ |
| ଚିତ୍ରିତ କାନଭାସ୍ (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ | ୬୬ |
| ସାହିତ୍ୟ ସମାଚାର | ୬୭ |
| ପୁରଶ୍ଚରଣ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ | ୬୮ |

# ପାଠକଙ୍କ ମତାମତ

**ଯେ** କୌଣସି ଲେଖାରେ ଆତ୍ମପ୍ରବେଶ କରିବା ଅର୍ଥ ଲେଖାରେ ସତ୍ୟକୁ ବୟାନ କରିବାର ଅବସର ସୃଷ୍ଟି କରିବା। 'ସାହିତ୍ୟ ଚର୍ଚ୍ଚା'ର ମାର୍ଚ୍ଚ ସଂଖ୍ୟାରେ ପ୍ରକାଶିତ ଏହି ବାକ୍ୟଟି ପ୍ରଥିତଯଶା ପ୍ରାବନ୍ଧିକ ଶ୍ରୀ ଆଦିକନ୍ଦ ସାହୁଙ୍କ 'ଗଳ୍ପାୟନ ସତ୍ୟଶୀଳତାର ପରିପନ୍ଥୀ' ନାମକ ପ୍ରବନ୍ଧର। ପ୍ରବନ୍ଧଟି ବେଶ୍ ଉଚ୍ଚକୋଟୀର ରଚନା। ଦୁର୍ଯ୍ୟୋଧନ ଦାସ 'ରସ ରସିକ ରସାମୃତ' ପ୍ରବନ୍ଧରେ ରସର ବିଭାବ, ଅନୁଭାବ, ବ୍ୟଭିଚାରୀ ଭାବ, ରସ ଉତ୍ପତ୍ତି ବିଭିନ୍ନ ସିଦ୍ଧାନ୍ତର ବିସ୍ତୃତ ବ୍ୟାଖ୍ୟା କରିଛନ୍ତି। ଏହି ସଂଖ୍ୟାର ସମ୍ପାଦକୀୟ ସହ ଅନ୍ୟ ପ୍ରବନ୍ଧ, ଗଳ୍ପ, କବିତା, ରମ୍ୟ ରଚନା ଆଦି ମଧ୍ୟ ଭଲ ଲାଗିଲା।

**ଚନ୍ଦ୍ରକାନ୍ତ ସାହୁ**
chandrakantas840@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

**ପ୍ର**ତିଷ୍ଠିତ ସାହିତ୍ୟ ପତ୍ରିକା 'ସାହିତ୍ୟ ଚର୍ଚ୍ଚା'ର ମାର୍ଚ୍ଚ ସଂଖ୍ୟାଟି ଭୁବନେଶ୍ୱରର ପୁରୁଣା ବସ ଷ୍ଟାଣ୍ଡରୁ କିଣିଆଣି ପଢ଼ିଲି। ସମ୍ପାଦକୀୟ ପୃଷ୍ଠାରେ 'କବିତା ପଠନର କଳା' ସମ୍ପର୍କରେ ମୁଁ ଅଙ୍ଗେ ନିଭାଇଥିବା କଥା ଲେଖାଯାଇଥିବା ଦେଖି ଖୁସି ଲାଗିଲା। ପ୍ରକୃତରେ ଏହା ବର୍ତ୍ତମାନ ସାହିତ୍ୟ ଜଗତରେ ଏକ ବିଶାଳ ସମସ୍ୟା। ମୋତେ ଗପ, କବିତା, ବ୍ୟଙ୍ଗ ସାହିତ୍ୟ ଆଦି ପଢିବାକୁ ଭଲ ଲାଗେ। ଏହି ସଂଖ୍ୟାରେ ପ୍ରକାଶିତ ହରେକୃଷ୍ଣ ସାହୁଙ୍କ 'ପ୍ରକଟ', ବବିତା ସାହୁଙ୍କ 'ସାଇକେଲ', ନାରୁ ମହାନ୍ତିଙ୍କ 'ନିରବତାର ପରିଭାଷା', ଯଦୁନାଥ ପଣ୍ଡାଙ୍କ 'ଚନ୍ଦ୍ର' ଗଳ୍ପ ମଧ୍ୟ ମନକୁ ଛୁଇଁଲା। ଲୋକସାହିତ୍ୟ ଗବେଷକ ତଥା ବ୍ୟଙ୍ଗକାର ଅଜୟ ମିଶ୍ରଙ୍କ 'ଫୁଁଆ ହୋ' ସମାଜରେ ନିଜକୁ ବଡ଼ ସାହିତ୍ୟିକ ମଣୁଥିବା ତଥାକଥିତ ସାହିତ୍ୟିକ ମାନଙ୍କ ପ୍ରତି ତୀକ୍ଷ୍ଣ ବାଣ।

**ମନୋଜ ଭୋଇ**
manojbhoi2001@gmail.com

**ଆ**ପଣଙ୍କ ପତ୍ରିକାରେ ଥାଏ ନିଛକ ସାହିତ୍ୟ। ସେଥିପାଇଁ ସଂପାଦକ ମହୋଦୟଙ୍କୁ ଅଶେଷ ଅଶେଷ କୃତଜ୍ଞତା। ଏ ପତ୍ରିକାରେ ଲେଖକମାନେ ଏକୁଁ ଆରେକ ସାହିତ୍ୟରେ ପ୍ରତିଭାଶାଳୀ। ସେମାନଙ୍କ ଲେଖା ଉଚ୍ଚକୋଟୀର। ପ୍ରଶାନ୍ତ ବାବୁଙ୍କ ଲେଖାଟି ନିଆରା ଭଳି ମନେହେଲା। ଓଡ଼ିଶାର ଶ୍ରମିକମାନେ ପରିସ୍ଥିତିରେ ପଡ଼ି ଦାଦନ ହୋଇଯାଆନ୍ତି, ଯାହା ବିଭୂତି ଭୂଷଣ ପ୍ରଧାନ '୨୦୧୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ପ୍ରବାସୀ ଶ୍ରମିକଙ୍କ ମାଟିପ୍ରୀତି' ପ୍ରବନ୍ଧରେ ସାର୍ଥକ ଭାବେ ଆଲୋଚନା କରିଛନ୍ତି। 'ବିଜ୍ଞାନ କଥାସାହିତ୍ୟରେ ଆତ୍ମାର ଭୂମିକା' ପ୍ରବନ୍ଧର ପ୍ରାବନ୍ଧିକ ନିଖିଳାନନ୍ଦ ପାଣିଗ୍ରାହୀଙ୍କ ଲେଖାଟି ଚମତ୍କାର ଓ ଭାବୋଦ୍ଦୀପକ ହୋଇଥିବାରୁ ଲେଖକଙ୍କୁ ଧନ୍ୟବାଦ ଜଣାଉଛି।

**ଜ୍ୟୋର୍ତିମୟୀ ରାଉତରାୟ**
jotirmayee_19@gmail.com

**ସ**ବୁ ମାସରେ ପ୍ରଶାନ୍ତ ବାବୁଙ୍କ ଲେଖାଟି ନିଆରା ହୋଇଥାଏ, ଏଥର ମଧ୍ୟ ସମାନ। ସେ ସର୍ବଦା ନିଜେ କହୁଥିବା ବା କହିବାକୁ ଥିବା କଥାକୁ ଭିନ୍ନ ଭିନ୍ନ ବାଟରେ ଅନ୍ୟମାନଙ୍କ ମତକୁ ନେଇ କହିଥାନ୍ତି। ଏହିଭଳି ଲେଖା ଖୁବ୍ କମ୍ ଦେଖିବାକୁ ମିଳେ। ଯେପରି – ସାମ୍ବାଦିକର କର୍ତ୍ତବ୍ୟ ହେଉଛି ଅନ୍ୟମାନଙ୍କ କଥା କହିବା, ନିଜ ବା ନିଜେ ଭାବୁଥିବା କଥା ନୁହେଁ, ସେହିଭଳି ପ୍ରଶାନ୍ତ ବାବୁଙ୍କ ନିଆରା ଶୈଳୀ ମାଧ୍ୟମରେ ବକ୍ତବ୍ୟ, ତାହା ପୁଣି ଅପେକ୍ଷାକୃତ କମ୍ ବା ପ୍ରାୟ ବ୍ୟବହୃତ ହେଉ ନଥିବା ଶବ୍ଦକୁ ନେଇ, ବେଶ୍ ଚମତ୍କାର । ମୋ ମତରେ ତାଙ୍କର ଲେଖାଗୁଡ଼ିକୁ ମଞ୍ଜ ବା ମଞ୍ଜି କଥା ଶ୍ରେଣୀଭୁକ୍ତ କରାଯିବା ଆବଶ୍ୟକ। ଓଡ଼ିଆ ପତ୍ରିକାରେ ଏହିଭଳି ଢଙ୍ଗରେ ଲେଖା ହାତଗଣତି ବୋଲି ମୋର ମତ। ଏହିଭଳି ଲେଖା ଚାଲିଥାଉ।

**ମହେନ୍ଦ୍ର କୁମାର ମିଶ୍ର**
mkmishra29@gmail.com

**ସମ୍ପାଦକୀୟ**

# ସାହିତ୍ୟରେ ବିଭାଜନ

ସାହିତ୍ୟରେ ବିଭାଜନର କଥା କେତେକଙ୍କୁ ହୁଏତ ଏକ ବିରୋଧାଭାସ ଭଳି ମନେ ହୋଇପାରେ। ସାହିତ୍ୟରେ ବିଭାଜନ ପୁଣି କ'ଣ ? ଏହା ତ ବରଂ ସମସ୍ତ ସଂକୀର୍ଣ୍ଣତା ଓ ଗୋଷ୍ଠୀର ଉର୍ଦ୍ଧ୍ୱରେ। ତେଣୁ କୁହାଯାଏ ଯେ ସ+ହିତ ଅର୍ଥାତ୍ ସହଭାବ ଓ ହିତକାମନା ହିଁ ହେଉଛି ସାହିତ୍ୟ। ସାହିତ୍ୟ ବିଭେଦ ସୃଷ୍ଟି କରେନାହିଁ, ବରଂ ଯୋଡ଼େ। କିନ୍ତୁ କେତେକ କାଳଖଣ୍ଡରେ ଦେଖାଯାଇଛି ଯେ ସାହିତ୍ୟର ଶୁଦ୍ଧ ଓ ଶାନ୍ତ ପରିବେଶ ମଧ୍ୟରେ ବିଭିନ୍ନ ଉତ୍କଟ ମତବାଦ ବା 'ଇଜମ୍'ମାନେ ମୁଣ୍ଡ ଟେକି ଏହାକୁ ଭାଗ ଭାଗ କରିଦେଇଛନ୍ତି।

ପ୍ରକୃତରେ, 'ଇଜମ୍' କହିଲେ ଆମେ କ'ଣ ବୁଝୁ ? ସବୁବେଳେ ଯେ ଏହା ଏକ ନକାରାତ୍ମକ ରୂପରେ ଆସିଥାଏ ତାହା ନୁହେଁ; ବରଂ ଏହା ଜରିଆରେ ଅନେକ ଉନ୍ନତ ଭାବଧାରାର ଉନ୍ମେଷ ଘଟି ସାହିତ୍ୟକୁ ଋଦ୍ଧିମନ୍ତ ମଧ୍ୟ କରିଛି। ପାଶ୍ଚାତ୍ୟ ସାହିତ୍ୟର ବିଭିନ୍ନ ଯୁଗରେ ଖିଆଲବାଦ (ରୋମାଣ୍ଟିସିଜମ୍), ବାସ୍ତବବାଦ (ରିଅଲିଜମ୍), ଅସ୍ତିତ୍ୱବାଦ (ଏକ୍ସିଷ୍ଟେନ୍‌ସିଆଲିଜିମ୍) ଓ ମାନବବାଦ (ହ୍ୟୁମାନିଜମ୍ ) ଭଳି ନିଆରା ଭାବଧାରାମାନ ଜନ୍ମ ନେଇ ସମକାଳୀନ ସାହିତ୍ୟକୁ ବିଭିନ୍ନ ଉପାଦେୟ ମୋଡ଼ ଦେଇଛନ୍ତି। ସେହିଭଳି ଆମ ଓଡ଼ିଶାରେ ମଧ୍ୟ ଭକ୍ତିବାଦ, ଆଧୁନିକତାବାଦ, ଅନାମବାଦ, ରାଷ୍ଟ୍ରବାଦ ଓ ଏହିଭଳି ଆଉ କେତେକ ବାଦ ବିଭିନ୍ନ ସମୟରେ ପ୍ରତିଭାତ ହୋଇଛି। ଏହି ଧରଣର 'ଇଜମ୍'କୁ ସାହିତ୍ୟର ଏକ ସକାରାତ୍ମକ ରୂପ ବୋଲି କୁହାଯାଇପାରେ।




କିନ୍ତୁ ଏହାର ବିପରୀତ, ଆହୁରି କେତେକ ମତବାଦ କେବେକେବେ ସାହିତ୍ୟର ଅବାଧ ଯାତ୍ରାକୁ କଣ୍ଟକିତ ମଧ୍ୟ କରିଛି। ବିଶେଷତଃ ଆମ ଓଡ଼ିଆ ସାହିତ୍ୟରେ ନାରୀବାଦ, ବାମବାଦ (ସାମ୍ୟବାଦ) ଓ ଦଳିତବାଦ ଭଳି କେତେକ ଧାରା ବାସ୍ତବରେ କିଭଳି ଭୂମିକା ତୁଲାଇଛି ତାହା ବିଚାର କରାଯାଇପାରେ। ଅବଶ୍ୟ ଏହା ସ୍ୱୀକାର କରିବାକୁ ହେବ ଯେ ଏକ ପୁରୁଷପ୍ରଧାନ ସମାଜରେ ନାରୀସମାଜଟି ଅବିଚାରିତ ବାଛବିଚାରର ଶିକାର ହେଉଥିବାର ପ୍ରତିକ୍ରିୟାରେ ନାରୀବାଦ ବା 'ଫେମିନିଜମ୍'ର ସୃଷ୍ଟି। ସେହିଭଳି ଆମର ଶ୍ରେଣୀବିଭକ୍ତ ବ୍ୟବସ୍ଥାରେ ସର୍ବହରା ବା ଖଟିଖିଆଙ୍କର ନିର୍ମମ ଶୋଷଣର ପ୍ରତିବାଦରେ ଗଢ଼ିଉଠିଛି ବାମବାଦ, ଏବଂ ଜାତି ବିଭାଜନର କୁପରିଣାମ ଭୋଗୁଥିବା ଆମ ସମାଜର କେତୋଟି ନିର୍ଦ୍ଦିଷ୍ଟ ବର୍ଗର ମଣିଷମାନଙ୍କର ସ୍ୱର ଭାବରେ ଉଭା ହୋଇଛି ଦଳିତ ସାହିତ୍ୟ। ଏହି ବାଦଗୁଡ଼ିକ ମୂଳତଃ ସମାନତା, ନ୍ୟାୟ ଓ ସୁରକ୍ଷାର ବାର୍ତ୍ତା ବହନ କରୁଥିଲେ ହେଁ ଏଗୁଡ଼ିକ ସ୍ଥଳ ବିଶେଷରେ ଆମ ସମାଜରେ ବିଭାଜନର ପ୍ରକ୍ରିୟାକୁ ମଧ୍ୟ ଯେ ବଳ ଯୋଗାଉଛନ୍ତି, ଏହାକୁ ଅସ୍ୱୀକାର କରାଯାଇ ନପାରେ।

ଏଭଳି ମତବାଦଗୁଡ଼ିକ ଦ୍ୱାରା ପ୍ରଭାବିତ ଆମର ସାହିତ୍ୟ କେତେକାଂଶରେ ସର୍ବହରା ଓ ସଂପନ୍ନ ଶ୍ରେଣୀ, ନାରୀ ଓ ପୁରୁଷ, ତଥା ଦଳିତ ଓ ଆଗୁଆ ଜାତିଙ୍କ ମଧ୍ୟରେ ଅବିଶ୍ୱାସ ବାତାବରଣକୁ ଇନ୍ଧନ ଯୋଗାଇ ସେମାନଙ୍କ ମଧ୍ୟରେ ଦୂରତା ବୃଦ୍ଧିର କାରଣ ହୋଇପାରେ।

ତେବେ କୌଣସି ନା କୌଣସି ଏକ ବାଦ ବା ମତବାଦ ପ୍ରତି ଢ଼ଳିବା ତ ଏକ ସ୍ୱାଭାବିକ ମାନବୀୟ ପ୍ରକୃତି; ଏବଂ ଆମ କବି ଓ ଲେଖକମାନେ ଏଥିର ବ୍ୟତିକ୍ରମ ବା ହେବେ କାହିଁକି ? କିନ୍ତୁ କଥା ହେଲା, ସବୁବେଳେ ଓ ସବୁଠାରେ ନିଜକୁ ଏଭଳି କୌଣସି ମତବାଦ ମଧ୍ୟରେ ବାନ୍ଧି ରଖୁଥିବା ଆମର ସାରସ୍ୱତ ସ୍ରଷ୍ଟାଗଣ ହୁଏତ ପରିଶେଷରେ ମତାନ୍ଧ ଭାବରେ ପରିଗଣିତ ହୋଇପାରନ୍ତି। ଅବଶ୍ୟ ଆମ ସାହିତ୍ୟରେ ଏଭଳି କବି ଓ ଲେଖକ ମଧ୍ୟ ବିରଳ ନୁହନ୍ତି ଯେଉଁମାନେ ବିଭିନ୍ନ ବାଦମାନଙ୍କର ବନ୍ଧନରୁ ନିଜକୁ ମୁକ୍ତ ରଖି ଅବାଧ ଓ ସ୍ୱାଧୀନ ସାହିତ୍ୟ ସୃଷ୍ଟି କରିବାରେ ବ୍ରତୀ ଅଛନ୍ତି। ଏହା ଏକ ଆଶ୍ୱାସନାର କଥା।

*ନିହାର ଶତପଥୀ*

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ବ୍ୟଙ୍ଗଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

---

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

| | |
|---|---|
| *IFS Code* | : CNRB0018007 |
| *Account No.* | : 120000048648 |
| *Account Name* | : Sahitya Charcha |

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି G Pay, PhonePe କିମ୍ବା Paytm ଆଦି ଦ୍ୱାରା ମଧ୍ୟ ଏହି ଦେୟ ପଠାଯାଇପାରେ। ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ।

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭, ମୋବାଇଲ : ୯୩୬୮୭୭୨୫୦୬

ପ୍ରବନ୍ଧ

# କମ୍ପ୍ୟୁଟର ପ୍ରୟୋଗରେ ଓଡ଼ିଆ ଭାଷାର ଅନୁକୂଳତା



ପ୍ରଫେସର ଉଦୟନାଥ ସାହୁ

ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନର ୧୦ ବର୍ଷ ପୂରଣ ହୋଇଛି। ଷଷ୍ଠ ଭାରତୀୟ ଭାଷା ଏବଂ ପ୍ରଥମ ପ୍ରାଦେଶିକ ଆର୍ଯ୍ୟଭାଷା ଭାବେ ଶାସ୍ତ୍ରୀୟ ମାନ୍ୟତା ପାଇବା ନିମିତ୍ତ ଓଡିଆ ଭାଷା ଗୌରବ ପ୍ରାପ୍ତ ହୋଇଛି। ଏହା କେବଳ ଆମ ଓଡ଼ିଆ ଭାଷାର ସ୍ୱୀକୃତି ନୁହେଁ ବରଂ ପ୍ରାଚୀନତାର ପ୍ରମାଣ। ନିକଟରେ (୩-୫ ଫେବୃଆରୀ ୨୦୨୩) ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ମହାଆଡ଼ମ୍ବରରେ ପରିସମାପ୍ତି ହୋଇଛି। ଏହି ବିରାଟ ସମ୍ମିଳନୀରେ ଶ୍ରୀଜଗନ୍ନାଥ ଚେତନା, ଓଡ଼ିଆ ଭାଷାର ଉତ୍ପତ୍ତି ଏବଂ ବିକାଶ, ପ୍ରାଚୀନ ଏବଂ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ, ଓଡ଼ିଆ ! ଭାରତର ଶାସ୍ତ୍ରୀୟ ଭାଷା, ଓଡ଼ିଶା-ଆଧୁନିକ ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ, ଓଡ଼ିଆ ଭାଷା ଏବଂ ମହିଳା ସଶକ୍ତୀକରଣ, ଓଡ଼ିଶାର ପ୍ରତ୍ନତତ୍ତ୍ୱ, ଆଧୁନିକ ଓଡ଼ିଆ ସାହିତ୍ୟ, ଓଡ଼ିଶାର ନୌବାଣିଜ୍ୟ ଐତିହ୍ୟ, ଓଡ଼ିଶାର ଲୋକ ସଂସ୍କୃତି, ଓଡ଼ିଆ ବ୍ୟାକରଣ ଏବଂ ଭାଷା ବିଜ୍ଞାନ, ଓଡ଼ିଶାର ଭାଷା ବିବିଧତା, ୨୦୩୬ରେ ଓଡ଼ିଶା: ନବ ଦିଗନ୍ତର ସମ୍ଭାବନା ସୂଚନା ଓ ପ୍ରଯୁକ୍ତିବିଦ୍ୟା ଯୁଗରେ ଓଡ଼ିଆ ଭାଷା : ଆହ୍ୱାନ ଏବଂ ଭବିଷ୍ୟତ, ସଂସ୍କୃତି ଏବଂ ଐତିହ୍ୟ : ରାଜ୍ୟର ସୂକ୍ଷ୍ମଶକ୍ତି, ଅନୁବାଦ : ଓଡ଼ିଆରୁ ଏବଂ ଓଡ଼ିଆକୁ ପ୍ରଭୃତି ବିଷୟରେ ପ୍ରବନ୍ଧ ପାଠ ସହ ସାରଗର୍ଭକ ଆଲୋଚନା କରାଯାଇଥିଲା। କାରଣ ଗୋଟିଏ ଜାତି ତା'ର ଭାଷା, ସାହିତ୍ୟକୁ ନେଇ ବଞ୍ଚିରହେ। କେବଳ ସେତିକି ନୁହେଁ, ଏହା ବ୍ୟତୀତ ଇତିହାସ, ଚିତ୍ରକଳା, ଶିଳାଲେଖ, ତାମ୍ରଲେଖ, ନୃତତ୍ତ୍ୱ, ଲୋକକଥା, ସଂଗୀତ, ନୃତ୍ୟ ପ୍ରଭୃତି ଏଥି ସହିତ ସମ୍ବନ୍ଧାନ୍ୱିତ।



ଆଜି ଆମେ ଏକବିଂଶ ଶତାବ୍ଦୀର ତୃତୀୟ ଦଶକରେ ପାଦ ଦେଲେଣି। ଯୁଗ ବଦଳିବା ସହିତ ମଣିଷର ରୁଚି ମଧ୍ୟ ବଦଳିଛି। ପ୍ରତ୍ୟେକ ସ୍ତରରେ କମ୍ପ୍ୟୁଟରର ବ୍ୟବହାର କରାଯାଉଛି। ସାମାଜିକ ଗଣମାଧ୍ୟମରେ ଆମ ଭାଷଣ ସମ୍ପର୍କରେ ପ୍ରତିଦିନ ନାନା ଲେଖା ସହିତ ବହୁ ପ୍ରସ୍ତାବ, ବହୁମତ ମଧ୍ୟ ପ୍ରକାଶ ପାଉଛି। ଆଜିର ଯୁଗ ହେଉଛି କମ୍ପ୍ୟୁଟର ଓ ଡିଜିଟାଇଜେସନ୍‌ର ଯୁଗ। ବିଶ୍ୱର ଅନ୍ୟ ଭାଷାଭଳି ଓଡ଼ିଆ ଭାଷାକୁ ଲୋକପ୍ରିୟ କରିବା, ଓଡ଼ିଆ କୀ-ବୋର୍ଡର ମାନକୀକରଣ, କମ୍ପ୍ୟୁଟର ମାଧ୍ୟମରେ ଅନୁବାଦ ଏବଂ ସେଥିନିମିତ୍ତ (ଏଆଇ- ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ (ଓସିଆର) ଓସିଆରର ପ୍ରୟୋଗ ଓଡ଼ିଆ ଫଣ୍ଟ (ଲିପି)ର ଉନ୍ନତୀକରଣ, ଯୁକ୍ତବର୍ଣ୍ଣ ଲେଖିବାର ସମସ୍ୟା ଇତ୍ୟାଦି ସମ୍ପର୍କରେ ଲେଖାମାନ ପ୍ରକାଶିତ। ପ୍ରତ୍ୟେକ ସମସ୍ୟାର ସମାଧାନ ନିମିତ୍ତ ଉପାୟ ମଧ୍ୟ ରହିଛି। ସେଥିନିମିତ୍ତ ଅଧିକ ଗବେଷଣାର ପ୍ରୟୋଜନ।

### ଯୁକ୍ତାକ୍ଷରର ସମସ୍ୟା

ବର୍ତ୍ତମାନ ଆମ ଭାଷାରେ ଯୁକ୍ତାକ୍ଷରକୁ ନେଇ ନାନା ମତ ପ୍ରକାଶ ପାଉଛି। କମ୍ପ୍ୟୁଟର ପ୍ରୟୋଗ ନିମିତ୍ତ ଯୁକ୍ତାକ୍ଷରକୁ ସରଳ କରିଦିଆଯାଉଛି। ଏପରି ଉଦ୍ୟମ ଠିକ୍ ନୁହେଁ। କମ୍ପ୍ୟୁଟରକୁ ଆଖି ଆଗରେ ରଖି ଭାଷାକୁ ସରଳ କରା ନ ଯାଉ, ବରଂ ଆମ ଭାଷାର ସ୍ୱାତନ୍ତ୍ର୍ୟକୁ ବଜାୟ ରଖି କମ୍ପ୍ୟୁଟର ସଫ୍ଟୱେର ପ୍ରସ୍ତୁତ କରାଯାଇପାରିବ। ଏ ଦିଗରେ ଅନେକ କାମ ପ୍ରସ୍ତୁତ ହୋଇସାରିଛି। ଭାଷାର କମ୍ପ୍ୟୁଟରୀକରଣ ନିମିତ୍ତ ମାତ୍ରାଗୁଡ଼ିକ ଆଉ ପ୍ରତିବନ୍ଧକ ନୁହେଁ। ତେଣୁ ଆମ ପିଲାମାନଙ୍କୁ କମ୍ପ୍ୟୁଟରରେ ଓଡ଼ିଆର ବ୍ୟବହାର ସମ୍ପର୍କରେ ଶିକ୍ଷାଦାନ କରିବାକୁ ହେବ। ଏବେ ଯେଉଁ ସଫ୍ଟୱେର ବ୍ୟବହାର ହେଉଛି ସେଗୁଡ଼ିକ ହେଲା

ଶ୍ରୀଲିପି, ଆକୃତି, ୟୁନିକୋଡ୍ ପ୍ରଭୃତି। ଏହି ଓଡ଼ିଆ ଫଣ୍ଟ (ଲିପି)କୁ ବିଭିନ୍ନ ଭାବରେ ନାମିତ କରାଯାଇଛି। ଯଥା:- ଜଗନ୍ନାଥ, ସୁପର୍ଣ୍ଣା, ନୀଳାଚଳ, ସବିତା, ସୁଭଦ୍ରା, ବନିତା, ସମଲେଶ୍ୱରୀ, ସୌରୀ, ସର୍ବାଦି, ଉତ୍କଳ, ସ୍ୱାତି, ଅର୍ଚ୍ଚନା, ଧରମା, ସୁନୀଲ, ଓଡ଼ିଶୀ, ପ୍ରଭାକର, ବରୁଣ, ଜୟ, ବିଭାବସୁ, ବିଶୁ, ନୀରଜ, କୋଣାର୍କ, ବାସୁଦେବ, କପିଳ, ରୁଦ୍ର, ଅଶୋକ ପ୍ରଭୃତି। କିନ୍ତୁ ଏସବୁ ୟୁନିକୋଡ୍ ନୁହେଁ। ଏହି ୟୁନିକୋଡ୍ ଲିଖନର ବ୍ୟବହାର ସମଗ୍ର ବିଶ୍ୱରେ ବ୍ୟବହୃତ। ତଥାପି ଓଡ଼ିଆ ଫଣ୍ଟ ବ୍ୟବହାରରେ କେତେକ ସମସ୍ୟା ପରିଲକ୍ଷିତ ହୁଏ। ଯଥା- ଅକ୍ଷର ଠିକ୍ ହିସାବରେ ଦେଖାନଯିବା, ସମସ୍ତ (ପୁରୁଣା) କମ୍ପ୍ୟୁଟରରେ ୟୁନିକୋଡ୍ ବ୍ୟବହାର ହୋଇ ନ ପାରିବା, ଫଣ୍ଟଗୁଡିକ ଉଚ୍ଚମାନର ନ ହେବା, ଏହାକୁ ପ୍ରସ୍ତୁତ କରିଥିବା କମ୍ପାନୀମାନେ ଆଇଏସ୍ଆଇ ମାର୍କ ନ ଦେବା, ଠିକ୍ ଭାବରେ ପରୀକ୍ଷିତ ହୋଇ ନ ଥିବା ପ୍ରଭୃତି।

ପିଡିଏଫ ଫର୍ମାଟରେ କୌଣସି ଦଲିଲକୁ ଓ୍ୱାର୍ଡ ଫାଇଲରେ ପ୍ରେରଣ କଲେ ତାହା କୋଡ଼ିଙ୍ଗ ହୋଇଯିବାର ସମ୍ଭାବନା ଥାଏ। ଏପରିକି ଦେଖାଯାଇଛି, ଯେ ଗୁଗୁଲ ଲିପି ମାଧ୍ୟମରେ ଆଇଫୋନ୍‌ରେ ଟାଇପ୍ କରିବା ବେଳେ ଯୁକ୍ତାକ୍ଷର ଯଥା- ଙ୍କ, ଙ୍ଖ, ଙ୍ଗ, ଙ୍ଘ, ଞ୍ଚ, ଞ୍ଛ, ଞ୍ଜ ପ୍ରଭୃତି ଲେଖିହୁଏ ନାହିଁ। ଏଗୁଡ଼ିକ ଅନୁସ୍ୱାର ପ୍ରୟୋଗ କରି ଲେଖିବା ସମ୍ଭବ ହୁଏ। କାରଣ ଏହି କୀବୋର୍ଡରେ ଙ,ଞ ନାହିଁ। କିନ୍ତୁ ଆଣ୍ଡ୍ରଏଡ୍ ଫୋନ୍ ଯେଉଁମାନେ ବ୍ୟବହାର କରନ୍ତି ସେମାନେ 'ଅଂକ'କୁ 'ଅଙ୍କ' ବୋଲି ଲେଖିପାରନ୍ତି। ସେଥିନିମିତ୍ତ ସମସ୍ତ ମୋବାଇଲରେ ସବୁ ଅକ୍ଷରକୁ ଲେଖିପାରିବା ଭଳି ଫଣ୍ଟ ବା ଲିପି ପ୍ରସ୍ତୁତ ହେବା ଜରୁରି। ଏ ସମ୍ପର୍କରେ ଓଡ଼ିଶା ସରକାରଙ୍କ ତରଫରୁ ଓକାକ୍ (ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର) ଦ୍ୱାରା ଫଣ୍ଟ ପ୍ରସ୍ତୁତ ହେଉଥିବା ସୂଚନା ମିଳେ। ଏଆଇ ବ୍ୟବହାର କରି ଏହା ହୋଇପାରିବ। ଆମେ ଟାଇପ୍ କଲାବେଳେ ଅକ୍ଷରର ଆକୃତି ଉପରେ ଧ୍ୟାନ ଦେଇଥାଉ। ଯେତେବେଳେ ଆମେ ୧୨ ପଏଣ୍ଟର ଅକ୍ଷର କହୁ, ତାହା ହେଉଛି ଗୋଟିଏ ଇଞ୍ଚର ୬ ଭାଗରୁ ଏକ ଭାଗ। ତେଣୁ ଏକ ପଏଣ୍ଟ ହେଉଛି ଏକ ଇଞ୍ଚର ୭୨ଭାଗରୁ ଏକ ଭାଗ। ତେଣୁ କମ୍ପ୍ୟୁଟର ବିଜ୍ଞାନୀମାନେ ଏହି ପଏଣ୍ଟକୁ ଧ୍ୟାନ ଦେଇ ଫଣ୍ଟ ପ୍ରସ୍ତୁତ କରିଥାଆନ୍ତି। ଏଆଇ ବ୍ୟବହାର ଦ୍ୱାରା ଜେନେରିଟିକ୍ ଫଣ୍ଟ ପ୍ରସ୍ତୁତ ହୋଇପାରିବ। ଏ ଦିଗରେ ଅନେକ ବିଶାରଦ ଉଦ୍ୟମ କରୁଛନ୍ତି।

**ଭାଷାର କମ୍ପ୍ୟୁଟରୀକରଣ ନିମିତ୍ତ ମାତ୍ରାଗୁଡ଼ିକ ଆଉ ପ୍ରତିବନ୍ଧକ ନୁହେଁ। ତେଣୁ ଆମ ପିଲାମାନଙ୍କୁ କମ୍ପ୍ୟୁଟରରେ ଓଡ଼ିଆର ବ୍ୟବହାର ସମ୍ପର୍କରେ ଶିକ୍ଷାଦାନ କରିବାକୁ ହେବ।**

## ଯାନ୍ତ୍ରିକ ଅନୁବାଦ

ଆଧୁନିକ ଯୁଗରେ ବିଜ୍ଞାନର ଅଗ୍ରଗତି ସହ ତାଳଦେଇ କମ୍ପ୍ୟୁଟର ମାଧ୍ୟମରେ ଯାନ୍ତ୍ରିକ ଅନୁବାଦ ସମ୍ଭବ ହୋଇପାରିଛି। ଭାରତକୁ ଭାଷା ମଧ୍ୟରୁ ଇଂରାଜୀକୁ ହିନ୍ଦୀ ଭାଷାର ଯାନ୍ତ୍ରିକ ଅନୁବାଦରେ ଯେଉଁ ପରିମାଣରେ ସଠିକତା ଦେଖାଯାଏ, ସେପରି ଓଡ଼ିଆ ଭାଷାରେ ସମପରିମାଣର ସଫଳତା ମିଳିନାହିଁ। ଏହି ଯାନ୍ତ୍ରିକ ଅନୁବାଦ ପ୍ରକ୍ରିୟା ବିକାଶର ପରିସର ହେଉଛି - (କ) ମୂଳ ଉତ୍ସରୁ ଅନ୍ୟ ଭାଷାକୁ ଅନୁବାଦ, (ଖ) ଶବ୍ଦ ବିଜ୍ଞାନ ମାଧ୍ୟମରେ ବିଶ୍ଳେଷଣ (ଗ) ଶବ୍ଦର ପ୍ରକାରଭେଦ ଅନୁସାରେ ଚିହ୍ନଟୀକରଣ (ଘ) ଶବ୍ଦର ବ୍ୟାଖ୍ୟାକରଣ (ଙ) ଶବ୍ଦର ଉତ୍ପତ୍ତୀକରଣ (ଚ) ଶବ୍ଦର ଶୁଦ୍ଧୀକରଣ ଓ ବିଶ୍ଳେଷଣ।

ଏହାର ତିନିଗୋଟି କ୍ଷେତ୍ର ରହିଛି। ଯଥା (୧) ନିୟମ ଅନୁଯାୟୀ ଯାନ୍ତ୍ରିକ ଉପକରଣ ମାଧ୍ୟମରେ ଅନୁବାଦ (୨) ବିଶ୍ଳେଷଣ ଓ ପରିସଂଖ୍ୟାନ ମାଧ୍ୟମରେ ଅନୁବାଦ (୩) ପୂର୍ବରୁ ଅନୁବାଦ କରାଯାଇଥିବା ଉଦାହରଣ ମାଧ୍ୟମରେ ଅନୁବାଦ। ଏଥି ନିମିତ୍ତ ବୈଷୟିକ ଗବେଷଣା ଓ ବିକାଶ ସହ ଭାଷାର ଗବେଷଣା ଓ ସମ୍ବଳ ବୃଦ୍ଧି ଅପରିହାର୍ଯ୍ୟ। ଅନୁବାଦ ନିମିତ୍ତ ଉଭୟ ଭାଷାର ବ୍ୟାକରଣ ଓ ଭାଷାତତ୍ତ୍ୱକୁ ତୁଳନା କରି ବିଭିନ୍ନ ସୂତ୍ର ନିରୂପଣ କରାଯାଏ।

ଭାରତ ଏକ ବହୁଭାଷୀୟ ରାଷ୍ଟ୍ର। ଏଠାକାର ଲୋକମାନେ ବିଭିନ୍ନ ଭାଷା ତଥା ଆଞ୍ଚଳିକ ଭାଷା ମାଧ୍ୟମରେ ଭାବର ଆଦାନ ପ୍ରଦାନ କରିଥାନ୍ତି। ସାହିତ୍ୟ, ବିଜ୍ଞାନ, ବାଣିଜ୍ୟ, ସାମ୍ବାଦିକତା ଭଳି ବିଭିନ୍ନ କ୍ଷେତ୍ରରେ ଯାନ୍ତ୍ରିକ ଅନୁବାଦର ଆବଶ୍ୟକତା ଅନୁଭବ କରାଯାଏ। ଗତ ବର୍ଷ ଡିସେମ୍ବର ୧୮ ତାରିଖରେ ନୂଆଦିଲ୍ଲୀରେ 'ଭାଷାନ୍ତର-୨୦୨୩' ଶୀର୍ଷକ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ତାହାର ବିଷୟ ଥିଲା - 'ମଲ୍ଟିଲାଙ୍ଗୁଏଜ୍ ଇଣ୍ଟରନେଟ କନେକ୍ଟିଂ ପିପୁଲ ଆଣ୍ଡ ଟ୍ରାନ୍ସଫର୍ମିଂ ଲାଇଭ୍ସ'

(ବହୁଭାଷୀ ଇଣ୍ଟରନେଟ୍ ଲୋକଙ୍କୁ ସୁଯୋଗ ଓ ଜୀବନକୁ ପରିବର୍ତ୍ତନ)। ଏହି ସମ୍ମିଳନୀରେ ଗୁଗୁଲ, ମେଟା, ମାଇକ୍ରୋସଫ୍ଟ, ଟି.ଡି.ଆଇ.ଏଲ୍, ଭାଷିଣୀ, ଅନୁବାଦିନୀ (ଏଫଆଇସିସିଆଇ) ଫିକି, ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରାଳୟ ପ୍ରଭୃତି ଯୋଗ ଦେଇଥିଲେ। ବିଶେଷ କରି ଅନୁବାଦ ହିଁ ଥିଲା ଏହାର ମୁଖ୍ୟ ଆଲୋଚନା। କିନ୍ତୁ ଏହି ଅନୁବାଦ ପ୍ରକ୍ରିୟାରେ ଆମେ ଅନ୍ତତଃ ୮୦ ଭାଗରୁ ଊର୍ଦ୍ଧ୍ୱ ସଫଳ ହୋଇପାରିଛେ। ତେବେ ଏଆଇ ଏବଂ ମେସିନ୍ ଲର୍ଣ୍ଣିଂ ପ୍ରକ୍ରିୟା ଦ୍ୱାରା ଯେପରି ବିଶ୍ୱର ଅନ୍ୟଭାଷାଗୁଡିକୁ ନିର୍ଭୁଲ ଅନୁବାଦ କରିବା ପାଇଁ ସକ୍ଷମ ହୋଇପାରିଛନ୍ତି, ଆମକୁ ସେହିପରି ଓଡ଼ିଆ ଭାଷା ନିମିତ୍ତ ଅଧିକ ଗବେଷଣା କରିବାର ଆବଶ୍ୟକତା ରହିଛି।

## ଡିଜିଟାଇଜେସନ୍

ଡିଜିଟାଇଜେସନ୍ ଏକ ବସ୍ତୁର ରୂପାନ୍ତରକୁ ବୁଝାଏ, ଯେପରି ମୁଦ୍ରିତ ପାଠ୍ୟ, ପାଣ୍ଡୁଲିପି, ପ୍ରତିଛବି, କିମ୍ବା ଧ୍ୱନି, ଚଳଚ୍ଚିତ୍ର, ଭିଡିଓ ରେକର୍ଡିଂ ପ୍ରଭୃତି ଗୋଟିଏ ରୂପରୁ ଅନୁରୂପରେ ପରିଣତ ହେବା। ଏହି ପ୍ରକ୍ରିୟା ହେଉଛି ମୂଳତଃ ଏକ ଭୌତିକ ବସ୍ତୁର "ଇଲେକ୍ଟ୍ରୋନିକ୍ ଫଟୋଗ୍ରାଫି" ପ୍ରସ୍ତୁତ କରିବା। ଏହାକୁ ସ୍କାନର୍ କିମ୍ବା ଡିଜିଟାଲ କ୍ୟାମେରା ବ୍ୟବହାର କରି ଏବଂ ଡିଜିଟାଲ ଫର୍ମାଟ୍‌ରେ ରୂପାନ୍ତରିତ କରି କମ୍ପ୍ୟୁଟରରେ ପ୍ରବେଶ କରାଯାଇପାରିବ। ଓଡ଼ିଆ ମୁଦ୍ରିତ ପାଠ୍ୟକୁ ଓସିଆର (ଓସିଆର୍ - ଅପ୍ଟିକାଲ କ୍ୟାରେକ୍ଟର ରେକଗ୍ନାଇଜେସନ) ମାଧ୍ୟମରେ ଡିଜିଟାଲ ପାଠ୍ୟରେ ପରିଣତ କରାଯାଇପାରିବ। ଏହି ଓସିଆର ବା ଅପଟିକାଲ ଅକ୍ଷର ଚିହ୍ନିବା ଯନ୍ତ୍ର ଦ୍ୱାରା ମୁଦ୍ରିତ ଦଲିଲଗୁଡିକୁ ଇଲେକ୍ଟ୍ରୋନିକ ଫର୍ମାଟରେ ବା ଡିଜିଟାଲ ତଥ୍ୟରେ ପରିଣତ କରାଯାଏ। ବହୁତ କମ୍ ଓସିଆର ଓଡ଼ିଆ ପାଇଁ ଉପଲବ୍ଧ। ଭାରତୀୟ ଭାଷା ବଙ୍ଗଳା, ମାଲାୟଲମ୍, କନ୍ନଡ଼, ଓଡ଼ିଆ, ତାମିଲ ଏବଂ ତେଲୁଗୁ ପାଇଁ ଓସିଆର ଅଛି ବୋଲି କେତେକ ଦାବି କଲେ ମଧ୍ୟ ଓଡ଼ିଆ ଭାଷା ନିମନ୍ତେ ଯାହା ରହିଛି, ସେଥିରେ ଠିକ୍ ଭାବରେ ଭାଷା ଚିହ୍ନଟ କରିବା ବହୁତ କମ୍। ଓସିଆର ବିକାଶ କ୍ଷେତ୍ରରେ ଓଡ଼ିଆ ଭାଷା ନିମନ୍ତେ ଆମେ ପଛୁଆ ରହିଛେ। ଅନ୍ୟ ଏକ ସମସ୍ୟା ହେଉଛି ଭଲ ଅତ୍ୟାଧୁନିକ ସ୍କାନରର ଉପଲବ୍ଧତା ଏବଂ ସେଗୁଡିକୁ ବ୍ୟବହାର କରିବାକୁ ପାରଦର୍ଶିତା। କେବଳ ଇମେଜ୍ ଫର୍ମରେ ବହି ସ୍କାନିଂ ଏବଂ ତାହାକୁ କମ୍ପ୍ୟୁଟରରେ ପ୍ରବେଶ କରିବା ବିଶେଷ ସାହାଯ୍ୟ ନ କରିପାରେ। ଏହା ଦ୍ୱାରା ସଂରକ୍ଷଣ କରିବାରେ ଅଧିକ ମେମୋରୀ ସ୍ଥାନର ଅଭାବ ପରିଲକ୍ଷିତ ହେବ। ଏଥି ନିମିତ୍ତ ଓସିଆର ଏକ ଉତ୍ତମ ପ୍ରଯୁକ୍ତି ବିଦ୍ୟା ଅଟେ। ଏହା ହିଁ ଉପଭୋକ୍ତାମାନଙ୍କ ପାଇଁ ଉତ୍ସାହଜନକ ହୋଇପାରେ।

| | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| U+0B00 | U+0B01 | U+0B02 | U+0B03 | U+0B04 | U+0B05 | U+0B06 | U+0B07 | U+0B08 | U+0B09 | U+0B0A | U+0B0B | U+0B0C | U+0B0D | U+0B0E | U+0B0F |
| | ◌ଁ | ◌ଂ | ◌ଃ | | ଅ | ଆ | ଇ | ଈ | ଉ | ଊ | ଋ | ଌ | | | ଏ |
| U+0B10 | U+0B11 | U+0B12 | U+0B13 | U+0B14 | U+0B15 | U+0B16 | U+0B17 | U+0B18 | U+0B19 | U+0B1A | U+0B1B | U+0B1C | U+0B1D | U+0B1E | U+0B1F |
| ଐ | | | ଓ | ଔ | କ | ଖ | ଗ | ଘ | ଙ | ଚ | ଛ | ଜ | ଝ | ଞ | ଟ |
| U+0B20 | U+0B21 | U+0B22 | U+0B23 | U+0B24 | U+0B25 | U+0B26 | U+0B27 | U+0B28 | U+0B29 | U+0B2A | U+0B2B | U+0B2C | U+0B2D | U+0B2E | U+0B2F |
| ଠ | ଡ | ଢ | ଣ | ତ | ଥ | ଦ | ଧ | ନ | | ପ | ଫ | ବ | ଭ | ମ | ଯ |
| U+0B30 | U+0B31 | U+0B32 | U+0B33 | U+0B34 | U+0B35 | U+0B36 | U+0B37 | U+0B38 | U+0B39 | U+0B3A | U+0B3B | U+0B3C | U+0B3D | U+0B3E | U+0B3F |
| ର | | ଲ | ଳ | | ଵ | ଶ | ଷ | ସ | ହ | | | ◌଼ | ଽ | ◌ା | ◌ି |
| U+0B40 | U+0B41 | U+0B42 | U+0B43 | U+0B44 | U+0B45 | U+0B46 | U+0B47 | U+0B48 | U+0B49 | U+0B4A | U+0B4B | U+0B4C | U+0B4D | U+0B4E | U+0B4F |
| ◌ୀ | ◌ୁ | ◌ୂ | ◌ୃ | ◌ୄ | | | ◌େ | ◌ୈ | | | ◌ୋ | ◌ୌ | ◌୍ | | |
| U+0B50 | U+0B51 | U+0B52 | U+0B53 | U+0B54 | U+0B55 | U+0B56 | U+0B57 | U+0B58 | U+0B59 | U+0B5A | U+0B5B | U+0B5C | U+0B5D | U+0B5E | U+0B5F |
| | | | | | | ◌ୖ | ◌ୗ | | | | | ଡ଼ | ଢ଼ | | ୟ |
| U+0B60 | U+0B61 | U+0B62 | U+0B63 | U+0B64 | U+0B65 | U+0B66 | U+0B67 | U+0B68 | U+0B69 | U+0B6A | U+0B6B | U+0B6C | U+0B6D | U+0B6E | U+0B6F |
| ୠ | ୡ | ◌ୢ | ◌ୣ | | | ୦ | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| U+0B70 | U+0B71 | U+0B72 | U+0B73 | U+0B74 | U+0B75 | U+0B76 | U+0B77 | U+0B78 | U+0B79 | U+0B7A | U+0B7B | U+0B7C | U+0B7D | U+0B7E | U+0B7F |
| ୰ | ୱ | ୲ | ୳ | ୴ | ୵ | ୶ | ୷ | | | | | | | | |

## ପ୍ରୟୋଗାତ୍ମକ ବିନ୍ଦୁ

ପରିଶେଷରେ ଓଡ଼ିଆ ଭଷାର ବିକାଶ ନିମନ୍ତେ କମ୍ପ୍ୟୁଟର ପ୍ରୟୋଗ ସମ୍ପର୍କରେ ନିମ୍ନରେ ଅନ୍ୟ କେତେକ ବିନ୍ଦୁ ପ୍ରଦତ୍ତ ହେଲା।

(୧) ୟୁନିକୋଡ୍‌ରେ ଓଡ଼ିଆ ଭାଷାର ପାଠ୍ୟ (କର୍ପସ୍ ଭାବରେ) ବିକାଶ - ଯଥା ଖବରକାଗଜ, ପତ୍ରିକା, ୱେବସାଇଟ୍, ବହି ଇତ୍ୟାଦି ପରବର୍ତ୍ତୀ ପ୍ରକ୍ରିୟାକରଣ ପାଇଁ ଏକ ଆଧାର ସୃଷ୍ଟି କରିବା।

(୨) ଓଡ଼ିଆ ଭାଷା ପାଇଁ ଏକ ଭଲଗୁଣର ଓସିଆରର ବିକାଶ। ଏହା ଅନ୍ୟାନ୍ୟ ଉପଯୋଗିତା ବ୍ୟତୀତ ପୂର୍ବରୁ ଥିବା ପାଠ୍ୟଗୁଡ଼ିକୁ ପୁନରୁଦ୍ଧାର ନିମିତ୍ତ ଉପଯୋଗୀ ହେବ। ତ୍ରୁଟି ଖୁବ୍ କମ୍ କରିବାକୁ ହେବ। ଏଥି ନିମିତ୍ତ ଡିପ୍ ଲର୍ଣ୍ଣିଂ (ଗଭୀର ଶିକ୍ଷା) ଆଲଗୋରିଦମ୍ ବ୍ୟବହାର ପାଇଁ ପ୍ରୟାସ କରାଯିବ।

(୩) କର୍ପସ୍ ଓ ଅନ୍ୟାନ୍ୟ ବିଦ୍ୟମାନ ସାମଗ୍ରୀ ଉପରେ ଆଧାରିତ ସମସାମୟିକ ଓଡ଼ିଆ ଭାଷାର ଏକ ଇ-ଅଭିଧାନ (ପରେ ହାର୍ଡ କପି) ପ୍ରସ୍ତୁତ ହେବ। ଏଥିରେ ଶବ୍ଦକୋଷ ପ୍ରଣୟନ ବିଦ୍ୟା (ଲେକ୍ସିକୋଗ୍ରାଫି)ର ନୀତିଗୁଡ଼ିକ ଅନୁସରଣ କରାଯିବ। ଏହା ଅନେକ ପ୍ରୟୋଗ ପାଇଁ ଏକ ଆଧାର ସୃଷ୍ଟି

କରିବା ପାଇଁ ଏକ ଶବ୍ଦକୋଷ ସୃଷ୍ଟି କରିବ। ଏହା ବହୁଭାଷୀ ଅନୁବାଦ ପାଇଁ ଅତ୍ୟନ୍ତ ଉପଯୋଗୀ ମଧ୍ୟ ହେବ।

(୫) ଓଡ଼ିଆ ଭାଷାରେ ଜ୍ଞାନ-ବିଷୟବସ୍ତୁକୁ ବହୁଗୁଣିତ କରିବା ଏବଂ ଓଡ଼ିଆ ଭାଷା ବ୍ୟବହାରରେ ବିସ୍ତାର କରିବା ପାଇଁ ଏନ୍.ଏଲ୍.ପି (ନ୍ୟଚୁରାଲ୍ ଲାଙ୍ଗୁଏଜ୍ ପ୍ରୋସେସିଂ) ପ୍ରୟୋଗ ଯାନ୍ତ୍ରିକ ଅନୁବାଦ ପରି ବିକଶିତ ହେବ।

**କର୍ପସ୍ ଓ ଅନ୍ୟାନ୍ୟ ବିଦ୍ୟମାନ ସାମଗ୍ରୀ ଉପରେ ଆଧାରିତ ସମସାମୟିକ ଓଡ଼ିଆ ଭାଷାର ଏକ ଇ-ଅଭିଧାନ ପ୍ରସ୍ତୁତ ହେବା ଆବଶ୍ୟକ।**

(୬) ବକ୍ତବ୍ୟ ପ୍ରକ୍ରିୟାକରଣ ନିମିତ୍ତ ଓଡ଼ିଆ ଭାଷା ବକ୍ତବ୍ୟ କର୍ପସ୍ ପ୍ରକ୍ରିୟାକରଣ ହେବ। ଏହାର ଲକ୍ଷ୍ୟ ହେଉଛି, ବକ୍ତବ୍ୟ ପ୍ରଯୁକ୍ତି ପ୍ରୟୋଗ ପାଇଁ ଅତିରିକ୍ତ ଉତ୍ସଗୁଡିକର ବିକାଶ ଯଥା : ଉଚ୍ଚାରଣ ଅଭିଧାନ।

(୭) ଓଡ଼ିଆ ଭାଷାର ବହୁମୁଖୀ ବ୍ୟବହାର ନିମିତ୍ତ ବିଭିନ୍ନ ଭାଷା ମଡେଲଗୁଡିକର ବିକାଶ।

(୮) ଓଡ଼ିଆ ଭାଷାରେ ବକ୍ତବ୍ୟ ସ୍ୱୀକୃତି ପାଇଁ ସ୍ୱୟଂଚାଳିତ ବକ୍ତ୍ୟତା (ଏଏସ୍ଆର୍) ବିକାଶ।

(୯) ଓଡ଼ିଆ ଭାଷା ପାଇଁ ଏକ ଭଲ ଗୁଣବତ୍ତା ଟେକ୍ସଟ ଟୁ ସ୍ପିଚ୍ (ଟିଟିଏସ୍) ସିଷ୍ଟମର ବିକାଶ କରିବା।

(୧୦) ଏଆଇ ପ୍ରୋଜେକ୍ଟ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ପ୍ରକଳ୍ପ ସହ ବ୍ୟବସାୟ ଦୃଷ୍ଟିରୁ ବିଶ୍ୱ ଦରବାରରେ ତାହା ଉପଲବ୍ଧ ହେବ।

ଏଗୁଡ଼ିକ ହେଉଛି କେବଳ ମୌଳିକ ଲକ୍ଷ୍ୟ। ଏହାର ଉପଯୋଗିତା ସାମାଜିକ ଏବଂ ବ୍ୟାବସାୟିକ ମୂଲ୍ୟବୋଧକୁ ବହୁଳ କରିପାରିବ। ଫଳରେ ଓଡ଼ିଆ ଭାଷାର ବିକାଶ ସମ୍ଭବ ହେବ।

□□

ଲେଖକଙ୍କ ଇ-ମେଲ ଠିକଣା:
udayanath28@gmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଗବେଷଣାତ୍ମକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୪. ଲେଖାଗୁଡିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୫. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ।

୬. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୭. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୮. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ମାନଦେୟର ବ୍ୟବସ୍ଥା ଅଛି। କିନ୍ତୁ ଲେଖାଟି ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ହୋଇଥିବାର ଜଣାଗଲେ ଏହି ମାନଦେୟ ରାଶି ପ୍ରେରଣ ହୁଏ ନାହିଁ। ଆମର କେବଳ ଅନ୍‌ଲାଇନ୍ ସଂସ୍କରଣରେ ପ୍ରକାଶିତ ରଚନା ପାଇଁ ମଧ୍ୟ ମାନଦେୟ ପ୍ରେରଣ ହୁଏନାହିଁ।

୯. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ।

୧୦. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।


୧୧. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି।

କବିତା

# ଅନ୍ତିମ କବିତା



ବସନ୍ତ ବେହେରା



କେହି ଜଣେ ଏମିତି ଗୋଟେ କବିତା ଲେଖନ୍ତନି
ଯୋଉଠି ଶବ୍ଦମାନେ ପବନ ପରି
ବନ୍ଧନୀ ବାହାରେ ଚଳପ୍ରଚଳ କରନ୍ତେ
ବ୍ୟଥାକୁ ବ୍ୟକ୍ତ କଲାବେଳେ
କୌଣସି ବିରାମ ନଥାନ୍ତା
ପଂକ୍ତିମାନଙ୍କ ଅନ୍ତରାଳରେ ଆନନ୍ଦାଭିଭୂତ ହେଲା ଭଳି
ଥାଆନ୍ତା କିଛି ବିସ୍ମୟ
ଏବଂ ପ୍ରେମର ଗଭୀରତା ଓ ଆସ୍ଥାକୁ ନେଇ
କେହି କେବେ ପ୍ରଶ୍ନ କରୁନଥାନ୍ତେ

ଏମିତି ଗୋଟେ କବିତା
ଯୋଉଠି ସ୍ୱଚ୍ଛ ଝରଣାଟି ଅନାୟାସ ବହିଯାଉଥାନ୍ତା
କଳକଳ ନାଦରେ ନଈ ମୁହଁକୁ
ଆଉ ନଈ ବି କୁଳୁକୁଳୁ ହୋଇ ମିଶିଯାଉଥାନ୍ତା
ନିର୍ବିଘ୍ନରେ ସମୁଦ୍ର ଛାତିରେ

ଏମିତି କବିତାଟି ଯାହା ପଢ଼ିଲା ବେଳେ
ସନ୍ତାପ ସବୁ ଜ୍ୟୋତ୍ସ୍ନାସିକ୍ତ ବୃକ୍ଷଲତା ପରି
ଆର୍ଦ୍ର ଓ କୋମଳ ଲାଗନ୍ତେ
ଶିଶୁର ହାସ୍ୟରୋଳ ପରି ପ୍ରତିଧ୍ୱନିତ ହୁଅନ୍ତେ ବିଷାଦ ଯେତେକ
ଘୃଣା ଅସୂୟା ସବୁ ଝଲମଲ ହୁଅନ୍ତେ ସୂର୍ଯ୍ୟକିରଣ ପରି
ସଦ୍‌ଭାବନାର ସବୁଜ ଘାସରେ
ପତଳା ବରଫ ପରି ମିଳେଇ ଯାଆନ୍ତେ ଅସହିଷ୍ଣୁତା ସବୁ
ଉଦାରତାର ଗିରି ଶିଖରରୁ

ସତରେ କେହି ଜଣେ ଲେଖନ୍ତନି ଶ୍ରେଷ୍ଠ କବିତାଟି
ଯାହା ପରେ ଆଉ କୌଣସି କବିତା ପାଇଁ ଶବ୍ଦ ନଥାନ୍ତା
ସଙ୍ଘର୍ଷ ନଥାନ୍ତା କବିମାନଙ୍କର କଳ୍ପନା ଭିତରେ
ପୃଥିବୀର ଶେଷତମ ବିପ୍ଳବ ହୁଅନ୍ତା ସେ କବିତାଟି
ଯାହାକୁ ସମସ୍ତେ ସବୁଠି ଆବୃତ୍ତି କରନ୍ତେ
ଅନ୍ତିମ ଯୁଦ୍ଧର ଅନ୍ତିମ ସ୍ମାରକୀ ଭାବେ
ଯାହା ସବୁ ଯାତନା କାମନାର ଶ୍ରଦ୍ଧାଞ୍ଜଳି ରୂପରେ
ସବୁଠି ସମର୍ପିତ ହୋଇପାରନ୍ତା

କିଏ ଜଣେ ଆଗେଇ ଆସି ଲେଖ ହୋ
ପ୍ରଚାର ପ୍ରସାର ପ୍ରହସନର ଊର୍ଦ୍ଧ୍ୱରେ
ନିର୍ମୋହ ନିର୍ଭେଜାଲ ନିରାସକ୍ତର ଏକ କବିତା
ଛନ୍ଦ ଯତିପାତ ଉପମା ଅଳଙ୍କାରର ଊର୍ଦ୍ଧ୍ୱରେ
ନିଷ୍ପାପ କାକଳି ପରି ପୁଲକପ୍ରଦ ଏକ କବିତା

ଏମିତି ଏକ କବିତା
ଯାହାକୁ କେବଳ ପଢ଼ି ହୁଅନ୍ତା ନିରବରେ ନିର୍ଜନରେ
ଆଉ ପ୍ରତିଥର ପଢ଼ିଲା ବେଳେ ଉଠୁଥାଆନ୍ତା ବିଦ୍ରୋହ
ସମୁଦ୍ର ପରି ଚେତନାରେ ଅବଚେତନରେ
ଅନନ୍ତ କାଳ ପର୍ଯ୍ୟନ୍ତ

□□

କବିଙ୍କ ଇ-ମେଲ ଠିକଣା:
basant.raghunath.kb@gmail.com


ଗଳ୍ପ



# ପ୍ରତିଦାନ

ଡ. ସୁଚିତ୍ରା ରଥ

ଜୟସାଲମେରରୁ ଚାଲିବା ଆରମ୍ଭ କରିବା ସମୟରେ ତା'ର ପଥ ଯେ କେତେ ଦୀର୍ଘ ତାହା ଜଣା ନ ଥିଲା ତାକୁ । ଚିରାଚରିତ ଜୀବନଧାରାରୁ ବାହାରି ନୂଆ ଏକ ରାସ୍ତାରେ ଚାଲୁଥିବାରୁ ଢେର ଉତ୍ସାହ ଭରିରହିଥିଲା ତା' ମନରେ । ହେଲେ ରାସ୍ତା ଯେତେଯେତେ ବଢୁଥିଲା ତାକୁ ସେତେସେତେ ଇଚ୍ଛା ହେଉଥିଲା ପଛକୁ ଫେରିଚାହିଁବା ପାଇଁ । ବେଶି ବେଶି ମନେପଡୁଥିଲା ମା' କଥା । ମା' କଣ କେବେ ଦେଖିଛି ଏ ଭିନ୍ନ ସହରସବୁ ନା ଭୋଗିଛି ଏ ଭିନ୍ନ ଭିନ୍ନ ଜଳବାୟୁ ! ତିନିମାସ ଧରି ଚାଲିଲା ସେ ଅଚିହ୍ନା ଲୋକଙ୍କ ମେଳରେ । ଶେଷରେ ଯେଉଁଠି ପହଞ୍ଚିଲା, ସେଠାରେ ତା'ର ଭବ୍ୟ ସ୍ୱାଗତ ହେବା ପରି ମନେ ହେଉଥିଲା । ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଥିଲା ସେ । ଅନ୍ୟମାନଙ୍କ ଆଖିରେ ସେ ଦେଖିପାରୁଥିଲା, ତାକୁ ଦେଖିବାର ଉତ୍ସୁକତା । ଆଖପାଖରେ ଆଉ କେହି ବି ନ ଥିଲେ ତା'ପରି ! ନଟୁ ରାଉତ ତା' ନାଁ ଦେଲା ସୁନାରୀ । ମରୁବାଲିରେ ସୂର୍ଯ୍ୟକିରଣ ଚକ୍ ଚକ୍ ହେବା ପରି ସୁନା ରଙ୍ଗର ଦିଶୁଥିଲା ତା'ର ଦେହ ବୋଲି ବୋଧହୁଏ । ସେ କିନ୍ତୁ ଖୋଜି ହେଉଥିଲା ତା'ର ପରିସଂସ୍ଥାନକୁ, ନିଜପଣକୁ ତଥା ଆତ୍ମୀୟ ସ୍ୱଜନଙ୍କୁ ।



ନଟୁ ରାଉତ ସୁନାରୀ ପାଇଁ କିଣି ଆଣିଲା ଜରିବୁଣା ଭେଲଭେଟ କପଡ଼ା, ରଙ୍ଗବେରଙ୍ଗର କାଗଜ ଫୁଲ, ନୂଆ ଗଦି, ଦୁଇଫୁଟ ଉଚ୍ଚତାର ଏକ ନାଲିରଙ୍ଗର ଟେଡି ବିୟର, ମାଳେ ଘୁଙ୍ଗୁର ଇତ୍ୟାଦି ଇତ୍ୟାଦି । ନଟୁ ରାଉତ ରାଣୀ ପରି ସଜେଇ ଦେଲା ସୁନାରୀକୁ । ହେଲେ ପରାଧୀନର ସଜବାଜରେ ବା କି ସୁଖ ? ତଥାପି ନଟୁ ରାଉତ ତା'ର ଅନ୍ନଦାତା ବୋଲି ଆଜୀବନ ତା' ବଶମ୍ବଦ ହେବାକୁ ସ୍ୱୀକାରୀ ନେଇଛି ସୁନାରୀ । ଏଣୁ ନଟୁ ସହ ଯୋଡ଼ିଛି ନିଜ କର୍ମମୟ ଜୀବନ । ତାରି ନିର୍ଦ୍ଦେଶରେ ଉଠିଛି, ବସିଛି, ଚାଲିଛି, ସାମର୍ଥ୍ୟରୁ ଅଧିକ ଭାର ବି ବୋହିଛି । 'ଓଟ ମରୁଭୂମିର ଜାହାଜ' ଏହି ବାକ୍ୟକୁ ନିଜ ପାଇଁ ଭୁଲ୍ ପ୍ରମାଣିତ କରି ଆକର୍ଷଣ ସାଜିଛି ବେଳାଭୂମିର । ମୁହଁରେ ତୁଣ୍ଡି ବନ୍ଧାହେବା ଦିନଠାରୁ ସେ ଭୁଲିଯାଇଛି ନିଜ ସ୍ୱର । ନାକ ତାଳିରେ ଲଗାମ ଖଞ୍ଜାହେବା ଦିନଠାରୁ ତାକୁ ମୂଲ୍ୟ ଦେବାକୁ ପଡ଼ିଛି ତା'ର ପ୍ରତିଟି ଅନ୍ୟମନସ୍କତା ପାଇଁ । ନୂଆନୂଆରେ ନଟୁର ଲଗାମ ଲୁହ ଖସାଇଦିଏ ସୁନାରୀର ଆଖିରୁ । ଧୀରେ ଧୀରେ ଦେହସୁହା ହେଲା ସେସବୁ । ଦୁଃଖ ଆଉ ଦରଜ ଦେହସୁହା ହେଲା ପରେ ଆଉ କ'ଣ ବାଧେ ! ଯୌବନର ଉଦ୍ଦାମତାରେ ବି ସୁନାରୀ କେବେ ରଙ୍ଗମୟ କରିପାରିନି ମନ କି ରମଣ କରିପାରିନି ଗୋଟେ ଦେହ । ସେ ଜିଇଛି କେବଳ ଆଉ କେବଳ ଗୋଟିଏ ଭାରବାହୀର ଜୀବନ ।

ସକାଳୁ ସକାଳୁ ସୁନାରୀକୁ ପେଟେ ଖୁଆଇ ନଟୁ ରାଉତ ନେଇଯାଏ ସମୁଦ୍ରକୂଳ । ଓଟ ସବାରିର ଉପଭୋକ୍ତାଙ୍କ ପାଇଁ ସୁନାରୀ ପିଠିରେ ଲୁହାଫ୍ରେମ୍ ଦେଇ ଗଦି ପାରିଦିଏ ନଟୁ । ତା' କାନ ପାଖରେ ଖଞ୍ଜିଦିଏ ରଙ୍ଗବେରଙ୍ଗର ପ୍ଲାଷ୍ଟିକଫୁଲ, ବେକ ଉପରେ ବସାଇଦିଏ ଟେଡିବିୟର । ତା'ରି ଅଣ୍ଟାରେ ବାନ୍ଧିଦିଏ ଶିଡ଼ି, ଗ୍ରାହକଙ୍କ ଚଢ଼ିବା ପାଇଁ । ଅନେକ କୃତ୍ରିମତା ଭିତରେ ଲୁଚିଯାଏ ସୁନାରୀର ପ୍ରାକୃତିକତା । କେହି ଦେଖିପାରନ୍ତିନି ଚକ୍ ଚକ୍ କପଡ଼ା ତଳେ ସମୟ ସମୟରେ ତା' କୁଜରେ ଉପୁଜୁଥିବା ଘା'କୁ । ଉପଶମ ପାଇଁ ଆବଶ୍ୟକ

ଖୋଲା ପବନ ଓ ସମୟ ନ ପାଇ ପୂଜ, ରକ୍ତର କୋପରେ ଭିତରେ ଭିତରେ ହନ୍ତସନ୍ତ ହେଉଥାଏ ସୁନାରୀ। ନଟୁ ରାଉତ କେବେ ବୁଝିପାରିନି ଏ କଥା ବରଂ ଗ୍ରାହକ କମିଗଲେ ଗରଗର ହୁଏ ତା'ଉପରେ। ଅବଶ୍ୟ ମଲମ ସେ ହିଁ ଦିଏ, ସୁନାରୀ ତା'ର ଭାତହାଣ୍ଡି ବୋଲି। ତାଆରି ପାଇଁ ନଟୁର ନୁଆଁଣିଆ ଆଜବେଷ୍ଟ ଘରଟା ବଦଳିଛି ଦୁଇବଖରା ଛାତଘରରେ। ହେଲେ ସୁନାରୀର କାଳକ କଟିଛି ବନ୍ଧ କଡ଼ର ଖୋଲା ଆକାଶ ତଳେ। କେବେ କେମିତି ନଟର ପାଲଟଣା ଆଶ୍ରୟ ସ୍ଥଳୀରେ ପେଟେଇପଡ଼ି ଶୋଇଯାଏ ବର୍ଷା, ପବନରେ କାଙ୍କୁରି ହୋଇ। ଏମିତି ତ ଖରା, ଶୀତ ସହିବାରେ ସେ ଅଭ୍ୟସ୍ତ, ତଥାପି ଏକ ବିପରୀତ ସହାବସ୍ଥାନରେ ତିଷ୍ଠିବା କ'ଣ ସହଜ! ଧୀରେଧୀରେ ଅପସରି ଗଲା ସୁନାରୀର ସୁନାରଙ୍ଗ। ଝଡ଼ିଗଲା ରୋମଯାକ। ତ୍ୱଚାରୁ ଉତୁରିଗଲା ପରସ୍ତେ ଚିକ୍କଣ ଆସ୍ତରଣ। କ୍ରମଶଃ ସେ ଦିଶୁଥିଲା କସରା, ବିବର୍ଣ୍ଣ ଓ କିମ୍ଭୂତକିମାକାର। ଜରି ଜମ୍ବୁରା ଲଗା ଭେଲଭେଟ କପଡାରେ ତା'ର ସମସ୍ତ ବିବର୍ଣ୍ଣତାକୁ ଲୁଚେଇଦେଇ ନଟୁ କିନ୍ତୁ ଲାଗିରହେ ତା'ର ବ୍ୟବସାୟରେ।

**ଏମିତି ତ ଖରା, ଶୀତ ସହିବାରେ ସେ ଅଭ୍ୟସ୍ତ, ତଥାପି ଏକ ବିପରୀତ ସହାବସ୍ଥାନରେ ତିଷ୍ଠିବା କ'ଣ ସହଜ !**

ଏସବୁ ଅତୀତ ପାଲଟିଲାଣି ସୁନାରୀ ପାଇଁ। ସେ ଏବେ ମୁକ୍ତ। ଆଉ ତା' ନାକତାଳିରେ ଲଗାମ ନାହିଁ କି, ପିଠିରେ ସବାରିବୁହା ଲୁହା ଫ୍ରେମ୍ ନାହିଁ। ନା ତା' ନିପାରିଲାପଣରେ ପାହାର ଦେବା ପାଇଁ ଆଉ କେହି ଅଛି ! ତା' ଆଗରେ ଏବେ କଣ୍ଟାବୁଦାମୟ ବିସ୍ତୀର୍ଣ୍ଣ ଚାରଣଭୂଇଁ, ବିରାଟ ପୋଖରୀର ମିଠା ପାଣି ମଧ୍ୟ। ଢେର ବର୍ଷ ପରେ ସ୍ୱାଧୀନତାର ପୁଲକରେ ସେ ଉନ୍ମାଦିତ। ଖାଇ ଶୋଇଲେ କି ବସି ଶୋଇଲେ କହିବାର ନାହିଁ କାହାରି। ଏହା ସତ୍ତ୍ୱେ କେହି ଜଣେ ଆସି ଆଉଁଶିଦିଏ ତାକୁ। ଦେଇ ବି ଯାଏ ଘାସବିଡ଼ା, ତୁନି ଦିନରେ ଥରେ ଦୁଇଥର। ସୁଖର ପଣତଟା କିନ୍ତୁ ଛୋଟ ପଡେ ସବୁକାଳେ। ଆଉଁଶି ଦେଇ ଆଦର ଦେଖାଉଥିବା ଲୋକଟା ତାକୁ ଦିନେ ଅଡ଼େଇ ନେଇଯାଏ ତା' ପଛେ ପଛେ। ସୁନାରୀ ଯାଉ ଯାଉ ଅଟକିଯାଏ ସେଇଠି, ଯେଉଁଠି ଧାରଧାର ବୋହିଆସୁଥିବା ରକ୍ତଯାକ ଲିପିହୋଇ ଯାଉଥାଏ ମାଟିରେ। ପଶୁ ହେଲେ ବି ସେ ଚେତନାରେ ଅନୁଭବ କରେ ମୃତ୍ୟୁ ଭୟ। ସେତେବେଳକୁ ବରକତ୍ ମିଆଁର ଧାରୁଆ ଚାପଡ଼ରେ ଝଲସି ଦିଶୁଥାଏ ସୁନାରୀର କାକୁସ୍ଥ ମୁହଁ। ଆଉ କିଛି ଚାରା ନ ଥାଏ ସୁନାରୀର।

□□

ଲେଖିକାଙ୍କ ଇ-ମେଲ ଠିକଣା:
suchi.rath1980@gmail.com

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ଅତି ସୁଲଭ ମୂଲ୍ୟରେ।**

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.11.80 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-

**ଟ.୧୧.୮୦**

(ଏଗାର ଟଙ୍କା ଏବଂ ଅଶୀ ପଇସା ମାତ୍ର)

Google Play Books

ପ୍ରବନ୍ଧ



# ବନ୍ଦେ ଉତ୍କଳ ଜନନୀ : ଓଡ଼ିଆ ଜାତିର ମର୍ମସ୍ୱର

ଦାଶ ବେନହୁର

ଦିନ ଦିନ, ମାସ ମାସ, ବର୍ଷ ବର୍ଷ ଧରି ସାରା ଓଡ଼ିଶାରେ ଯେଉଁ କେତେଗୋଟି ଗୀତ ବା ସଙ୍ଗୀତ ଲକ୍ଷ ଲକ୍ଷ କଣ୍ଠରେ ନିନାଦିତ, ତା' ଭିତରେ ଅଛି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦ୍ୱାରା ରଚିତ ସଙ୍ଗୀତ, "ବନ୍ଦେ ଉତ୍କଳ ଜନନୀ"। ସୁଖର କଥା ଓଡ଼ିଶାର ଗୋଟିଏ ମାତ୍ର ଗୀତ ଯାହା ସର୍ବାଧିକ କଣ୍ଠରେ ପ୍ରାର୍ଥନା ସଙ୍ଗୀତ ଭାବରେ ଅନୁରଣିତ ହୁଏ, ତାହା ହେଉଛି, ରାମକୃଷ୍ଣ ନନ୍ଦଙ୍କ ଦ୍ୱାରା ଲିଖିତ ପ୍ରାର୍ଥନା, "ଆହେ ଦୟାମୟ ବିଶ୍ୱବିହାରୀ"। ସେହିଭଳି ଓଡ଼ିଶା କାହିଁକି ସାରା ଭାରତ ତଥା ଭାରତ ବାହାରେ ଜନପ୍ରିୟ ହୋଇପାରିଥିବା ଅନନ୍ୟ ସୁଗମ ସଙ୍ଗୀତଟି ହେଉଛି ମିତ୍ରଭାନୁ ଗୌନ୍ତିଆଙ୍କ ଦ୍ୱାରା ସମ୍ବଲପୁରୀ-ଓଡ଼ିଆରେ ଲିଖିତ "ରଙ୍ଗବତୀ" ଗୀତ।

ମାତ୍ର ମାନିବାକୁ ପଡ଼ିବ ଯେ "ବନ୍ଦେ ଉତ୍କଳ ଜନନୀ" ଯେମିତି ଗମ୍ଭୀର ଓ ସମ୍ଭ୍ରାନ୍ତ, ତା'ଠାରୁ ବଳି ଅଧିକ ଅନ୍ତରଙ୍ଗ ତଥା ମର୍ଯ୍ୟାଦାବନ୍ତ। ପ୍ରତିଟି ଓଡ଼ିଆର ପ୍ରାଣସ୍ପନ୍ଦନକୁ ଏ ଗୀତଟି ଅତୁଳନୀୟ ଭାବେ ଉଚ୍ଛାଟିତ କରେ। ସେଥିରେ ଭରି ରହିଛି ଓଡ଼ିଆ ପ୍ରାଣପ୍ରାଚୁର୍ଯ୍ୟ ତଥା ଭାବସମ୍ଭାରର ଅବିସ୍ମରଣୀୟ ଚିତ୍ରପଟ। ଗୀତଟିକୁ ଗାଇ ବସିଲେ ଆପେ ସାଧାରଣ ଓଡ଼ିଆଟିର ଚେତନା ଉତ୍ତରିତ ହୋଇ ଉଠେ, ସ୍ୱର ପାଲଟିଯାଏ ଜଳଦ ଗମ୍ଭୀର। କୋଟି କୋଟି ଓଡ଼ିଆଙ୍କର ମର୍ମସ୍ୱର ପାଲଟି ତାହା ଆଜି ସ୍ୱୀକୃତ ହୋଇଛି ରାଜ୍ୟ-ସଙ୍ଗୀତ ଭାବେ। ଓଡ଼ିଆ ଜାତିର ଜାତୀୟ ବନ୍ଦନା ଏକ କାଳଜୟୀ ସୃଷ୍ଟି।

> **'ବନ୍ଦେ ଉତ୍କଳ ଜନନୀ' ଯେମିତି ଗମ୍ଭୀର ଓ ସମ୍ଭ୍ରାନ୍ତ, ତା'ଠାରୁ ବଳି ଅଧିକ ଅନ୍ତରଙ୍ଗ ତଥା ମର୍ଯ୍ୟାଦାବନ୍ତ।**

## ଅନ୍ତର୍ଭେଦୀ ଉଚ୍ଚାରଣ

ମାତ୍ର ଛଅ ପଦର ଗୀତ। କି ଶବ୍ଦ-ଗୁଞ୍ଜନ! କି ମାଧୁର୍ଯ୍ୟ! ସର୍ବୋପରି କି ଭାବସଞ୍ଚାରିଣୀ! ଓଡ଼ିଶାର ଭୂଚିତ୍ରରୁ ଆରମ୍ଭ କରି, ଓଡ଼ିଶୀ କଳାକୁଶଳତା, ଅତୀତର ଗୌରବରାଜି ଆଦି ସମସ୍ତ ସମାହିତ ହୋଇ ରହିଛି ଗୋଟିକ ପରେ ଗୋଟିଏ ପଦରେ। "ବିଶ୍ୱଭୂମଣ୍ଡଳ-କୃତବର ସ୍ନେହା, ଜନନୀ, ଜନନୀ, ଜନନୀ।" ଅତୀତରେ ୧୯୧୨ ମସିହାରେ "ଉତ୍କଳ ସମ୍ମିଳନୀ" ମଣ୍ଡପରେ ଗାନ କରାଯିବା ପରେ ଆପେ ଯେମିତି ସମଗ୍ର ଗୀତଟି ପାଲଟିଗଲା ପରିଚୟ ସାଉଁଟୁଥିବା ଓଡ଼ିଆ ଜାତିର ତଥା ଓଡ଼ିଶା ମାଟିର ଅନ୍ତର୍ଭେଦୀ ଉଚ୍ଚାରଣ ହୋଇ। କିଏ କହେ ଯୁବକ ଲକ୍ଷ୍ମୀକାନ୍ତଙ୍କ ଏ ଅମୃତବର୍ଷୀ ସୃଷ୍ଟି ସମ୍ଭାରର ଅସଲ ପ୍ରଚୋଦକ ବ୍ୟାସକବି ଫକୀର ମୋହନ ସେନାପତି ତ କିଏ କହେ ଉତ୍କଳ ଗୌରବ ମଧୁସୂଦନ। ୧୯୦୩ରେ ପ୍ରତିଷ୍ଠିତ ଉତ୍କଳ ସମ୍ମିଳନୀ ପାଇଁ ମଧୁସୂଦନଙ୍କ ଅନୁରୋଧରେ ଯେ କବିବର ରାଧାନାଥ ରାୟ ୧୯୦୭ରେ ଉଦ୍‌ବୋଧନୀ ଭାରତ-ବନ୍ଦନା, "ସର୍ବେସାଂ ନୋ ଜନନୀ, ଭାରତ ଧରଣୀ" ରଚନା କରିଥିଲେ ତାହା ଅନସ୍ୱୀକାର୍ଯ୍ୟ। ୧୯୦୩ ବେଳକୁ ଉତ୍କଳ ଛିନ୍ନମସ୍ତା, ବିଖଣ୍ଡିତଦେହା, ଭୂଲୁଣ୍ଠିତା। ତା'କୁ ସାଉଁଟି, ଗୋଟେଇ ଭୌଗୋଳିକ ତଥା ରାଜନୈତିକ ଭୂମିକା ଦେବାରେ କୁଳବୃଦ୍ଧ ଉତ୍କଳଗୌରବଙ୍କର ଅବଦାନକୁ କିଏ ବା ଅସ୍ୱୀକାର କରିବ? ଅତଏବ ମଧୁସୂଦନ ହିଁ ଥିଲେ ଏ ଉତ୍କଳ ଭାବନାକୁ ସ୍ୱର୍ଣ୍ଣିମ, ସମୁଜ୍ଜ୍ୱଳ କରିବା ପଛର ସର୍ବାଧିକ ଅଗ୍ରଣୀ ବ୍ୟକ୍ତିତ୍ୱ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ହେଲା ୧୯୩୬ରେ। ରାଜନୈତିକ ସଂଗଠନର ପ୍ରାଦେଶିକ ମାନ୍ୟତା ପାଇ ଜାତୀୟ କଂଗ୍ରେସ ଦ୍ୱାରା ଉତ୍କଳ ପ୍ରଦେଶ କଂଗ୍ରେସ ସଂଗଠନ ଗଢ଼ାଗଲା ୧୯୨୧ରେ। ମାତ୍ର ୧୮୮୧ରେ ମଧୁସୂଦନ କଟକ ଫେରୁ ଫେରୁ ଶତାବ୍ଦୀ ପୁରୁଷ ଗୌରୀଶଙ୍କର ରାୟଙ୍କ ସହ ମିଶି ୧୮୮୨ରେ ଆରମ୍ଭ କରିଦେଇଥିଲେ "ଉତ୍କଳ ସଭା"। ସମ୍ରାଟ ପଞ୍ଚମ ଜର୍ଜଙ୍କ ସ୍ୱାଗତ ଲାଗି ରବୀନ୍ଦ୍ରନାଥ ଠାକୁର ୧୯୧୧ରେ ଯେଉଁ ୫ ଅଧ୍ୟାୟ ବିଶିଷ୍ଟ ସ୍ୱାଗତ ସଙ୍ଗୀତଟି

ରଚନା କରିଥିଲେ ତା'ର ପ୍ରଥମ ଅଧ୍ୟାୟଟି ଆଜି ସ୍ୱାଧୀନ ଭାରତବର୍ଷର ଜାତୀୟ ସଙ୍ଗୀତ। ସେଥିରେ ଭାରତର ଭୂମିଛବି ସଂକ୍ରାନ୍ତରେ ଉଲ୍ଲେଖ କରିବାକୁ ଯାଇ ସେ ଲେଖିଛନ୍ତି – "ପଞ୍ଜାବ, ସିନ୍ଧୁ, ଗୁଜୁରାଟ, ମରାଠା, ଦ୍ରାବିଡ଼, ଉତ୍କଳ, ବଙ୍ଗ।" ସେଥିରେ ସେତେବେଳକୁ ଭାରତରେ ମୁଣ୍ଡ ଟେକି ସାରିଥିବା କେତେ କେତେ ପ୍ରଦେଶ ସ୍ଥାନ ପାଇ ନାହାନ୍ତି। "ଓଡ଼ିଶା" ଶବ୍ଦ କି "କଳିଙ୍ଗ" ଶବ୍ଦ ସୁଦ୍ଧା କବିଗୁରୁଙ୍କ ମନକୁ ଆସିନାହିଁ, ଆସିଛି "ଉତ୍କଳ"।

କ'ଣ ଏମିତି ଥିଲା ଉତ୍କଳର ବୈଶିଷ୍ଟ୍ୟ? କିଏ ଏ ଅବହେଳିତ, ବିମଥିତ, ବିମର୍ଦ୍ଦିତ ମାଟିର ପରିଚୟ ୧୯୧୦, ୧୧ ବେଳକୁ ଟେକି ଧରିଥିଲା ଯେ ତା'ର ବୈଶିଷ୍ଟ୍ୟ ପ୍ରତି ଏ ମହାଯଶା କବି ସଚେତନ ହୋଇ ଉଠିଥିଲେ। ୧୯୨୦ରେ ନାଗପୁର ଅଧିବେଶନ ଯାଏ କଂଗ୍ରେସ ସୁଦ୍ଧା ଚିହ୍ନି ନ ଥିଲା ଉତ୍କଳକୁ।

## ଗୀତ ପଛର କବିଜୀବନ

୧୯୧୨ରେ ଲକ୍ଷ୍ମୀକାନ୍ତଙ୍କ ରଚିତ "ବନ୍ଦେ ଉତ୍କଳ ଜନନୀ", ଉତ୍କଳ ସମ୍ମିଳନୀ ମଣ୍ଡପରେ ଗାନ କରାଯାଇଥିବା ଇତିହାସ ସମ୍ମତ। ସେ ଲେଖା କାହାର ପ୍ରେରଣାରେ ରୂପ ପାଇଥିଲା ତା'ର ଆଲୋଚନା ନିରର୍ଥକ। ବାଲେଶ୍ୱର "ଉତ୍କଳ ସମ୍ମିଳନୀ" ମଣ୍ଡପରେ ଗାନ କରାଯାଇଥିଲା କି ପୁରୀରେ ତାହା ମଧ୍ୟ ଗୁରୁତ୍ୱହୀନ। ସବୁଠାରୁ ବଡ଼ କଥା ହେଉଛି ଏ ଗୀତ ଲେଖା ପଛର କବି-ଜୀବନ କଥା।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜନ୍ମ ୧୮୮୮ରେ। ବହୁ ପରେ ବନ୍ଧୁ ଲକ୍ଷ୍ମୀନାରାୟଣ ସାହୁଙ୍କ ମୁହଁକଥାରେ ସେ ସାରା ଓଡ଼ିଶାରେ ଗୃହୀତ ହୋଇଥିଲେ କାନ୍ତକବି ଭାବେ। କେଉଁ ଗଜପତି କି ବିଲାତି ସରକାର ବା ମହତ ସଙ୍ଗଠନ ତାଙ୍କୁ ଏ ଉପାଧି ଦେଇନାହିଁ। ୧୯୧୨ରେ ଗାନ କରାଯାଇଥିବା ଗୀତଟି ୧୯୧୧ରେ ବି ଲେଖାଯାଇ ଥାଇପାରେ। କେମିତି ଜାଣିବା? ୧୯୧୨କୁ ରଚନାର ସମ୍ବତ୍ସର ବୋଲି ଧରିଲେ ଲକ୍ଷ୍ମୀକାନ୍ତ ସେତେବେଳକୁ ୨୪ ବର୍ଷର ଯୁବକ। କାରଣ ୧୮୮୮ରେ ଶେଷ ମାସ ଡିସେମ୍ବର ସେ ଜନ୍ମିତ। ବାଲେଶ୍ୱର ଜିଲ୍ଲା ସ୍କୁଲରୁ ୧୯୦୭ରେ ଆଜିର ମାଟ୍ରିକ ବା ଏଣ୍ଟ୍ରାନ୍ସ ପାସ୍। ୧୯୧୧ରେ ରେଭେନ୍ସା କଲେଜରୁ ଆଇ.ଏ.। ପରେ କଲିକତା ଯାଇ ରିପନ୍ କଲେଜରେ ବି.ଏ. ପଢ଼ିଲେ। ସେଠାରୁ ଚାଲି ଆସି ରେଭେନ୍ସା କଲେଜରେ ପରୀକ୍ଷା ଦେଇ ୧୯୧୩ରେ ବି.ଏ. ପାସ୍ କଲେ।




## ଅସଲ ରୂପରେଖ

ଆମ ପାଇଁ ଦୁଇଟି କଥା ଗୁରୁତ୍ୱପୂର୍ଣ୍ଣ। ୧୯୧୨ର ସମୟ ଏବଂ ବନ୍ଦେ ଉତ୍କଳ ଜନନୀ ସଂଗୀତର ଅସଲ ରୂପରେଖ।

୧୯୬୪ରେ ପ୍ରକାଶିତ 'କାନ୍ତ ସାହିତ୍ୟମାଳା' ପ୍ରଥମ ଖଣ୍ଡରୁ ଜଣାଯାଏ – "୧୯୧୨ରେ ତତ୍କାଳୀନ ସମ୍ରାଟ୍ ପଞ୍ଚମ ଜର୍ଜଙ୍କର ଅଭିଷେକ ଉତ୍ସବ ଉପଲକ୍ଷେ ଆମୋଦପ୍ରମୋଦ କରିବାକୁ ପ୍ରଚୁର ଅର୍ଥ ମିଳିଥିଲା। ଅନ୍ୟାନ୍ୟ ଆମୋଦପ୍ରମୋଦ ସହ ଓଡ଼ିଆ ନାଟକଟିଏ କରାଇବାକୁ ସ୍ଥିର କରାଯାଇଥିଲା। ଏଥିପୂର୍ବରୁ କଟକରେ ଓଡ଼ିଆ ନାଟକ ସାଧାରଣରେ କେବେ ହେଲେ ମଞ୍ଚସ୍ଥ କରାଯାଇ ନ ଥିଲା। ଓଡ଼ିଆ ଭାଷାରେ ଥିଏଟର କରିବା ସମ୍ଭବପର ନୁହେଁ ବୋଲି ସେତେବେଳେ ଲୋକଙ୍କର ଗୋଟିଏ ଭ୍ରମ ଧାରଣା ରହିଥିଲା। ....... ରାମଶଙ୍କରଙ୍କ କାଞ୍ଚି-କାବେରୀ ନାଟକ ଅଭିନୀତ ହେବାର ସ୍ଥିର କରାଗଲା। ଅଭିନୟ ଓ ସଙ୍ଗୀତ ନିର୍ଦ୍ଦେଶନାର ଭାର ଯଥାକ୍ରମେ ଗୋବିନ୍ଦ ଚନ୍ଦ୍ର ଶୂରଦେଓ ଓ ଲକ୍ଷ୍ମୀକାନ୍ତଙ୍କ ଉପରେ ପଡ଼ିଥିଲା। .... ସଙ୍ଗୀତ ରଚନା ତଥା ସ୍ୱର ସଂଯୋଜନାରେ ଲକ୍ଷ୍ମୀକାନ୍ତ ସିଦ୍ଧ ଥିବାରୁ ତାଙ୍କୁ ଏ ଅଭିନୟରେ କେତେଗୋଟି ଗୀତ ଏକକ ଭୂମିକାରେ ଗାଇବାକୁ ପଡ଼ିଥିଲା।"

ଅତଏବ ଅନୁମାନ ସାପେକ୍ଷ ଯେ କଲିକତାରୁ ୧୯୧୨ ବେଳକୁ ଫେରି ଆସି ଲକ୍ଷ୍ମୀକାନ୍ତ ସାରା ୧୯୧୨ ବର୍ଷଟି କଟକରେ ଥିଲେ ଓ ୧୯୧୩ରେ ବି.ଏ. ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଥିଲେ। ଏହି ୧୯୧୩ଠାରୁ ସେ କୁଷ୍ଠରୋଗ ଗ୍ରସ୍ତ ହୋଇ ଚିକିତ୍ସା ସକାଶେ ଦେଢ଼ ବର୍ଷ କାଳ କଲିକତାର ବିଶିଷ୍ଟ କୁଷ୍ଠରୋଗ ବିଶେଷଜ୍ଞ ଡ. ରୋଜର୍‌ଙ୍କ ତତ୍ତ୍ୱାବଧାନରେ ରହିଥିଲେ।

ଲକ୍ଷ୍ମୀକାନ୍ତ ତାଙ୍କ ଜୀବନକାଳରେ ସାହିତ୍ୟର ବିଭିନ୍ନ ବିଭାଗରେ କଲମ ଚାଳନା କରିଛନ୍ତି। ଯଥା : "ରସ ସାହିତ୍ୟ", "ନାଟ୍ୟ ସାହିତ୍ୟ", "ପ୍ରବନ୍ଧ ସାହିତ୍ୟ", କାବ୍ୟ ସାହିତ୍ୟ", "ବାଳ ସାହିତ୍ୟ", "କଥା ସାହିତ୍ୟ" ଓ "ସ୍ୱର ସାହିତ୍ୟ"। ସ୍ୱର ସାହିତ୍ୟରେ ଅଛି ଦୁଇଟି ଜଣାଣ ଓ ଦୁଇଟି ସଙ୍ଗୀତ ପୁସ୍ତକ ଯଥା : "ଜୀବନ ସଙ୍ଗୀତ" ସଙ୍କଳନ ଓ "ଜାତୀୟ ସଙ୍ଗୀତ" ସଂକଳନ। ଏହି ଜାତୀୟ ସଙ୍ଗୀତ ସଙ୍କଳନର ପ୍ରଥମ ସଙ୍ଗୀତଟି ହେଉଛି "ବନ୍ଦେ ଉତ୍କଳ ଜନନୀ"। କେହି କେହି ଯୁକ୍ତି କରନ୍ତି ଯେ ପ୍ରଥମେ ଏ ସଙ୍ଗୀତଟିର ଶୀର୍ଷକ ଥିଲା "ଜନନୀ"। ମନେ ରଖିବା ଆବଶ୍ୟକ ଯେ ସ୍ରଷ୍ଟା ୧୯୫୩ ଯାଏ ବଞ୍ଚିଥିବା ଭିତରେ କେତେଥର ଏ ଗୀତର ଶୀର୍ଷକ ବଦଳାଇଛନ୍ତି ଏବଂ ଗୀତ ଭିତରର ଶବ୍ଦକୁ ମଧ୍ୟ ବଦଳାଇଛନ୍ତି। ଏପରି ପରିବର୍ତ୍ତନ ଲେଖକ ବା କବିଙ୍କର ନିଜସ୍ୱ ବିଚାରର କଥା। ତେବେ ଆମକୁ ଶେଷତମ କଥାଟିକୁ ଦେଖିବାକୁ ପଡ଼ିବ ଓ ଗ୍ରହଣ କରିବାକୁ ପଡ଼ିବ। ଶେଷ କଥା ହେଲା ଆନୁମାନିକ ୧୯୧୨ରେ ରଚିତ ଏ ସଙ୍ଗୀତର ଶୀର୍ଷକ "ବନ୍ଦେ ଉତ୍କଳ ଜନନୀ"।

**ଏହାର ସ୍ରଷ୍ଟା ୧୯୫୩ ଯାଏ ବଞ୍ଚିଥିବା ଭିତରେ କେତେଥର ଏ ଗୀତର ଶୀର୍ଷକ ବଦଳାଇଛନ୍ତି ଏବଂ ଗୀତ ଭିତରର ଶବ୍ଦକୁ ମଧ୍ୟ ବଦଳାଇଛନ୍ତି।**

## ସ୍ୱର ସଂଯୋଜନା

ସଙ୍ଗୀତର ଅସଲ ରୂପରେଖରେ ସ୍ୱର ସଂଯୋଜନାର ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ। ନିଜେ ଲକ୍ଷ୍ମୀକାନ୍ତ ଏ ସଙ୍ଗୀତଟିର ସ୍ୱର ସାଧିଥିଲେ। ତାହା ୧୯୩୨ରେ ଗୋକୁଳ ମହାନ୍ତିଙ୍କ ଦ୍ୱାରା ପ୍ରଥମେ ରେକର୍ଡ ହୋଇଥିବା ତାଳ, ଲୟ, ପଦ ତଥା ଉଚ୍ଚାରଣରୁ ବୁଝିନେଇ ହେବ। ଆଧୁନିକ ସମୟରେ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଏହାର ସ୍ୱର ସଂଯୋଜନା କରିଛନ୍ତି। ଏଇଠି ସ୍ମରଣ ରଖିବା ଆବଶ୍ୟକ ଯେ ସ୍ୱର-ନିର୍ଦ୍ଦେଶକ ଗୀତଟିକୁ ଗାଇବା ଲାଗି ନିର୍ଦ୍ଦେଶ ଦେଲାବେଳେ ଲାଳିତ୍ୟ ଦିଗରୁ ଗୋଟିଏ ଗୋଟିଏ ଶବ୍ଦର ଏକାଧିକବାର ଉଚ୍ଚାରଣ କରିଥାନ୍ତି। ଏହା ନିର୍ଦ୍ଦେଶକଙ୍କ ସ୍ୱାଧୀନ ବିଚାର ପରିସର କଥା। ଧରାଯାଉ ପ୍ରଥମ ପଦର ପ୍ରଥମ ଧାଡ଼ି - "ପୂତ-ପୟୋଧି-ବିଧୌତ-ଶରୀରା"। ଏଥିରେ ଅଛି ୧୧ଟି ଅକ୍ଷର। ସେମିତି ଦ୍ୱିତୀୟ ପଦର ପ୍ରଥମ ଧାଡ଼ିରେ ଅଛି - "ଘନ ବନଭୂମି ରାଜିତ ଅଙ୍ଗେ"। ଏଠାରେ ବି ୧୧ଟି ଅକ୍ଷର। ମାତ୍ର ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀ ଦାଶ ଗାନ କରାଇବା ବେଳେ "ଘନ ବନଭୂମି" ସ୍ଥାନରେ ଶବ୍ଦ-ବୋଧର ଲାଳିତ୍ୟ ଲାଗି "ଘନଘନ ବନଭୂମି" କରାଇଛନ୍ତି। ଏଥିରେ ଶବ୍ଦ-ଅସଙ୍ଗତି ଥାଇପାରେ ହେଲେ ସ୍ୱର-ଅସଙ୍ଗତି ନାହିଁ। ତେଣୁ ଗ୍ରହଣୀୟ ହେବାରେ ଅସୁବିଧା ନାହିଁ।

"ବନ୍ଦେ ଉତ୍କଳ ଜନନୀ" ସଙ୍ଗୀତ ପ୍ରତିଟି ଓଡ଼ିଆଙ୍କ ପାଇଁ ପ୍ରାଣର ଗୀତ। ଏହି ଗୀତ ବିଧାନ ଅନୁଯାୟୀ ଗୃହୀତ ହେବା ପୂର୍ବରୁ କୋଟି କଣ୍ଠରେ ଓଡ଼ିଶାର ଜାତୀୟ ସଙ୍ଗୀତ ପାଲଟି ସାରିଥିଲା। ୭.୧୧.୧୯୯୩ରୁ ଓଡ଼ିଶା ବିଧାନସଭାର ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତତ୍‌ସଂକ୍ରାନ୍ତୀୟ ବୈଠକଠାରୁ ଆରମ୍ଭ କରି ବାରମ୍ବାର ବିଧାନସଭା, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଆଦି ସ୍ତରରେ ନାନା ଆଲୋଚନା ପରେ ଏହା ଏବେ ଜୁନ୍ ୭, ୨୦୨୦ରୁ ଓଡ଼ିଶା ମନ୍ତ୍ରୀ ପରିଷଦଙ୍କ ଅନୁମୋଦନ ଲାଭ କରି ରାଜ୍ୟ ଆନ୍ଥେମ୍ ବା ସଙ୍ଗୀତ ଭାବରେ ଗୃହୀତ ହୋଇସାରିଛି। ପଣ୍ଡିତ ବାଳକୃଷ୍ଣ ଦାଶଙ୍କ ସ୍ୱର-ନିର୍ଦ୍ଦେଶନାକୁ ଅବିକଳ ଗ୍ରହଣ କରାଯାଇଛି। ଏହାର ସମୟ ଅବଧି ୨ ମିନିଟ୍ ୧୧ ସେକେଣ୍ଡ।

ଥରେ ଆଇନତଃ ଗୃହୀତ ହେବା ପରେ, ମନ୍ଦିରରେ ମୂର୍ତ୍ତି ଜୀବନ୍ୟାସ ପାଇ ପୂଜିତ ହେବା ପରି ଏ ସଙ୍ଗୀତ ପ୍ରତିଟି ଓଡ଼ିଆ ପାଇଁ ପବିତ୍ର ତଥା ପୂଜନୀୟ। ବନ୍ଦେ ଉତ୍କଳ ଜନନୀ।

□□

ଲେଖକଙ୍କ ଇ-ମେଲ ଠିକଣା:
dashbenhur.53@gmail.com

**ରମ୍ୟ ରଚନା**

# ବହି ସାଙ୍ଗକୁ ପାନିଆଁ ଫ୍ରି



ଡା. ଅଭୟ ଦାଶ

ସ୍ୱାମୀ ଅଭୟାନନ୍ଦ ରିସର୍ଚ୍ଚ ଫାଉଣ୍ଡେସନରେ ସରଗରମି ଏମିତି ବଢ଼ିଯାଇଛି ଯେ ନ କହ! କଥା କ’ଣ କି, ଗୋଟାଏ ବିଜନେସ୍ ଷ୍ଟ୍ରାଟେଜି, ଯେମିତି ମୁଣ୍ଡ ଭିତରେ ପଶି ଘାଣ୍ଟିପକାଉଛି! ଅଭୟ ଦାଶ ଏଇ କେତେଦିନ ହେଲା ଖାଇବା ପିଇବା ଛାଡ଼ିଦେଇଛି। ଶୟନେ ସ୍ୱପନେ ଜାଗରଣେ, ସେଇ ଗୋଟିଏ ଚିନ୍ତା ଖାଇ ଯାଉଛି। ‘ଚିନ୍ତାଖାଏ ଗଣ୍ଡି, ଲୁଣଖାଏ ହାଣ୍ଡି!’ ଆଜିକାଲିକା ପିଲାଏ, ଏ କଥା ବୁଝି ପାରିବେ ନାହିଁ। ସେମାନେ ନା ସେ ଲୁଣ ଦେଖିଲେ, ନା ହାଣ୍ଡି! କେତେ ପ୍ରକାର କମ୍ପାନୀ ଲୁଣ, ପୁଡ଼ିଆରେ ବାନ୍ଧି ବିକୁଛନ୍ତି। ସେ ପୁଣି ଟାଟା, ଅଦାଣି, ଅମ୍ବାଣି ଏଇ କାଟର କମ୍ପାନୀ। ଆମ କଟକର ଫଗୁଖୁଣ୍ଟିଆ କି ପୁରୀର ପାତ୍ର କମ୍ପାନୀ ନୁହେଁ। ସେ କାଇଦାଟା ଏମାନେ ବ୍ରିଟିଶ୍ ସରକାରଠାରୁ ପାଇଯାଇଛନ୍ତି ବୋଧହୁଏ? ବ୍ରିଟିଶ୍ କମ୍ପାନୀ କରିବାରୁ ସିନା ଗାନ୍ଧୀ ମହାତ୍ମା ଲବଣ ସତ୍ୟାଗ୍ରହ ଆରମ୍ଭ କରିଦେଲେ? ସେ ଲୁଣ କ’ଣ ଏମିତି ଥିଲା? ସିଧା ସମୁଦ୍ରର ଉପଜ ଥିଲା ଏ ଲୁଣ। କେତେ ଗରିବର ପଖାଳକଂସାର ସାଥୀ ଥିଲା ଏ ଲୁଣ।

**ଆଜିକାଲିକା ପିଲାଏ ଏ କଥା ବୁଝି ପାରିବେ ନାହିଁ। ସେମାନେ ନା ସେ ଲୁଣ ଦେଖିଲେ, ନା ହାଣ୍ଡି!**

## ଲୁଣ ପ୍ରକରଣ

ଆମେ ପିଲାଦିନେ ଦେଖିଛୁ ଲୁଣବୋଝେଇ ନାଆ ଆସି ଆମ ବଡ଼ନଈରେ ଲାଗେ, ଏଇ ଶୀତଦିନେ। ଖବରପାଇ ଆମର ଚାକର କୋଠିଆମାନେ, ଟୋକେଇ ବେତା ନେଇ ନଈ କୂଳରୁ ବୋହିଆଣନ୍ତି। ଦୁଇ ଟଙ୍କାରେ ବେତାଏ ଲୁଣ। ସେ ଲୁଣର ଦାନା ଥିଲା ଛୋଟ ଛୋଟ ମିଶ୍ରିଖଣ୍ଡ ଭଳି। ଗୋଡ଼ାଲୁଣ କହୁଥିଲେ ତା’ର ଆକାରକୁ ଦେଖି। ଗୁଡାଏ ସଫା ଲୁଣ ଓ ଗୁଡାଏ ମାଟିଆ ଲୁଣ ଥିଲା। ଏତେ ରିଫାଇନ୍ ନ ଥିଲା ସେ ଲୁଣ। ସେଥିରେ ପ୍ରାକୃତିକ ସୋଡ଼ିୟମ କ୍ଲୋରାଇଡ. ଆୟୋଡିନ୍, ଫସଫରସ୍ ପର୍ଯ୍ୟାପ୍ତ ମାତ୍ରାରେ ଉପଲବ୍ଧ ଥାଏ। ବର୍ତ୍ତମାନର ରିଫାଇନ୍ ଲୁଣରେ ଆୟୋଡିନ୍ ମିଶାଯାଉଛି। ସେ ଲୁଣ ଯଦି କାନ୍ଥର ସଂସ୍ପର୍ଶରେ ଆସିଲା ମାନେ ସେ କାନ୍ଥ ଗଲା। ସେଥିପାଇଁ ସେ ଲୁଣକୁ ମାଟିହାଣ୍ଡି ବା ମାଟି ବଣାରେ ରଖି, ତା ମୁହଁକୁ ତେଲୁଣି ବା ବଡ଼ ସରାରେ ଘୋଡ଼ାଇ ମାଟିରେ ଲିପି ଦୁଆର ଅଗଣାରେ ରଖାଯାଉଥିଲା। ଆବଶ୍ୟକତା ଅନୁସାରେ ଲୁଣକୁ ଲୁଣକାଠୁଆରେ ରଖାଯାଉଥିଲା। ସେ ଲୁଣହାଣ୍ଡିର ଅକାଳ ମୃତ୍ୟୁ ହେଉଥିଲା ଜାଣନ୍ତୁ। ସେଥିଲାଗି କହନ୍ତି ଲୁଣ ଖାଏ ହାଣ୍ଡି। ଆଜିର ଆପାର୍ଟମେଣ୍ଟ ଲିଭିଂରେ ହାଣ୍ଡି, ଲୁଣକାଠୁଆର ସ୍ଥାନ କାହିଁ? ମ୍ୟୁଜିଅମ୍‌ରେ ଦେଖିପାରିବେ। ଅଜୟ ମିଶ୍ରଙ୍କ ମିଶ୍ରଶାଳ ହେଉ କି ବଡ଼କୁଳର ଓଡିଆର୍ଟ ମ୍ୟୁଜିଅମ୍।

ଅଭୟ ଦାଶ ଏବେ ଟିକିଏ ରିକଭର କଲାପରି ଜଣାଯାଏ। ତା’ ମୁଣ୍ଡକୁ ବିଜନେସ୍ ଆଇଡ଼ିଆ ଆସିଯିବାରୁ, ଭାବୁଛି କ’ଣ ଗୋଟାଏ କରିପକେଇବ! ବହୁଦିନ ତଳର କଥା, ସେତେବେଳେ ଛ’ଅଣା ଦି’ ପଇସାରେ ବହୁତ ଜିନିଷ ମିଳୁଥିଲା। କମ୍ପିଟେସନ ଏତେ ଷ୍ଟ୍ରଙ୍ଗ୍ ହେଲା ଯେ ଆଉ ଗୋଟାଏ କିଛି ଫ୍ରି’ରେ ମିଳିବା ଆରମ୍ଭ ହେଲା। ସମ୍ବଲପୁର ବସଷ୍ଟାଣ୍ଡରେ ବୁଲାଦୋକାନୀ ଜଣେ, ଗୋଟାଏ ପାଉଁରୁଟି ସାଙ୍ଗରେ ଗୋଟାଏ ପାନିଆ ଫ୍ରି’ରେ ଦେବା ଆମେ ଦେଖିଛୁ। ସେଇ ଯେଉଁ ଲୁଣ କଥା କହୁଥିଲେ, ସେ କମ୍ପାନୀ ଲୁଣ ସାଙ୍ଗରେ ଗୋଟାଏ ଡବା ଫ୍ରି’ରେ ମିଳିଲା ଯେ ଲୁଣହାଣ୍ଡି ଲୁଣକାଠୁଆ ଆମ ଘରମାନଙ୍କରୁ ବିଦାୟ ନେଲେ। ଖାଇବା ଟେବୁଲ ଉପରକୁ ଚଢ଼ିଲା ମୁଣ୍ଡ କଣା ଡବା, ଲୁଣର ଷ୍ଟାଟସ୍ ବଢ଼ି ଯାଇ ହେଲା ଟେବୁଲ୍ ସଲ୍ଟ। ସେ ପୁରୁଣାକାଳିଆ ଲୁଣ ଗାଈଗୋରୁଙ୍କ ପାଇଁ ଉଦ୍ଦିଷ୍ଟ ହେଲା।

ତା’ର ଅନେକ ବର୍ଷ ପରେ ଆସିଲା ‘ବାଏ ୱାନ୍ ଗେଟ୍

ୱାନ୍ ଫ୍ରି' ସ୍କିମ୍। ସେ ଫ୍ରି ସ୍କିମ୍ ବ୍ୟାଧି ବଢ଼ିବାରୁ କିଛି ରେଡିମେଡ୍ ପୋଷାକ କମ୍ପାନୀ ଆଉ ଦୁଇପାଦ ଆଗକୁଯାଇ ଲେଖିଗଲେ 'ବାଏ ଥ୍ରି ଗେଟ୍ ଫୋର୍ ଫ୍ରି'। ଭାବନ୍ତୁନି ସତରେ ଚାରିଟା ଫ୍ରି ? ସବୁ ପଇସା ତୁମରି ମୁଣ୍ଡରେ। ଅଭୟ ଦାଶ ଭାବୁଥାଏ ଟିକିଏ ବେଶି ହୋଇଗଲା; ଏମିତି କିଏ ଫ୍ରି'ରେ ଦିଏ ? କମ୍ପାନୀ ଚାଲିବଟି ?

**ବହି ପଢ଼ନ୍ତି କିଏ ?**

ଆଜିକାଲି ସବୁ ସାହିତ୍ୟ ସଭାରେ କବି ଲେଖକମାନେ ମୁଣ୍ଡବାଡ଼େଇ ହେଉଛନ୍ତି, କେହି ପଢୁନାହାନ୍ତି ତାଙ୍କ ଲେଖା। କେହି କିଣୁନାହାନ୍ତି ତାଙ୍କ ବହି। ଆମ ଅଭୟାନନ୍ଦ ରିସର୍ଚ୍ଚ କହେ ଆମ କେସ୍ ଷ୍ଟଡି ଅନୁସାରେ ଆପଣ ଯଦି କାହାକୁ ସୌଜନ୍ୟମୂଳକ କପିଖଣ୍ଡେ ଦେଲେ, ଜାଣନ୍ତୁ ପାଣିରେ ପଡିଲା। ସେ ବହି ଖଣ୍ଡିକ ତାଙ୍କ ଘରର ସମସ୍ତ ଧୂଳି ଭିତରେ ନିଜକୁ ବୁଡ଼ାଇ, ଖବରକାଗଜମାନଙ୍କ ସାଙ୍ଗରେ ହଜିଯିବ କବାଡ଼ି ବଜାରରେ। ଯିଏ ଟଙ୍କା ପଚାଶ କି ଶହେ ଦେଇଥିବ ନିହାତି ଦୁଇପୃଷ୍ଠା ପଢ଼ିବ। ନ ହେଲେ ବହିଛପା ସାଙ୍ଗକୁ ଚାହା ଜଳଖିଆ, 'କୀର୍ତ୍ତନୀଆଙ୍କ ଆଡୁ ବାଳଭୋଗ' ସମାନ।




ଏଇ ରିସର୍ଚ୍ଚରୁ ସଂଗ୍ରହ କରିଥିବା ଅନୁଭବକୁ ନେଇ ଅଭୟ ଦାଶ ଏଥର ନିଜର ନୂଆବହିର ମୂଲ୍ୟ ରଖିଛି ଶହେ ଟଙ୍କାରେ ବହି ସାଙ୍ଗକୁ ଗୋଟାଏ ପାନିଆ ଫ୍ରି। ଚାହା ଜଳଖିଆ ସରିଗଲା ପରେ ସେ ବହିଟେବୁଲ ଆଡ଼କୁ କାହାରି ଦୃଷ୍ଟି ଗଲାନାହିଁ। କେତେକ ପ୍ରାପ୍ତବୟସ୍କ ଅର୍ଦ୍ଧଲଣ୍ଡିତ ମୁଣ୍ଡରେ ହାତବୁଲାଇ ଭାବନ୍ତି, ପାନିଆଁ ? ଅଭୟ ଦାଶ ଭାବୁଥାଏ ଆଉ କ'ଣ, ମାରୁତି କାର୍ ଦେଇଥାଆନ୍ତା ? ମନେ ମନେ ମୁଣ୍ଡବାଡେଇ ହେଉଥାଏ, ଆଉ ହେବନି ! ବହୁତ ହେଲାଣି ଏ ପରୀକ୍ଷଣ। ଜାଣନ୍ତୁ ସ୍ୱାମୀ ଅଭୟାନନ୍ଦର ରିସର୍ଚ୍ଚ କ୍ରାସଲ୍ୟାଣ୍ଡ କରିଗଲା। ବେଶି ଫ୍ରି, ସେଇ ଟଙ୍କିକିଆ ଚାଉଳ ସ୍କିମ ଭଳିଆ ହୋଇଯିବ ଭାବୁଥାଏ ଅଭୟ ଦାଶ। ଆଉ ଗୋଟାଏ ଷ୍ଟ୍ରାଟେଜିକୁ ଯାଇ ଦେଖିବା ?

□□

ଲେଖକଙ୍କ ଇ-ମେଲ ଠିକଣା:
abhaydash1@gmail.com

ଏକ ନୂଆ ପ୍ରୟାସ...
ଓଡ଼ିଶାର
ସଂସ୍କୃତି-ଐତିହ୍ୟ-ପରମ୍ପରା
କେବଳ ଆମେସବୁ ପ୍ଲାଟଫର୍ମରେ
AMESABU
WE ALL. FOR ALL.
ଆମେସବୁ
ANDROID APP ON Google Play
@ amesabu

ଗଳ୍ପ

# ୩୧ ତାରିଖ



ରବି ସ୍ୱାଇଁ

ସଞ୍ଜ ପ୍ରହର। ଠାକୁର ଘରେ ଘିଅ ଦୀପଟିଏ ଜଳୁଛି। ଧୂପକାଠି ଅନେକ ବେଳୁ ନିଭିଯାଇଥିଲେ ବି ତା'ର ସୁବାସ ଘରସାରା ଖେଳି ବୁଲୁଚି। ଠାକୁର ଠାକୁରାଣୀମାନେ ଖୁବ୍ ପ୍ରସନ୍ନ ଦିଶୁଚନ୍ତି। ଠାକୁରଙ୍କ ଆଗରେ ଶଶୀ ଆଈ ଆଖି ବନ୍ଦ କରି ଧୀର ସ୍ୱରରେ ଭଜନ ଜଣାଣ ଗାଇଚାଲିଛି।

କେହି ଜଣେ କବାଟ ଠକ୍ ଠକ୍ କରି ଡାକିଲା- ଆଈ, ଆଈ।

ଏ ତ ଶୁଭର ପାଟି ଶୁଭୁଚି। ଉଠି ଯାଇ କବାଟ ଖୋଲିଦେଲା। ଶୁଭ ଆଈଙ୍କ ପାଦ ଛୁଇଁ ମୁଣ୍ଡରେ ମାରିଲା।



ଆ ଭିତରକୁ ଆ। ତୁ କେତେବେଳେ ଆସିଲୁ? ବସ୍। ଆଉ ତୋ ପିଲାମାନେ ସବୁ ଭଲରେ ଅଛନ୍ତି?

ହଁ ତମ ଆଶୀର୍ବାଦରୁ ସମସ୍ତେ ଭଲରେ ଅଛନ୍ତି।

ନାଇଁରେ ବାପା ସବୁ ଠାକୁରଙ୍କ ଆଶୀର୍ବାଦ।

ହଁ ହଁ ତାହା ତ ନିଶ୍ଚିତ।

ତୁ କଣ ସିଧା ଏଇଠିକି ଆସିଲୁ ନା ଆମ ସାଇ ଆଡ଼େ ଯାଇଥିଲୁ?

ହଁ ଯାଇଥିଲି। ଦାଦା ଖୁଡୀ ସମସ୍ତେ ଦେଖାହେଲେ। ଖୁଡୀ କହିଲେ- ତମେ ଏଇଠି ଅଛ।

ହଁରେ ବାପା ଆଜି ଦିନଟା ମୁଁ ଠାକୁର ଘରେ ହିଁ କଟେଇ ଥାଏ।

ଖିଆପିଆ ?

ନାଇଁ ଆଜି ମୋର ଉପବାସ।

ଏ ବୟସରେ ତମେ ସାରା ଦିନଟା ଉପବାସ କରୁଚ?

ଆଜି ପରା ମୋର ବ୍ରତ।

କି ବ୍ରତ ଆଈ?

ଜେଜେ ଗଲାପରେ ମୁଁ ମାସର ୩୧ ତାରିଖରେ ବ୍ରତ ପାଳନ କରେ। ସକାଳୁ ରାତି ଶେଷ ପର୍ଯ୍ୟନ୍ତ ଏଇ ଠାକୁର ଘରେ ପୂଜାପାଠ ଜପ ତପରେ କଟେଇଦିଏ।

ଆଈ ମୁଁ ତ ଦୂରରେ ରହିଲି। କେବେ କେମିତି ଘରକୁ ଆସୁଚି। ଆଜି ବୋଉଠାରୁ ସବୁ ଶୁଣି ତମକୁ ଭେଟିବାକୁ ଆସିଲି। ନ ହେଲେ କାଲି ସକାଳେ ଆସିଥାନ୍ତି। ତମର ଏ ଉପବାସ କଥାଟା ଶୁଣି ମତେ ଭାରି କଷ୍ଟ ଲାଗିଲା।

କାଇଁକିରେ ବାପା ମୁଁ ଭାରି ଭଲରେ ଅଛି। ଦିନସାରା ଠାକୁରଙ୍କ ନାମ ନେଇ ବଞ୍ଚିବା କାହା ଭାଗ୍ୟରେ ଜୁଟେ?

ଆଈ ତମେ ତିନିଟି ପୁଅ ଓ ଗୋଟିଏ ଝିଅ ଜନ୍ମ କରିଚ। ସମସ୍ତେ ଶିକ୍ଷିତ ଓ ଯୋଗ୍ୟ। ବଡ଼ପୁଅ ବାଙ୍ଗାଲୋରରେ ଏତେ ବଡ଼ ଅଫିସର। ଝିଅ ଜୋଇଁ ବିଦେଶରେ। ଏଠି ରହୁଥିବା ଦି'ପୁଅ ବେଶ୍ ଆନନ୍ଦରେ ଅଛନ୍ତି।

ସେମାନେ ଆନନ୍ଦରେ ରହିଲେ ମୋର ଆନନ୍ଦ। ଜଣେ ମା' ପାଇଁ ଆଉ କ'ଣ କରଦାର?

ଆଈ ତମର ସବୁକଥା ଠିକ୍। ହେଲେ ତମର ଏ ବ୍ରତ ଉପବାସ ପୁଣି ଏ ବୟସରେ - ମୁଁ ଗ୍ରହଣ କରିପାରୁନି।

ନାଇଁରେ ବାପା ତୁ ମନ ଦୁଃଖ କରନା, ପିଲାମାନେ ଭିନେ ହେଇଗଲା ପରେ ଜେଜେ ଆଉ ମୁଁ କାହା ପାଖରେ ନ ରହି ଅଲଗା ରହୁଥିଲୁ। ଜେଜେ ଚାଲିଗଲା ପରେ ଭଦ୍ରଲୋକମାନେ ଠିକ୍ କଲେ ମାସର ପନ୍ଦର ଦିନ ଲେଖା ଦି' ପୁଅଙ୍କ ପାଖର ମୁଁ ରହିବି। ଯୋଉ ମାସରେ ୩୧ ଦିନ ସେଇ ମାସର ଶେଷ ଦିନଟି ମୁଁ ବ୍ରତ କରି ଠାକୁରଙ୍କ ନାମ ଜପି ଏଇଠି କଟେଇ

ଦିଏ। ସେଇ ଅଭ୍ୟାସଟି ରହିଯାଇଛି। ପ୍ରତି ୩୧ ତାରିଖରେ ଏକାଦଶୀ ଭାବି କରିଦିଏ ଉପବାସଟା। ଠାକୁରଙ୍କ ଦୟାରୁ ସମସ୍ତେ ଭଲରେ ଥାନ୍ତୁ।

ଦୀର୍ଘଶ୍ୱାସଟେ ବାହାରି ଆସିଲା ଶୁଭର ଛାତି ଭିତରୁ।

ହଉ ଛାଡ଼ ସେକଥା। ତୁ ମୋ ପାଇଁ ଗୋଟିଏ କାମ କରିଦବୁ?

ହଁ, ନିଶ୍ଚୟ। କୁହ କ'ଣ କାମ।

**ଯୋଉ ମାସରେ ୩୧ ଦିନ ସେଇ ମାସର ଶେଷ ଦିନଟି ମୁଁ ବ୍ରତ କରି ଠାକୁରଙ୍କ ନାମ ଜପି ଏଇଠି କଟେଇ ଦିଏ।**

ଶୁଣୁ, ତମ ଗଳିର ଆରପଟରେ ଛୋଟୀବୁଢ଼ୀ ରହୁଚି।

ହଁ କୁହ।

କାଲି ମୁଁ ଯାଇଥିଲି। ତା' ଦେହ ଭଲ ନ ଥିଲା। ଓଷଦ ପାଣି ପାଇଁ କିଛି ପଇସା ଦେଇ ଆସିଥିଲି। ସେ ତ ନିଆଶ୍ରୀଟେ। କ'ଣ କୋଉଠୁ ମାଗିଯାଚି ଚଳେ। ଏ ପଇସା ନେ ଦୋକାନରୁ ତାକୁ ପାଉଁରୁଟି ବିସ୍କୁଟ ଦେଇ ଆସିବୁ। ନ ହେଲେ ଉପାସରେ ସେ ଶୋଇବ। ଶୁଣୁ, ଯଦି ତା' ଦେହ ବେଶି ଖରାପ ହେଇଥିବ ମତେ ଟିକେ କା' ହାତରେ ଖବର ପଠେଇଦବୁ। ତୁ ଆଜି ଗାଁକୁ ଆସୁ ଆସୁ ତତେ କଷ୍ଟ ଦେଲି।


ଆଇ ସେମିତି କୁହନା। ତମେ ଏ ପଇସା ରଖ। ମୁଁ ଏଇଠୁ ସିଧା ଛୋଟୀ ଆଇ ଘରକୁ ଯାଉଚି। ଆଗେ ତା' ଦେହ କଥା ବୁଝିବି। ତା'ପରେ ଆମ ଘରୁ ତା' ପାଇଁ ରୁଟି କ୍ଷୀର ସନ୍ତୁଳା ନେଇ ଦେବି। ଯଦି ଦେହ ଖରାପ ଥିବ ଡାକ୍ତରଙ୍କ ପାଖରୁ ଔଷଧ ଆଣି ଦେବି। ଦରକାର ପଡ଼ିଲେ ତାକୁ ଡାକ୍ତରଖାନା ନବାର ବ୍ୟବସ୍ଥା କରିବି। ଶେଷରେ ତମକୁ ସବୁ କଥା ଜଣେଇବି। ତମେ ଆରାମରେ ବିଶ୍ରାମ କର।

ବାପାରେ ଠାକୁରେ ତୋର ମଙ୍ଗଳ କରନ୍ତୁ।

□□

ଲେଖକଙ୍କ ଇ-ମେଲ ଠିକଣା:
rswainpdp@gmail.com

ଧାରା ଶ୍ରୀରାଧା ଟ୍ରଷ୍ଟର ଏକ ଅନବଦ୍ୟ ପ୍ରକାଶନ




ଧାରା ଶ୍ରୀରାଧା


କବି - ମଙ୍ଗଳାପ୍ରସାଦ ପ୍ରଧାନ

DHARA SHREE RADHA TRUST
(A Literary & Cultural Organisation)
Email - dharashreeradha2017@gmail.com

ସାକ୍ଷାତକାର

# ପ୍ରବୀଣ ସାରସ୍ୱତ ସ୍ରଷ୍ଟା
# ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ସହ ଅନ୍ତରଙ୍ଗ ଆଳାପ

*ବିଶିଷ୍ଟ ସାରସ୍ୱତ ପ୍ରତିଭାଧର ଅଧ୍ୟାପକ ବିଶ୍ୱରଞ୍ଜନ ଏକାଧାରରେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ସମାଲୋଚକ, ସ୍ତମ୍ଭକାର, ସମ୍ପାଦକ ତଥା ସର୍ବୋପରି ଜଣେ ବାଗ୍ମୀ ପୁରୁଷ ଭାବରେ ସୁପରିଚିତ। ଓଡ଼ିଶାର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗରେ ଅଧ୍ୟାପନା କରି ସେ ୨୦୦୫ ମସିହାରେ ଅବସର ଗ୍ରହଣ କରିଛନ୍ତି। ତାଙ୍କ ଦ୍ୱାରା ରଚିତ ଅନେକ ପୁସ୍ତକ ପାଠକୀୟ ଆଦୃତି ପାଇଛି। ଏବେ ୭୭ ବର୍ଷ ବୟସରେ ମଧ୍ୟ ସେ ସକ୍ରିୟ ଭାବରେ ରଚନା-ପ୍ରବଣ। ତାଙ୍କ ସହିତ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।*



**ସାହିତ୍ୟ ଚର୍ଚ୍ଚା:** ଆପଣ ନିଜର କୌଳିକ ସାଂଗିଆ ଟିକୁ ପରିତ୍ୟାଗ କରି, ତାହା ପରିବର୍ତ୍ତେ ନିଜ ନାମ ପୂର୍ବରୁ 'ଅଧ୍ୟାପକ' ବୋଲି ଯୋଡ଼ିବାକୁ କାହିଁକି ନିଷ୍ପତ୍ତି ନେଲେ ?

**ଅଧ୍ୟାପକ ବିଶ୍ୱରଂଜନ:** ସରନେମ୍‌ଟା ହେଉଛି ଜାତିସୂଚକ। ଯେଉଁ ସମୟରେ ସମାଜବାଦୀ ଆନ୍ଦୋଳନ ଆରମ୍ଭ ହୋଇଥିଲା ସେତେବେଳେ ମୁଁ ଆଲାହାବାଦ ବିଶ୍ୱବିଦ୍ୟାଳୟରେ ପଢୁଥିଲି। ଦେଖିଲି ଯେ ସେଠାରେ ଅଧିକାଂଶଙ୍କର ନାମ ସହିତ ସାଂଗିଆ ନଥିଲା, ଯେମିତି କେବଳ ଚନ୍ଦ୍ରଶେଖର ବା ରାଜନାରାୟଣ; ଏପରିକି କେତେକ ପ୍ରଫେସରଙ୍କର ମଧ୍ୟ। ପୁରୀ କଲେଜରେ ମୋର ଯିଏ ଶିକ୍ଷକ ଥିଲେ ପ୍ରଫେସର ରାଧାମୋହନ ପଣ୍ଡା, ସିଏ ହୋଇଗଲେ ରାଧାମୋହନ। ତେଣୁ ମୁଁ ମଧ୍ୟ ବିଶ୍ୱରଞ୍ଜନ ମହାପାତ୍ରରୁ ଅଧ୍ୟାପକ ବିଶ୍ୱରଞ୍ଜନ ହେଲି।

**ସାହିତ୍ୟ ଚର୍ଚ୍ଚା:** ଏହା କ'ଣ ଜାତିବାଦ ବିରୁଦ୍ଧରେ ଏକ ପ୍ରତିବାଦ ଥିଲା ?

**ଅଧ୍ୟାପକ ବିଶ୍ୱରଂଜନ:** ମହାପାତ୍ର ଓ ଦାସ - ଏମାନଙ୍କୁ କିଏ ଭାବନ୍ତି ବ୍ରାହ୍ମଣ, କିଏ କରଣ। ଏଭଳି ଗୋଟାଏ ଫିଲିଂ ଥାଏ। ତେଣୁ ସେଇଟା ଛାଡ଼ିଦେଲି।

**ସାହିତ୍ୟ ଚର୍ଚ୍ଚା:** ତେବେ ନିଜର ନାମଟି ପୂର୍ବରୁ 'ଅଧ୍ୟାପକ' ବୋଲି ଯୋଡ଼ିବା ଫଳରେ ଆପଣ ଆଉ ଗୋଟିଏ ବୃତ୍ତିଗତ ଜାତିରେ ନିଜକୁ ସାମିଲ କରାଇଦେଲେ ନାହଁ କି ?

**ଅଧ୍ୟାପକ ବିଶ୍ୱରଂଜନ:** ମୋ ବୋଉର ସ୍ୱପ୍ନ ଥିଲା, ମୋ ପୁଅଟା ଲେଖକଟେ ହୁଅନ୍ତା, କି ଅଧ୍ୟାପକ ହୁଅନ୍ତା ! ସିଏ ଚାଲିଗଲା ଅଳ୍ପ ବୟସରେ। ତା'ର ସେହି ସ୍ୱପ୍ନଟା କିନ୍ତୁ ମୋର ମନେ ରହିଗଲା, ଯେ ମୁଁ ଅଧ୍ୟାପକ ହେବି।

**ସାହିତ୍ୟ ଚର୍ଚ୍ଚା:** ତେବେ ଜଣେ ଅଧ୍ୟାପକ ଭାବରେ ପରିଚିତ ହୋଇ ଆପଣ ବୋଧହୁଏ ଅନେକ ଆନନ୍ଦ ପାଆନ୍ତି।

**ଅଧ୍ୟାପକ ବିଶ୍ୱରଂଜନ:** ଜଣେ ଅଧ୍ୟାପକ କେବଳ ପଢ଼ାଏନି, ପଢୁଥାଏ ମଧ୍ୟ। ଏଣୁ ଏଥିରେ ମୋ'ର ଆନନ୍ଦ। ମୋ'ର ଅତି ପ୍ରିୟ ହେଲେ ମୋ'ର ଶିକ୍ଷକ ଓ ଛାତ୍ରଛାତ୍ରୀ। ମୁଁ ସେମାନଙ୍କଠାରୁ ଶିଖେ। ଜଣେ ଅଧ୍ୟାପକ ତ ପ୍ରକୃତରେ କେବେ ହିଁ ଅବସର ନିଏନାହିଁ।

**ସାହିତ୍ୟ ଚର୍ଚ୍ଚା:** କଲେଜ ଚାକିରିରୁ ଅବସର ନେବାପରେ ମଧ୍ୟ ଆପଣ ଅଧ୍ୟୟନ ଓ ଅଧ୍ୟାପନାରୁ ବିରତି ନେଇନାହାନ୍ତି ?

**ଅଧ୍ୟାପକ ବିଶ୍ୱରଂଜନ:** ୨୦୦୫ରେ କଲେଜରୁ ଅବସର ନେବାପରେ କିଛି କାଳ ଏକ ସମ୍ବାଦପତ୍ରର ସମ୍ପାଦନାରେ କଟିଲା। ତା'ପରେ ଅଡ଼ଶପୁର କଲେଜର ସ୍ନାତକୋତ୍ତର ଶ୍ରେଣୀରେ ଜଣେ ଅତିଥି-ଅଧ୍ୟାପକ ଭାବରେ ରାଜନୀତି ବିଜ୍ଞାନ ପଢ଼ାଉଥିଲି। ଏବେ ମଧ୍ୟ 'ସମ୍ବାଦ ସ୍କୁଲ୍ ଅଫ୍ ସୋସିଆଲ ମିଡ଼ିଆ ଆଣ୍ଡ କଲ୍‌ଚର୍'ରେ ଗୋଟିଏ ପେପର୍ ପଢ଼ାଉଛି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ସାହିତ୍ୟିକ ଜୀବନକୁ ଦେଖିଲେ ଆମକୁ ଲାଗେ ଯେ ସାହିତ୍ୟର କୌଣସି ବିଭାଗକୁ ଆପଣ ନ ଛୁଇଁ ରହିନାହାନ୍ତି। କବିତା ହେଉ, କି ଉପନ୍ୟାସ ହେଉ, ଅବା ପ୍ରବନ୍ଧ ବା ସମାଲୋଚନା, ଏପରିକି ସ୍ତମ୍ଭ ରଚନା ସହିତ ମଧ୍ୟ ଆପଣ ସଂଶ୍ଳିଷ୍ଟ। ତେବେ କେଉଁ ଭାବରେ ଆପଣ ଅଧିକ ପରିଚିତ ହେବାକୁ ଚାହାନ୍ତି ?

**ଅଧ୍ୟାପକ ବିଶ୍ୱରଂଜନ:** ସମସ୍ତଙ୍କର ଜୀବନ କବିତାରୁ ଆରମ୍ଭ ହୁଏ; ମୋ'ର ବି ହେଲା। 'ମୀନାବଜାର' ଭଳି କେତେକ ପତ୍ରିକାରେ ସେତେବେଳେ ଗଳ୍ପ ଓ କବିତା ଉଭୟ ଲେଖୁଥିଲି। ୭୪ ମସିହାରେ ମୋ'ର ପ୍ରଥମ ଗଳ୍ପ ବହି ବାହାରିଲା। ସେତେବେଳେ 'ଝଙ୍କାର'ରେ ମଧ୍ୟ ଲେଖୁଥିଲି। କିନ୍ତୁ ମୁଁ ଯେହେତୁ ରାଜନୀତି ବିଜ୍ଞାନର ଜଣେ ଅଧ୍ୟାପକ, ଲକ୍ଷ୍ୟ କଲି ଯେ ଖବରକାଗଜଗୁଡ଼ିକରେ ସ୍ତମ୍ଭ ବୋଲି କିଛି ନ ଥାଏ, କେବଳ ହରେକୃଷ୍ଣ ମହତାବଙ୍କର 'ଗାଁ ମଜଲିସ'ଟିକୁ ଛାଡ଼ି। ତେଣୁ ସ୍ତମ୍ଭ ଲେଖିବାରେ ମନୋନିବେଶ କଲି।

**ସାହିତ୍ୟ ଚର୍ଚ୍ଚା:** ତେଣୁ ଆପଣ ଜଣେ ସ୍ତମ୍ଭକାର ଭାବରେ ଅଧିକ ପରିଚିତ ଥିଲେ ସେତେବେଳେ !

**ଅଧ୍ୟାପକ ବିଶ୍ୱରଂଜନ:** ହଁ, ମୁଁ ଗଳ୍ପ ଅପେକ୍ଷା ସ୍ତମ୍ଭ ଲେଖିବା ପ୍ରତି ଅଧିକ ଦୃଷ୍ଟି ଦେଲି। କାରଣ ବହି ଅପେକ୍ଷା ସ୍ତମ୍ଭକୁ ବେଶି ଲୋକ ପଢୁଥିଲେ, ଏବଂ ପ୍ରଶଂସା ମଧ୍ୟ ତୁରନ୍ତ ମିଳୁଥିଲା। ତେଣୁ ଧୀରେ ଧୀରେ ଦେଖିଲି ଯେ ମୁଁ ଗାଳ୍ପିକରୁ ସ୍ତମ୍ଭକାର ହୋଇଗଲିଣି।

**ସାହିତ୍ୟ ଚର୍ଚ୍ଚା:** ବିଭିନ୍ନ ମଂଚରେ ଜଣେ ସୁବକ୍ତା ଭାବରେ ମଧ୍ୟ ଆପଣଙ୍କର ଅଛି ଆଉ ଏକ ପରିଚୟ।

**ଅଧ୍ୟାପକ ବିଶ୍ୱରଂଜନ:** ଗୋଟିଏ ସମୟ ଥିଲା, ଯେତେବେଳେ ଗୌରୀ କୁମାର ବ୍ରହ୍ମା, ରାଜକିଶୋର ରାୟ, ଶ୍ରୀରାମଚନ୍ଦ୍ର ଦାଶ, ଓ ତା'ପରେ ହୃଦାନନ୍ଦ ରାୟ, ମହାପାତ୍ର ନୀଳମଣି ସାହୁ - ଏମାନେ ପ୍ରଭାବଶାଳୀ ବକ୍ତା ଭାବରେ ଲୋକମାନଙ୍କ ମଧ୍ୟରେ ଅନେକ ଆଦୃତ ଥିଲେ। ଏବେ ଆମର ଜେନେରେସନ୍‌ରେ ବୋଧହୁଏ ସେମିତି କେହି ନାହାନ୍ତି, କେବଳ ଦାଶ ବେନହୁର ଓ ମୋତେ ଛାଡ଼ି। ତେଣୁ ଏବେ କହୁଛନ୍ତି, 'ବାଗ୍ମୀ ବିଶ୍ୱରଞ୍ଜନ'। ମୁଁ ଭାବିଲି, ଏଇଟା କ'ଣ ! ଇଏ ତ ଗୋଟିଏ ସ୍ଥାୟୀ ପରିଚୟ ନୁହଁ। ମୋତେ ଘରେ ମଧ୍ୟ କହିଲେ, ତୁମେ ଆଉ ଏତେ ଭାଷଣ ଦେବାପାଇଁ ଯାଅନାହିଁ। ଆରେ, ମୋତେ ଜଣେ ଡାକୁଛନ୍ତି ଯଦି, ଯିବିନାହିଁ କେମିତି ?

**ମୋତେ ଘରେ ମଧ୍ୟ କହିଲେ, ତୁମେ ଆଉ ଏତେ ଭାଷଣ ଦେବାପାଇଁ ଯାଅନାହିଁ। ଆରେ, ମୋତେ ଜଣେ ଡାକୁଛନ୍ତି ଯଦି, ଯିବିନାହିଁ କେମିତି ?**

**ସାହିତ୍ୟ ଚର୍ଚ୍ଚା:** ଏହା ଫଳରେ ବୋଧହୁଏ ଆପଣଙ୍କ ସାହିତ୍ୟ ରଚନା ଧିମେଇ ଯାଉଛି।

**ଅଧ୍ୟାପକ ବିଶ୍ୱରଂଜନ:** କବିତା ହେଉଛି ମୋ'ର ଅତି ପ୍ରିୟ। କବିତା ଅନେକ ପଢ଼େ, ଏବଂ ଛପା ହେଉ କି ନ ହେଉ କବିତା ଲେଖେ ମଧ୍ୟ ଅନେକ। ମୋତେ ଏମିତି କେହି କହୁ ବା ନ କହୁ, ମୁଁ କବିତାରେ ଥାଏ।


**ସାହିତ୍ୟ ଚର୍ଚ୍ଚା:** ଆଉ ଗୋଟିଏ କଥା ଆମର ମନକୁ ଆସେ; ଆପଣ ଜଣେ ବରିଷ୍ଠ ସାହିତ୍ୟିକ ହୋଇଥିବା ସତ୍ତ୍ୱେ ରାଜ୍ୟ ହେଉ ବା କେନ୍ଦ୍ର ସାହିତ୍ୟ ଏକାଡେମୀର ପୁରସ୍କାର ଆପଣଙ୍କ ପାଖରେ ଏ ପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ। ଆପଣ ସାହିତ୍ୟ ରଚନାରେ ନିଜକୁ କେନ୍ଦ୍ରିତ ନ କରି ଅନ୍ୟ ବୌଦ୍ଧିକ ଦିଗଗୁଡ଼ିକ ସହିତ ଯେ ନିଜକୁ ଅଧିକ ସଂପୃକ୍ତ କଲେ, ଏହା

ତାହାର ଗୋଟିଏ କାରଣ ହୋଇପାରେ କି ?

**ଅଧ୍ୟାପକ ବିଶ୍ୱରଂଜନ:** ଆମେ ପାଠରେ ପଢ଼ିଥିଲୁ ଯେ ମଣିଷ ଏକ ସାମାଜିକ ପ୍ରାଣୀ; କିନ୍ତୁ ଆରିଷ୍ଟୋଟଲ୍ କହିଲେ ଯେ 'ମ୍ୟାନ୍ ଇଜ୍ ଏ ପଲିଟିକାଲ୍ ଏନିମ୍ୟାଲ୍'। ତେଣୁ ମୁଁ ଲେଖିଲି ବହିଟିଏ, 'ରାଜନୀତି ଭୋଗିବାର କାହାଣୀ'।

**ସାହିତ୍ୟ ଚର୍ଚ୍ଚା:** ଏମିତି ରାଜନୀତି ବିଷୟରେ ଲେଖିଲାବେଳେ ଆପଣ ଭାବନ୍ତିନି ଯେ ଏହାର ପରିଣାମ କ'ଣ ହେବ ?

**ଅଧ୍ୟାପକ ବିଶ୍ୱରଂଜନ:** ମୁଁ ଏହାର ପରିଣାମ ଭୋଗିଛି। 'ସମ୍ବାଦ' ହେଉଛି ସୌମ୍ୟରଂଜନଙ୍କ ଖବରକାଗଜ। ସେ ହେଉଛନ୍ତି ସେବର ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜ୍ୱାଇଁ। ଜାନକୀ ବାବୁ ମୁଖ୍ୟମନ୍ତ୍ରୀ ଥିବାବେଳେ ମୁଁ 'ସମ୍ବାଦ'ରେ ଗୋଟିଏ ନିୟମିତ ସ୍ତମ୍ଭ ଲେଖୁଥିଲି। ସେଥିପାଇଁ ପାଉଣା ମଧ୍ୟ ପାଉଥିଲି। ସେଥିରେ ଥରେ ଜାନକୀ ବାବୁଙ୍କୁ ସମାଲୋଚନା କରି କିଛି ଲେଖି ଦେଇଥିଲି। ଫଳରେ ମୋତେ ସରକାରଙ୍କ 'ପଲିଟିକାଲ୍ ସର୍ଭିସେସ୍' ବିଭାଗରୁ କୈଫିୟତ ତଲବ ହେଲା ଯେ, ମୁଁ ଗୋଟିଏ ସରକାରୀ ଚାକିରିରେ ଥାଇ ଏପରି କାହିଁକି ଲେଖିଲି ?




**ସାହିତ୍ୟ ଚର୍ଚ୍ଚା:** ଆମେ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ବିଷୟରେ କଥା ହେଉଥିଲେ। ଆମେ ଶୁଣିଛୁ ଯେ ଥରେ ତିନିଜଣ ବିଚାରକଙ୍କ ମଧ୍ୟରୁ ଦୁଇଜଣ ଆପଣଙ୍କୁ ବହୁତ ଅଧିକ ଅଙ୍କ ଦେଇଥିଲେ। ମାତ୍ର ଜଣେ ଆପଣଙ୍କୁ ୨୦ରୁ ମାତ୍ର ୧ ନମ୍ବର ଦେବାରୁ ଆପଣ ସେ ବର୍ଷର ପୁରସ୍କାର ପାଇଲେ ନାହିଁ।

**ଅଧ୍ୟାପକ ବିଶ୍ୱରଂଜନ:** ଏ କଥାଟି ଅବଶ୍ୟ ମୁଁ ବହୁ ପରେ ଶୁଣିଲି। ଯେଉଁ ବିଚାରକ ମୋତେ ମାତ୍ର ୧ ନମ୍ବର ଦେଇଥିଲେ ସେ ଦିବଂଗତ ହେଲେଣି; ତାଙ୍କର ନାଁ କହିବା ଉଚିତ୍ ହେବନାହିଁ। ସେ ସେତେବେଳେ ରାଜ୍ୟ ସରକାରଙ୍କ ଜଣେ ପଦସ୍ଥ ଅଫିସର ଥିଲେ, ଜଣେ ଲେଖକ ମଧ୍ୟ।

**ସାହିତ୍ୟ ଚର୍ଚ୍ଚା:** ତାଙ୍କ ସହିତ କିଛି ମନୋମାଳିନ୍ୟ ହୋଇଥିଲା କି ଆପଣଙ୍କର ?

**ଅଧ୍ୟାପକ ବିଶ୍ୱରଂଜନ:** ଥରେ ମଂଚରେ ତାଙ୍କର ଗୋଟିଏ ବକ୍ତବ୍ୟକୁ ସମାଲୋଚନା କରି କିଛି କହିଦେଇଥିଲି। ସେଥିରେ ସେ ଭୀଷଣ କ୍ଷୁବ୍ଧ ହୋଇଥିଲେ।

**ସାହିତ୍ୟ ଚର୍ଚ୍ଚା:** ଆପଣ ଅନେକ ସମୟରେ ନିଜର ଲେଖା ଓ ଭାଷଣମାନଙ୍କରେ ଆଣ୍ଟି-ଏଷ୍ଟାବ୍ଲିସମେଣ୍ଟ ଭଏସ୍ ରଖୁଥିବା ଆପଣ ସରକାରୀ ପୁରସ୍କାର ନ ପାଇବାର ଏକ କାରଣ ହୋଇପାରେ କି ?

**ଅଧ୍ୟାପକ ବିଶ୍ୱରଂଜନ:** ହଁ, ତାହା ମଧ୍ୟ ଏକ କାରଣ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଅଜସ୍ର ପାଠକ ଓ ପ୍ରଶଂସକଙ୍କର ଗୋଟିଏ ଅବସୋସ ଯେ ଆପଣ କୌଣସି ଆଖିଦୃଶିଆ ପୁରସ୍କାର ପାଇନାହାନ୍ତି।

**ଅଧ୍ୟାପକ ବିଶ୍ୱରଂଜନ:** ଆଉଥରେ ମଧ୍ୟ ଜଣେ ଗୋଟିଏ ସାକ୍ଷାତକାରରେ ମୋତେ ପଚାରିଥିଲେ, 'ଆପଣ କୌଣସି ବଡ଼ ପୁରସ୍କାର ନ ପାଇବାର କାରଣ କ'ଣ ?'

**ସାହିତ୍ୟ ଚର୍ଚ୍ଚା:** କ'ଣ ଥିଲା ଆପଣଙ୍କର ଉତ୍ତର ?

**ଅଧ୍ୟାପକ ବିଶ୍ୱରଂଜନ:** ମୁଁ କହିଥିଲି ଯେ, ବଡ଼ ପୁରସ୍କାରର ମାନେ କ'ଣ ? ବେଶି ପଇସା ? ଯେଉଁମାନେ ଏସବୁ ପୁରସ୍କାର ପାଉଛନ୍ତି, ସେମାନେ ତ ପୂର୍ବରୁ ଏଥିପାଇଁ ନିଜର ବହି ଦାଖଲ କରୁଛନ୍ତି। ସେମାନେ ଜାଣନ୍ତି ଯେ ସେମାନେ ବିଚାରାଧୀନ, ଏଣୁ ଆଶା, ନିରାଶା ଭିତରେ ଦୋଦୁଲ୍ୟମାନ ହେଉଥାଆନ୍ତି।

**ସାହିତ୍ୟ ଚର୍ଚ୍ଚା:** ତେବେ ଆପଣଙ୍କର କ'ଣ କହିବାର କଥା ଯେ ପୂର୍ବରୁ ଆଶା କରିନଥିବା ପୁରସ୍କାରଟିଏ ପାଇଲେ ଲେଖକମାନଙ୍କୁ ପରମାନନ୍ଦ ମିଳେ ?

**ଅଧ୍ୟାପକ ବିଶ୍ୱରଂଜନ:** ହଁ, ଏହା ଯେତେବେଳେ ଅପ୍ରତ୍ୟାଶିତ ଭାବରେ ଆସେ, ସେତେବେଳେ ଅନେକ ଖୁସି ମିଳେ। ଆଉ ଗୋଟିଏ କଥା, ପାଠକୀୟ ପ୍ରଶଂସା ହେଉଛି ପ୍ରକୃତ ପୁରସ୍କାର। ଅବଶ୍ୟ ପୂର୍ବେ ଓଡ଼ିଆ ଭାଷାରେ ବହିଟିଏ ପ୍ରକାଶ ପାଇଲେ ତାହାର ଅନ୍ତତଃ ୧୧୦୦ କପି ଛପାହେଉଥିଲା। ଏବେ ତ ୫୦ଟି ଛପା ହେଉଛି କି ନା ସନ୍ଦେହ।

**ସାହିତ୍ୟ ଚର୍ଚ୍ଚା:** ତେବେ ଏବେ ଜଣେ ଲେଖକ ପାଠକୀୟ

ଆବୃତ୍ତି ପାଇବାର ଉପଯୁକ୍ତ ମାଧ୍ୟମ କ'ଣ ହୋଇପାରେ ?

**ଅଧ୍ୟାପକ ବିଶ୍ୱରଂଜନ:** ଖବରକାଗଜ ଓ ପତ୍ରିକାମାନଙ୍କରେ ଲେଖା ପ୍ରକାଶ ପାଇଲେ ଲୋକେ ତାହାକୁ ସଙ୍ଗେ ସଙ୍ଗେ ପଢୁଛନ୍ତି, ଏବଂ ତୁରନ୍ତ ତାହାର ପାଠକୀୟ ପ୍ରତିକ୍ରିୟା ମଧ୍ୟ ଆସୁଛି।

**ସାହିତ୍ୟ ଚର୍ଚ୍ଚା:** 'ରାଜନୀତି ଭୋଗିବାର କାହାଣୀ' ନାମରେ ଆପଣଙ୍କର ଗୋଟିଏ ପ୍ରବନ୍ଧ ସଂକଳନ ଅଛି, ଯାହାର ଗୋଟିଏ ସମୀକ୍ଷା କିଛି ଦିନ ତଳେ ଆମର ପତ୍ରିକାରେ ପ୍ରକାଶିତ ହୋଇଥିଲା। ପୁସ୍ତକଟିର ଏମିତି ନାମକରଣ କଲେ କାହିଁକି ?

**ଅଧ୍ୟାପକ ବିଶ୍ୱରଂଜନ:** ସେ ନାଁଟି ଦେଲି, କାହିଁକି ନା ଥରେ ଗୋଟିଏ ପ୍ରତିଷ୍ଠିତ ଖବରକାଗଜକୁ ଯେତେବେଳେ ଲେଖାଟିଏ ପଠାଇଲି ସେମାନେ କହିଲେ, 'ସାର୍, ଆପଣ ଆଉ ରାଜନୀତି ବିଷୟରେ ଲେଖନ୍ତୁ ନାହିଁ। ଆପଣ ଜାଣିନାହାନ୍ତି ଆମ ଉପରେ କେତେ ପ୍ରେସର୍। ଆପଣ ଅନ୍ୟାନ୍ୟ ନନ୍-ପଲିଟିକାଲ୍ ବିଷୟରେ ଯାହା ଲେଖୁଚନ୍ତି, ଦିଅନ୍ତୁ।' ସେତେବେଳେ ମୁଁ ଭାବିଲି ଯେ, ମୁଁ ଗୋଟିଏ ରାଜନୈତିକ ପ୍ରାଣୀ, ତେଣୁ ରାଜନୀତି ଭୋଗିବି। ପିଲାଙ୍କୁ ଜୀବନଯାକ ପଢ଼େଇ ପଢ଼େଇ ଆସିଲି ଯେ ମଣିଷର ବକ୍ତବ୍ୟର ସ୍ୱାଧୀନତା ଅଛି। ମୁଁ ନିଜେ କାହିଁକି ଲେଖିପାରିବି ନାହିଁ ?

**ପିଲାଙ୍କୁ ଜୀବନଯାକ ପଢ଼େଇ ପଢ଼େଇ ଆସିଲି ଯେ ମଣିଷର ବକ୍ତବ୍ୟର ସ୍ୱାଧୀନତା ଅଛି। ମୁଁ ନିଜେ କାହିଁକି ଲେଖିପାରିବି ନାହିଁ ?**

**ସାହିତ୍ୟ ଚର୍ଚ୍ଚା:** ଆପଣ ରାଜନୀତି ଭଳି ଏକ ନିରସ ବିଷୟ ପରିବେଷଣ କରିବା ବେଳେ ମଧ୍ୟ ତାହା ମଧ୍ୟକୁ ସାହିତ୍ୟର କିଛି ଲକ୍ଷଣ ବି ପ୍ରବେଶ କରିଯାଏ।

**ଅଧ୍ୟାପକ ବିଶ୍ୱରଂଜନ:** ସେ କଥା ଅନ୍ୟମାନେ ବି କହିଛନ୍ତି। ମୋ' ସ୍ତମ୍ଭ ଭିତରେ ସାହିତ୍ୟର ସ୍ପର୍ଶ ରହିଥାଏ।

**ସାହିତ୍ୟ ଚର୍ଚ୍ଚା:** ଆପଣ ପୁରୀରେ ଥିବାବେଳେ ଅନାମ ଆନ୍ଦୋଳନ ସହିତ ସଂପୃକ୍ତ ଥିଲେ। ସେଥିରେ ବିଶେଷ ଭାବରେ ସକ୍ରିୟ ନ ଥିଲେ ମଧ୍ୟ ସେମାନଙ୍କର ସଭାରେ ଆପଣଙ୍କୁ ଦେଖିବାକୁ ମିଳୁଥିଲା। ଅନାମ କବିତାର ନୀତିଗୁଡିକୁ କ'ଣ ସେଥିରେ ଥିବା ସମସ୍ତ ସଦସ୍ୟ ପୂର୍ଣ୍ଣ ରୂପରେ ଗ୍ରହଣ କରିଥିଲେ ?

**ଅଧ୍ୟାପକ ବିଶ୍ୱରଂଜନ:** ଗୋଟିଏ ନୀତି ଥିଲା ଯେ କେହି ସଦସ୍ୟ କୌଣସି ପୁରସ୍କାର ଗ୍ରହଣ କରିବେ ନାହିଁ। କିନ୍ତୁ ଯେଉଁମାନେ ଏଥିରେ ଥିଲେ, ପ୍ରାୟ ସମସ୍ତେ ପୁରସ୍କାର ଗ୍ରହଣ କରିଛନ୍ତି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ଗୋଟିଏ ଉପନ୍ୟାସର ପ୍ରସଙ୍ଗକୁ ଟିକିଏ ଆସିବା। ୨୦୦୬ ମସିହାରେ ଆପଣଙ୍କର 'ଚକ୍ର' ନାମରେ ଉପନ୍ୟାସଟିଏ ପ୍ରକାଶ ପାଇଥିଲା। ତା'ପୂର୍ବରୁ ଓଡ଼ିଶାର ରାଜନୈତିକ ଘଟଣାବଳୀ ଯେଉଁ ମୋଡ଼ ନେଇଥିଲା, ତାହାର ଏକ ଚିତ୍ର ଆପଣ ଏଥିରେ ଉପସ୍ଥାପନ କରିଛନ୍ତି।

**ଅଧ୍ୟାପକ ବିଶ୍ୱରଂଜନ:** ହଁ, ଏହା ସେହି ଘଟଣାବଳୀ ଉପରେ ଆଧାରିତ।

**ସାହିତ୍ୟ ଚର୍ଚ୍ଚା:** ଜେ.ଏନ୍.ୟୁରେ ପାଠପଢ଼ା ସାରି ସଦ୍ୟ ଫେରିଥିବା ସେହି ଉପନ୍ୟାସର ନାୟକ, ଅରବିନ୍ଦ ଲକ୍ଷ୍ୟ କରିଛି ଯେ ସେଇଟା ଓଡ଼ିଶାର ଘଡ଼ିସନ୍ଧି ବେଳ; ଗୋଟିଏ ଦଳର ସରକାର ଯାଇଛି, ଏବଂ ଅନ୍ୟ ଏକ ଦଳର ସରକାର ଆସିଛି। ସେତେବେଳର ପରିସ୍ଥିତିକୁ ଲକ୍ଷ୍ୟ କରି ଆପଣ ଯାହା ସୂଚାଇଛନ୍ତି, ତାହା ଆଜିର ଦିନରେ ମଧ୍ୟ ଓଡ଼ିଶାର ରାଜନୀତି ପାଇଁ ପ୍ରଯୁଜ୍ୟ ନୁହେଁ କି !

**ଅଧ୍ୟାପକ ବିଶ୍ୱରଂଜନ:** ଏବେ ବି ତାହାର ପ୍ରାସଙ୍ଗିକତା ଅଛି। ୨୦୦୦ ମସିହାରେ ଅବସ୍ଥା ଯାହା ଥିଲା, ୨୦୨୪ରେ ସେଥିରେ ମଧ୍ୟ ବିଶେଷ କିଛି ପରିବର୍ତ୍ତନ ଘଟିନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆପଣ ୨୦୦୮ରୁ ୪ ବର୍ଷ କାଳ 'ଖବର' ନାମକ ସମ୍ବାଦପତ୍ରର ସମ୍ପାଦକ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି। କ'ଣ ଥିଲା ଆପଣଙ୍କ ଅନୁଭୂତି ?

**ଅଧ୍ୟାପକ ବିଶ୍ୱରଂଜନ:** ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ରଙ୍କ ଦିଗଦର୍ଶନରେ କାର୍ଯ୍ୟ କରିବା ମୋ ପାଇଁ ଥିଲା ଏକ ଅପୂର୍ବ ଅନୁଭବ। ତାଙ୍କର ଶୃଙ୍ଖଳାଜ୍ଞାନ ଓ ସମୟାନୁବର୍ତ୍ତିତାର ତୁଳନା ନାହିଁ। ଅବଶ୍ୟ ଏହି ଖବର କାଗଜର ସମ୍ପାଦକ ଭାବରେ ମୁଁ ଯେମିତି ସ୍ୱାଧୀନତାର ଆଶା କରୁଥିଲି ତାହା ଶେଷ ପର୍ଯ୍ୟନ୍ତ ମୋତେ ମିଳିପାରିନଥିଲା।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ସାର୍ଥକ ବାର୍ତ୍ତାଳାପଟି ପାଇଁ ଆପଣଙ୍କୁ ଅନେକ ଧନ୍ୟବାଦ।

□□


ପ୍ରବନ୍ଧ

# ସାହିତ୍ୟରେ କ୍ଲାସିସିଜିମ୍‌ର ଧାରା



ପ୍ରଫେସର ବସନ୍ତ କୁମାର ପଣ୍ଡା

କ୍ଲାସିସିଜିମ୍ ବହୁକାଳରୁ ପ୍ରଚଳିତ ଏକ ସାହିତ୍ୟିକ ବାଦ ବା ଧାରଣା (କନ୍‌ସେପ୍ଟ)। ଏହାର କୌଣସି ନିର୍ଦ୍ଦିଷ୍ଟ ସଂଜ୍ଞା ଠିକ୍ କରିବା କଷ୍ଟସାଧ୍ୟ, ହୁଏତ ଅସମ୍ଭବ କିନ୍ତୁ ଏହାକୁ ବୁଝି ବୁଝାଇବା ପାଇଁ ସାହିତ୍ୟର ଇତିହାସରେ ଦୀର୍ଘକାଳ ଧରି ଚେଷ୍ଟା କରାଯାଇଛି। ଆନୁପାତିକ ଭାବେ ଏହାର ଏକ ଆପେକ୍ଷିକ ସଂଜ୍ଞା ସାହିତ୍ୟରେ ନିର୍ଣ୍ଣିତ ହୋଇଛି। ସାହିତ୍ୟ ବ୍ୟତୀତ ସଂଗୀତ, ଚିତ୍ରଶିଳ୍ପ ଓ ଭାସ୍କର୍ଯ୍ୟକୁ ମଧ୍ୟ କ୍ଲାସିକ୍ ସୃଷ୍ଟିର ଅନ୍ତର୍ଭୁକ୍ତ କରାଯାଇଥାଏ। ଶିଳ୍ପ ତତ୍ତ୍ୱର ପରିବର୍ଦ୍ଧନ ଓ ପରିମାର୍ଜନ ଭିତରେ କ୍ଲାସିକ୍‌ର ସଂଜ୍ଞା ନିରୂପଣ ହୋଇଛି।




ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ରୋମାନ ବୈୟାକରଣିକ ଆଲସ୍ ଜିଲିଅସ୍ ପ୍ରଥମ ଶ୍ରେଣୀର ଉତ୍କୃଷ୍ଟ ସୃଷ୍ଟିକୁ ପ୍ରଥମେ କ୍ଲାସିକ୍ ଆଖ୍ୟା ଦେଇଥିଲେ। କ୍ଲାସିକାଲ ଓ ପ୍ରୋଲେଟାରିଆନ ଏଇ ଦୁଇ ଦଳରେ ସେ ଲେଖକମାନଙ୍କୁ ବିଭକ୍ତ କରିଥିଲେ। ଏହା ପ୍ରଥମେ ରୋମାନଙ୍କର ଆଇନ ବିଶେଷ ଶବ୍ଦ 'କ୍ଲାସିକସ୍'ରୁ ଗୃହୀତ ହୋଇଥିଲା। ଯେଉଁମାନେ ବିତ୍ତଶାଳୀ ସେମାନଙ୍କୁ କ୍ଲାସିକ୍ସ ଓ ଯେଉଁମାନେ ସାଧାରଣ ସେମାନଙ୍କୁ ପ୍ରୋଲେଟାରିଅସ କୁହାଯାଉଥିଲା। ପରବର୍ତ୍ତୀ କାଳରେ ମାର୍କସୀୟ ଅର୍ଥନୀତି ତତ୍ତ୍ୱ ଅନୁସାରେ ଏହା ବୁର୍ଜୁଆ (ଧନିକ) ଓ ପ୍ରୋଲେଟାରିଏଟ୍ (ସର୍ବହରା) ଭାବରେ ବ୍ୟବହୃତ ହେଲା ରୁଷ୍‌ରେ। ଯାହାହେଉ ଆଭିଜାତ୍ୟସମ୍ପନ୍ନ ସାହିତ୍ୟ ବା ଶିଳ୍ପ ସୃଷ୍ଟି କ୍ଲାସିକ୍ ନାମିତ କରାଯାଇଥିଲା।

ପରବର୍ତ୍ତୀ ସମୟରେ ଷଷ୍ଠ ଶତାବ୍ଦୀରେ ଏହାକୁ ଭିନ୍ନ ଭାବରେ ପ୍ରୟୋଗ କଲେ ମ୍ୟାଗନସ୍ ଫେଡ଼ିକ୍ସ ଏନାଡିଂଗ୍ ସେହି ବିଶ୍ୱବିଦ୍ୟାଳୟରେ କ୍ଲାସ/କ୍ଲାସିକ୍ ନାମିତ କରି ଏକ ଅପଭ୍ରଂଶ ଅର୍ଥ ବ୍ୟୁତ୍ପତ୍ତି କରିଥିଲେ; କିନ୍ତୁ ଏହା ପରେ ବଦଳି ଯାଇଥିଲା। ପରକାଳରେ କ୍ଲାସିକ୍ ଧାରଣା ଅନ୍ୟ ଭାବରେ ବ୍ୟବହୃତ ହେଲା। କୌଣସି ଶ୍ରେଷ୍ଠ ସାହିତ୍ୟକୃତି ବା ଶିଳ୍ପ ସୃଷ୍ଟିକୁ କିମ୍ବା ଯୁଗାନ୍ତକାରୀ ସାହିତ୍ୟର ଯୁଗ ବିପ୍ଳବକୁ 'କ୍ଲାସିକ୍' ନାମିତ କରାଗଲା। ଜର୍ମାନୀ ଓ ରୋମ୍‌ରେ ଷୋଡ଼ଶ ଶତାବ୍ଦୀରେ ଏହି ଭାବରେ କ୍ଲାସିକ ଧାରଣା ବ୍ୟବହୃତ ହେଲା। ଟୋମାସ୍ ସେବିଲେଟ୍ 'ଆର୍ଟ ପୋଏଟିକ୍ ଫ୍ରାନୋୟଜ୍' (୧୫୪୮) ଗ୍ରନ୍ଥରେ ଏହାର ପ୍ରଥମ ଭାଷ୍ୟ ରଚନା କଲେ। ଏକ ସୁସ୍ଥ ଅନୁକରଣକୁ ମଧ୍ୟ କ୍ଲାସିକ କର୍ମର ଅନ୍ତର୍ଭୁକ୍ତ କରାଯାଉଥିଲା। ଏହିଭାବରେ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ କ୍ଲାସିସିଜିମ୍ ୟୁରୋପରେ ପ୍ରଚଳିତ ଥିଲା ଶ୍ରେଷ୍ଠ ଶିଳ୍ପ ସୃଷ୍ଟିର ମହତ୍ତ୍ୱର ସୂଚନା ଦେଇ।

## ଆଧୁନିକ ପ୍ରୟୋଗ

'କ୍ଲାସିକ' ଶବ୍ଦର ଆଧୁନିକ ବ୍ୟବହାର କରାଗଲା ଅଷ୍ଟାଦଶ ଶତାବ୍ଦୀରେ। ଇଂରାଜୀ ସାହିତ୍ୟରେ 'ଏଲିଜାବେଥାନ୍' ଯୁଗ ସାହିତ୍ୟର 'କ୍ଲାସିକ' ଯୁଗ ଭାବେ ନାମିତ ହେଲା। ଏହି ସମୟର ସ୍ୱୀକୃତିପ୍ରାପ୍ତ ନିର୍ଦ୍ଦିଷ୍ଟ ଚିନ୍ତାଶୀଳ ସାହିତ୍ୟ ସୃଷ୍ଟି ହେଲା କ୍ଲାସିକ ସାହିତ୍ୟ। ପ୍ରଥମେ 'ହାରଭାଡ଼୍ କ୍ଲାସିକ' ଚୟନିକାରେ 'ଆରବିଆନ ନାଇଟସ', ଚାର୍ଲସ ଡାରୱିନ୍‌ଙ୍କ 'ଭୟେଜ୍ ଅଫ୍ ଦି ବ୍ରିଗଲ', 'ଅଡ଼େସୀ' ଓ 'ଏନିଡ୍' ପ୍ରଭୃତିକୁ ଏହି ସୃଷ୍ଟିର ଅନ୍ତର୍ଭୁକ୍ତ କରିଥିଲେ। ଏହି ସମୟରେ ପ୍ରାୟ ୮୦ଟି କ୍ଲାସିକ ସୃଷ୍ଟି ଫରାସୀ ସାହିତ୍ୟରେ ଥିବା ସାନତେ ବିଉଭେ ଓ ବାବିଟ୍

ଅନୁମାନ କରନ୍ତି। ଏହା ସାଧାରଣ ପ୍ରତିଭା ବ୍ୟୁତ୍ପତ୍ତି ଉପରେ ପର୍ଯ୍ୟବସିତ। ପରବର୍ତ୍ତୀ ସମୟରେ କ୍ଲାସିକ୍ ଓ କ୍ଲାସିକାଲ୍‌ର ଏକ ଆପାତତଃ ସ୍ୱଷ୍ଟ ସଂଜ୍ଞା ଓ ଅବଧାରଣା ପ୍ରକାଶିତ ହୋଇଛି। ଏ ଯୁଗର ଜଣେ ଶ୍ରେଷ୍ଠ କବି ଓ ପ୍ରାବନ୍ଧିକ ଟି.ଏସ୍. ଇଲିୟଟ 'ହ୍ୱାଟ୍ ଇଜ୍ ଏ କ୍ଲାସିକ୍' (୧୯୪୪) ପ୍ରବନ୍ଧରେ କହିଛନ୍ତି-

"କ୍ଲାସିକ୍ ହେଉଛି ପରିପକ୍ୱ ସଭ୍ୟତାର ଏକ ସୃଷ୍ଟି ଯାହା ଏକ ପୋଖତ ଚିନ୍ତନର ପ୍ରତିଫଳନ ଏବଂ ଯାହା ଭାଷା ଓ ସର୍ଜନାର ଉନ୍ନତତର ସମ୍ଭାବନାଗୁଡ଼ିକୁ ଉପଯୋଗ ପୂର୍ବକ ରୂପ ନେଇଥିବା ଏକ ଶୈଳୀ। କ୍ଲାସିକ୍‌ର ଏକ ସାର୍ବଭୌମିକ ଆବେଦନ ମଧ୍ୟ ଥାଏ ଏବଂ ଏହା ବିଭିନ୍ନ ଦାର୍ଶନିକ ପ୍ରଶ୍ନ ଉପରେ ପର୍ଯ୍ୟବସିତ ହୋଇଥାଏ।"

ଜର୍ମାନ ଓ ରୋମାନ ସାହିତ୍ୟରେ ଏକ ସୁସ୍ଥ ଅନୁକରଣକୁ ମଧ୍ୟ କ୍ଲାସିକ ଆଖ୍ୟା ଦିଆଯାଇଥିଲା। ତାହା କ୍ଲାସିକ ପରମ୍ପରା ନାମରେ ଅଭିହିତ ହେଲା। ଜି. ହାଇଏଟ୍ ରଚିତ 'କ୍ଲାସିକାଲ ଟ୍ରାଡିସନ୍ସ୍' (୧୯୪୯) ଗ୍ରନ୍ଥରେ ଏହାର ଆଲୋଚନା ଦେଖିବାକୁ ମିଳେ। ଜର୍ମାନୀରେ ପୂର୍ବ ସଂସ୍କୃତି ଓ ପାରମ୍ପରିକ ସାହିତ୍ୟର ଅନୁକରଣକୁ ମଧ୍ୟ 'କ୍ଲାସିକ୍ ବର୍ଗ' କୁହାଯାଉଥିଲା। ଏହା ଗ୍ରୀକ୍‌ର ହରାସିଓ ଓ ଆରିଷ୍ଟଟଲଙ୍କ କୃତିର ଅନୁକରଣରେ ଗଠିତ। ଏହି ଧାରଣାର ମୁଖ୍ୟ ସ୍ରଷ୍ଟା ଥିଲେ ଗ୍ୟେଟେ। (୧୭୪୯-୧୮୩୨) ସ୍କିଲର (୧୭୪୯-୧୮୦୫) ଓ ନିତ୍‌ସେ। ଗ୍ୟେଟେଙ୍କ କାବ୍ୟ 'ହେରମ୍ୟାନ ଆଣ୍ଡ ଡୋରେଥି' ଓ ସ୍କିଲରଙ୍କ ଟ୍ରେଜେଡ଼ି 'ଉଇଲିୟମ ଟେଲ' (୧୮୦୪) ଏହି ସୃଷ୍ଟି ସାଧନାର ପ୍ରକୃଷ୍ଟ ଉଦାହରଣ।

ଏଫ.ଭି. ସେହଲେଗେଲ୍ (୧୭୭୨-୧୮୨୯) ପ୍ରଥମେ କ୍ଲାସିକ୍ ଓ ରୋମାଣ୍ଟିକ ମଧ୍ୟରେ ପ୍ରଭେଦ ଦେଖାଇ ଦୁଇଟିକୁ ଭିନ୍ନ ଓ ସାହିତ୍ୟିକବାଦ ବା ଧାରଣା ଭାବରେ ଅଭିହିତ କରିଥିଲେ। ତାଙ୍କ ମତରେ କ୍ଲାସିସିଜମ୍ ଏକ ସାହିତ୍ୟିକ ସ୍ତର ଯେଉଁଥିରେ ଅସଂଖ୍ୟ ଅନିର୍ଦ୍ଦିଷ୍ଟ ଧାରଣା ଓ ଅନୁଭବକୁ କିଛିଟା ନିର୍ଦ୍ଦିଷ୍ଟ ଓ ଶୃଙ୍ଖଳ ଭାବରେ ବ୍ୟକ୍ତ କରିବାକୁ ଚେଷ୍ଟା କରାଯାଇଥାଏ। ସେ କିନ୍ତୁ ନିଜର ରୋମାଣ୍ଟିକ ଦୃଷ୍ଟିରେ କ୍ଲାସିକ୍ ସାହିତ୍ୟକୁ ବିଚାର କରି ସଂଜ୍ଞା ଠିକ୍ କରିଥିଲେ ବୋଲି ପରବର୍ତ୍ତୀ ସମୀକ୍ଷକମାନେ କହିଛନ୍ତି।

ମି ଡେ ଷ୍ଟେଲ୍ 'ଡିଇ ଆଲେମାଗ୍‌ମେ' ଗ୍ରନ୍ଥରେ କ୍ଲାସିସିଜମ୍‌କୁ କୌଣସି ନିର୍ଦ୍ଦିଷ୍ଟ ସାହିତ୍ୟ ସୃଷ୍ଟିର ନିୟମ ରୂପେ ମାନି ନ ଥିଲେ। ତାଙ୍କ ମତରେ କ୍ଲାସିସିଜମ୍ ଏକ ସ୍ୱତନ୍ତ୍ରବାଦ, ଯାହାକି ଚିରାୟତ ସୃଷ୍ଟିର ନିୟନ୍ତ୍ରକ। ସେ କ୍ଲାସିସିଜମ୍ ଓ ରୋମାଣ୍ଟିସିଜମ୍‌ର ପାର୍ଥକ୍ୟକୁ ରକ୍ଷଣଶୀଳତା ଓ ବିପ୍ଳବ, ନିର୍ଦ୍ଦିଷ୍ଟ ନିୟମବନ୍ଧା ରୀତି ଓ ସ୍ୱୈରଧାରା ମଧ୍ୟରେ ଥିବା ପ୍ରଭେଦ ସହ ତୁଳନା କରିଥିଲେ। ୧୮୨୦ରେ ଥରେ କବିଗୁରୁ ଗ୍ୟେଟେ କ୍ଲାସିକ୍‌କୁ ପୁଷ୍ଟ (ହେଲ୍‌ଦି) ଓ ରୋମାଣ୍ଟିକ୍‌କୁ ରୁଗ୍‌ଣ (ସିକ୍‌କି) ବୋଲି କହିଥିଲେ। ସେହି ଧାରଣା ସାମ୍ପ୍ରତିକ ଯୁଗ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏମ୍.ଫ୍ରାଜ୍ 'ଦି ରୋମାଣ୍ଟିକ୍ ଆଗୋନି' (୧୯୩୩) ଗ୍ରନ୍ଥରେ କ୍ଲାସିକ୍‌କୁ ଏକ ବିଧିନିର୍ଦ୍ଦିଷ୍ଟ ସଂଯତ ଧାରଣା ଦ୍ୱାରା ଚିରାୟତ ଶିଳ୍ପ ଓ ତଦ୍‌ଗତ ନାନ୍ଦନିକ ଭାବରୁ ଜନ୍ମିତ ସାହିତ୍ୟ ବୋଲି କହିଛନ୍ତି। ୧୯୨୦ରେ ଲିଖିତ ଟି.ଏସ୍. ଏଲିଅଟ୍‌ଙ୍କ 'ଦି ସାକ୍ରେଡ୍ ଉଡ୍' ପ୍ରବନ୍ଧରେ ମଧ୍ୟ କ୍ଲାସିକ୍ ସୃଷ୍ଟିର ଉତ୍କର୍ଷ ପ୍ରତିପାଦନ କରାଯାଇଛି।

**ବିଭିନ୍ନ ଦ୍ୱନ୍ଦ୍ୱ ବିବାଦ ଭିତରେ ଗତିକରି ବର୍ତ୍ତମାନ କ୍ଲାସିକ୍‌ଧାରଣା ସାହିତ୍ୟର ଇତିହାସକାରଙ୍କ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ବାଦ ଭାବେ ସ୍ଥିରୀକୃତ ହୋଇଛି।**

ଦୀର୍ଘ ୧୭୦୦ ବର୍ଷ ଧରି ବିଭିନ୍ନ ଦ୍ୱନ୍ଦ୍ୱ ବିବାଦ ଭିତରେ ଗତିକରି ବର୍ତ୍ତମାନ କ୍ଲାସିକ୍‌ଧାରଣା ସାହିତ୍ୟର ଇତିହାସକାରଙ୍କ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ବାଦ ଭାବେ ସ୍ଥିରୀକୃତ ହୋଇଛି। ପ୍ରଥମେ ଫରାସୀ, ଆଉ ପରେ ଇତିହାସ ଲେଖକମାନେ ସେ ଦେଶର ୧୬୬୦-୧୭୦୦ ପର୍ଯ୍ୟନ୍ତ ଚାଳିଷ ବର୍ଷର ସାହିତ୍ୟକୁ କ୍ଲାସିକ୍ ସୃଷ୍ଟି ସମ୍ପଦ ବୋଲି କହିଥିଲେ। ୟୁରୋପରେ ଅଷ୍ଟାଦଶ ଶତାବ୍ଦୀ ଥିଲା କ୍ଲାସିକ ଯୁଗ। ଜର୍ମାନୀରେ ୧୭୮୩ଠାରୁ ୧୮୦୦ ମଧ୍ୟରେ ଗ୍ୟେଟେ ଓ ସ୍କିଲରଙ୍କର ସୃଷ୍ଟି ଯୁଗକୁ 'ନିଉକ୍ଲାସିକ' ଯୁଗ ନାମରେ ନାମିତ କରାଗଲା। ଏହି ଯୁଗର ସାହିତ୍ୟ ସାର୍ବିକ ଭାବେ ଉନ୍ନତ ଓ ଚିରାୟତ ଶିଳ୍ପ ସୃଷ୍ଟି ହେଲା। ତଥାପି ଏବେ ମଧ୍ୟ କୌଣସି ଯୁଗକୁ ବା ସୃଷ୍ଟିକୁ କ୍ଲାସିକ୍ ନାମକରଣ କରିଲାବେଳେ ଇତଃସ୍ତତ ଲାଗେ। କ୍ଲାସିକ ଓ ରୋମାଣ୍ଟିକ୍ ମଧ୍ୟରେ ପ୍ରଭେଦ ଦେଖାଇ କୁହାଯାଇଛି- 'କ୍ଲାସିସିଜମ୍ ହେଉଛି ସେହି ସାହିତ୍ୟ ଯାହା ଆମର ଜେଜେ ବାବାଙ୍କୁ ଅଧିକ ଆନନ୍ଦ ପ୍ରଦାନ କରୁଥିଲା, ଅଥଚ ରୋମାଣ୍ଟିସିଜମ୍ ଯୁକ୍ତ ସାହିତ୍ୟ

ବର୍ତ୍ତମାନର ପିଢ଼ିକୁ ଆନନ୍ଦ ପ୍ରଦାନ କରୁଛି।' (ଏନ୍‌ସାଇକ୍ଲୋପିଡିଆ ବ୍ରିଟାନିକା, ୧୫ଶ ସଂସ୍କରଣ, 'କ୍ଲାସିକ୍ ଆଣ୍ଡ କ୍ଲାସିସିଜିମ୍' ପ୍ରବନ୍ଧ ଦ୍ରଷ୍ଟବ୍ୟ)। ବଙ୍ଗ ସମାଲୋଚକ ଶିବନାରାୟଣ ରାୟ 'କ୍ଲାସିକ୍ ଓ ରୋମାଣ୍ଟିକ' ପ୍ରବନ୍ଧରେ ଉଭୟର ତୁଳନା କରି କହିଛନ୍ତି; କ୍ଲାସିକ୍‌ର ଧ୍ୟାନ ସାମଗ୍ରୀ ରୂପ, ରୋମାଣ୍ଟିକର ସାଧନା ପ୍ରକାଶ। କ୍ଲାସିକ ମାନସ ଐତିହ୍ୟର ଅନୁକର୍ଷଣରେ ମାର୍ଜିତ, ରୋମାଣ୍ଟିକ ମାନସ ସ୍ୱକୀୟତାର ସ୍ୱାକ୍ଷରରେ ସିଦ୍ଧିକାମୀ। (କବିର ନିର୍ବାସନ ଓ ଅନ୍ୟାନ୍ୟ ଭାବନା ପୃ.୩୨)। ତେଣୁ ଏହିସବୁ ପ୍ରଭେଦ ଓ ସଂଜ୍ଞା ଦେଖି କୁହାଯାଇପାରେ, କ୍ଲାସିସିଜମ୍ ଏକ ଐତିହାସିକବାଦ କେବଳ ନୁହେଁ, ଏହା ଏକ ଚିରନ୍ତନ ଜୀବନ୍ତ ମତବାଦ।

## ଓଡ଼ିଆରେ କ୍ଲାସିସିଜିମ୍

ଓଡ଼ିଆରେ କ୍ଲାସିସିଜମ୍‌କୁ ଶାଶ୍ୱତବାଦ ବା ଚିରାୟତବାଦ ଭାବରେ ଅନୁବାଦ କରାଯାଇଥାଏ। କେହି କେହି ବଙ୍ଗ ସମାଲୋଚକଙ୍କ ଅନୁକରଣରେ କ୍ଲାସିକ୍‌କୁ ଧ୍ରୁପଦୀ ଓ ରୋମାଣ୍ଟିକକୁ 'ଖିଆଲି' ଭାବରେ ମଧ୍ୟ ପ୍ରଚଳନ କରିଛନ୍ତି। ଆଧୁନିକ ଓଡ଼ିଆ କବି ସମାଲୋଚକ ଡଃ ମାୟାଧର ମାନସିଂହ କିନ୍ତୁ ଏ ଶବ୍ଦଦ୍ୱୟକୁ ଅପରିବର୍ତ୍ତିତ ଭାବେ ଓଡ଼ିଆ ଭାଷାରେ ଗ୍ରହଣ କରିବାର ପକ୍ଷପାତୀ (କବି ଓ କବିତା) ଶ୍ରୀ ସୁରେନ୍ଦ୍ର ମହାନ୍ତି କ୍ଲାସିକ୍‌କୁ ଚିରାୟତି ବୋଲି ବ୍ୟବହାର କରିଛନ୍ତି। ଶ୍ରୀ ଚିନ୍ତାମଣି ବେହେରା 'କ୍ଲାସିକ୍ ଓ ରୋମାଣ୍ଟିକ୍' ପ୍ରବନ୍ଧରେ ପାଶ୍ଚାତ୍ୟ ଓ ବଙ୍ଗ ସାହିତ୍ୟ ଆଲୋଚନାର ସୂତ୍ରଧରି କ୍ଲାସିସିଜମ୍‌ର ତତ୍ତ୍ୱ ବିଶ୍ଳେଷଣ କରିଛନ୍ତି। ଡଃ. ନରେନ୍ଦ୍ରନାଥ ମିଶ୍ର ସ୍ଥଳବିଶେଷରେ କ୍ଲାସିକ୍‌କୁ ଚିରାୟତ ଓ ରୋମାଣ୍ଟିକ୍‌କୁ ସ୍ୱୈରବାଦ ଭାବରେ ଅନୁବାଦ କରିଛନ୍ତି। ଏହିଭଳି ବହୁଭାବରେ କ୍ଲାସିକ୍ ତତ୍ତ୍ୱ ସାହିତ୍ୟରେ ଆଲୋଚିତ ହୋଇଆସୁଅଛି।

**ଶ୍ରୀ ଚିନ୍ତାମଣି ବେହେରା 'କ୍ଲାସିକ୍ ଓ ରୋମାଣ୍ଟିକ୍' ପ୍ରବନ୍ଧରେ ପାଶ୍ଚାତ୍ୟ ଓ ବଙ୍ଗ ସାହିତ୍ୟ ଆଲୋଚନାର ସୂତ୍ରଧରି କ୍ଲାସିସିଜମ୍‌ର ତତ୍ତ୍ୱ ବିଶ୍ଳେଷଣ କରିଛନ୍ତି।**

ଓଡ଼ିଆ ସାହିତ୍ୟର ସର୍ବକାଳିକ କୃତି ଭାବରେ ପ୍ରାଚୀନ ସାହିତ୍ୟରୁ 'ସାରଳା ମହାଭାରତ', ବଳରାମ ଦାସଙ୍କ 'ଜଗମୋହନ ରାମାୟଣ', ଜଗନ୍ନାଥ ଦାସଙ୍କ 'ଭାଗବତ' ଏବଂ କାବ୍ୟ ଯୁଗର ଶ୍ରେଷ୍ଠ କୃତି ଭାବରେ ଦୀନକୃଷ୍ଣ ଦାସଙ୍କ 'ରସକଲ୍ଲୋଳ', ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି', କବିସୂର୍ଯ୍ୟଙ୍କ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ', ଗୋପାଳକୃଷ୍ଣଙ୍କ 'ପଦାବଳୀ', ଭୀମ ଭୋଇଙ୍କ 'ସ୍ତୁତି ଚିନ୍ତାମଣି', ଆଧୁନିକ କାଳରେ ଯୁଗସ୍ରଷ୍ଟା ରାଧାନାଥଙ୍କ 'ମହଯାତ୍ରା', ଗଙ୍ଗାଧରଙ୍କ 'ତପସ୍ୱିନୀ', ପରବର୍ତ୍ତୀ ସମୟରେ ଗୋପବନ୍ଧୁଙ୍କ 'ଧର୍ମପଦ', ମାୟାଧର ମାନସିଂହଙ୍କ 'ମହାନଦୀରେ ଜ୍ୟୋତ୍ସ୍ନା ବିହାର', ସଚ୍ଚି ରାଉତରାୟଙ୍କ 'ପଲ୍ଲୀଶ୍ରୀ', ଗୁରୁପ୍ରସାଦଙ୍କ 'ସମୁଦ୍ର ସ୍ନାନ' ଓ ରମାକାନ୍ତ ରଥଙ୍କ 'ଶ୍ରୀରାଧା'କୁ କ୍ଲାସିକ ରଚନା ଭାବରେ ଗ୍ରହଣ କରିପାରିବା, ଯାହା ସର୍ବକାଳୀକ ଭାବରେ ସାର୍ବଜନୀନ ଆବେଦନ ରଖିଥାଏ।

ସାମ୍ପ୍ରତିକ ସମୟରେ ମାନବ ଜୀବନରେ ଯେଉଁ ବିଚ୍ଛିନ୍ନତା ବୋଧ, ଅସଂଲଗ୍ନ ଭାବ ଓ ଅସହାୟତା ମଣିଷ ଜୀବନକୁ ବିକ୍ଷୁବ୍ଧ କରିଛି, ସେଥିରେ କ୍ଲାସିକ ରଚନା ଅପଶ୍ରୟମାନ ହୋଇପଡିଛି।

□□

ଲେଖକଙ୍କ ଇ-ମେଲ ଠିକଣା:
panda.bk@rediffmail.com

**'ସାହିତ୍ୟ ଚର୍ଚ୍ଚା' ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଅଛି। ସମସ୍ତ ଉପାଦେୟ ଲେଖା ତୁରନ୍ତ ପଢ଼ିବା ପାଇଁ ନିମ୍ନଲିଖିତ ଲିଙ୍କକୁ ଯାଆନ୍ତୁ :**

**www.sahityacharcha.com**

ଗଳ୍ପ




# ସବୁଠାରୁ ଦୀର୍ଘ ଦାମ୍ପତ୍ୟ

ଡ. କବିତା ବାରିକ

ଆମ ଦାମ୍ପତ୍ୟକୁ ଏବେ ପୂରିଲା ଛଅସ୍ତରି ବର୍ଷ। ଏକାଠି ଘର ସଂସାର କରି ରହିବା ଓ ସୁଖେ ଦୁଃଖେ ଛଅସ୍ତରି ବର୍ଷ ଧରି ତେଲଲୁଣ ସଂସାରକୁ ଆଗେଇ ନେବା କିଛି କମ୍ କଥା ନୁହେଁ। ସାଙ୍ଗସାଥୀଙ୍କ ଭିତରେ କଥା ପଡ଼ିଲେ କହନ୍ତି ଭାଇ, ସତରେ ତୁ ଭାଗ୍ୟବାନ। ଭାଉଜ ଓ ତୁ ଏତେ ଲମ୍ବା ଜୀବନ ନେଇ ବଞ୍ଚି ରହିଛ, ଏକାଠି ଦାମ୍ପତ୍ୟ ଜୀବନ ନିଭାଇଛ ଏହା ବଡ଼ ସୌଭାଗ୍ୟର କଥା। ଏମିତି ତ ବାହା ହେଉ ହେଉ କିଏ ଅଳତା ପାଦରୁ ନ ଲିଭୁଣୁ ବିଧବା ହୋଇ ଗଲାଣି ତ କିଏ ବର୍ଷେ, ଦି'ବର୍ଷ ବିବାହ ନ ପୂରୁଣୁ ସ୍ତ୍ରୀକୁ ହରାଇଲାଣି। ଛୋଟପିଲା ମାତୃହରା ହେଲାଣି।

ପୁଣି ଆଉ ଗୋଟାଏ କଥା ହେଲା, ଦ୍ରୁତ ଭାବରେ ବଢ଼ି ଚାଲିଥିବା ଛାଡ଼ପତ୍ର। ଏକାଠି ରହିଥିବା ମନ ମିଳିଲା ଯାଏଁ। ମନରେ ଯଦି ଫାଟ ଦେଖାହେଲା, ସନ୍ଦେହ, ଅବିଶ୍ୱାସ ମଝିରେ ପଶିଲା ଅଥବା କେଉଁ ତୃତୀୟ ପୁରୁଷର ଆବିର୍ଭାବ ଘଟିଲା ତେବେ ତଳେ କାଚ ପଡ଼ିଲେ ଭାଙ୍ଗିଗଲା ଭଳି ଦାମ୍ପତ୍ୟ ଚୂନା ହୋଇଯାଏ। ପୁଣି ଅଛି ଧନ ସମ୍ପତ୍ତି ପ୍ରତି ମୋହ, ପରକୀୟା ସମ୍ପର୍କ, ବାପାମା', ସମ୍ପର୍କୀୟ ସହିତ ନ ରହି ଅଲଗା ରହିବା ପାଇଁ ଜିଦ୍, ଅତ୍ୟାଧୁନିକ ଜୀବନ, ଗର୍ବ, ଅହଙ୍କାର, କାହା ସହ ମିଳିମିଶି ନ ଚଳିବା ଅବାଧ ହେବା ପ୍ରଭୃତି ଅନେକ କାରଣ। କିଏ ଛୁଆପିଲାର ବାପ ହୋଇ ବି ଲୁଚାଇ ବାହା ହେଲାଣି ତ କିଏ ସ୍ୱାମୀର ଅନୁପସ୍ଥିତିରେ ପ୍ରେମିକ ସହ ରହିଲାଣି। ସେତିକିରେ ସରେନି କଥା। ସ୍ତ୍ରୀର ନିରୀହତା ଅସହାୟତାର ସୁଯୋଗ ନେଇ ସ୍ୱାମୀ ଘରକୁ ସଉତୁଣୀ ନେଇ ଆସିଲାଣି ତ – ନିର୍ଯ୍ୟାତନା ସହି ନ ପାରି ସ୍ତ୍ରୀ ଅଲଗା ରହିଲାଣି। ବିବାହ ବନ୍ଧନରେ ରହି ନାମକୁ ମାତ୍ର ସ୍ୱାମୀ ସ୍ତ୍ରୀର ସମ୍ପର୍କ ଝୁଲାଇ ସ୍ତ୍ରୀ ସ୍ୱାମୀକୁ ଠକିଲାଣି ତ, ସ୍ୱାମୀ ସ୍ତ୍ରୀକୁ। ଦାମ୍ପତ୍ୟ ଭଳି ଏକ ପବିତ୍ର ସମ୍ପର୍କ, ସାତ ଜନ୍ମଧରି ଏକାଠି ରହିବାର ଶପଥ ସବୁକିଛିରେ କଳଙ୍କ ଲାଗିଯାଏ। ଭୁଶୁଡ଼ି ପଡେ ଦାମ୍ପତ୍ୟ, ଦୋହଲି ଯାଏ ପାରିବାରିକ ଉଚ୍ଛୁଳା ସମ୍ପର୍କ।



ବର୍ତ୍ତମାନର ସମୟ ତ ଆହୁରି ଭୟଙ୍କର। ଦିନରେ ପରିଚୟ, ରାତିରେ ବାହାଘର, ସକାଳେ ଛାଡ଼ପତ୍ର। ପୁଣି ବର ଆମେରିକାରେ ଥିଲାବେଳେ ଝିଅ ଦିଲ୍ଲୀରେ। ଅନ୍‌ଲାଇନ୍‌ରେ ପ୍ରେମ, ଅନ୍‌ଲାଇନରେ ବାହାଘର। ବୈଦିକ ରୀତିନୀତି, ବିବାହର ବିଧି ବ୍ୟବସ୍ଥାରେ କୌଣସି ଆବଶ୍ୟକ ନାହିଁ। ପୂଜକଙ୍କର ମନ୍ତ୍ରପାଠ ୟୁଟ୍ୟୁବ୍ ମାଧ୍ୟମରେ ଅପ୍‌ଲୋଡ ହୋଇ କାମ ଚଳାଇ ନିଆଯାଉଛି। ସାତ ଜନ୍ମର ବନ୍ଧନ କ'ଣ ସାତ ଦିନ ବି ତିଷ୍ଠିବା କଷ୍ଟକର। ପୁଣି ହେଲାଣି ବିବାହ ନ କରି ଲିଭିଂ ଟୁଗେଦରରେ ରହିବା। କଣ୍ଟ୍ରାକ୍ଟ ମେରେଜ୍‌ରେ ବି ରହୁଛନ୍ତି କିଛି ପୁଅଝିଅ।

ଏସବୁ କଥା ବିଚାର କଲେ ମୁଁ ଆମ ବାହାଘର ଓ ଦୀର୍ଘଦାମ୍ପତ୍ୟର ଚାବିକାଠିକୁ ଅଣ୍ଡାଳେ। ଦୀର୍ଘ ଛଅସ୍ତରି ବର୍ଷର ସାର୍ଥକ ପରିପୂର୍ଣ୍ଣ ଦାମ୍ପତ୍ୟ। କେତେ ଝଡ଼ ଉଠିଛି, ବାଧା, ବିପଦ ଆସିଛି। ଦୁଃଖ, ଅଭାବ, ରୋଗ, ବ୍ୟାଧି, ପୁଅଝିଅଙ୍କ ପାଇଁ ଚିନ୍ତା, ଯୌଥ ପରିବାରରେ ସମସ୍ତଙ୍କୁ ନେଇ ଚଳିବା କିଛି କମ୍ କଥା ନ ଥିଲା। ଆମ ବେଳେ ପିଲାକନିଆ, ପିଲାବର

ବିବାହ କରୁଥିଲେ। ବିବାହରେ ବୟସଜନିତ ଆଇନ ପ୍ରଣୟନ ହୋଇ ନ ଥିଲା। ପୁଣି ଯୋଡ଼ି ସ୍ଥିର କରୁଥିଲେ ବାପାମାଆ। ଝିଅ ହେଉ କି ପୁଅ କେହି କାହାକୁ ଦେଖିବା, ବାଛିବାର ଅବସର ନ ଥିଲା। ତମର ଇଚ୍ଛା ଅନିଚ୍ଛା କଥାରେ କିଛି ବି ଗୁରୁତ୍ୱ ନ ଥିଲା। ଝିଅ ଗୋରୀ, କାଳୀ, ଛୋଟୀ, କେମ୍ପୀ, ପାଠୋଇ, ଅପାଠୋଇ, ସୁନ୍ଦରୀ ଅସୁନ୍ଦରୀ ସବୁକିଛି ବାଛିବାର ଅଧିକାର ସେମାନଙ୍କର ଥିଲା। ସେମିତି ଜୋଇଁ ମଦୁଆ ହେଉକି ବୟସ୍କ, ଦୋଭେଇ ହେଉ କି ଚରିତ୍ରହୀନ କିଛି ବାଛବିଚାର ନ ଥିଲା। ଯଦି ରୋଜଗାରିଆ ହୋଇଥିବ କି ତା' ପାଖରେ ପ୍ରଚୁର ସମ୍ପତ୍ତି ଥିବ, ବରର ବୟସ ଝିଅର ତିନିଗୁଣା ହେଲେ ବି ଯାଏ ଆସେ ନାହିଁ।

ଝିଅ ଭଲରେ ଚଳିବ, ସମ୍ପତ୍ତିର ମାଲିକାଣୀ ହେବ ଏହି ଭାବନା ଗୁରୁତ୍ୱ ଲାଭ କରୁଥିଲା, ହେଲେ ବରଟି କେତେଦିନ ବଞ୍ଚିବ, ଝିଅ ଅକାଳରେ ବିଧବା ହେବ ଏଥିପ୍ରତି ଧ୍ୟାନ ବି ନ ଥିଲା। ଏହାଛଡା ପ୍ରେମ ତ ଥିଲା ଏକ ନିଷିଦ୍ଧ ଇଲାକା। ବାହାଘର ପରେ ହିଁ ପ୍ରେମର ଆରମ୍ଭ। ବାହା ହୋଇଛ ଯେତେବେଳେ ପ୍ରେମ କରିବାକୁ ବାଧ୍ୟ। ତା' ସହ ଯେତେ ଯାହା ଝଡ଼ ଆସୁ, ବାୟାବସା ଦୋହଲି ଯାଉ ତମେ କିନ୍ତୁ ବଞ୍ଚିଥିଲା ଯାଏ ଏକାଠି ରହିବ, ବିଶେଷ କରି ଝିଅଟିର ସ୍ୱାମୀକୁ, ଶାଶୁଘର ଛାଡି ଯିବାର ଉପାୟ ନ ଥିଲା। ଅଲଗା ରହିବା, ଛାଡ଼ପତ୍ର ଦେବା ଏସବୁ ଭାବନାର ବାହାରେ ଥିଲା। ମୁଁ ଯେତିକି ବୁଝିଛି ଏହା ଆମ ଓଡ଼ିଆ ଘରର ଶୃଙ୍ଖଳିତ ଦାମ୍ପତ୍ୟ ଜୀବନ ହିଁ ଥିଲା। ଶୃଙ୍ଖଳିତ ପରିବାର ଭିତରେ ପୁଅଝିଅ ବାପାମାଆଙ୍କୁ ସମ୍ମାନ ଜଣାଇ ତାଙ୍କ ଇଚ୍ଛା ଅନିଚ୍ଛାକୁ ସାଦରେ ମାନି ନିଅନ୍ତି।

ଅନ୍ୟ ପଟେ ମନରେ କ୍ଷୋଭ, ବିଦ୍ୱେଷ, ସାମାଜିକ ସମ୍ପର୍କର ବନ୍ଧନରେ ବନ୍ଧା ହୋଇଥିଲେ ମଧ୍ୟ ମଝିରେ କାଚକାଚୁଟିଏ ମୁଣ୍ଡ ଟେକିଥାଏ। ଅଜାଗା ଘାଆ ଭଳି ନା ତାକୁ ଦେଖି ହୁଏ ନା ଦେଖାଇହୁଏ। ମନ ପୋଡ଼ି ପୋଡ଼ି ଯାଏ। ବୟସ ବି ଖସି ଖସି ଯାଏ। ହେଲେ ଭିତରେ ଦୁଇଟା ମନ ଆଉ ଯୋଡ଼ି ହୁଏନା। ତିନିଚାରିଟା ପିଲାର ବାପା କି ମାଆ ହେଲେ ସୁଦ୍ଧା ପ୍ରେମ କ'ଣ ଜଣା ପଡେନା। ବିବାହ ପରେ ଆଇନତଃ ଶାରୀରିକ ସମ୍ପର୍କ ଯୋଗୁ ପିଲାଛୁଆ ସିନା ସଂସାରକୁ ଆସନ୍ତି, ହେଲେ ଏ ଦାମ୍ପତ୍ୟ ଭିତରକୁ ଭଲପାଇବାର ସେହି ଅମୃତ ମଧୁ ପଶିପାରେ ନାହିଁ। ପୁଅଝିଅ ବାହାସାହା ହୋଇ ଯାଆନ୍ତି, ବାର୍ଦ୍ଧକ୍ୟ ମାଡ଼ି ଆସେ, ଜୀବନ ସବୁଜତା ହରାଇଦିଏ ତଥାପି ପ୍ରେମ କ'ଣ ଏକ ବିରାଟ ପ୍ରଶ୍ନବାଚୀ ହୋଇ ଠିଆ ହୋଇଥାଏ।

ହେଲେ ସୁକାନ୍ତି ଓ ମୋ ଭିତରେ ଏହି ଦୀର୍ଘ ଦାମ୍ପତ୍ୟର ସବୁଠାରୁ ବଡ଼ ଚାବିକାଠି ହେଲା ବିଶ୍ୱାସ। ବାରବର୍ଷର ଝିଅ ସୁକାନ୍ତି, ଅଠର ବର୍ଷର ପୁଅ ମୁଁ ବିବାହ ବନ୍ଧନରେ ବାନ୍ଧି ହେଲା ବେଳେ ବେଶ୍ ଅପରିପକ୍ୱ ଥିଲୁ। ଦାମ୍ପତ୍ୟ କ'ଣ କେତେ ବା ଜଣାଥିଲା ଆମ ଦୁହିଁଙ୍କୁ? ତଥାପି କେହି କାହାକୁ କେବେ ଦେହରେ ହେଉ କି ମନରେ ଠକି ନାହୁଁ କି କିଛି କଥା ଲୁଚାଇ ନାହୁଁ। ଆମ ଭିତରେ କେବେ କିନ୍ତୁଟିଏ ଠିଆ ହୋଇନାହିଁ। ସୁଖ ହେଉ କି ଦୁଃଖ ପରସ୍ପର ଭିତରେ ସମାନ ଭାଗରେ ବାଣ୍ଟି ନେଇ ଜିଇବା, ଏମିତି ଏକ ଅଲିଖିତ ଚୁକ୍ତି ସୁକାନ୍ତି ମୋ ଭିତରେ କେବେ ଯେ ସ୍ଥିର ହୋଇଥିଲା ଜଣା ନ ଥିଲା।

**ସମୟର କେତେ କେତେ ଉଠାପକା ଘଟଣା ଆମକୁ ଚହଲେଇ ଦେଇଛି, ବହଲେଇ ଦେଇଛି, ଦୋହଲେଇ ବି ଦେଇଛି।**

ସୁକାନ୍ତି ମୋ ଜୀବନର ସତେ କି ଏକ ବିଚ୍ଛୁରିତ ଆଲୋକ। ସମୟର କେତେ କେତେ ଉଠାପକା ଘଟଣା ଆମକୁ ଚହଲେଇ ଦେଇଛି, ବହଲେଇ ଦେଇଛି, ଦୋହଲେଇ ବି ଦେଇଛି। ପୁଣି ଜୀବନର ସ୍ୱପ୍ନ, ସମ୍ଭାବନା, ଆଶା ଏମିତି କିଛି ଦୁହିଁଙ୍କୁ ଚମତ୍କୃତ କରିଛି; ହଜେଇଛି, ମଜେଇଛି। କେତେ କେତେ ଝଡ଼ ଆମ ଭିତରେ ସୃଷ୍ଟି କରିଛି ଦରିଆଭର୍ତ୍ତି କୋହ। ହେଲେ ଆମେ ଦୁହେଁ ସେଥିପାଇଁ ମୁଣ୍ଡ ନୁଆଁଇ ଦେଇନାହୁଁ କି ଭାଙ୍ଗିପଡ଼ି ନାହୁଁ। ପରସ୍ପରଠାରୁ ହାତ ଖସାଇ ନେଇ ନାହୁଁ। ଜଣେ ଆଣ୍ଠେଇ ପଡ଼ିଲେ ଆଉ ଜଣେ ସାଦରେ ଉଠାଇ ନେଇଛି। ଜଣେ ରୋଗରେ ପଡ଼ିଲେ ଆଉ ଜଣେ ଅଖିଆଅପିଆ, ଅନିଦ୍ରା ରହି ସେବା କରିଛି। ଆମେ ବେଳେବେଳେ ଗୋଟାଏ ମୁଦ୍ରାର ଦୁଇ ପାର୍ଶ୍ୱ ପାଲଟି ଯାଇଛୁ। ଅଣ୍ଟା ନଇଁ ଗଲାବେଳେ ଆଶାର ବାଡ଼ି ସାଜି ପରସ୍ପରର ସାହାରା ସାଜିଛୁ। ଛଅସ୍ତରି ବର୍ଷର ଦାମ୍ପତ୍ୟ କ'ଣ ସହଜ ହୋଇଛି? ବାରବର୍ଷର ନାବାଳିକା

କନ୍ୟା ସୁକାନ୍ତି ଏବେ ଅଠାଅଶି ବର୍ଷରେ। ଅଠର ବର୍ଷର ସେଦିନର ବର ସାଜିଥିବା ମୁଁ ଏବେ ଚଉରାନବେ ବୟସରେ। ଜୀବନ ଜୀବିକା ଦୌଡରେ ବାଟ ଚାଲିଲା ବେଳେ କେତେ କଣ୍ଟା ମାଡ଼ିଛୁ, ପଥର ଝୁଣ୍ଟି ଲହୁଲୁହାଣ ବି ହୋଇଛୁ। ସୁକାନ୍ତି ପାଦର ରକ୍ତକୁ ଅଳତା କରି ପିନ୍ଧିଛନ୍ତି ତ ମୁଁ ଲହୁଲହୁକୁ ନୀଳକଣ୍ଠ ଭଳି ପିଇ ନେଇଛି।

ଆମର ଥିଲା ଯୌଥ ପରିବାର। ଆମର କାହିଁକି ସେ ସମୟରେ ପ୍ରାୟ ପରିବାର କହିଲେ ଏକାନ୍ନବର୍ତ୍ତୀ ପରିବାରକୁ ବୁଝାଉଥିଲେ। ବାପାମାଆ ବ୍ୟତୀତ ବଡ଼ବାପା, ବଡ଼ମା’, କକା, ଖୁଡ଼ୀ, ଜେଜେ, ଜେଜେମା ସମେତ ପିଉସାପିଉସୀ, ପୁତୁରା-ଝିଆରି କାହିଁ କେତେ। ଭୋଜିଭାତ ଭଳି ଭାତ ହାଣ୍ଡି ବସୁଥିଲା। ପିଲାମାନଙ୍କ ଭିତରେ ପାତରଅନ୍ତର ନ ଥିଲା। ସମସ୍ତେ ଏକାଠି ବଢୁଥିଲେ, ଗଢ଼ା ହେଉଥିଲେ। ନିତି କୋଡ଼ିଏ, ପଚିଶ ପାଇଁ ରନ୍ଧାବଢ଼ା। ସମସ୍ତେ ମିଳିମିଶି କାମ ବାଣ୍ଟି ନେଉଥିଲେ। ହିଂସା, ସ୍ୱାର୍ଥପରତା, ଅଳସୁଆମି, ଈର୍ଷା ନ ଥିଲା ହେଁସରେ ହେଁସେ ଛୁଆ ଭଳି ସଞ୍ଜବେଳେ ଜେଜେ କି ଜେଜେମାଙ୍କ ପାଖରେ ପେଟେଇ ପଡ଼ି ଗପଶୁଣା ହେଉ ଥିଲା। ବୁଢ଼ୀଅସୁରୁଣୀ, କଲୁରି ବେଣ୍ଟ, ରାଜପୁଅ ରାଜାଝିଅ, କୁମ୍ଭୀର, ମାଙ୍କଡ ଗପଠାରୁ ଭୂତପ୍ରେତ, ଦେବଦେବୀ ବି ସେ ଗପର ଚରିତ୍ର ସାଜନ୍ତି। ବିସ୍ମୟ, ଭୟରେ ଆଖି ବଡ଼ବଡ଼ ହୋଇଯାଏ। ପରିସ୍ରା ମାଡ଼ିଲେ ବି ଏକୁଟିଆ କେହି ଉଠନ୍ତି ନାହିଁ।



ପାଠ ପଢ଼ିବା ଲାଗି ଟ୍ୟୁସନ ମାଷ୍ଟରର ଆବଶ୍ୟକ ନ ଥାଏ। ଜେଜେ ଇଂରାଜୀ, ଗଣିତରେ ପୋଖତ। ଶିକ୍ଷକତା କରୁଥିଲେ। ସେମିତି କକା ହୁଅନ୍ତୁ କି ଘରେ ଆଉ କିଏ ଉଚ୍ଚ ଶ୍ରେଣୀରେ ପଢୁଥିଲେ ସାନମାନଙ୍କୁ ପଢ଼େଇବାର ଦାୟିତ୍ୱ ନେଇ ଯାଆନ୍ତି। ଯାହା ମନରେ ଯାହା ସନ୍ଦେହ ଥାଏ ସବୁର ସମାଧାନ ବି ହୋଇଯାଏ। ନିତି ପାଞ୍ଚଟି ନୂଆଶବ୍ଦ ଶିଖିବାକୁ ପଡ଼େ ସେମିତି କିଏ କେଉଁଠି ଶୋଇବ ବାଛବିଚାର ନ ଥାଏ। ମାଆ ବାପା- କକା, ଖୁଡୀ କି ବଡ଼ବାପା ବଡ଼ମା’ କାହାରି ଭିତରେ ପାର୍ଥକ୍ୟ ନ ଥାଏ। ସମସ୍ତେ ଆମର, ଆମେ ତାଙ୍କର। କିଏ କେଉଁ ଆଡ଼େ ଘରୁ ଗଲେ ତାଙ୍କ ଅନୁପସ୍ଥିତି ଶୂନ୍ୟସ୍ଥାନ ସୃଷ୍ଟି କରେ। ସମସ୍ତେ ଚାହାନ୍ତି ଘର ଏମିତି ଗହଳ ଚହଳରେ ଫାଟିପଡୁ। ଖିଆପିଆ, ରୋଜଗାର, ଚାଷକାମ, ଚାକିରି, ବ୍ୟବସାୟ ହେଉହେଉ ଘରର ମୁରବି ପାଖରେ ସବୁ ହିସାବ ରହିବ। ଘରର ପୁରୁଖା କୋଷାଧ୍ୟକ୍ଷ ସେ। ଜେଜେ ବଞ୍ଚିଥିଲା ଯାଏଁ ତାଙ୍କୁ ଏ ଦାୟିତ୍ୱ ନେବାକୁ ପଡିଥିଲା। ତାଙ୍କ ପରେ ଏହି କୋଷାଧ୍ୟକ୍ଷର ଦାୟିତ୍ୱ ନେଲେ ବଡ଼ବାପା। ସେ ମଧ ବେଶ୍ ସମ୍ଭାଳି ନେଇଥିଲେ। ଘରର ମୂଳଦୁଆ ଯଦି ଶକ୍ତ ହୋଇଯାଏ, ଯେତେ ବଡ଼ ପ୍ରାସାଦ ତୋଳିଲେ ବି ଭୁଶୁଡିବାର ଭୟ ନ ଥାଏ। ଜେଜେ ଏହି ମୂଳଦୁଆ ପକାଇ ଯାଇଥିଲେ। ସମସ୍ତଙ୍କୁ ଏକତାର ଛାଞ୍ଚରେ ଗଢ଼ି ତୋଳିଥିଲେ।

ସୁକାନ୍ତି ଆସିଥିଲେ ଏକ ଛୋଟ ପରିବାରରୁ। ତାଙ୍କ ବାପା ମାନେ ମୋ ଶ୍ୱଶୁର ଗୋଟିଏ ମାତ୍ର ପୁଅ ଥିଲେ। ତାଙ୍କ ଉପରେ ଥିବା ବଡ଼ ଭଉଣୀ ବହୁ ଆଗରୁ ବାହା ହୋଇ ଯାଇଥିଲେ। ସୁକାନ୍ତିଙ୍କୁ ମିଶାଇ ତିନିଜଣ ଭାଇଭଉଣୀ। ତେଣୁ ଆମଭଳି ଏତେବଡ଼ ଯୌଥ ପରିବାରକୁ ଅତି ଅଳ୍ପ ବୟସରେ ବାହା ହୋଇ ଆସିଲା ପରେ ଘରର ଥାଟବାଟ, ଗହଳି, ରନ୍ଧାବଢ଼ା ଦେଖି ସେ ଟିକେ ଭୟଭୀତ ହୋଇ ଯାଇଥିଲେ। ତେବେ କିଛିଦିନ ପରେ ଅନୁଭବ କରିଥିଲେ ଏଠି ସମସ୍ତେ ଆଦର, ସ୍ନେହରେ ବନ୍ଧା। ଜଣକ ଉପରେ କାମ ନଦି ଦେଇ ଆଉମାନେ ଅଳସ ମାରନ୍ତି ନାହିଁ। ସେ ବି କ୍ରମଶଃ ଆମ ପାରିବାରିକ ଡାଞ୍ଚାରେ ନିଜକୁ ମିଶାଇ ଦେଇଥିଲେ। ଆରମ୍ଭ ହୋଇ ଯାଇଥିଲା ଆମର ଦାମ୍ପତ୍ୟ। ସେତେବେଳେ ଝିଅର ଅଠର, ପୁଅର ଏକୋଇଶ ନ ହେଲେ ବାହା କରିବାର ଆଇନ ଯେହେତୁ ନ ଥିଲା, ଝିଅ ଘରଯୋଗ୍ୟା ହେଉ ନ ହେଉ ପରଘରୀ କରି ଦିଆଯାଉଥିଲା। ତାହା ପୁଣି ଗୁରୁଜନଙ୍କ ଇଚ୍ଛାରେ। ମୁଁ ପଢ଼ିବି, ଏଇନା ବାହା ହେବିନି ଏମିତି ପାଟି

ଫିଟାଇ କହିବାର ଜୁ ନ ଥିଲା। ସେମାନେ ଯାହା କରିଛନ୍ତି ମୋ ଭଲ ପାଇଁ, ଜନ୍ମ ଦେଇଛନ୍ତି ଯେହେତୁ ତାଙ୍କର ଅଧିକାର ଅଛି କାହା ହାତରେ, କେବେ, କେମିତି ସମର୍ପି ଦେବେ। ଆମ ବେଳେ ପରିବାର ନିୟୋଜନର ଯୋଜନା ମଧ୍ୟ ପ୍ରଣୀତ ହୋଇ ନ ଥିଲା। ପ୍ରାୟ ସମସ୍ତଙ୍କର ଚାରି, ଛଅ, ଆଠ କି ଏଗାର ପୁଅ ଝିଅ। ସେହି ଢାଞ୍ଚାରେ ଆମର ଚାରିପୁଅ ଦୁଇଝିଅ। ଆଜି ଗୋଟିଏ ପିଲାକୁ ପଢ଼ାଇ ମଣିଷ କରିବା କାଠିକର ପାଠ। ଅତିବେଶିରେ ଦୁଇଟି ପିଲା। ତିନିଟିର ତ ପ୍ରଶ୍ନ ହିଁ ନାହିଁ। ଟ୍ୟୁସନ, କୋଚିଂ, ପ୍ରି-ନର୍ସରି, ନର୍ସରି ଏମିତି କିଛି ନ ଥିଲା। ଘରେ ଶାଗପଖାଳ ଖାଇ, ଓଡ଼ିଶାରେ ଓଡ଼ିଆ ସ୍କୁଲରେ ପାଠ ପଢ଼ି କେତେବେଳେ ଉଚ୍ଚ ପଦପଦବୀରେ ରହିଛନ୍ତି ପିଲାମାନେ।

ଆମର ସଂସାର ବଢୁଥିଲାବେଳେ ପରିବାରରୁ ଜଣେ ପରେ ଜଣେ ବିଦାୟ ନେବା ଆରମ୍ଭ ହୋଇଯାଇଥିଲା। ପ୍ରଥମେ ଗଲେ ଜେଜୀମା, ତାଙ୍କୁ ଝୁରି ପଛେ ପଛେ ଜେଜେ। ତାଙ୍କର ଦାମ୍ପତ୍ୟ ଜୀବନ ଥିଲା ଷାଠିଏ ବର୍ଷ। ଜେଜେଙ୍କ ପରେ ସବୁ ଦାୟିତ୍ୱ ମୁଣ୍ଡାଇ ବଡ଼ବାପା ଆମକୁ ବଢୁଥିଲା ବେଳେ ତାଙ୍କର ବି ପାଳି ପଡିଲା। ତା'ପରେ ମୋ କାନ୍ଧକୁ ଆପେ ଆପେ ଦାୟିତ୍ୱ ଆସିଗଲା। ଏହା ପରେ ବଡ଼ବାପା ବଡ଼ମା'ଙ୍କ ପିଲା, କକାଖୁଡ଼ୀଙ୍କ ପିଲା, ଆମ ପିଲାମାନଙ୍କ ଭିତରେ ସମନ୍ୱୟ ରହିଲା ନାହିଁ। ପାର୍ଟି ଦେଖାଗଲା। ତା'ପରେ ଯାହା ହୁଏ, ସେମିତି ହେଲା। ଭାଗବଣ୍ଟରା, ଭିନ୍ନେ ହେବା ଭିତରେ ଭୁଶୁଡି ପଡ଼ିଲା ଆମର ଏକାନ୍ନବର୍ତ୍ତୀ ପରିବାର। ଜେଜେଙ୍କର ଆଦର୍ଶର ଯେଉଁ ଘର ଲହୁଲୁହକୁ ନେଇ ଗଢ଼ା ହୋଇଥିଲା, ଭାଙ୍ଗି ଦେବାକୁ ଟିକିଏ ବି ସମୟ ମିଳିଲାନି। ଯେ ଯାହାର ସଂସାର, ପିଲାଛୁଆଙ୍କ ଦାୟିତ୍ୱ ନେଇ ଅଲଗା ହୋଇଗଲେ। ମୁଁ ବି ସୁକାନ୍ତିଙ୍କ ସହିତ ଆମର ଛଅଟି ପିଲାଙ୍କୁ ନେଇ ସାଂସାରିକ ଜଞ୍ଜାଳରେ ବୁଡ଼ିଗଲି। ଆମର ଯୌଥ ପରିବାରର ସେଦିନର ସ୍ନେହ, ଶ୍ରଦ୍ଧା, ଆପଣାପଣ, ନିଃସ୍ୱାର୍ଥ ଭଲ ପାଇବା ସ୍ୱପ୍ନ ପାଲଟିଗଲା। କେମିତି ସ୍ୱାର୍ଥ, ଈର୍ଷା, ଅସୂୟାପଣ ଯୋଡ଼ି ହୋଇଗଲା ଆମ ଭିତରେ। ସେ କଥା ମନେ ପଡ଼ିଲେ ଖାଲି କଷ୍ଟ ତ ହୁଏନି, ସତେ କି ଫୁଲାଏ ମାଂସ କଟି ଯାଇ ରକ୍ତ ନିଗିଡ଼ିପଡ଼େ।

**ଆମର ଯୌଥ ପରିବାରର ସେଦିନର ସ୍ନେହ, ଶ୍ରଦ୍ଧା, ଆପଣାପଣ, ନିଃସ୍ୱାର୍ଥ ଭଲ ପାଇବା ସ୍ୱପ୍ନ ପାଲଟିଗଲା।**

କ୍ୟାଲେଣ୍ଡରର ପୃଷ୍ଠା ସହିତ ଜୀବନ ବି ଆଗକୁ ପାଦ ଥାପିଲା। ଆବେଗ, ଭାବପ୍ରବଣତା, ଆଶା, ସ୍ୱପ୍ନ ସବୁ କିଛି ବଳି ପଡ଼ିଗଲା ତେଲଲୁଣ ସଂସାରର ସଂଘର୍ଷ ଭିତରେ। ପିଲାମାନେ ପଢ଼ାସାରି ଯେ ଯାହା ରୁଚିରେ ବ୍ୟବସାୟ, ଚାକିରି ବାଛି ନେଲେ। ଉପଯୁକ୍ତ ପାତ୍ର ଦେଖି ଝିଅମାନଙ୍କୁ ବାହା କରିଦେଲୁ। ପୁଅମାନେ ବି ବୋହୂ ନେଇ ଆସିଲେ। ଭାବିଥିଲୁ ଏଥର ନାତିନାତୁଣୀ ଗହଳରେ ଆମର ଅବଶିଷ୍ଟ ଜୀବନ ବିତିଯିବ। ହେଲେ ପୁଅମାନେ ଅଲଗା ହେବାକୁ ଚାହିଁଲେ। କିଏ ଚାକିରି ଦାୟରେ କର୍ମସ୍ଥଳରେ ରହି ଘରଦ୍ୱାର କରିନେଲା ତ କିଏ ତା' ବ୍ୟବସାୟ ଅଲଗା ଭାବରେ ସମ୍ଭାଳିବାରେ ରୁଚି ରଖିଲା। ତେବେ ଆମ ଦୁହିଁଙ୍କୁ କାଳେ ଭାଗବଣ୍ଟରା କରିଦେବେ ତା' ଆଗରୁ ଜଣାଇଦେଲି ଆମେ ଏଇଠି ରହିବୁ, ଚଳିବା ପାଇଁ ମୋର ପେନସନ୍ ଗଣ୍ଡାକ ଅଛି। ତମମାନଙ୍କର ବୋଝ ହେବୁନି। ଖାଲି ଭଗବାନଙ୍କୁ ପ୍ରାର୍ଥନା କରୁଛି ଆମର ଗୋଡ଼ହାତ ଚଳୁଥାଉ। ତମର ସେବା କି ଘୃଣା ଯେମିତି ଆମକୁ ନେବାକୁ ନ ପଡ଼େ।

ଏବେ ମୁଁ ମୋ ଘରେ ଅଛି। ଗାଁର ସାନ ବିଧବା ପିଉସୀ କଣ ବି ଆସି ଆମ ସହ ରହୁଛନ୍ତି। ପୁଅ ଝିଅ ନ ପଚାରିବାରୁ ସେ ଆମର ଶରଣରେ ଅଛନ୍ତି ଆଉ ଆମେ ମଧ୍ୟ ତାଙ୍କ ଶରଣରେ। ପୁଅବୋହୂ, ଝିଅଜୋଇଁ ମଝିରେ ମଝିରେ ଆସନ୍ତି। ଏମିତିକି ଗତବର୍ଷ ପଚସ୍ତରି ବର୍ଷରେ ନାତିନାତୁଣୀ ସମେତ ପୁଅବୋହୂ, ଝିଅଜୋଇଁ ଆମ ବିବାହର ହୀରକ ଜୟନ୍ତୀ ଧୁମ୍‌ଧାମ୍‌ରେ ପାଳନ କରିଛନ୍ତି। ଆମ ଦାମ୍ପତ୍ୟ ଶତାୟୁର ରୂପ ନେଉ ଏଥିପାଇଁ ସମସ୍ତେ ଶୁଭେଚ୍ଛା, କାମନା କରିଥିଲେ। ଆମକୁ ଫୁଲମାଳ ବଦଳ କରିବାକୁ ବାଧ୍ୟ କରିଥିଲେ ସେମାନେ। ମୁଁ ଓ ସୁକାନ୍ତି ଫେରି ଯାଇଥିଲୁ ପଚସ୍ତରି ବର୍ଷ ତଳର ଜୀବନକୁ। ସେତେବେଳେ ଆଜିଭଳି ମେରେଜ ଏନିଭେରସାରି, ଭାଲେଣ୍ଟାଇନ ଡେ, ରୋଜ ଡେ, ମଦର ଡେ କି ଫାଦର ଡେ ନ ଥିଲା। ପାଶ୍ଚାତ୍ୟ ଢାଞ୍ଚାରେ ଏବେ

ଗଢ଼ା ଆମର ନୂଆ ପିଢ଼ିର ପିଲାମାନେ। ଏପରିକି ସ୍ମୃତି ଛଳଛଳ ଦିନ ସବୁକୁ ମନ ପକାଇବାକୁ ସମୟ ବି ନ ଥିଲା। କ୍ୟାଲେଣ୍ଡର ପୃଷ୍ଠା ସିନା ବଦଳୁଥିଲା, ହେଲେ ଜୀବନ ଜୀବିକା ଦୌଡ଼ରେ ସେମିତି କିଛି ଫରକ ନ ଥିଲା। ଆବେଗ, ଭାବପ୍ରବଣତା ସବୁ ବଳି ପଡିଥିଲା ବାସ୍ତବ ଜୀବନର ତେଲଲୁଣ ସଂସାରର ସଂଘର୍ଷ ଭିତରେ। ହେଲେ ଆମର ଦୀର୍ଘ ଦାମ୍ପତ୍ୟ ଜୀବନ ଦୁହିଁଙ୍କ ପାଇଁ ବରଦାନ ନା ଅଭିଶାପ ?

ଏ ଭିତରେ ଆମର ଦାମ୍ପତ୍ୟ ଆଉ ଗୋଟିଏ ବର୍ଷ ବଳବଉର ରହିଛି। ତେବେ ବଡ଼ଝିଅ, ଜୋଇଁଙ୍କୁ ଛାଡ଼ପତ୍ର ଦେଇ ସବୁଦିନ ପାଇଁ ଫେରି ଆସିଛି। ତା'ର ଦାମ୍ପତ୍ୟ ପନ୍ଦର ବର୍ଷ ବି ପୂରି ନାହିଁ। ଦୁଇଟି ଛୋଟ ଛୋଟ ପୁଅ ଝିଅ। ତା'ର କହିବା କଥା, ମନରେ ଯଦି ଫାଟ ସୃଷ୍ଟି ହୋଇଯାଏ, ତା'ହେଲେ ସେଭଳି ଦାମ୍ପତ୍ୟ ନାଁକୁ ସମାଜ ଆଗରେ ଝୁଲି ରହିବା କିଛି ମାନେ ରଖେନା। ଆମେ ସବୁ ପୁରୁଷ ବିନା କ'ଣ ବଞ୍ଚି ପାରିବୁନି ? ଯୁଗ ବଦଳି ଗଲାଣି। ମୁଁ ପାଠ ପଢ଼ିଛି। ଚାକିରି ବି କରିଛି। କ'ଣ ଦରକାର ମିଛ ଦାମ୍ପତ୍ୟକୁ ନେଇ ଜୀବନସାରା ପଡ଼ି ରହିବା ?

**ଆମର ଦୀର୍ଘ ଦାମ୍ପତ୍ୟ ଆଶୀର୍ବାଦ କି ଅଭିଶାପ ବୋଲି ଟିକିଏ ଆଗରୁ ସନ୍ତୁଳିତ ହେଉଥିଲି। ମୋର ମନେ ହେଲା ମୁଁ ତା'ର ଉତ୍ତର ସତେ କି ପାଇଯାଇଛି।**

ଇଏ ଆମ ଝିଅ ? ମୁଁ ସୁକାନ୍ତିକୁ ଅନାଇଲି। ଆମର ପାଳନ ଓ ଆଦର୍ଶ ଶିକ୍ଷା ଦେବାରେ କିଛି ତ୍ରୁଟି ରହିଯାଇଛି ନିଶ୍ଚୟ। ନ ହେଲେ ? ମୁଁ ଆଗକୁ ଭାବିପାରିଲିନି। ଆମର ଦୀର୍ଘ ଦାମ୍ପତ୍ୟ ଆଶୀର୍ବାଦ କି ଅଭିଶାପ ବୋଲି ଟିକିଏ ଆଗରୁ ସନ୍ତୁଳିତ ହେଉଥିଲି। ମୋର ମନେ ହେଲା ମୁଁ ତା'ର ଉତ୍ତର ସତେ କି ପାଇଯାଇଛି। ସେତିକିରେ ସରି ନ ଥିଲା ଏସବୁ ନାଟକୀୟ ମୋଡ଼। ବଡ଼ ବୋହୂପୁଅ ସହ ନ ପଟିବାରୁ ଯୌତୁକ ନିର୍ଯାତନାର କେସ୍‌ଟେ କରି ବାପଘରକୁ ଚାଲିଯାଇଛି। ମଝିଆଁ ବୋହୂ କୁଆଡ଼େ ତା'ର ପୂର୍ବତନ ପ୍ରେମିକ ପାଖରେ ରହିବ। ତାକୁ ଜବରଦସ୍ତ ତାଙ୍କ ଘର ଲୋକେ ଏଠି ବାହା କରି ଦେଇଛନ୍ତି। ଆଉ ପିଲାଙ୍କ ସଂସାରର ଚାଲିଛି। କ'ଣ ଭବିଷ୍ୟତରେ ହେବ କହି ହେବ ନାହିଁ।

ତେବେ ସେମାନଙ୍କ ଅପେକ୍ଷା ଏବେ ମୋର ଗୋଟିଏ ଚିନ୍ତା ଏଡ଼େ ଦୀର୍ଘ ଦାମ୍ପତ୍ୟର ଦିନେନା ଦିନେ ପୂର୍ଣ୍ଣଚ୍ଛେଦ ପଡିବ। ସୁକାନ୍ତି ଆଗେ ଯିବେ ନା ମୁଁ ? ଜଣକ ବିନା ଜଣେ କେମିତି ଦିନ କାଟିବ ? ସମୟ ସହ, ଦୁଇଟି ଦେହ ବର୍ଷ ବର୍ଷ ଧରି ପରସ୍ପରର ଛାୟା କାୟା ପାଲଟି ଯାଇଛନ୍ତି। ଛାୟା ଚାଲିଗଲେ କାୟା କେତେଦିନ ତିଷ୍ଠି ରହିବ ? କିଏ ଥିବେ ପାଖରେ ? ଜୀବନର ଅପରାହ୍ନରେ ପୁଅଝିଅ, ନାତିନାତୁଣୀ, ଆତ୍ମୀୟସ୍ୱଜନରେ ଭରପୂର ଏଇ ବିରାଟ ସଂସାର କେମିତି ତୁଚ୍ଛ ମନେ ହେଉଛି। ମୁଁ ଯଦି ଆଗେ ଯାଏ ସୁକାନ୍ତି କେମିତି ଚଳିବେ ? ମୋ ଅପେକ୍ଷା ତାଙ୍କର ରୋଗ ବେଶି। ମଧୁମେହ, ଉଚ୍ଚ ରକ୍ତଚାପ, ଥାଇରଏଡ ସହ ଆଣ୍ଠୁଗଣ୍ଠି ରୋଗରେ ପୀଡ଼ିତା। ଚାଲିପାରୁ ନାହାନ୍ତି। ସାତବର୍ଷ ହେଲା ବାଡ଼ି ତାଙ୍କର ସାହାରା ସାଜିଛି। ସାନ ପିଉସୀ ଯଦିଓ ଆମ ପାଖରେ ଅଛନ୍ତି, ତାଙ୍କର ବି ବୟସ ହେଲାଣି। ଗୋଟିଏ ନୀଡ଼ରେ ଆମେ ଯେମିତି ତିନିଟି ଅସହାୟ ପକ୍ଷୀ। କାହାକୁ ଆଗ ନୀଡ଼ ଛାଡ଼ିବାକୁ ପଡ଼ିବ ଜଣାନାହିଁ। ସୁଖ, ସ୍ୱାଚ୍ଛନ୍ଦ୍ୟ, ସ୍ୱାର୍ଥ ଆଉ ଜୀବିକା ଦାୟରେ ଛଅଛଅଟି ପିଲା ଆମ ପାଖରେ ନାହାନ୍ତି। ପିଢ଼ି ପରେ ପିଢ଼ି ଭିତରେ ଏବେ ତ ଜେନେରେସନର ଦୂରତା ଅନେକ ବେଶି। କଷ୍ଟ ହେଉପଛେ ଆମେ ସେମାନଙ୍କର ମଙ୍ଗଳ କାମନା କରିଛୁ। ଅନୁଭୂତିର ବହଳତା ବି ବୁଝାଇ ଦେଇଛି, ସମୟ ଭଳି ଜୀବନ ବି ପରିବର୍ତ୍ତନଶୀଳ। ଏବେ ତ ସେମାନେ ବେଶ୍ ଉଡ଼ି ଶିଖିଛନ୍ତି। ଆଉ କ'ଣ ଯଶୋଦା କୋଳକୁ ଫେରିବେ ?

ସେଥିପାଇଁ ସୁକାନ୍ତିକୁ ବୁଝାଇବାକୁ ପଡ଼ିଛି ବାସ୍ତବତା ନିଷ୍ଠୁର, କଷ୍ଟକର ହୋଇଥିଲେ ବି ଆମକୁ ମାନି ନେବାକୁ ହେବ। ଅବଶିଷ୍ଟ ଜୀବନରେ ଆସୁ ଝଡ଼, ଆସୁ ମୃତ୍ୟୁ ଦୋହଲି ଯିବାନି। ଅନେକ ଅନେକ ବର୍ଷ ଜିଇସାରିଲୁଣି। ବଡ଼ କଥା ହେଲା ଏ ଯାଏଁ ଆମ ଦାମ୍ପତ୍ୟର ନୀଡ଼ ସେମିତି ରହିଛି। ନୀଡ଼ର ଶାବକମାନେ ଉଡ଼ିଯାଇଛନ୍ତି ସତ ଆମେ ବର୍ତ୍ତମାନ ବଞ୍ଚିଛୁ। ପରସ୍ପର ପାଖରେ ଅଛୁ। ଏହା ହିଁ ଆଶ୍ୱାସନା, ଆସୁ ସେ ମୃତ୍ୟୁ, କିଏ ଜାଣେ ଏକାଠି ବି ଯାଇପାରୁ।

□□

ଲେଖିକାଙ୍କ ଇ-ମେଲ ଠିକଣା:
drkabitabarik@gmail.com

**ଧାରାବାହିକ ବ୍ୟଙ୍ଗ**

# ହଣା ଶଙ୍କରା



**ଡ. ଅଜୟ କୁମାର ମିଶ୍ର**

ସମସ୍ତଙ୍କୁ ସମୟ ଦେଖି ବିଡ଼ି ସାରିଲାଣି ଘଣ୍ଟୁ। କେତେ କେତେ ଭଜନିଆଁ, କେତେ କେତେ କୀର୍ତ୍ତନିଆଁ, -ସବୁରି ଭିତରେ ଭୋଗ ଖାଇବା ଇଚ୍ଛା ଷୋଳପଣ, ହେଲେ ମଥାରେ ଭଗତିଆ ଷ୍ଟାମ୍ପ୍ ଖୁବ୍ ଟାଣରେ ମଡ଼ା ହେଇଛି। ତୁଳସୀରୁ ଜାଣିମ ବଇଷ୍ଣିମା, ଗଞ୍ଜେଇରୁ ଜାଣିମ ଶିବା, ଢାଉଆ ସିନ୍ଦୂରରୁ ଜାଣିମ ହନୁମାନିଆଁ, ନାଲି ସିନ୍ଦୂରିଆଙ୍କୁ ଘଣ୍ଟୁ, ମାଆଙ୍କ ଭଗତା ବୋଲି ବରାବର ଜାଣିସାରିଛି। ତେବେ ଯେତେ ଭଗତ, ସେତେ ପଥ। ତୁଣ୍ଡ ପ୍ରଚାରରେ ରାତାରାତି ଗଛ ମୂଳର ପଥର କେଉଁଠି ଜୟମାଆ କୋଚିଳେଇ, ଜୟମାଆ ବାସୁଳେଇ, ବନ୍ଦରେଇ, କନ୍ଦରେଇ, ଝାଡ଼ଖାଇ, ହାଡ଼ବାଇ, ନାଣ୍ଡୀଖାଇ, ଏମିତି କ'ଣ କ'ଣ ନାମରେ ପରିଚିତା। ମଣିଷର ବଢ଼ତି ଭଳିଆ ଠାକୁରାଣୀଙ୍କ ପାବାର ବଢ଼େ - ଏକଥା ଘଣ୍ଟୁ ତା' ଜେଜେମାଙ୍କ ଠାରୁ ଶୁଣିଛି।




ଘଣ୍ଟୁଙ୍କ ଜେଜେ ତାଙ୍କ ସମୟର ଜଣେ ମହାନ କଳାକାର, କାରନାମାକାର, ତାଙ୍କ ସମୟର ଉଦ୍ଦଣ୍ଡ ଗୋଷ୍ଠୀର ଓସ୍ତାଦ୍‌ଙ୍କ ଓସ୍ତାଦ୍ ସେ। ତାଙ୍କ ବାପାଙ୍କ ଗାଳି ଖାଇ ଘରୁ ଉଭାନ ହେଇଗଲେ ଆଠଦିନ। ଘରେ ହଇଚଇ ପଡିଗଲା, ଆଖପାଖ ଖଣ୍ଡମଣ୍ଡଳ ଉଠିଲା ପଡ଼ିଲା। ହଣାଶଙ୍କରା ଗଲା କୁଆଡ଼େ ? ଜେଜେଙ୍କ ନାଁ ଥିଲା ଶଙ୍କର୍ଷଣ, ତୁଣ୍ଡ ଭାଷାରେ ଶଙ୍କୁ, ଶଙ୍କରା। ନାକ ପାଖଟାରେ ହଣା ଭଳିଆ ଦାଗ ଥିବାରୁ ଲୋକେ ତୁଣ୍ଡରେ ସେ ହଣାଶଙ୍କରା। ସବୁ ଗାଆଁରେ ଏମିତିଆ ହଣାଶଙ୍କରା, ବାଙ୍କା ସୋବନା, ମହୁଆଚେମା, ଚେପାବାଇନ, ଟିମାରଘୁଆ, ଛଡ଼ରା ନକୁଳା, ବାଣ୍ଟୁମହିଆ ପୁଞ୍ଜେ ଦିପୁଞ୍ଜେ ମିଳିବେ। ନାଆଁକୁ ଚିହ୍ନଟ କରିବାକୁ ହଣା, ବାଙ୍କା, ମହୁଆ, ବାନା, ଟିମା, ଛଡ଼ରା, ବାଣ୍ଟୁ - ଏମିତି ବିଶେଷଣ ଡାକଟା ଗାଁରେ ଅତି ମାଳେଇ।

**ପଦିଆର କାରବାର**

କଟକ ଟେସନ୍ ପାଖରେ ତିନି ପଥୁରିଆ ଭଣ୍ଡାରି ପଦିଆ ବାରିକ ପାଖରେ ହଣାଶଙ୍କରା ହାଜିର। ଗୋଟାଏ ପଥରରେ ପଦିଆ, ଆର ପଥରରେ ତା ଛଅର ବାକ୍ସ, ସାମନା ପଥରରେ ଗରାଖେ ବସନ୍ତି। ଏଇ ଚୁଲାଝିଙ୍କିଆ ପଥର ଉପରେ ପଦିଆର କାରବାର। ଶଙ୍କରା ସେଇଠି ହାଜର। ଥତମତ କରି ତରକା ଏଣ୍ଡୁଅ ଭଳି ଅନେଇଲା ପଦିଆ ବାରିକ। ଆରେ ଇଏତ ଆମ ହଣା ଶଙ୍କରାଦି ନାତି। ଏ ଏଠିକି କାଇଁକି ଆସିଚନ୍ତି ? ପଦିଆ ଜାଣିଛି ହଣା ଶଙ୍କରାର ଦିହରେ ରୁମ ଯେତେ ତା'ଠୁଁ ତା' କାରନାମା ଅଧିକ। କିଏ କିଏ ଚଳନ୍ତା ଶଗଡ଼ରେ ହାତ ଦିଅନ୍ତି, ହେଲେ ହଣାଶଙ୍କରା ହାତ ନ ବାଜିଲେ ଶଗଡ଼ କ'ଣ ରେଳ ବି ଇଞ୍ଚେ ଘୁଞ୍ଚିବନି। ଅନେକ ଅଖାଡ଼ୁଙ୍କ ମରଣ ଦିବସରେ ହଣାଶଙ୍କରାର ମର୍ତ୍ତ୍ୟାବତରଣ। ଯୁଆନ ଭେଣ୍ଡିଆ, ସେ କେବଳ ଶୋଇବା ସମୟତକ ବାଦ ଦେଲେ ହଣାଶଙ୍କରା ଘଟଣା ଘଟାଏ, ନ ହେଲେ ଯାହା ଘଟାଏ ତାହା ଘଟଣା ପାଲଟିଯାଏ।

ପଦିଆ ଭଣ୍ଡାରୀ ପାଖରେ ଥାମ୍ କିନା ପଥରରେ ବସିପଡି କହିଲା - ଆରେ ମତେ ପୂରା ନଣ୍ଡା କରିଦେ ପଦିଆଦି। ପଦିଆ ବି ଚକିତ। ପାଟି ଫିଟେଇଲେ ମଲି, ନଣ୍ଡା ନ କଲେ ମଲି, କଲେ ବି କ'ଣ ଘଟିବ ଜାଣେ। ପଇସାଟାଏ ତ ମିଳିବ ନି, ବରଂ ତା ବ୍ରହ୍ମଚଣ୍ଡାଳିଆ ଥାପଡ଼ରେ ଓଉଫଡ଼ା ଭଳିଆ ଗାଲ ଉଁଚା ହେଇଯିବ । ତଥାପି ନଣ୍ଡା କଲା, ନଣ୍ଡା ହେଇ କଳ ପାଣିରେ ପ୍ଲାଷ୍ଟିକ୍ ମାର୍କା ଗାଧୁଆଟେ ସାରି ହଣାଶଙ୍କରା ଫେରାର୍। ଅରଣାମଇଁଷି, ବୁଲାବୃଷଭଙ୍କଠାରେ ହେଲେ କେବେ କେଉଁଠି ବିବେକ ବିଚାର ଅଛି, ହଣାଶଙ୍କରାର ସେତକ ନ ଥାଏ। ବୁଲୁଚି ତ ବୁଲୁଚି, ସହରରେ ଗୋଟେ ଥାନରେ ଅଥାଇ

ମାଉସୀଘର କରି, ଦି'ତିନିଦିନ କଟେଇବା ପରେ ଫେରିଲା ଗାଁକୁ। ହଣାଶଙ୍କରା ନଣ୍ଡା ହେଇଚି, ମୁଣ୍ଡରେ ଇଂରାଜୀ ୟୁ ମାର୍କା ଚିତା- ଏମନ୍ତ ଚେହେରାର ଆକସ୍ମିକ ପରିବର୍ତ୍ତନ ଦେଖି, ଲୋକେ ତାର୍ଥକାବା। ପୂର୍ବ ସିନ୍‌ରେ ସୁନ୍ଦର ସୁଟ୍ ସାଟ୍ ପିନ୍ଧି ନାୟିକା ସାଙ୍ଗରେ ନାଟଗୀତ ନାମରେ ଡିଆଁ ଝପଟ୍ କରୁଥିବା ପାର୍ଟିଅରଟା ପରସିନ୍‌ରେ ଖଣ୍ଡିଆ ହେଇ ବ୍ୟାଣ୍ଡେଜ୍ ମଣ୍ଡିତ ହେଇ ବାହାରିବା ଭଳି ଅବସ୍ଥା ହଣାଶଙ୍କରାର। ତା ଚଉଡ଼ା ଚେହେରା, ନଣ୍ଡାମୁଣ୍ଡ, ୟୁ'ମାର୍କା ଚିତାରେ ଲୋକଙ୍କୁ ସେ ବାଆଜିଆ ବାଆଜିଆ ଦୃଶ୍ୟ ହେଲା। ଦରପଣରେ ଏ ଚେହେରା ଦେଖି ହଣାଶଙ୍କରା ଖୁସି, ଏବେ ଲୋକେ କହିଲେ ଶଙ୍କରା ବାଆଜି- ସେ ହେଲା ଆତ୍ମଘୋଷିତ ବାବା ଶଙ୍କର୍ଷଣ।

## ଠାକୁର ଠାକୁରାଣୀଙ୍କ ଥାପନା

ଧୋଇଆ ଜମିରେ ଠାଆକୁ ଠାଆ ଧାନ ତଳି ରୋଇବା ଭଳିଆ ବାବା ଶଙ୍କର୍ଷଣେ ଏଣିକି ଠାଆକୁ ଠାଆ ଛୋଟ ପଥର ଖଣ୍ଡମାନ ନେଇ ଠାକୁର ଠାକୁରାଣୀ ତଳି ରୋଇଲେ। ହାତରୁ ଖର୍ଚ୍ଚ ବି କିଛି ନାଇଁ, ନଈବନ୍ଧର ପଥର ପେକିଂ ଥାନରୁ ବିଭିନ୍ନ ଆକୃତିର ପଥର ମିଳିଯାଏ। ବାକି ଚନ୍ଦନ ସିନ୍ଦୂର ପହିଲେ ନିଜ ଖରଚାରୁ କିଣା ହେଉଥିଲା, ଏବେ ଶୁଣାଶୁଣିରେ ଭଗତଙ୍କ ଦାନାର୍ଥେ ଚତୁର୍ଥୀରୁ ଅଭାବ ନାହିଁ। ଠାକୁରେ ମଣିଷ ଜନ୍ମ ଦେଇଛନ୍ତି- କଥାଟାକୁ ଶଙ୍କରା ପୂରା ଟାଳି ଦେଇଛି। ସେ ଅନେକ ଠାକୁର ଠାକୁରାଣୀଙ୍କୁ ଜନ୍ମ ଦେବା ସହିତ ଭୋଟରତାଲିକାରେ ନାମ ସଇ ହେବା ଭଳିଆ ଅନେକଙ୍କୁ ରେଜେଷ୍ଟ୍ରିଭୁକ୍ତ କରିସାରିଲାଣି। ତାକୁ ସାଆ ହେଇଛି ପରମା ସାମଲ । ଶଙ୍କରା ଦୟାରୁ ପ୍ରତିବର୍ଷ ମିନି ପାଓ୍ୱାରରୁ ହାଇପାଓ୍ୱାର ଯାଏ ନାନା ଏଚ୍.ପିର ଠାକୁରଠାକୁରାଣୀ ଥଇଥାନ ହେଲେ, ଅନାବାଦୀ, ଗୋଚର, ଗୋଦଣ୍ଡା, ଗଛତଳ କୋଠଥାନ, ନଈବନ୍ଧ ଓ ଘାଟକୂଳିଆ ଥାନମାନଙ୍କରେ ଠାକୁର ଠାକୁରାଣୀମାନେ ଥାପନା ହେଇଗଲେ। ଭଲ ମାଟି ପାଣି ପବନରେ ଭଲ ଫସଲ ହେଲା ଭଳିଆ ଅଧିକ ଚଳପ୍ରଚଳ ଥାନରେ ଥାପିତ ଠାକୁର ଠାକୁରାଣୀମାନେ ବଢ଼ିଲେ, କେହି କେହି ପାଣି ପଣା ନ ପାଇ ଅକାଳରେ ଉଜୁଡ଼ିଗଲେ।

ଜେଜେଙ୍କ ଥାପନା ଦିଅଁ ଦିଇଁ ମାନେ ତ ଶଙ୍କରାଙ୍କ ଛୁଆ। ତେଣୁ ନାତି ହିସାବରେ ଏମାନେ ଘଣ୍ଟୁଙ୍କର ପିଇସୀ, ଦେଈ, ନାନୀ, ଅପା, ଦାଦା, କକା ଲେଖାରେ ଗଣାହେବେ ନା ନାଇଁ ? ଏମିତି ଠାକୁର ଠାକୁରାଣୀଙ୍କ ଜନ୍ମଦାତା ଶଙ୍କରାଙ୍କ ଦୟାରୁ କେତେଜାଗା ଗାଁ ଭଣ୍ଡାରୀ ସହରରେ ବଡ଼ ସେଲୁନ୍, ସ୍ପା ଖୋଲେଇବା ଭଳିଆ, ଠାକୁର ଠାକୁରାଣୀଙ୍କ ଥାଇତାପଣ ବଢ଼ିଲା। ଛୋଟଗଛ ବଡ଼ ହେଲା, ଛାଇ ବଢ଼ିଲା, ଗଛମୂଳ ଦିଅଁ ଦିଇଁଙ୍କ ଛଇ ବଢ଼ିଲା, ଭଗତଙ୍କ ଛୁଟଣ ବଢ଼ିଲା, ବାଆଜିର ଛୁ ମନ୍ତର ବଢ଼ିଲା, ପ୍ରସାଦର ଛୁଙ୍କ ବି ବଢ଼ିଲା। ଏସବୁ ଥାନ ହେଲା ଜେଜେ ହଣାଶଙ୍କରାଙ୍କଠାରୁ ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ ବାଟୁର ହସ୍ତମୁଦୀ ମାହଲ। ଠା' ଦେଖି ଘଣ୍ଟୁ ଡଜନ୍‌ରୁ ଅଧିକ ଗୋଟେ ଦିଇଟା ଥାନର ଠାକୁର ଠାକୁରାଣୀଙ୍କ ଥୟ କରିବାକୁ ସପ୍ତାହରେ ବାରି କରି ଦେଇଛି। ସାତବାର ତ ଆଉ ଆଠ ବାର ହେବ ନାଇଁ, ଠାକୁର ଠାକୁରାଣୀଙ୍କ ଜନ୍ମନିୟନ୍ତ୍ରଣ କରିଦେଲା ଘଣ୍ଟୁ।

> **ଏଇଟା ତ ଭୋଟରିଆଙ୍କ ଅମଳ ବେଳ। ନୋଟାଧିକାର ପାଇଲେ ଭୋଟାଧିକାର ଜବର ହେବ।**

ଘଣ୍ଟୁ ଦେଖିଲା ସପ୍ତାହର ସାତଦିନରେ ଓଳିକ ପାଇଁ ଗୋଟିଏ କରି, ଦିଓଳି ପାଇଁ ନିହାତି ଦିଇଟା ଦିଅଁ ଦିଇଁଙ୍କୁ ସଙ୍ଖୋଳି ହେବ। ଆଉ ହେଲେ କର୍ମୁ ଅଧିକ ହେବା ଭଲ ନୁହେଁ। ଖଡ଼ା ଭଳି ଥରକେ ଉପୁଡ଼ା ଯାଉଥିବା ଶାଗ ଠାରୁ ନେଉଟିଆ ଭଳିଆ କାଟିଖିଆ ଶାଗ ବରଂ ଭଲ। ତେଣୁ ଘଣ୍ଟୁ ପୂରା ଭାଗମାପ କରି ଖେଳ ଆରମ୍ଭିଲା।

## ସିଜିନ୍ ଦେଖି ବେପାର

ସିଜିନ୍ ଦେଖି ଘଣ୍ଟୁର ବେପାର। ଏବେ ଭୋଟ ସିଜିନ୍, ନେତାଏ, କୁଜି ନେତାଏ, ଚେଙ୍ଗା ଓ ଖୁଚୁରା ନେତାଏ ଗୋଳି ପାଣିରେ ଚୂନାମାଛ ବଉଳିଲା ଭଳିଆ ବଉଳିଲେ। ଘଣ୍ଟୁ ଦେଖିଲା ଏଇଟା ଠିକ୍ ମଉସୁମ। ଏ ମଉକା ଛାଡ଼ି ଦେଲେ ପୁଣି ପାଞ୍ଚ ବରଷ। ଚାଷୀ ହୁଡ଼ିଲେ ବରଷେ, ଗଉଡ଼ ହୁଡ଼ିଲେ ଦିନେ, ଭୋଟର ହୁଡ଼ିଲେ ପାଞ୍ଚ ବରଷ। ଏଇଟା ତ ଭୋଟରିଆଙ୍କ ଅମଳ ବେଳ। ନୋଟାଧିକାର ପାଇଲେ ଭୋଟାଧିକାର ଜବର ହେବ। ଘଣ୍ଟୁ ଦେଖିଲେ ନାନା ମହୁବୋଳା ବଚନ, ବାଙ୍କୁଲା ନମସ୍କାର- ଏସବୁ ବାଦ ଗାନ୍ଧୀମୁଣ୍ଡିଆ କାରବାର ବଡ଼ ଆକର୍ଷଣ। ନେତାଳିଆଙ୍କ

ପାଖଲୋକଙ୍କ ଟରଣିଙ୍କ  କାନରେ ସୁବିଧା ଦେଖି ଘଣ୍ଟେ ଗୁରୁମନ୍ତ୍ର ଫୁଙ୍କିଲେ। ପଚାରିଲେ ହଇୟେ- "ମାଟି ବଡ଼ ନା ପାର୍ଟି ବଡ଼। ମାଟିକି ଅନେଇଲେ ପାର୍ଟି ବଢ଼ିବ।" ଟରଣି ବୋଇଲା - ଯାହା କହିବା କଥା ସିଧା ସିଧା ବଖାଣ କର ହେ ଘଣ୍ଟେଶ୍ୱର ମାହାର୍ଜେ। ତମେ ତ ନାନା ଠାକୁର ଠାକୁରାଣୀଙ୍କୁ ନାନା ଥାନରେ ଥଇଥାନ କରିଛ, ତମେ ତ ଭାବ ଭଗଭଗତିଆ ନୋକ, କଣ କହୁଛ କୁହ?

ଘଣ୍ଟେ ଘୋଡ଼ାନାଟୁଆ ରାଉତ ରାଉତାଣୀଙ୍କ ଚଢ଼ା-ଉତୁରା ଗୀତ ଭଳିଆ ପ୍ରଶ୍ନିଲେ- "ହଇୟେ ଆଗେ ଆଗେ ଭୋଟରେ ନା ଆଗେ ଦିଏଁ? ଆଗେ ଗୋଟେ ଦିଅଁ କି ଦିଆଁଣୀଙ୍କ ଶରଣ ଗଲେ, ତାଙ୍କୁ ପୂଜୁଥିବା ଅନେକ ଭଗତ ଭଗତାଣୀ ବଳେବଳେ ତମ ଭୋଟ ଖାଳେଇଲେ ପଶିବେ। ତମ ଦଳ ତ ଏଇ କିଛି ଦିନ ହେଲା ଅଦିନିଆଁ ମେଘ ଭଳିଆ ଯୋଜନା ବର୍ଷଣ କରୁଛି। ନାନା କର୍ମଚାରୀଙ୍କ ଦରମା, ଭତ୍ତା ବଢ଼ଉଚି, କାହାକୁ କାହାକୁ ଥଇଥାନରେ ମୁଆଁ ମିଠେଇ ଧରଉଛି। ୟା ବାଦେ ଭଗତ ଭଗତା ପ୍ରକାରେ ଲୋକଙ୍କୁ ତୋଷିବା ଦାୟିତ୍ୱ କିଏ ନେବ? ମନେ ରଖ ଯିଏ ନେବ, ତା' ଭୋଟମୁଣା ବେଙ୍ଗଫୁଲା ମାର୍ଗେ ଫଉଲିବ। ବାଞ୍ଝ ପିଲା ବେଇବା ଭଳି ଭୋଟ ପିଲାମାନେ ହାଉଯାଉ ହେବେ। ଆଗେ ତୋଷ, ଏ ଦିଅଁ ଦିଆଁଣୀଙ୍କୁ ତୋଷ।



## ଗାନ୍ଧୀମୁଣ୍ଡିଆର ଗୁରୁତ୍ୱ

କସିନେତା, ଟୁଣୁକା ନେତା, ବତୀପେଲା, ଚାମେଚା, ବେଲେଚା, ହୁରୁମା, ହୁଗୁଳାଏ ଘଣ୍ଟୁ ମାହାର୍ଜେଙ୍କ କଥା ଶୁଣିବା ପରେ ଭାବିଲେ - ଆରେ ସତେ ତ ଆମ ଦଳ ଯଦି ଘଣ୍ଟୁଙ୍କ ଦିଅଁ ଦିଆଁଣୀଙ୍କ ଥାନକୁ ଥଇଥାନ କରିବାକୁ କିଛି କିଛି ଗାନ୍ଧୀମୁଣ୍ଡିଆ ଦେଲେ ; ସେଠିକା ଭକ୍ତ ଭକ୍ତାଣୀ ତ ଆମ ପଟିଆ ହେବା ଥୟ। ସେମାନେ ତାଙ୍କ ଦଳର ଚଉଠ ମୁଖିଆ, ଅଧାମୁଖିଆଙ୍କୁ ଜଣେଇଲେ। ଚଉଠ ମୁଖିଆ ଓ ଅଧା ମୁଖିଆମାନେ ଦଳ ମୁଖିଆଙ୍କ କାନରେ କଥାଟା ପକେଇଲେ। ଦଳମୁଖିଆ ଭାବିଲେ କେତେ କେତେଙ୍କ ଦରମା, ଭତ୍ତା, ଥଇଥାନରେ ତ ଅନେକ ଖରଚା, ତେବେ ଦିଅଁ ଦିଆଁ ହରି ହାଟରେ କିଛି ଲାଗୁ, ଏଇ ଥାନରେ ଦିଅଁଙ୍କୁ ସାକ୍ଷୀ କରାଇ ଅକର୍ମୀ ସମେରଳୀ କରାଇ ଧଣ୍ଡା ତୁଳସୀ ଧରାଇ ହଳପ କରେଇ ନେବା ସହଜ ହେବ। ଘଣ୍ଟୁଙ୍କୁ ଶଙ୍ଖୋଳିଲେ ପହିଲେ ଅଧା ମୂର୍ଦ୍ଧାରିଆ ଥିବା ହାତୁଆଣୀ ଦଳର ଡେପୁଟିମୁଖିଆ।

ଭୋଟରିଆଙ୍କ ଟରଣି ଟେମ୍ପୁ ରାଉତେ ପହିଲେ ଘଣ୍ଟୁଙ୍କୁ ସହ କାରବାର କରେଇବା ପରେ ନଈହୁଡା ମାହାଳଗଛ ତଳେ ଥିବା "ଚେମେଇଁ ଠାକୁରାଣୀ" ଥାନରେ ଚାପୁଡ଼ା ଚିହ୍ନର ବ୍ୟାନର୍ ଟଙ୍ଗେଇଲେ ଘଣ୍ଟୁ। ଏ ଥାନଟିରେ ଥଇଥାନ ହେଇଥିବା 'ଚେମେଇଁ ଠାକୁରାଣୀ' ଏବେ ଥାପୁଡ଼େଇ ପାଲଟିଲେ, ଚାପୁଡ଼ା ଚିହ୍ନୁଆମାନଙ୍କ ହଳପ କ୍ଲବ୍ ଏଇଠି। ଟିମା ମଙ୍ଗରାଜଙ୍କ ସହ କାରବାର ସରିଯିବା ପରେ ଘଣ୍ଟୁ ଏଥର ଝଙ୍କାବର ତଳେ ଥୟ ହେଇଥିବା ଭୀମେଶର ମହାଦେବଙ୍କ ପୀଠରେ ଝୁଲେଇ ଦେଲେ "କମଳେଶ୍ୱର ମହାଦିଅଁ"ଙ୍କ ବ୍ୟାନର୍। ନଳିନୀ ଫୁଲିଆ ଦଳର ମହାମେଳଣର ଥାନ ହଳପିଆଥାନ ପାଲଟିଗଲା ଏ ଠାଆ। ନାରେଣା ତରେଇଙ୍କ ସହ କାରବାର ପରେ ଗାଁ ମୁଣ୍ଡ ପହରା ଦେଉଥିବା ଗାଁ ଦେବୀ 'ଚମ୍ପେଇଶୁଣୀ' ପୀଠ ତତ୍କ୍ଷଣାତ ପାଲଟିଗଲା ଗେଣ୍ଡେଇଶୁଣୀ। ଏଇଠି ଟଙ୍ଗା ହେଲା ଗ୍ରାଣ୍ଡଗେଣ୍ଡା ଦଳର ଠିଆଗେଣ୍ଡା ମାର୍କା ବ୍ୟାନର୍। ଏଇ ଭାବରେ ଭାବ ଜମେଇ ଜମେଇ ତାଙ୍କ ଜେଜେ ହଣାଶଙ୍କରାଙ୍କ ଜନ୍ମିତ ଦିଅଁଦିଆଁଣୀଙ୍କୁ ନୂଆ ନାମକରଣ କଲେ। ଧାକୁଲେଇ ହେଲେ ହାତୁଆଣୀ ଦେଇ, ଶମ୍ଭୁନାଥେ ହେଲେ ଶଙ୍ଖେଶ୍ୱର, ପାତାଳେଇ ହେଲେ କମଳେଇ ଦେଇ। ଏମିତି ଏମିତି ଠାକୁରେ ଠାକୁରାଣୀଙ୍କ ନାମ ବଦଳିଲା। ଦଳର ଚିହ୍ନ ନେଇ ସେଇଠି ବ୍ୟାନର୍ ଟଙ୍ଗା ହେଲା, ତୁହାକୁ ତୁହା ଅକର୍ମା ପୋଲାଖିଆଙ୍କ ଭୋଜି ମଉଛବ ହେଲା, ଧଣ୍ଡା ତୁଳସୀ ଧରାଇ ଭୋଟାହଳପ ବି ହେଲା।

## ଭଗତ-ଭଗତାଣୀ ମାତିଲେ

ୟା ବାଦ୍ ଲୋକଙ୍କ ଦୃଷ୍ଟି ଆଢୁଆଳର ଭଗତ-ଭଗତାଣୀମାନେ ମାତିଲେ। ଗାଡ଼ିଷ୍ଟାଣ୍ଡରେ ଚଉଚକିଆ, ତିସରିଚକିଆ, ଦୋଚକିଆ ଯାନ ପାଇଁ ଅଲଗା ଅଲଗା ଫି

ଲାଗିବା ଭଳିଆ ହାପ୍ ଦିଅଁ, ଖୁଚୁରାଦିଅଁ, ଟୁଣୁକାଟୁଣୁକୀ ଦିଅଁ, ନାମମାତ୍ର ଦିଇଁ-ମାନଙ୍କ ପାଓ୍ୱାର ଦେଖି ଫି ଆଦାୟ କରାଗଲା। କେଉଁ ଦିଅଁଙ୍କୁ ମେଏଲେ, କାହାକୁ ଏମପିଏ, କାହାକୁ ଚିଆର୍‌ମାନେ, କାହାକୁ ଓ୍ୱାର୍ଡମେମ୍ବରେ, କାହାକୁ ସରପଞ୍ଚେ ପୋଷ୍ୟ ଦିଅଁ ଦିଇଁ କରେଇ ନେଲେ। ତେଣୁ ଦଳର ଚିହ୍ନ ଛୋଟରୁ ବଡ଼ ପାହ୍ୟାର ଦିଅଁଦିଇଁଙ୍କ ନୂଆ ନାମ ବି ଲଗାହେଲା। ଏଣୁ ଜେଜେ ଜନ୍ମିତ, ଘଣ୍ଟୁ ପାଳିତ ଦିଅଁଦିଆଁଣୀ ମାନେ ପାବାର କ୍ରମରେ ଏମ୍‌ପିଆଣୀ ଦେଇ, ଏମଲେଶ୍ୱର ଦେବ, ମେମ୍ବରାଣୀ ଦେଇ, ଚିଆରମାନେଇ, ପରିଷଦେଶ୍ୱର, ପ୍ରପଞ୍ଚେଶର ଦେବ- ଏମିତି ନାନା ଭାବରେ ଉଭା ହେଲେ।

**ଚାପୁଡ଼ା ଦଳକୁ ଦି'ଘଣ୍ଟା ଉଡ଼େଇବା ପରେ ବିଦା କରେଇ, ଗ୍ରାଣ୍ଡଗେଣ୍ଡା ଦଳକୁ ଦି'ଘଣ୍ଟା ଦିଆଇଲେ, ଯାପରେ କମଳିଆ ଦଳକୁ ଥୟ କଲେ।**

ଅକର୍ମା ମେଳଣର ପୂର୍ବରୁ ଚାନ୍ଦୁଆବନ୍ଧା, ଛାମୁଡ଼ିଆ ତିଆରି, ଦରିପାଲ ବିଛାଣ, ଖନ୍ଦାଖୋଳା- ସବୁ ସବୁ ପାଇଁ ଘଣ୍ଟେ ଲୋକ ରଖି ଢ଼େର କମେଇଲେ। ଚାପୁଡ଼ା ଦଳକୁ ଦି'ଘଣ୍ଟା ଉଡ଼େଇବା ପରେ ବିଦା କରେଇ, ଗ୍ରାଣ୍ଡଗେଣ୍ଡା ଦଳକୁ ଦି'ଘଣ୍ଟା ଦିଆଇଲେ, ଯାପରେ କମଳିଆ ଦଳକୁ ଥୟ କଲେ। ଅକଲ୍ୟାଣ ବାହାମଣ୍ଡପରେ ବରକନ୍ୟା ଭଡ଼ାବେଦୀରୁ ଉଠୁ ନ ଉଠୁଣୁ ଆଉ ଯୋଡ଼ିଏ ବିରାଜିବା ଭଳି କାଣ୍ଡ।

ହଣାଶଙ୍କରାଙ୍କୁ ଚେତନେ, ଅର୍ଦ୍ଧଚେତନେ ସ୍ମରୁଥିଲେ ଘଣ୍ଟେ- ଜେଜେ ସରଗରେ କି ନରକରେ ଅଛ ଜାଣିନି - ଯେଉଁଠି ଅଛ ଦେଖ, ତମ ନାତି - ଏବେ ସଁବାଳୁଆରୁ ନିର୍ବାଳୁଆ ହେଇନି, ଏମିତି ଭୋଟ୍ ଟାଇମ୍ ଆସୁଥାଉ, ନୂଆ ଦିଅଁଦିଆଁଣୀଏଁ ଏମିତି ନୂଆ ନୂଆ ଭାବେ ଉଭା ହୁଅନ୍ତୁ, ଏ ଲୀଳା ଚାଲୁ, ଭୋଟ କିଳା ହୁଗୁଳୁଥାଉ ।

ହଣାଶଙ୍କରାର ନାତି ଭାବେ ଘଣ୍ଟେ ଭୋଟ ପରେ ପୂର୍ବରୁ ନୂଆ ଚଉଚକିଆଟେ କିଣିବାକୁ ଆଡଭାନ୍ସ ଦେଇଥିଲା। ବଡ଼ପାଟିଆରେ ବାହାରେ ନେତାଙ୍କ ଜିନ୍ଦାବାଦ ପଡୁଥିବା ବେଳେ ଘଣ୍ଟୁଙ୍କ ତୁଣ୍ଡ ଜପୁଥିଲା 'ହଣାଶଙ୍କରା ଯୁଗୁଯୁଗୁ ଜିଓ। ଜେଜେ ଶଙ୍କରା ଜିନ୍ଦାବାଦ' ।

□□

ଲେଖକଙ୍କ ଇ-ମେଲ ଠିକଣା:
mishrasala.ctc@gmail.com


# 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ବାର୍ଷିକ ସଂଗ୍ରହ

## ଦୁଇ ବର୍ଷର ୧୨+୧୨ଟି ସଂଖ୍ୟା ଏକତ୍ର ବନ୍ଧାଇ ହୋଇ ଉପଲବ୍ଧ ଅଛି।




ଭୁବନେଶ୍ୱର ପୁରୁଣା
ବସ୍‌ଷ୍ଟାଣ୍ଡରେ ଥିବା
ନାରାୟଣୀ ବୁକ୍‌ଷ୍ଟଲ୍‌ରୁ
ଆଗ୍ରହୀ ପାଠକମାନେ ଏହାକୁ
ସଂଗ୍ରହ କରିପାରିବେ।

ପ୍ରତ୍ୟେକଟିର
ମୂଲ୍ୟ : ଟ.୩୬୦/- ମାତ୍ର



ପ୍ରବନ୍ଧ

# ଊନବିଂଶ ଶତାବ୍ଦୀ ଓଡ଼ିଆ ପତ୍ରପତ୍ରିକାରେ ଭାଷା ଆଲୋଚନା



ସୁପ୍ରିୟା ପ୍ରଶାନ୍ତ

ଭାରତର ବିଭିନ୍ନ ରାଜ୍ୟରେ ଭାଷାକୁ ନେଇ ସମସ୍ୟା ଓ ସେସବୁର ଆଲୋଚନା ସଦାସର୍ବଦା ଚାଲିଥାଏ; ଓଡ଼ିଶାରେ ଏପରି ଆଲୋଚନା ବାଦ୍ କାହିଁକି ପଡ଼ନ୍ତା? ୧୯୩୬ ମସିହାରେ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିବା ଓଡ଼ିଶାର ଜାତୀୟ ଆନ୍ଦୋଳନ ଭାଷାକୁ କେନ୍ଦ୍ର କରି ହୋଇଥିଲା ଏ କଥା କାହାରିକୁ ଅଛପା ନାହିଁ। ବ୍ରିଟିଶ ରାଜତ୍ୱ କାଳରେ ଓଡ଼ିଶାରେ ବଙ୍ଗଳା, ତେଲୁଗୁ ଓ ହିନ୍ଦୀ ଭାଷାର ଆଧିପତ୍ୟକୁ ବିରୋଧ କରି ଏହି ଆନ୍ଦୋଳନର ସୂତ୍ରପାତ ହୋଇଥିଲା। କିନ୍ତୁ ଓଡ଼ିଆ ସ୍ୱତନ୍ତ୍ର ରାଜ୍ୟ ହେବା ପରେ ମଧ୍ୟ ଭାଷାକୁ କେନ୍ଦ୍ର କରି ବିଭିନ୍ନ ସମସ୍ୟା ଓ ବିତର୍କ ଲାଗି ରହିଛି। ପଶ୍ଚିମ ଓଡିଶାରେ କୋଶଳୀ ଭାଷାର ସ୍ୱତନ୍ତ୍ରତାକୁ ନେଇ ବିତର୍କ, ଓଡ଼ିଆ ବିଚ୍ଛିନ୍ନାଞ୍ଚଳ ଯଥା ଷଢ଼େଇକଳା, ଖରସୁଆଁ ଆଦିରେ ଦେଖାଯାଉଥିବା ଭାଷା ସମସ୍ୟା, ସରକାରୀ କାର୍ଯ୍ୟାଳୟରେ ଓଡ଼ିଆର ବାଧ୍ୟତାମୂଳକ ବ୍ୟବହାର ଦାବି, ଆଞ୍ଚଳିକ ଭାଷାରେ ବୈଷୟିକ ଶିକ୍ଷା, ବିଲୁପ୍ତପ୍ରାୟ ଆଦିବାସୀ ଭାଷା ଆଦି ପ୍ରସଙ୍ଗରେ ଆଲୋଚନା ସର୍ବଦା ବିଭିନ୍ନ ଗଣମାଧ୍ୟମରେ, ଅନୁଷ୍ଠାନରେ, ସଭାସମିତିରେ ତଥା ଖଟିରେ ଚାଲିଥାଏ।




କହିବା ବାହୁଲ୍ୟ ଆମର ବହୁ ଭାଷାଭାଷୀ ଦେଶ ଓ ରାଜ୍ୟରେ ଭାଷାକୁ ନେଇ ଆଲୋଚନା, ଗଣ୍ଡଗୋଳ, ଟାହିଟାପରା କେବେ ବି ବନ୍ଦ ହେବାର ସମ୍ଭାବନା କମ୍। ନିକଟରେ ଫେବୃଆରୀ ୩-୫ ତାରିଖ, ୨୦୨୪ରେ ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଏହିପରି ବିତର୍କ ଓ ଆଲୋଚନାକୁ ଆହୁରି ସରଗରମ କରିଦେଇଛି। ଏହି ପରିପ୍ରେକ୍ଷୀରେ ଊନବିଂଶ ଶତାବ୍ଦୀରେ ଓଡ଼ିଆ ପତ୍ରପତ୍ରିକାରେ ଭାଷାକୁ ନେଇ କି ପ୍ରକାର ଆଲୋଚନା ହେଉଥିଲା ତାହା ଜାଣିବା ଅପ୍ରାସଙ୍ଗିକ ମନେ ହୁଏନା। ବରଂ ଏକ ତୁଳନାତ୍ମକ ଏବଂ ଐତିହାସିକ ଦୃଷ୍ଟିକୋଣରୁ ଏହି ଜ୍ଞାନ ସେ ସମୟର ସମସ୍ୟାକୁ ସମୀକ୍ଷା କରିବାକୁ ନୂତନ ଦୃଷ୍ଟିକୋଣ ପ୍ରଦାନ କରିଥାଏ ଏବଂ ବର୍ତ୍ତମାନର ସମସ୍ୟାଗୁଡିକୁ ଗଭୀରତାର ସହ ବୁଝିବାରେ ସାହାଯ୍ୟ କରିଥାଏ।

## ପ୍ରବୋଧ ଚନ୍ଦ୍ରିକା

ବାପ୍ଟିଷ୍ଟ ମିସନାରୀ ଚାର୍ଲସ ଲେସିଙ୍କ ଦ୍ୱାରା ସମ୍ପାଦିତ "ପ୍ରବୋଧ ଚନ୍ଦ୍ରିକା" ମାସିକ ପତ୍ରିକା ତିନି ବର୍ଷ ଧରି ପ୍ରକାଶ ପାଇଥିଲା। ୧୮୫୬ ମସିହାରେ ଏହାର ପ୍ରଥମ ସଂଖ୍ୟାରେ ଏକ ପ୍ରବନ୍ଧ ବାହାରିଥିଲା ଯାହାର ଶୀର୍ଷକ ଥିଲା, "ଦେଶୀୟ ଭାଷା ନ ଜାଣିବାର ପ୍ରତିଫଳ"। ପାଠକମାନଙ୍କ ଗୋଚରାର୍ଥେ ଏହି ପ୍ରବନ୍ଧଟିକୁ ନିମ୍ନରେ ଦିଆଯାଇଛି। ସେ ସମୟରେ ଅଧିକାଂଶ ଲେଖାରେ ଲେଖକଙ୍କର ନାମ ରହୁ ନ ଥିବାରୁ କେଉଁ ଲେଖା କାହା ଦ୍ୱାରା ଲିଖିତ ଜାଣିବା ସମ୍ଭବ ନୁହେଁ, କିନ୍ତୁ ଲେଖକ ଯେ ଭାଷା ସମ୍ବନ୍ଧରେ ନିଜସ୍ୱ ଦୃଢ ମତ ରଖିଛନ୍ତି, ତାହା ଏଠାରେ ସ୍ପଷ୍ଟ।

*"ଯେଉଁ ଦେଶରେ ଯେଉଁ ଭାଷା ଚଳୁଥାଏ ସେ ଦେଶୀୟ ମନୁଷ୍ୟମାନଙ୍କର ସକଳ ଅଭିପ୍ରାୟ ସେହି ଭାଷାରେ ବ୍ୟକ୍ତ ହୁଏ, ମାତ୍ର ସେଇ ସବୁ ଭାଷାର ଶବ୍ଦ ଅନେକ ଏବଂ ତାହାର ଅର୍ଥ ମଧ୍ୟ ନାନାପ୍ରକାର ଅଛି, ଦେଶୀୟ ଲୋକେ ସବୁ ଶବ୍ଦର ସମସ୍ତ ଅର୍ଥ ବୁଝିପାରନ୍ତି ନାହିଁ ଅନ୍ୟ ଲୋକଙ୍କୁ ପଚାରି ଜ୍ଞାତ ହୁଅନ୍ତି, ଅତଏବ ଜ୍ଞାନୀ ଲୋକେ କହନ୍ତି ଯେବେ ଅନ୍ୟ ଦେଶୀୟ ଲୋକେ ଅପର ଦେଶର ଭାଷା ବ୍ୟବହାର କରନ୍ତି,*

ତେବେ ସେଥିର ଶବ୍ଦ ପୁଣି ସାବ୍ଦର୍ଥ ଶିକ୍ଷାରେ ବିଲକ୍ଷଣ ମନଯୋଗ କରିବେ। କାରଣ ଆପଣା ଦୁଇ ଶବ୍ଦ ବୋଧରେ ଅନଭିଜ୍ଞ ହେଲେ, ଅନ୍ୟ କାହାରିଠାରେ ଏକ ଶବ୍ଦ ଅନ୍ୟ ପ୍ରକାର କହି ପାରନ୍ତି, ଏବଂ ଶବ୍ଦାର୍ଥ ନ ଜାଣିଲେ ଏକ ଶବ୍ଦର ତାତ୍ପର୍ଯ୍ୟ ଅନ୍ୟପ୍ରକାର କହନ୍ତି, ତହିଁରେ ଶ୍ରୋତାମାନେ ଏକ ବିଷୟ ଅନ୍ୟ ପ୍ରକାର ବୁଝି, ଯଦ୍ୟପି ବିପରୀତ ବ୍ୟବହାର କରିବେ, ତେବେ ଅନିଷ୍ଟ ସମ୍ଭାବନା ମଧ୍ୟ ହେବ, ଇହାର ଏକ ଉଦାହରଣ କହୁଅଛୁଁ, ମନଯୋଗ କର।"

"ଧାନ୍ୟ ନଗରେ ମାଧବ ଦାସ ବୋଲି ଜଣେ କ୍ଷତ୍ରିୟ ଥିଲା, ସେ ପ୍ରଥମାବସ୍ଥାରେ ଯୁଦ୍ଧ ଶିକ୍ଷା କରି ଅସ୍ତ୍ରଶସ୍ତ୍ର ଚଳାଇବାରେ ନିପୁଣ ହେଲା। ପୁଣି ସେଇ ବିଦ୍ୟାମହିମାରୁ ଅନେକ ରାଜ୍ୟ ଜୟ କଲା, ତଦ୍‌ବାଦ ଦେଖିଲା ରାଜ୍ୟ ସାଧନ ବିଷୟରେ ତାହା ବାଞ୍ଛା ପୂର୍ଣ୍ଣ ହୋଇଅଛି। ତେତେବେଳେ କମଳପୁର ନାମକ ସୁଶୋଭିତ ରାଜଧାନୀରେ ଅବସ୍ଥାନ କଲା। ଏହି ସମୟରେ ଧାନ୍ୟ ନଗରରୁ ମାଧବ ଦାସର ଆପଣା ପରିବାରମାନେ ଆଗମନ କଲେ, ପୁଣି ଜ୍ଞାତି କୁଟୁମ୍ବମାନେ ସୁଦ୍ଧା କ୍ରମରେ କମଳପୁରକୁ ଅଇଲେ; ଅନନ୍ତର ଦିନେ ମାଧବ ଦାସର ଗୁରୁ ପୁରୋହିତ ଏକତ୍ର ହୋଇ ପରାମର୍ଶ କଲେ, ମାଧବ ଦାସ କମଳପୁରରେ ରାଜା ହୋଇଅଛି ତାହା ଆତ୍ମୀୟ ପରିବାର ଜ୍ଞାତି କୁଟୁମ୍ବ ସୁଦ୍ଧା ସେଠାକୁ ଯାଇଅଛନ୍ତି, ତେବେ ଆମ୍ଭେମାନେ ଧାନ୍ୟ ନଗରରେ କି ଅବଲମ୍ବନରେ ରହିଲୁ, ଚାଲ, କମଳପୁରକୁ ଯାଇ ତାଙ୍କ ସଙ୍ଗେ ସାକ୍ଷାତ୍ କରିବା, ସେ ଅବଶ୍ୟ ଆମ୍ଭମାନଙ୍କୁ ପାଖରେ ରଖିବେ। ଏହି ପରାମର୍ଶ କରି ଗୁରୁ ପୁରୋହିତ କମଳପୁରକୁ ଗଲେ। ମାତ୍ର ସେହି ସମୟରେ ମାଧବ ଦାସ ଦ୍ୱାରରେ ଅନେକ ଦ୍ୱାରୀ ଥିଲେ, ସେମାନେ ଦେଶୀୟ ଲୋକ, ସଂସ୍କୃତ ଭାଷା କିଛି ଜାଣନ୍ତି ନାହିଁ ତଥାଚ ସେଇ ଗୁରୁ ପୁରୋହିତ ସଂସ୍କୃତ ଭାଷାରେ କହିଲେ, ରାଜାଙ୍କୁ ସମାଚାର କହ, ଧାନ୍ୟ ନଗରରୁ ଗୁରୁ ପୁରୋହିତ ଆସିଛନ୍ତି। ଦୌବାରିକଙ୍କଠାରେ ବାରବାର କରି ଏକଥା କହିଲେ ସେମାନେ ତାହା ବୁଝି ପାରିଲେ ନାହିଁ, ଅତଏବ ଦ୍ୱାରୀମାନେ ମହା ବିରକ୍ତ ହୋଇ ଭାବନା କଲେ ରାଜାଙ୍କ ନିକଟରେ ସମାଚାର ନ ଦେଲେ ସେମାନଙ୍କୁ ଦଣ୍ଡ ହେବ ଅତଏବ ଜଣେ ସେଇ କଥା ଶୁଣି ରାଜାଙ୍କ ନିକଟକୁ କହିବାକୁ ଗଲା, ମାତ୍ର ଯାଉଁ ଯାଉଁ ଆନୁପୂର୍ବିକ ଭୁଲି ଯାଇ ହିନ୍ଦୀ ଭାଷାରେ କହିଲା, 'ହେ ମହାରାଜ ଗୁରୁନଗରଠାରୁ ଧାନ୍ୟ ଆସିଅଛି, କି ଆଜ୍ଞା ହେଉଅଛି।' ରାଜା ଭାବନା କଲେ ତାଙ୍କ ଗ୍ରାମର ନାମ ଗୁରୁ ନଗର ଅଟେ ସେହିଠାରୁ ଧାନ୍ୟ ଆସିଥିବ। ଅତଏବ ସେ କହିଲେ ଧାନ୍ୟ ନେଇ ଗୋଲାରେ ରଖ, ଏପରି ବିବେଚନା ହେବ। ଏହି କଥା ଦ୍ୱାରପାଳ ଶୁଣି ତଳେ ଯାଇ କହିଲା, ତୁମ୍ଭମାନଙ୍କୁ ଗୋଲାରେ ରଖିବାପାଇଁ ଆଜ୍ଞା ଦେଲେ ଚାଲ, ସେହିଠାରେ ରଖି ଆସିବା। ତହିଁରେ ଗୁରୁ ପୁରୋହିତ ଭାବନା କଲେ, ଗୋଲା ନାମରେ କୌଣସି ଉତ୍ତମ ଗୃହ ଅଛି, ସେହିଠାରେ ଆମ୍ଭମାନଙ୍କୁ ନେଇ ଯାଉଅଛି, ଇହା ବାଦ ରାଜା ଆସି ସାକ୍ଷାତ୍ କରିବେ; ଏବଂ ଗୋଲାର କବାଟ ଫିଟାଇ ଯେତେବେଳେ ଧାନ ଉପରେ ବସିବାକୁ କହିଲା ତେତେବେଳେ ମନରେ ବିଚାର କଲେ ଏ ଦେଶର ଏହି ବ୍ୟବହାର ଥିବ ଯେ, ଗୁରୁ ପୁରୋହିତ ଆସିଲେ ତାଙ୍କୁ ପ୍ରଥମେ ଲକ୍ଷ୍ମୀ ଭଣ୍ଡାରରେ ବସାଇବାକୁ ହୁଏ, ଏହି କାରଣ ବୁଝି ଗୋଲାକୁ ଘେନି ଆସିଲା। ମାତ୍ର ଯେତେବେଳେ ଚାବି ଦେଇ ଦ୍ୱାରୀ ଚାଲିଗଲା, ସନ୍ଧ୍ୟା ପର୍ଯ୍ୟନ୍ତ ସୁଦ୍ଧା କେହି ପଚାରିଲେ ନାହିଁ, ତେତେବେଳେ ସେମାନେ ବିଚାର କଲେ ଆମ୍ଭମାନଙ୍କର ଦୁଃଖର କୌଣସି କାରଣ ଘଟିଅଛି, ନତୁବା ମାଧବ ଦାସ ଯଥାର୍ଥ ଜାଣି ପାରିଲେ କଦାଚ ଏପରି ହୁଅନ୍ତା ନାହିଁ, ଅତଏବ ଗୁରୁ ପୁରୋହିତ ଏବଂ ଭୃତ୍ୟ ଏମାନେ ମହା କୋଳାହଳ ଚିତ୍କାର ଶବ୍ଦ କଲେ, ମାତ୍ର ତହିଁରେ ସୁଦ୍ଧା ଦୌବାରିକମାନେ କବାଟ ଫିଟାଇ ନ ଦେଲେ, ବରଂ ବାହାରେ ରହି ଆହୁରି ତର୍ଜନ୍ ଗର୍ଜନ କଲେ।"

"ପୁନଶ୍ଚ ସେଇ କୋଳାହଳ ରାଜାଙ୍କ କର୍ଣ୍ଣଗୋଚର ହେଲା ଯେ ଧାନ୍ୟ ଗୋଲାରେ କୌଣସି ଲୋକ ବନ୍ଦ ହୋଇଅଛି, ଅତଏବ ରାଜା ଦୌବାରିକମାନଙ୍କୁ ଡାକି ପଚାରିଲେ, ଧାନ୍ୟ ଗୋଲା ଭିତରେ କାହିଁକି ଗୋଳମାଳ ହେଉଅଛି, ତହିଁରେ ଦୌବାରିକ କହିଲା, ଦାସ

**ସେ ସମୟରେ ଅଧିକାଂଶ ଲେଖାରେ ଲେଖକଙ୍କର ନାମ ରହୁ ନ ଥିବାରୁ କେଉଁ ଲେଖା କାହା ଦ୍ୱାରା ଲିଖିତ ଜାଣିବା ସମ୍ଭବ ନୁହେଁ।**

*ତେତେବେଳେ କହିଅଛି ଗୁରୁ ପୁରରୁ ଧାନ୍ୟ ଆସିଅଛି, କି ଆଜ୍ଞା ହେଉ, ତହିଁରେ ମହାରାଜ ଧାନ୍ୟ ଗୋଲାରେ ରଖିବା ଲାଗି ଅନୁମତି କରିଅଛନ୍ତି, ସେମାନଙ୍କୁ ସେହିଠାରେ ରଖିଅଛି। ବର୍ତ୍ତମାନ ସେମାନେ ଚିତ୍କାର କରୁଅଛନ୍ତି। ଏଥିରେ ରାଜା କହିଲେ, 'ଆରେ ମୂର୍ଖ, ଏ ଯେ ମନୁଷ୍ୟଙ୍କର ଚିତ୍କାର ଶୁଣୁଅଛୁ। ଧାନ୍ୟ କି ମନୁଷ୍ୟ ପ୍ରାୟ ଚିତ୍କାର କରିପାରେ, କେମନ୍ତ ଧାନ୍ୟ ରଖିଅଛୁ, ଏଠାକୁ ଘେନି ଆସ, ବିବେଚନା କରିବା। ତଦ୍‌ବାଦ ଦୌବାରିକ ଯାଇ ଗୋଲା କବାଟ ଫିଟାଇ ଗୁରୁ ପୁରୋହିତେ, ଭୃତ୍ୟ ଏମାନଙ୍କୁ ଆଣିବାରୁ ମାଧବ ଦାସ ମହାଲଜ୍ଜିତ ହେଲେ ଏବଂ ନାନାପ୍ରକାର ସ୍ତୁତି ବାକ୍ୟରେ ସେମାନଙ୍କୁ ଶାନ୍ତ କରି ଉକ୍ତ ଦ୍ୱାରିକୁ ଦଣ୍ଡ ଦେଲେ। ମାତ୍ର ସେଇ ବ୍ୟକ୍ତି ସେ ଦେଶ ଭାଷାର ପଦପଦାର୍ଥ ଜାଣି ସର୍ବଜ୍ଞ ହୋଇଥିଲେ ତାହାର ଏ ଦଶା ନ ହୁଅନ୍ତା ଏବଂ ଗୁରୁ ପୁରୋହିତମାନେ ସୁଦ୍ଧା ଏତେ କ୍ଳେଶ ପାଇ ନ ଥାନ୍ତେ।"*




### ସ୍ଥାନ କାଳ ପାତ୍ର

ଉପରୋକ୍ତ ଉଦାହରଣଟି ଦର୍ଶାଏ ସ୍ଥାନ, କାଳ, ପାତ୍ର ଦେଖି ଭାଷା ବ୍ୟବହାର ନ କଲେ ଏବଂ ବକ୍ତା ଓ ଶ୍ରୋତା ମଧ୍ୟରେ ଭାଷା ବୁଝିବା କ୍ଷମତାରେ ପାର୍ଥକ୍ୟ ରହିଲେ ଭୁଲ୍ ବୁଝାମଣା ତଥା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ। ସେତେବେଳେ ଓଡ଼ିଶାରେ ବଙ୍ଗଳାର ବହୁଳ ବ୍ୟବହାର ଦ୍ୱାରା ଓଡ଼ିଆମାନେ ଭିନ୍ନ ଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ ଏବଂ ଏହା ଦ୍ୱାରା ବହୁ ହାସ୍ୟାସ୍ପଦ ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଥିଲା। ଊନବିଂଶ ଶତାବ୍ଦୀର ବିଭିନ୍ନ ପତ୍ରପତ୍ରିକାରେ ଯେ ପ୍ରକାର କଥୋପକଥନର ଦୃଷ୍ଟାନ୍ତ ପଢିବାକୁ ମିଳିଥାଏ। ମାର୍ଚ୍ଚ ୧୮୭୩ରେ "ଉତ୍କଳ ଦର୍ପଣ" ପତ୍ରିକାରେ ଓଡ଼ିଆ ଓ ବଙ୍ଗାଳି ଭାଷାଭାଷୀଙ୍କ କଥୋପକଥନକୁ ନେଇ ନିମ୍ନୋକ୍ତ ସମ୍ବାଦଟି ପଢିବାକୁ ମିଳିଥାଏ:

*"ଜଣେ ଉଡ଼ିୟା ଜଗନ୍ନାଥ ଦାଣ୍ଡରେ ଯାଉଥିଲା। ତା' ପଛେ ପଛେ ତା' ଭାର୍ଯ୍ୟା ଯାଉଥିଲା। ଭାର୍ଯ୍ୟା ହାତରେ ଖଣ୍ଡେ ନିଆବଡ଼ ଥିଲା। ଜଣେ ବଙ୍ଗାଳୀ ଚିଲିମରେ ତମାଖୁ ସଜାଇ ନିଆଁ ଖୋଜୁଥିଲେ। ଉଡ଼ିଆକୁ ଦେଖି ପଚାରିଲେ 'ଓରେ ଓ କେ ଆସଚେ'। ଉଡ଼ିଆ ବୋଇଲା 'ସେ ମୋ ମାଇପୋ'। ବଙ୍ଗାଳୀ ଏହିତା ଶୁଣି 'ଓ ମାଇପୋ ଓ ମାଇପୋ' ବୋଲି ନିଆଁ ମାଗିଲେ। ଉଡ଼ିଆ ଶୁଣି କ୍ରୋଧାନ୍ୱିତ ହୋଇ ବଙ୍ଗାଳୀଙ୍କୁ ବାଡିରେ ୩/୪ ପାହାର ପିଟିଲା।"*

'ଉତ୍କଳ ଦର୍ପଣ'ର ଉପରୋକ୍ତ ସଂଖ୍ୟାରେ ଓଡ଼ିଆ ଓ ବଙ୍ଗାଳୀଙ୍କ ମଧ୍ୟରେ ଥିବା ଭାଷାର ସୂକ୍ଷ୍ମ ତାରତମ୍ୟକୁ ଦର୍ଶାଉଥିବା ସମ୍ବାଦଟିଏ ମଧ୍ୟ ପଢିବାକୁ ମିଳିଥାଏ:

*"ଜଣେ ବଙ୍ଗାଳୀ ରାତ୍ରରେ କଟକରେ ପୌହୁଁଚିଲେ। ତାହାଙ୍କର ଜଣେ ବନ୍ଧୁ ବେହେରା ହାତରେ ତାହାଙ୍କଠାକୁ ପରିବା ପଠାଇଲେ। ବେହେରାକୁ ଦେଖି ନବାଗତ ବନ୍ଧୁ ପଚାରିଲେ 'କିରେ କୋଥାୟ ଏସେଚିସ୍' ବେହେରା ବୋଇଲେ, 'ବାବୁ ପରିବା ପଠାଇ ଦେଇଛନ୍ତି'। ନବାଗତ ବାବୁ ବୋଇଲେ 'ଆମିତ ସଙ୍ଗେ ପରିବାର ଆନି ନାଇଁ ପାଲିକି ଫିରିଏ ନିଏ ଯା।' ବେହେରା ବୁଝି ନପାରି ବୋଇଲା 'ବାବୁ ପଠାଇଛନ୍ତି ଫେରାଇ ନେବି କିପରି?' ବାବୁ ବୋଇଲେ 'ଆର କି ତିନି ଏଖାନେ ଥାକବେନ୍'। ବେହେରା ବୋଇଲା 'ବାବୁ ପଠେଇଛନ୍ତି ଆପଣ ନ ନେଲେ ସେଉଟା ଭଲ ହେବ ନାହିଁ।' ବାବୁ ବୋଇଲେ 'ସେ କିରେ ଆମାର ବାସାୟ କୋନ ସ୍ତ୍ରୀ ଲୋକ ନେଇ; ରାତ୍ରେ ତାଁର ପରିବାର ଏଖାନେ ଥାକବେନ କି କରେ।' ବେହେରା ବୋଇଲା 'ମୁଁ କଣ କରିବି ସେ ପଠାଇଛନ୍ତି ମୋର ଚାରା କ'ଣ?' ବାବୁ କୁପିତ ଓ ବିସ୍ମିତ ହୋଇ ବୋଇଲେ 'ବଲିସ କି କୋୟ ତିନି କୋୟ?' ବେହେରା ଗାମୁଛା ଫିଟାଇ ଦେଖାଇଲା। ବାବୁ ହସିଲେ। ଆଉ ଲୋକଙ୍କୁ ପଚାରି ବୁଝିଲେ ଉଡିଶ୍ୟାରେ କଞ୍ଚା-ତରକାରିକୁ ପରିବା ବୋଲନ୍ତି।"*

ଏହି ପରିସ୍ଥିତିରେ ଭାଷାଭେଦ ଓ ତା' ଫଳରେ ସୃଷ୍ଟ ବିଦ୍ୱେଷଭାବ ମଧ୍ୟ ଆଲୋଚନାର ପରିସରଭୁକ୍ତ ହୋଇଥାଏ। ୧୮ ନଭେମ୍ବର ୧୮୭୩ ମସିହାରେ "ବିଦେଶୀ" ପତ୍ରିକାରେ ନିମ୍ନୋକ୍ତ କଥାଟି ପଢିବାକୁ ମିଳିଥାଏ:

*"ଯାହା ହେଉ ନବ୍ୟ ବଙ୍ଗବାସୀମାନେ ଭାଷାଭେଦର ଆପତ୍ତିର ମସ୍ତକରେ ପଦାର୍ପଣ କରି ଏପରି ବୋଲନ୍ତି ଯେ 'ଆମ୍ଭମାନଙ୍କର ଭାରତମାତାଙ୍କର ସମସ୍ତ ସନ୍ତାନମାନଙ୍କ*

*ମଧ୍ୟରେ ନାନା ପ୍ରକାର ଭାଷାର ବ୍ୟବଧାନ ଥାଉ, ତହିଁରେ ଆମ୍ଭମାନଙ୍କର ପରସ୍ପର କିଛି କ୍ଷତି ନାହିଁ।' ଆମ୍ଭେମାନେ ବର୍ତ୍ତମାନ କି ଉତ୍କଳ କି ପଞ୍ଜାବ କି ରାଜସ୍ଥାନ କି ବୋମ୍ବାଇ କି ମାନ୍ଦ୍ରାଜ ସମସ୍ତ ଭାରତ ସନ୍ତାନ ଏକତ୍ରେ ସମ୍ମିଳିତ ହୋଇ ବାଲ୍ମିକୀ, ବେଦବ୍ୟାସ, କାଳିଦାସ, ଭବଭୂତି, ବାଣଭଟ୍ଟ, ଆର୍ଯ୍ୟଭଟ୍ଟ, ଚାଣକ୍ୟ, ଗୌତମ, ଶଙ୍କରାଚାର୍ଯ୍ୟ ପ୍ରମୁଖ ପୂର୍ବପୁରୁଷମାନଙ୍କୁ ମଧ୍ୟବର୍ତ୍ତୀ କରି ଏକଯୋଗରେ ସେମାନଙ୍କର ଚରଣ ପୂଜା ଦ୍ୱାରା ପରସ୍ପର ସମସ୍ତ ଭାରତ ସନ୍ତାନଙ୍କ ମଧ୍ୟରେ ହୃଦୟର ଐକ୍ୟତା ସାଧନ କରିବା। ଜାତୀୟ ଭାଷାଭେଦର ଜଘନ୍ୟ କଥା ପରିତ୍ୟାଗ କରି ପଶ୍ଚିମଦେଶସ୍ଥ ସମସ୍ତ ସଭ୍ୟତା, ସମସ୍ତ ଉନ୍ନତି, ସମସ୍ତ ନୀତିଜ୍ଞାନକୁ ଆମ୍ଭେମାନେ ଏକତ୍ର ଆୟତ୍ତ କରି ପୁଣି ଭାରତ ବର୍ଷର ମୁଖୋଜ୍ଜ୍ୱଳ କରିବା।"*

## ଅଶ୍ଳୀଳ ଭାଷା ପ୍ରସଙ୍ଗ

'ବିଦେଶୀ' ପତ୍ରିକାରେ ୧୨ ମାର୍ଚ୍ଚ ୧୮୭୪ରେ 'ଅଶ୍ଳୀଳ ଭାଷା' ସମ୍ପର୍କୀୟ ପ୍ରବନ୍ଧଟିଏ ପଢିବାକୁ ମିଳିଥାଏ। ସେଥିରୁ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟଟିଏ ନିମ୍ନରେ ଉଦ୍ଧୃତ କରାଯାଇଛି:

*"କଲିକତାରେ ଅଶ୍ଳୀଳଭାଷା ପାଇଁ ନାନାପ୍ରକାର ଚେଷ୍ଟା ହେଉଅଛି କିନ୍ତୁ ସେପରି ମହତ୍ ଉଦ୍ଦେଶ୍ୟ ତୁରନ୍ତ ସାଧନ ଏହା ପକ୍ଷରେ କଠିନ ବୋଧ ହୁଏ। ଯେଉଁ ପୁଲିସ ଦ୍ୱାରା ଏପରି ପାପକାର୍ଯ୍ୟ ନିବାରଣ ହେବ, ଅଶ୍ଳୀଳଭାଷା, ସେହି ପୁଲିସ କର୍ମଚାରୀମାନଙ୍କ ଅନ୍ନ ଜଳର ମଧ୍ୟ ପରିଗଣିତ। ସୁଶିକ୍ଷା ଦ୍ୱାରା ଅଶ୍ଳୀଳଭାଷା ନିରାକରଣ ହେବା ଏକମାତ୍ରକେ ଉପାୟ ଥିଲା ମାତ୍ର ସେପକ୍ଷରେ ଆମ୍ଭେମାନେ ନିରାଶୀ ହୋଇଅଛୁ, ତହିଁର କାରଣ ଶିକ୍ଷା ବିଭାଗର କର୍ମଚାରୀମାନଙ୍କ ମଧ୍ୟରୁ ଅନେକ ବିଦ୍ୟାଭିମାନୀ – ସଭ୍ୟାଭିମାନୀ ଅଶ୍ଳୀଳ ଭାଷାଙ୍କ ମନ୍ତ୍ରସିଦ୍ଧ ଅଟନ୍ତି। ଶିକ୍ଷା ବିଭାଗରେ ଅନେକ କର୍ମଚାରୀଙ୍କୁ ଏପରି ଅଶ୍ଳୀଳ ଭାଷୀ ଦେଖାଯାଏ କି ସେପରି ଅଶ୍ଳୀଳ ଭାଷାରେ କଥା କହିବାକୁ ଇତର ଶ୍ରେଣୀଙ୍କ ଲୋକମାନେ ସୁଦ୍ଧା ଲଜ୍ଜାବୋଧ କରିଥାନ୍ତି। ଶିକ୍ଷାବିଭାଗର ଅଧିକାଂଶ କର୍ମଚାରୀମାନଙ୍କ ପାଇଁ ଶିକ୍ଷାର ଉନ୍ନତି ଦୃଷ୍ଟ ହେଉଥାଏ। ବିଏ, ଏଲ, ଏମ୍ ଏ ପ୍ରଭୃତି ଏଡେ ଏଡେ ଉପାଧିଧାରୀମାନଙ୍କ ମଧ୍ୟରେ ଅଧିକାଂଶ ହୃଦୟକୁ ଅଶ୍ଳୀଳଭାଷା ପିଶାଚୀ ଅଧିକାର କରିଅଛି କି ତାଙ୍କର ସେପରି ପ୍ରଭୁତ୍ୱ ଇତର ଶ୍ରେଣୀଙ୍କ ମଧ୍ୟରେ ଦେଖାଯାଏ ନାହିଁ। ଏଆଡେ ଦେଶୀୟ ସଭ୍ୟ ସମାଜରେ ଅଶ୍ଳୀଳ ଭାଷା ପିଶାଚିଙ୍କର ଏହିପରି ପ୍ରଭୁତ୍ୱ, ଅନ୍ୟ ଆଡରେ ବିଚାରପତିମାନଙ୍କ ମଧ୍ୟରେ ଅନେକ ହିଁ ଅଶ୍ଳୀଳଭାଷା ପିଶାଚୀଙ୍କ ପୂଜାରେ ବିଲକ୍ଷଣ ଭକ୍ତ ଦେଖାଯାଏ। ଏପରି ସ୍ଥଳରେ ପାପିୟସୀ ଅଶ୍ଳୀଳଭାଷାଙ୍କ ପ୍ରତିକାରର ଉପାୟ କ'ଣ?"*

*"ସମ୍ପ୍ରତି କଲିକତାରେ ଅଶ୍ଳୀଳଭାଷାର ପୁସ୍ତକ ବିକ୍ରୟ ପାଇଁ କେତେଜଣ ପୁସ୍ତକ ବିକ୍ରେତାକୁ ଦଣ୍ଡ ଦେବା ନିମନ୍ତେ ମହା ଉଦ୍‌ଯୋଗ ଶୁଣାଯାଏ ମାତ୍ର, ସଭ୍ୟ ଭବ୍ୟ ପଣ୍ଡିତାଭିମାନୀ ଏଡେ ଏଡେ ବିଏ ଏଲ୍ ଏମ୍ ଏ ପ୍ରଭୃତି ଅଶ୍ଳୀଳଭାଷା ଯେଉଁମାନଙ୍କ ଇଷ୍ଟଦେବତା, ସେମାନଙ୍କ ପ୍ରତିକାରର ଉପାୟ କ'ଣ? ଅନ୍ୟ ଆଡରେ ଅଶ୍ଳୀଳଭାଷୀ ପୁଲିସର କର୍ମଚାରୀମାନଙ୍କ ଅବା ଯେଉଁ ବିଚାରପତିମାନେ ବିଚାର ଆସନରେ ବସି ସୁଦ୍ଧା ଅଶ୍ଳୀଳଭାଷା ବ୍ୟବହାର କରିଥାନ୍ତି – ସେମାନଙ୍କ ପ୍ରତିକାର କରିବାକୁ ଉପାୟ କ'ଣ? ସେଥିପାଇଁ ଆମ୍ଭେମାନେ ଗଭରମେଣ୍ଟକୁ ବିଶେଷ ଅନୁରୋଧ କରୁଁ କି ଗଭରମେଣ୍ଟ ସର୍ବାଗ୍ରରେ ଅଧୀନସ୍ଥ କର୍ମଚାରୀ ଏବଂ ଉକୀଲ, ମୁକ୍ତାର, ପୁଲିସ ପ୍ରଭୃତି ନୈକଟ୍ୟ ପରିବାରମାନଙ୍କୁ ଅଶ୍ଳୀଳଭାଷା ବ୍ୟବହାର ପକ୍ଷରେ ବିଶେଷ ଶାସନରେ ମନଯୋଗୀ ହୁଅନ୍ତୁ, ତାହା ହେଲେ ସେହି ଦପଦପାରେ ଅଭଦ୍ର ଶ୍ରେଣୀଙ୍କର ମୁଖ ଆପେ ଆପେ ହିଁ ସଂଯମିତ ହୋଇଯିବ। ଯେତେଦିନ ଗଭରମେଣ୍ଟଙ୍କର ଆପଣ ପରିବାର ମଧ୍ୟରେ ଅଶ୍ଳୀଳଭାଷା ପିଶାଚୀଙ୍କ ପ୍ରଭୁତ୍ୱ ଥିବ, ତେତେ ଦିନ ଅଶ୍ଳୀଳଭାଷା ନିବାରଣର କୌଣସି ଉପାୟ ଦେଖାଯାଏ ନାହିଁ।"*

**"ଯେତେଦିନ ଗଭରମେଣ୍ଟଙ୍କର ପରିବାର ମଧ୍ୟରେ ଅଶ୍ଳୀଳଭାଷା ପିଶାଚୀଙ୍କ ପ୍ରଭୁତ୍ୱ ଥିବ, ତେତେ ଦିନ ଅଶ୍ଳୀଳଭାଷା ନିବାରଣର କୌଣସି ଉପାୟ ଦେଖାଯାଏ ନାହିଁ।"**

ସାଧାରଣ ସ୍ଥାନରେ ଅଶ୍ଳୀଳ ଭାଷାର ପ୍ରାଦୁର୍ଭାବ ଏବଂ ତାକୁ କେମିତି ରୋକାଯାଇପାରିବ ସେ ନେଇ ଆଲୋଚନା ଆଜିର ସାମାଜିକ ମାଧ୍ୟମରେ ଟିଟିକାରମାନଙ୍କ ଦ୍ୱାରା ଅଶ୍ଳୀଳ ଭାଷାର ବ୍ୟବହାର ଦିଗକୁ ଧ୍ୟାନ ଆକର୍ଷଣ କରିଥାଏ। ଏହି ସମସ୍ୟା ଯେ ସବୁ ଦିନେଁ ସଭ୍ୟ ସମାଜକୁ ବିବ୍ରତ କରିଛି ଏହା କହିବା ବାହୁଲ୍ୟ।

'ଉତ୍କଳ ଦର୍ପଣ'ରେ ମାର୍ଚ୍ଚ ୧୮୭୩ ମସିହାରେ ନିୟମିତ 'ରହସ୍ୟ' ସ୍ତମ୍ଭରେ ଏହି ମଜା କଥାଟି ପଢ଼ିବାକୁ ମିଳେ –

*“କୌଣସି କବି ଖଣ୍ଡିଏ ଅଶ୍ଳୀଳ କାବ୍ୟ ରଚନା କରି ଆପଣାର କୌଣସି ବନ୍ଧୁଙ୍କୁ ଦେଖାଇଲେ। ବନ୍ଧୁ ବିରକ୍ତ ହୋଇ ବୋଇଲେ ଏପରି ଅଶ୍ଳୀଳ ରଚନା ପ୍ରକାଶ କରିବାର ଅବିହିତ କବି ବୋଇଲେ ‘ମୁଁ ପ୍ରକାଶ କରିବା ଇଚ୍ଛାରେ ଏହି ରଚି ନାହିଁ, ମୋହର ରୋଗ ବେଳେ ଚିତ୍ତ ବିନୋଦନ ସକାଶ ଏହା ରଚି ଥିଲି।’ ବନ୍ଧୁ ବୋଇଲେ ଏ ରୋଗ ନିମନ୍ତେ ଏପରି ମନ୍ଦ ଔଷଧିର ପ୍ରୟୋଜନ ହୋଇଥିଲା ସେ ରୋଗ ଔଷଧଠାରୁ ଅଧିକ ମନ୍ଦ ହୋଇଥିବ।”*

## ଭୁଲ୍ ସଂସ୍କୃତ ବ୍ୟବହାର

ସେହିପରି ଏକ ଭିନ୍ନ ପ୍ରସଙ୍ଗରେ ୨୭ ଜୁନ୍ ୧୮୭୪ ମସିହାରେ ପ୍ରକାଶିତ ‘ବିଦେଶୀ’ ପତ୍ରିକାରେ ଭୁଲ୍ ସଂସ୍କୃତ ବ୍ୟବହାରକୁ ନେଇ ଏକ ସଂକ୍ଷିପ୍ତ ଓ ଆକ୍ଷେପଧର୍ମୀ ସମ୍ବାଦ ପଢ଼ିବାକୁ ମିଳେ – *“ଆମ୍ଭମାନେ ଉତ୍କଳ କାଳିଦାସ – ଉତ୍କଳ ସେକସ୍ପିଅର ଉତ୍କଳ ହିତୈଷିଣୀଙ୍କୁ ଅନୁରୋଧ କରୁଁ ଯେ ସେ ସଂସ୍କୃତର ଅପଘାତ କରିବାକୁ ନିବୃତ୍ତ ହୁଅନ୍ତୁ। ସେ ଯେତେ ମିସଲେଲିୟଲ୍ ସଂସ୍କୃତ ଲେଖିଥାଆନ୍ତି ଯେ ସେ ଆପେ ତହିଁର ମଲ୍ଲିନାଥ ହୋଇ ଟିକା କରି ନ ଦେଲେ ନରଲୋକର ବୋଧଗମ୍ୟ ହେବା ସୁକଠିନ ହୁଏ।”*

**“ଆମ୍ଭେମାନେ ଉତ୍କଳ ହିତୈଷିଣୀଙ୍କୁ ଅନୁରୋଧ କରୁଁ ଯେ ସେ ସଂସ୍କୃତର ଅପଘାତ କରିବାକୁ ନିବୃତ୍ତ ହୁଅନ୍ତୁ।”**

‘ଉତ୍କଳ ଦର୍ପଣ’ ପତ୍ରିକାରେ ୧୮୭୩ ଜୁନ୍ ମାସରେ ପୃଥିବୀରେ କେବଳ ଗୋଟିଏ ଭାଷା ରହିବା ପ୍ରସଙ୍ଗକୁ ନେଇ ଆଲୋଚନାଟି ବର୍ତ୍ତମାନ ବିଶ୍ୱରେ ଇଂରାଜୀ ଭାଷାର ସୁଦୂରପ୍ରସାରୀ ବ୍ୟବହାର ଓ ଏହାର ନକାରାତ୍ମକ ଦିଗକୁ ଦର୍ଶାଏ। ଆଲୋଚନାଟି ଉଲ୍ଲେଖଯୋଗ୍ୟ –


*“କେହି କେହି ଜଗତହିତୈଷୀ ଲୋକେ ବୋଲନ୍ତି ଯେ ପୃଥିବୀରେ ଯେତେ ଭାଷା ଅଛି ସେ ସବୁ ଲୋପ ପାଇ ସମସ୍ତଙ୍କର ଗୁଟିଏ ଭାଷା ହେଲେ ମନୁଷ୍ୟର ଅନେକ ଉପକାର ହେବ। ଏହା ବାଞ୍ଛନୀୟ ଅଟେ, ମାତ୍ର ସାଧ୍ୟ ନୁହେଁ। କେହି କେହି ବିଜ୍ଞ ଓ ସାଧୁ ହିତେଚ୍ଛାସମ୍ପନ୍ନ ଲୋକେ କହନ୍ତି ଯେ ଲିଖିତ ଓ କଥିତ ଭାଷାର ଯେଉଁ ପରିମାଣରେ ସାଦୃଶ୍ୟ ବଢ଼ିବ ସେହି ପରିମାଣରେ ମନୁଷ୍ୟର ସୁବିଧା ହେବ। ଯତ୍ନ କଲେ ଏହି ଇଚ୍ଛା କାଳରେ ସିଦ୍ଧ ହୋଇପାରେ। ଆମ୍ଭେମାନେ ଏହି ମତ ଅନୁସରି ଆମ୍ଭର ଭାଷାକୁ ଯଥାଶକ୍ତି ସାଧାରଣର ବୋଧଗମ୍ୟ କରିବାକୁ ଚେଷ୍ଟା କରୁଅଛୁଁ। ଅବଶ୍ୟ ଏହା ଆମ୍ଭେ ମୁକ୍ତ କଣ୍ଠରେ ସ୍ୱୀକାର କରିବୁଁ ଯେ ଆମ୍ଭ ପରି କ୍ଷୁଦ୍ରଲୋକ ଦ୍ୱାରା ଏଡ଼େ ବୃହତ୍ କାର୍ଯ୍ୟ ଅଂଶତଃ ସୁଦ୍ଧା ସିଦ୍ଧ ହେବାର କଠିନ। ହେଲେ ହେଁ ଯତ୍ନର ତ୍ରୁଟି କରିବୁଁ ନାହିଁ। ସୌଭାଗ୍ୟକ୍ରମେ କୌଣସି ମହାନ୍ ଲୋକ ଆମ୍ଭ ସଙ୍ଗେ ଏକମତ ହୋଇ ଆମ୍ଭ ପ୍ରଦର୍ଶିତ ରୀତିରେ ଲେଖିବେ। ଅନ୍ୟ କୌଣସି ମହାନ୍ ଲୋକ ତାଙ୍କର ଅନୁବର୍ତ୍ତୀ ହେବେ। ବର୍ତ୍ତମାନ ଯାହା ଲୋକମାନଙ୍କର, ବିଶେଷତଃ ଶିକ୍ଷିତ ସମ୍ପ୍ରଦାୟର ହେୟ ହିଅଛି, ଶେଷକୁ ତାହା ଉପାଦେୟ ହୋଇଉଠିବ। ବର୍ତ୍ତମାନ ଚଳିତ ଉତ୍କଳୀୟ ଗଦ୍ୟର ସର୍ଜନା ବଙ୍ଗଳା ଗଦ୍ୟର ଅନୁକରଣରେ ହୋଇଅଛି। ଦୁଇ ଏକ ବର୍ଷ ପୂର୍ବରେ ବଙ୍ଗଳା ଗଦ୍ୟର ରଚନା ନିତାନ୍ତ ସାଧୁଭାଷା ମିଶ୍ରିତ ଥିଲା; ବର୍ତ୍ତମାନ ସୁଦ୍ଧା ଅଧିକ ପରିମାଣରେ ଅଛି, କେବଳ ଦୁଇଚାରିଜଣ ଉତ୍କୃଷ୍ଟ ରୁଚିସମ୍ପନ୍ନ (ଅନ୍ତତଃ ଆମ୍ଭମାନଙ୍କ ବିବେଚନାରେ) ବ୍ୟକ୍ତ ପୂର୍ବ ରୀତିକୁ ପରିହାର କରି ସରଳ ଅମିଶ୍ର ବଙ୍ଗଳା ଲେଖିବାକୁ ଯତ୍ନ ଓ ପ୍ରୟାସ ପାଉଅଛନ୍ତି। ବଙ୍ଗଳା ଗଦ୍ୟର ଅନୁଭୂତ ହେବାରୁ ଉତ୍କଳ ଗଦ୍ୟ ନିତାନ୍ତ ସାଧୁଭାଷା ପ୍ଲାବିତ ହୋଇଅଛି ଓ ହେଉଅଛି।”*

*“ସୁତରାଂ ଉତ୍କଳୀୟ ଶିକ୍ଷିତ ସମ୍ପ୍ରଦାୟର ସାଧୁଭାଷା ଲେଖିବା ଓ ସାଧୁଭାଷା ଶୁଣିବାର ଅଭ୍ୟାସ ପଡ଼ିଯାଇଛି। ଏଣୁ କରି ଅମିଶ୍ର ଓଡ଼ିଆ ଯେ ସେମାନଙ୍କ କାନକୁ ଗ୍ରାମ୍ୟ ଲାଗିବ ତାହା ବିଚିତ୍ର ନୁହେଁ। ଚିନ୍ତାଶୀଳ ବ୍ୟକ୍ତି ମାତ୍ରକେ ଏହା ଅବଶ୍ୟ ସ୍ୱୀକାର କରିବେ ଯେ ସେ ଭାଷା ପ୍ରକୃତ ଚଳିତ ଶବ୍ଦରେ ପରିପୂର୍ଣ୍ଣ ଅଟେ ତାହା ଅପେକ୍ଷାକୃତ ସବଳ। ଇଂରାଜୀ ଭାଷାର ଇତିହାସ ଯେଉଁମାନେ ମନଯୋଗ କରି ପଢ଼ିଅଛନ୍ତି ସେମାନେ ଏ ବିଷୟରେ ଦୁଇମତ କରିବେ ନାହିଁ, ଆମ୍ଭମାନଙ୍କର ଏମନ୍ତ ଉଦ୍ଦେଶ୍ୟ ନୁହଇଁ ଯେ ଅନ୍ୟଭାଷାରୁ କେବେ କୌଣସି ଶବ୍ଦ ନେବୁଁ ନାହିଁ, ପ୍ରୟୋଜନ ହେଲେ ନେବା ଉଚିତ। ଅବଶ୍ୟ ନେବୁଁ, ମାତ୍ର ଜଳ ପରିବର୍ତ୍ତରେ ଉଦକ, ପକ୍ଷୀ ପରିବର୍ତ୍ତରେ ବିହଙ୍ଗ, ଗଛ ପରିବର୍ତ୍ତରେ ମହୀରୁହ ଓ ନାକ ପରିବର୍ତ୍ତରେ ନାସିକା ବ୍ୟବହାର କରିବୁଁ ନାହିଁ ଏବଂ ଶ୍ରବଣ ସେବକ ହୋଇ ଚଳିତ ଶବ୍ଦମାନଙ୍କୁ ନିର୍ବାସିତ କରି ସମାସଗ୍ରଥିତ ଅମର ଖଣିଗର୍ଭୋତ୍ଖାତ ରୁଣ୍ଡୁଝୁଣାୟମାନ*

*ଶବ୍ଦରତ୍ନରାଜି ଦ୍ୱାରା ଉତ୍କଳ ସରସ୍ୱତୀଙ୍କର ନବନୀତକୋମଳ କଳେବରକୁ ଭାରାବନତ କରିବୁଁ ନାହିଁ।"*

'ସଂସ୍କାରକ ଓ ସେବକ' ପତ୍ରିକାରେ ୧୮୮୪ ମସିହା ଅକ୍ଟୋବର ମାସରେ ଓଡ଼ିଆରେ ଲିଖିତ "ସରଳ ବ୍ୟାକରଣ" ବହିର ସୂଚନା ପଢ଼ିବାକୁ ମିଳିଥାଏ। ଓଡ଼ିଶାର ବିଦ୍ୟାଳୟମାନଙ୍କରେ ପଢାଯିବାକୁ ଯଥେଷ୍ଟ ଓଡିଆ ବହି ଉପଲବ୍ଧ ନ ଥିଲା। ଫଳରେ ବହୁ ବିଦ୍ୟାଳୟରେ ବଙ୍ଗଳାରେ ଶିକ୍ଷା ଦିଆଯାଉଥିଲା। ଓଡିଆରେ ପାଠ୍ୟ ପୁସ୍ତକ ଉପଲବ୍ଧ ହେବା ଶିକ୍ଷାର ପ୍ରସାର ତଥା ଓଡ଼ିଆ ଜାତୀୟତାବୋଧ ସୃଷ୍ଟି କରିବାରେ ସାହାଯ୍ୟ କରିଥିଲା। ସେଥିପାଇଁ ପ୍ରମୁଖ ଓଡିଆ ଲେଖକମାନେ ବିଭିନ୍ନ ଶ୍ରେଣୀ ପାଇଁ ପାଠ୍ୟପୁସ୍ତକ ଲେଖିବାରେ ମନୋଯୋଗ କରିଥିଲେ। ଏହାର ଫଳ ସ୍ୱରୂପ ପତ୍ରପତ୍ରିକାରେ ନୂତନ ଓଡ଼ିଆ ପାଠ୍ୟ ପୁସ୍ତକର ବିଜ୍ଞାପନ ବହୁଳ ଭାବେ ଦେଖିବାକୁ ମିଳେ:

*"ସମାଲୋଚନା – ସରଳ ବ୍ୟାକରଣ – ଖଣ୍ଡିଏ କ୍ଷୁଦ୍ର ଓଡ଼ିଆ ଭାଷାର ବ୍ୟାକରଣ ମୂଲ୍ୟ ପ୍ରତିଖଣ୍ଡକୁ ଟ ୦/୬। ଏହି ପୁସ୍ତକ ପ୍ରଥମ ଶିକ୍ଷାର୍ଥୀମାନଙ୍କ ପାଠୋପଯୋଗୀ ହେଇଅଛି।"*



ଉତ୍କଳଦୀପିକା

## ଭାଷାର ଗୁରୁତ୍ୱ

୧୮୮୫ ମସିହା ଫେବୃଆରୀ ମାସରେ 'ପ୍ରଦୀପ' ପତ୍ରିକାରେ ଶ୍ରୀ ବ୍ରହ୍ମାନନ୍ଦ ଦାସଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ – 'ଆମ୍ଭମାନଙ୍କର ଜାତୀୟ ସାହିତ୍ୟ' ପଢ଼ିବାକୁ ମିଳିଥାଏ। ଭାଷାର ଗୁରୁତ୍ୱକୁ ବୁଝାଇବାକୁ ଯାଇ ତାଙ୍କ ପ୍ରବନ୍ଧରୁ ନିମ୍ନୋକ୍ତ ଉଦ୍ଧୃତାଂଶଟିକୁ ବିଚାର କରାଯାଇପାରେ:

*"ଭାଷା ମନୁଷ୍ୟ ଜାତିର ଉନ୍ନତିର ଏକ ପ୍ରଧାନ ଉପାଦାନ। ଏମନ୍ତ କି ଭାଷାର ସହାୟତା ବ୍ୟତିରେକେ ଚିନ୍ତାର ସମ୍ଭବପରତା ମନୋବିତ୍ ପଣ୍ଡିତମଣ୍ଡଳୀର ବିବାଦ ବିସମ୍ବାଦର ଏକ ପ୍ରଧାନ ରଙ୍ଗଭୂମି। କିନ୍ତୁ ପ୍ରକୃତିଦତ୍ତ ଭାଷା ସଦ୍ୟୋଜାତ ଶିଶୁର "କ୍ୱାଁ କ୍ୱାଁ" ବା ଚତୁଷ୍ପଦର "ଭେଁ ଭେଁ" ରୂପ କେତେକ ଅସ୍ପଷ୍ଟ ଏବଂ ଅବୋଧ ଶବ୍ଦ ଭିନ୍ନ ଆଉ କିଛି ନୁହେଁ। ତାହା ଏତେ ଦୂର ଅମାର୍ଜିତ ଏବଂ ଅପରିପକ୍ୱ ଯେ ମନୁଷ୍ୟମାନଙ୍କର ଉନ୍ନତିର ଭାଷାରୂପ ଏକ ପ୍ରଧାନ ସହାୟର ଏମନ୍ତ ଅସମ୍ପୂର୍ଣ୍ଣତା ସତ୍ତ୍ୱେ ଅଭିପ୍ରାୟ, ବୁଦ୍ଧିମତ୍ତା ଓ କୌଶଳ-ସଞ୍ଚାଳିତ ସୃଷ୍ଟିର ମହତ୍ ଉଦ୍ଦେଶ୍ୟ କି ପ୍ରକାରେ ସମ୍ପନ୍ନ ହୁଅନ୍ତା ଏହା କଳ୍ପନାତୀତ। ଉପାୟ ଉଦ୍ଦେଶ୍ୟାନୁରୂପ ହେବା ହିଁ ଐଶୀ ବୁଦ୍ଧିମତ୍ତା ଏବଂ ଅଭିପ୍ରାୟର ସଙ୍ଗତ। ଯାହା ହେଉ ଏକ କୃତ୍ରିମ ଉପାୟ ଉଦ୍ଭାବନ ଦ୍ୱାରା ମାନବ କିୟଦଂଶରେ ସେହି ପ୍ରକୃତିଗତ ଅଭାବ ମୋଚନ କରିଅଛି। ମନୋଗତ ଭାବ ଜ୍ଞାପନାର୍ଥେ ସାଧାରଣ ସମ୍ମତି ସହକାରେ ଅବଲମ୍ବିତ ସଙ୍କେତାବଳୀର ନାମ ଭାଷା। ଭିନ୍ନ ଭିନ୍ନ ଦେଶୀୟମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଭାଷା ବ୍ୟବହୃତ ହୁଏ। କୌଣସି ଜାତିର ଭାଷାରେ ଲିପିବଦ୍ଧ ଚିନ୍ତା ସେମାନଙ୍କର ଜାତୀୟ ସାହିତ୍ୟ। ଭାଷା ସେହି ପରିମାଣରେ ପରିପକ୍ୱ ଯେ ପରିମାଣରେ କି ତାହା ସମ୍ମାର୍ଜିତ ମନର ଚିନ୍ତାସମୂହ ଏବଂ ବୈଜ୍ଞାନିକ ଓ ଦାର୍ଶନିକ ତତ୍ତ୍ୱସକଳ ପ୍ରାଞ୍ଜଳ ରୂପେ ସ୍ୱଚ୍ଛ ଦର୍ପଣର ନ୍ୟାୟ ପ୍ରତିବିମ୍ବିତ କରିବାରେ ସମର୍ଥ; ଯେ ପରିମାଣରେ କି ତାହା ତେଜସ୍ୱୀ ସବଳ ମନୋବୃତ୍ତିସମୂହର ସହିତ ସମକକ୍ଷରୂପେ କାର୍ଯ୍ୟ କରିପାରେ। ଅନେକ ସ୍ଥଳରେ ଯେ ମନୋଗତ ଭାବ ପ୍ରକାଶ କରିବା ଦୁଷ୍କର ଇହା ସାଧାରଣ ଅନୁଭବର ବିଷୟ ଅଟେ। ତାହାର କାରଣ ବ୍ୟକ୍ତିବିଶେଷର ଭାଷାଜ୍ଞାନର ଅପ୍ରାଚୁର୍ଯ୍ୟ ନୋହିଲେ ଅବଶ୍ୟ ଭାଷାର ଅସମ୍ପୂର୍ଣ୍ଣତା। ଚିନ୍ତାର ପୂର୍ଣ୍ଣ ବିକାଶ ଥିଲେ ଜାତୀୟ ସାହିତ୍ୟକୁ ଉନ୍ନତ ବୋଲାଯାଏ।"*

ଊନବିଂଶ ଶତାବ୍ଦୀରେ ଓଡ଼ିଆ ପତ୍ରପତ୍ରିକାଗୁଡିକ ଭାଷା ସମସ୍ୟା ଆଲୋଚନା କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା। ଏଥିରେ ପ୍ରକାଶିତ ଭାଷା ସମ୍ବନ୍ଧୀୟ ପ୍ରବନ୍ଧାବଳୀ ଓ ସମ୍ବାଦ ଓଡ଼ିଆ ଭାଷାଭାଷୀଙ୍କୁ ଆତ୍ମସଚେତନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ସମକାଳରେ ଓଡ଼ିଆ ପତ୍ରପତ୍ରିକା ଭାଷା ଆଲୋଚନାକୁ ଅଗ୍ରାଧିକାର ଦେଇ ସାଧାରଣ ଜନଜୀବନରେ ମାତୃଭାଷାର ଗୁରୁତ୍ୱ ତଥା ବହୁଭାଷୀ ହେବାର ଉପାଦେୟତା ଆଲୋଚନା କରିବାର ଆବଶ୍ୟକତା ରହିଛି।

□□

ଲେଖିକାଙ୍କ ଇ-ମେଲ ଠିକଣା:
supriya.prasanta@gmail.com

ଗଳ୍ପ

# ଜୀବନର ଆରପାଖ



ଡ. ସ୍ମୃତି ପଟ୍ଟନାୟକ

ପାଖାପାଖି ପନ୍ଦର ବର୍ଷ ତଳର କଥା; ଟିକିଲି ପ୍ରତିଦିନ ସକାଳ ଆଠଟା ବେଳକୁ ଘରୁ ବାହାରି ଶିଖରପୁରରୁ ଅଟୋରେ ଲିଙ୍କ୍ ରୋଡ୍ ଯାଇ ତା' କଲେଜ୍ ବସ୍ ଧରେ। ଲିଙ୍କ୍ ରୋଡ୍‌ରୁ କଲେଜ୍ ପଇଁଚାଳିଶ ମିନିଟ୍ ଲାଗେ ପହଞ୍ଚିବା ପାଇଁ। ସେଠି ସାତ ଘଣ୍ଟାର ଡ୍ୟୁଟି ସାରି ଫେରିଲାବେଳକୁ ସଂଧ୍ୟା ଛଅଟା ହୁଏ। ପ୍ରତ୍ୟହ ଯିବା ଆସିବା ଭିତରେ କିନ୍ତୁ ଗୋଟିଏ ପରିଚୟ ତା' ପାଇଁ ପୁଲକଭରା ଅନୁଭୂତିଟିଏ ଆଣିଦେଲା। ସେ ଥିଲା ସୁନୟନା।

ବାଟରେ ତା'ସହିତ ଆଳାପ, ଆଲୋଚନା ହୁଏ ପ୍ରତିଦିନ। ସେ ବି ବସ୍‌ରେ କଲେଜ୍‌କୁ ଯାଏ। ଯୁକ୍ତ ତିନି ଶେଷ ବର୍ଷ ପ୍ରାଣୀ ବିଜ୍ଞାନ ଅନର୍ସର ଛାତ୍ରୀ ଥିଲା ସେ। ଭାରି ହସଖୁସିଆ ଝିଅଟିଏ। ଗଲାବେଳକୁ ସେ ଓ.ଏମ୍. ପି. ରେ ଓହ୍ଲାଇଯାଏ; ଆସିଲା ବେଳକୁ ସେଇଠୁ ଆସେ। ପାଠ ବିଷୟରେ ବହୁତ କଥା ପଚାରେ, ଭାରି ଭଲ ଲାଗେ ଟିକିଲିକୁ ତା'ର ପାଠ ପ୍ରତି ଏତେ ଆଗ୍ରହ ଦେଖି।



ଏମିତି ହୋଇ ଟିକିଲି ଓ ସୁନୟନା ଦୁହିଁଙ୍କ ମଧ୍ୟରେ ସଂପର୍କର ସେତୁ ଦିନକୁ ଦିନ ଦୃଢ଼ତର ହୋଇଯାଇଥିଲା। ଥରେ ସୁନୟନା ପଚାରିଲା, "ମ୍ୟାମ୍, ନିଉଟନ୍‌ଙ୍କର ତୃତୀୟ ନିୟମ, 'ପ୍ରତ୍ୟେକ କ୍ରିୟାର ସମାନ ଓ ବିପରୀତ ପ୍ରତିକ୍ରିୟା ଥାଏ', ଏହା କ'ଣ ମାନବସମାଜ ପାଇଁ ସତ୍ୟ?" ଟିକିଲି ଆଶ୍ଚର୍ଯ୍ୟ ହେଇଯାଇଥିଲା ତା' ପ୍ରଶ୍ନରେ କ୍ଷଣିକ ପାଇଁ। କିନ୍ତୁ ପରେପରେ ତା'ର ଉତ୍ତର ଦେଇଥିଲା, "ହଁ ରେ ମା', ବିଜ୍ଞାନର ସବୁ ନିୟମ ମାନବସମାଜ ପାଇଁ ବି ପ୍ରଯୁଜ୍ୟ।" ସେ ଭାରି ଖୁସି ହୋଇଯାଇଥିଲା। ଏମିତି ଏମିତି ପ୍ରାୟ ସବୁଦିନ କିଛି ନା କିଛି ପ୍ରଶ୍ନ ସୁନୟନା ପଚାରେ, ଆଉ ଟିକିଲି ସବୁ ପ୍ରଶ୍ନର ଉତ୍ତର ପ୍ରାଞ୍ଜଳ ଭାବରେ ବୁଝାଇଦିଏ। ଥରେ ସେମିତି ଜୀବନକୁ ନେଇ ସୁନୟନା ବହୁତ କିଛି ଆଲୋଚନା କରିଥିଲା; କେଉଁଟି ପ୍ରାଇମେରୀ ହବା ଦରକାର, ଆଉ କେଉଁଟି ସେକେଣ୍ଡାରୀ? ପୁନଶ୍ଚ କେଉଁଟି ଟରସିୟାରି...? ଟିକିଲି ପାରୁପର୍ଯ୍ୟନ୍ତ ଚେଷ୍ଟାକରି ସବୁ ବୁଝାଇଥିଲା। ସୁନୟନା ବୁଝି ବି ଯାଇଥିଲା; ଆଉ କହିଥିଲା, 'ମ୍ୟାମ୍ ! ସବୁବେଳେ ଖୁସି ଖୁସିରେ ଜିଇଁବା ହିଁ ପ୍ରକୃତ ଜୀବନର ପରିମାପକ ନା?' ଟିକିଲି ଟିକେ ହସି ମୁଣ୍ଡ ହଲାଇ ହଁ କଲା। ମନେମନେ ଭାବୁଥିଲା ସତରେ କେତେ ଅନୁସନ୍ଧିତ୍ସା ପୂରିରହିଛି ସୁନୟନାର ମନ ଭିତରେ, ଏତେ କମ୍ ବୟସରୁ!

କାହିଁକି କେଜାଣି, ତା' ସାଙ୍ଗରେ ଦିନେ ଦେଖା ନ ହେଲେ କେଉଁଥିରେ ତା'ର ମନ ଲାଗୁ ନ ଥିଲା। ଥରେ ଦୁଇଦିନ ଧରି ତା' ସହ ଦେଖା ହେଲାନାହିଁ। ତା'ପରେ ଯେବେ ଦେଖାହେଲା ଟିକିଲି ତାକୁ ବ୍ୟସ୍ତ ହେଇ ଅନେକ ପ୍ରଶ୍ନ ପଚାରିଥିଲା। ଉତ୍ତର ମିଳିଥିଲା, 'ମ୍ୟାମ୍, ଘରେ ଟିକେ ଅସୁବିଧା ଥିଲା।' ଏହା ପରେ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ତା' ସହ ଦେଖାହେଲାନି। ପୁଣି ଯେବେ ଦେଖାହେଲା ଟିକିଲି ତାକୁ ପଚାରିଲା ବେଳକୁ ସେ ଆଗଥର ଭଳି ସେହି ସମାନ ଉତ୍ତର ଦେଇଥିଲା।

ତା'ପରେ ସେ ସତେ ଯେମିତି ପୁରା ଗାଏବ୍ ହୋଇଗଲା। ଟିକିଲି ବ୍ୟତିବ୍ୟସ୍ତ ହୋଇପଡ଼ିଲା। ମାସମାସ ଧରି ନିଜର ସନ୍ଧାନୀ ଆଖିରେ ଖୋଜି ବୁଲୁଥିଲା ତାକୁ।

ସେଇ ବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିର ଗଲାବେଳକୁ ମନ୍ଦିର ପରିସରରେ ଭଜନ ସମାରୋହ

ଚାଲିଥାଏ । ଭାରି ଭଲ ଲାଗୁଥାଏ ସାରା ପରିବେଶ । ଆଧ୍ୟାତ୍ମିକ ବଳୟରେ ମନ ପରିପୂର୍ଣ୍ଣ ଲାଗୁଥାଏ । ଟିକିଲି ସେଇଠି ଟିକେ ରହିଗଲା; ତା'ର ବିସ୍ମୟର ସୀମା ରହିନଥିଲା ଯେତେବେଳେ ସୁନୟନାକୁ ଷ୍ଟେଜ୍ ଉପରକୁ ଆସି ଭଜନଟିଏ ବୋଲିବାର ଦେଖିଲା । ଏତେ ମଧୁର ଓ ସୁଲଳିତ କଣ୍ଠସ୍ୱର ଆଗରୁ ସେ କେବେ ଶୁଣି ନ ଥିଲା । ଭଜନ ବୋଲି ସାରିଲା ପରେ ଟିକିଲି ତାକୁ ଅଭିବାଦନ ଜଣାଇଥିଲା ଷ୍ଟେଜ୍ ଉପରକୁ ଯାଇ । ସୁନୟନା ଅତି ଖୁସିରେ ଗଦ୍‌ଗଦ୍ ହୋଇ ଯାଇଥିଲା । ଆଖିରୁ ତା'ର ଲୁହ ବୁନ୍ଦା ଝରିପଡୁଥିଲା । ସେଦିନ କାର୍ଯ୍ୟକ୍ରମ ସରିବା ପରେ ଟିକିଲି ତା' ପାଖକୁ ପୁଣିଥରେ ଯାଇ ତାକୁ ଜାବୁଡ଼ି ଧରିଥିଲା; ଏବଂ ଆବେଗଭରା କଣ୍ଠରେ ପଚାରିଥିଲା, "ସୁନୟନା, ତମେ କେଉଁଠି ଥିଲ ଏ ଯାଏଁ !" ସେ ଆର୍ଦ୍ର କଣ୍ଠରେ ଉତ୍ତର ଦେଇଥିଲା, "ମ୍ୟାମ୍, ଆପଣଙ୍କୁ କ'ଣ କହିବି ! ଆମ ଘର ଏଇଠୁଁ ବେଶି ବାଟ ନୁହଁ । ଚାଲିକରି ଗଲେ ପାଞ୍ଚ ମିନିଟ୍ ଲାଗିବ । ଆସନ୍ତୁ ଯିବା ।"

**ତାକୁ ଅଭିବାଦନ ଜଣାଇଥିଲା ଷ୍ଟେଜ୍ ଉପରକୁ ଯାଇ । ସୁନୟନା ଅତି ଖୁସିରେ ଗଦ୍‌ଗଦ୍ ହୋଇ ଯାଇଥିଲା । ଆଖିରୁ ତା'ର ଲୁହ ବୁନ୍ଦା ଝରିପଡୁଥିଲା ।**

ସେ ବଶମ୍ୱଦ ଭଳି ତା'ର ଅନୁସରଣ କଲା । ସହରତଳିର ଗୋଟିଏ ଅନ୍ଧାରୁଆ ଗଳିରେ କିଛି ବାଟ ଗଲା ପରେ ହଠାତ୍ ଡାହାଣ ପଟକୁ ଚାହିଁଦେଲା ବେଳକୁ ଗୋଟିଏ ଆଜବେସଟସ୍ ଘର ଉପରେ ଥିଲା ସାଇନ୍ ବୋର୍ଡ, ଯେଉଁଠି ଲେଖାଥିଲା, 'ସୁନୟନା ଡି.ଟି.ପି ସେଣ୍ଟର' । ତା'ର ବିସ୍ମୟ ଭାବ ଠଉରାଇ ପାରି ସୁନୟନା କହିଥିଲା, "ହଁ ମ୍ୟାମ୍, ବାଧ୍ୟ ହୋଇ ଆଜି ମୁଁ ଏହି ବୃତ୍ତିଟି ଆଦରି ନେଇଛି ।" କବାଟ ଖୋଲାଥିଲା, ସେମାନେ ଭିତରକୁ ଗଲେ । ବାହାର ଘରେ ଗୋଟିଏ ପୁରୁଣା ଟେବୁଲ୍ ଉପରେ ଦୁଇଟି କଂପ୍ୟୁଟର ଥାଏ । ଟେବୁଲ ସାମ୍ନାରେ ଥିବା ଚେଆରରେ ପରିଣତ ବୟସର ଜଣେ ବ୍ୟକ୍ତି ବସି କିଛି ଗୋଟାଏ ଟାଇପ୍ କରୁଥାଆନ୍ତି । ତାଙ୍କର ଅଣ୍ଟାରୁ ତଳ ପର୍ଯ୍ୟନ୍ତ ଚଦରଟିଏ ଘୋଡ଼ା ହୋଇଥାଏ । ଟିକିଲି ପ୍ରଶ୍ନିଳ ଦୃଷ୍ଟିରେ ଚାହିଁଲା ସୁନୟନାକୁ । ତା'ର କୌତୂହଳ ଦମନ କରିବାକୁ ଯାଇ ସେ ଚିହ୍ନାଇଦେଲା, 'ଇଏ ହେଉଛନ୍ତି ମୋର ବାପା । କିଛିମାସ ତଳେ ହଠାତ୍ ଷ୍ଟ୍ରୋକ୍ ଆସିବାରୁ ତାଙ୍କର ଅଣ୍ଟା ତଳକୁ ପାରାଲିସିସ୍ ହୋଇ ଅକାମୀ ହୋଇଗଲା । ଫଳରେ ତାଙ୍କର ବିଜନେସ୍ ମଧ୍ୟ ବନ୍ଦ ହୋଇଗଲା । ତା'ପରେ ମୁଁ ଆଉ କଲେଜ ଯିବା ସ୍ଥିତିରେ ନ ଥିଲି । ଘରର ଗୁଜୁରାଣ ମେଣ୍ଟାଇବା ପାଇଁ ଏହି ଡି.ଟି.ପି ସେଣ୍ଟରଟି ଖୋଲିଛି । ବାପା ମଧ୍ୟ ଏଥିରେ ମୋତେ ସାହାଯ୍ୟ କରନ୍ତି । କେବେକେବେ ସନ୍ଧ୍ୟାରେ ଭଜନ ସମାରୋହରେ ଗାଇବା ପାଇଁ ମଧ୍ୟ ଡକରା ଆସେ । ସେଥିରୁ ବି କିଛି ଆୟ ହୋଇଯାଏ ।'

ତା'ପରେ ସେ ବାପାଙ୍କୁ ଅନାଇ କହିଲା, "ବାପା ମୁଁ ଯେଉଁ ମ୍ୟାମ୍‌ଙ୍କ କଥା ସବୁବେଳେ ତମକୁ କହେ, ଇଏ ସେଇ ମ୍ୟାମ୍ ।" ଟିକିଲି ତାଙ୍କୁ ନମସ୍କାର ହେଲା । ସେଠାରେ ବସି ସେମାନଙ୍କ ସହିତ ଆହୁରି କିଛି ସମୟ ଗପିବା ପରେ ସେ ଘଣ୍ଟାକୁ ଅନାଇଲା; ନଅଟା ବାଜିସାରିଥିଲା । ସେ ବାହାରକୁ ଆସିଲା, ସୁନୟନା ଆସିଲା ବି ତା' ସାଙ୍ଗରେ ।


ସେଦିନ ତା'ପାଖରୁ ଟିକିଲି ଫେରିଲା ମନ ଓ ହୃଦୟରେ ଅନେକ ଅବସୋସ ନେଇ ।

ଘରେ ଟିକିଲିର ଶାଶୁ ଭାରି ବ୍ୟସ୍ତ ହୋଇ ପଡ଼ିଥିଲେ ତା'ର ଫେରିବାରେ ବିଳମ୍ୱ ହେବା ଦେଖି । ତା'ର ଫୋନ୍‌ରେ ଚାର୍ଜ୍ ସରିଯାଇଥିଲା, ତେଣୁ ସେ ନିଜର ବିଳମ୍ୱ ହେବା ନେଇ ତା'ଙ୍କୁ କିଛି ଜଣାଇ ପାରିନଥିଲା । ରାତିରେ ଖାଇଲା ବେଳେ ଶାଶୁଙ୍କୁ ସୁନୟନା ବିଷୟରେ କହିଲା । ତା'ଝିଅ ଲିଚି ତା'ଙ୍କ ପାଖରେ ଡାଇନିଂ ଟେବୁଲରେ ଖାଉଥିଲା । ସେ ଚୁପଚାପ୍ ଶୁଣୁଥାଏ ଏକଥା । ହଠାତ୍ ସେ କହିଲା, 'ମାମା ଦେଖିବୁ ନିଶ୍ଚୟ ଦିଦିଙ୍କୁ ଗଡ୍ ଠିକ୍ ଜାଗାରେ ପହଞ୍ଚାଇବେ ।' ତା'କଥା ଶୁଣି ଟିକିଲି ମନ ଭିତରେ ଟିକେ ବିଶ୍ୱାସ ଆସିଲା, ଆଶାର ଦୀପାଳିଟିଏ ଜଳିଉଠିଲା । ଲିଚି ଷ୍ଟାଣ୍ଡାର୍ଡ୍ ସେଭେନ୍‌ରେ ପଢୁଥିଲା, ଟିକିଲି ପରି ସେ ମଧ୍ୟ ଖୁବ୍ ସମ୍ବେଦନଶୀଳ ସ୍ୱଭାବର ।

ଯା ଭିତରେ ବହୁତ ବର୍ଷ ବିତିଯାଇଥିଲା, ଘର ଓ ଚାକିରି ଭିତରେ ଟିକିଲି ପୂରାପୂରି ବୁଡ଼ି ଯାଇଥିଲା, କେବେ କେବେ ସୁନୟନା କଥା ମନେ ପଡୁଥିଲା ତା'ର, ହେଲେ ସେ ଆଉ କିଛି କରିପାରୁନଥିଲା ଅନେକ ବ୍ୟସ୍ତତା ଭିତରେ ରହି । ତାପରେ କରୋନା ମହାମାରୀ ଆସିଲା, ସମସ୍ତଙ୍କ ଭିତରେ କୋକୁଆ ଭୟ ଭାଇରସ୍‌କୁ ନେଇ; ସ୍କୁଲ କଲେଜ୍ ସବୁ ବନ୍ଦ

ହୋଇଗଲା, କଲେଜ୍ ଯିବାକୁ ପଡ଼ିଲାନି, ଘରୁ ଅନ୍‌ଲାଇନ୍ କ୍ଲାସ୍ ଚାଲିଲା।

ଲକ୍‌ଡାଉନ୍‌ରେ ଘର ଭିତରେ ବନ୍ଦହୋଇ ରହିବାକୁ ପଡ଼ିଲା। ମୋବାଇଲ, ହ୍ୱାଟସ୍‌ଆପ୍, ଫେସ୍‌ବୁକ୍, ଇନଷ୍ଟାଗ୍ରାମ୍ ଇତ୍ୟାଦିରେ ଜୀବନ ବନ୍ଧା ହୋଇରହିଲା। ହଠାତ୍ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଇ-ମେଲ୍ ଆସିଲା ଟିକିଲି ପାଖକୁ ଯେ ପରସପ୍ତାହରେ ଇଣ୍ଟରନ୍ୟାସନାଲ୍ ୱେବିନାର୍ ଅଛି ଅନଲାଇନ୍‌ରେ ଗୁଗୁଲ୍ ମିଟ୍‌ରେ ମାଇକ୍ରୋବାୟୋଲୋଜି ବିଭାଗରେ, କରୋନା ଭାଇରସ୍‌ର ଡାଇମେନସନ୍ ଓ ତାର ଭ୍ୟାକ୍ସିନେସନ୍ ଉପରେ ଆଲୋଚନା ହେବ। କାର୍ଯ୍ୟସୂଚୀରେ ହଠାତ୍ ଟିକିଲିର ଆଖିରେ ଲାଖିଗଲା ଗୋଟିଏ ନାଁ, ଡ. ସୁନୟନା ରାୟ, ଫୋନ୍ ନମ୍ବର ବି ଥିଲା। ସେ ସେଇ ନମ୍ବରକୁ ଫୋନ୍ ଲଗାଇଲା, ସେପଟରୁ ଜଣେ ବ୍ୟକ୍ତି ଫୋନ୍ ଧରିଲେ; ତାର ପରିଚୟ ପଚାରିଲେ। ଟିକିଲି ତା' ପରିଚୟ ଦେଲା ପରେ ସୁନୟନାକୁ ଫୋନ୍ ଦେଲେ ସେ, ଟିକିଲି ପ୍ରଥମେ ବିଶ୍ୱାସ କରିପାରୁନଥିଲା ଯେ ଅତୀତରେ ତାର ଅତି ପ୍ରିୟ ସୁନୟନା ସହ କଥା ହେଉଛି ବୋଲି। ସେ ବି ଖୁବ୍ ଭାବପ୍ରବଣ ହୋଇ ଗପୁଥିଲା ତାର କାହାଣୀ। କେମିତି ସେ ଆଜି ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ମାଇକ୍ରୋବାୟୋଲୋଜି ବିଭାଗରେ ଆସିଷ୍ଟାଣ୍ଟ୍ ପ୍ରଫେସର ଭାବେ କାର୍ଯ୍ୟରତ, ସେକଥା ବି କହୁଥିଲା।



'ବାପା ଚାଲିଗଲେ ଦୁଇ ବର୍ଷ ତଳେ।' ତା' କାହାଣୀ ଶୁଣି, ଛଳଛଳ ହୋଇଗଲା ଟିକିଲିର ଆଖି। ସେ କହୁଥିଲା, "ମ୍ୟାମ୍ ଆପଣଙ୍କ କଥା ମୋର ବି ବହୁତ ମନେ ପଡୁଥିଲା। ସେଇ ବସ୍‌ରେ ଯିବାବେଳେ ଆପଣ କେମିଷ୍ଟ୍ରିର ରିଆକ୍ସନସ୍‌କୁ କେତେ ସହଜ ଓ ସରଳ ଭାବରେ ବୁଝାଇପାରନ୍ତି, ମୋର ସବୁ ସନ୍ଦେହ ମୋଚନ ହେଇଯାଏ। ଯାହା ହେଉ ଇଏ ଏମିତି ଏକ ସଂଯୋଗ ମୁଁ ଜମା ବିଶ୍ୱାସ କରିପାରୁନି।" ପୁଣି କହିଲା, "ମ୍ୟାମ୍ ମୋ ଶାଶୁ ମୋ ପାଖରେ ରହୁଛନ୍ତି, ମୁଁ ପିଲାଦିନୁ ମାଆକୁ ହରାଇଥିଲି, ପରେ ବାପା ଚାଲିଗଲେ । ଏବେ ମୋ ଶାଶୁ ମୋତେ ମାଆ ରୂପେ ମିଳିଛନ୍ତି ବହୁତ ଭଲ ଓ ଭାରି ସ୍ନେହୀ ମଧ୍ୟ।"

ଟିକିଲି ତାକୁ ପୁଣି ପଚାରିଲା, "ଆରେ ତୁ ଭଜନ ବୋଲିବା ଅଭ୍ୟାସ ରଖିଛୁ ତ ?"

"ହଁ ମ୍ୟାମ୍, ମୁଁ ଭଜନ ବୋଲି ଦୁଇଟି ଆଲବମ୍ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଛି, ପଠାଇବି ଆପଣଙ୍କ ପାଖକୁ ହ୍ୱାଟସ୍‌ଆପ୍ ନମ୍ବରରେ, ଆପଣ ନିଶ୍ଚୟ ଦେଖିବେ।"

ସେଦିନ ଫୋନ୍‌ରେ ଦୁହିଁଙ୍କର ଗପ ସରିଲା ବେଳକୁ ଘଣ୍ଟାଏ ଚାଲିଯାଇଥିଲା।

ଦୁଇଦିନ ଯାକ ୱେବିନାର୍‌ରେ ଟିକିଲି ଭାଗନେବାରୁ ଭଲ ଅନୁଭୂତି ସାଉଁଟିଥିଲା। ତା'ପରଠାରୁ ସପ୍ତାହରେ ଥରେ ନିଶ୍ଚିତ ଭାବରେ ସୁନୟନାର ଫୋନ୍ କଲ୍ ଆସୁଥିଲା,ଏମିତି ଏକ ସମୟରେ ସୁନୟନା ସହ ପୁଣି ଥରେ ସଂପର୍କ ବାନ୍ଧି ହୋଇଯିବା ଈଶ୍ୱରଙ୍କର ଆଶୀର୍ବାଦ କହିଲେ ଅତ୍ୟୁକ୍ତି ହେବ ନାହିଁ।

କିନ୍ତୁ କଥାରେ ଅଛି, 'କରି କରାଉ ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ'। ଯେତେବେଳେ ଯାହା ହବାର ଥିବ ନିଶ୍ଚିତ ହେବ ଏହା ଧ୍ରୁବ ସତ୍ୟ, ସେମିତି ଘଟଣାଟିଏ ଅପେକ୍ଷା କରି ରହିଥିଲା ଯାହାକି ଅନାହୂତ ଥିଲା। କାହାର ନଜର ପଡ଼ିଗଲା ଯେମିତି। ସୁନୟନା ଯେତେ କର୍ମବ୍ୟସ୍ତ ଥିଲେ ବି ସଙ୍ଗୀତ ତାର ଜୀବନ ଥିଲା,ସେ ପ୍ରତିଦିନ ଅଭ୍ୟାସ କରୁଥିଲା କିଛି ସମୟ ବାହାର କରି,ବହୁ ସମୟରେ ସେ ଘର ପାଖରେ ଥିବା ଜଗନ୍ନାଥଙ୍କ ମନ୍ଦିରକୁ ଯାଉଥିଲା, ମନ୍ଦିରରେ ବିଭିନ୍ନ ପର୍ବପର୍ବାଣିରେ ଭଜନସଂଧ୍ୟା ହେଉଥିଲା, ସୁନୟନା ଖୁବ୍ ସୁନ୍ଦର ଭଜନ ବୋଲୁଥିଲା। ହଠାତ୍ ଦିନେ ସେମିତି ଏକ ବିମୋହିତ ସଂଧ୍ୟାରେ ସୁନୟନା ଭଜନ ବୋଲୁଥିଲା ବେଳେ କାଶିଲା ଜୋରରେ ଓ ତାପରେ ଚେତାହରାଇ ତଳେ ପଡ଼ିଗଲା। ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲରେ ପହଞ୍ଚିଲା ପରେ ସବୁ ପ୍ରକାରର ପରୀକ୍ଷା ନିରୀକ୍ଷା ହେଲା ପନ୍ଦରଦିନ ଧରି। ରିପୋର୍ଟ ଆସିଲା ପରେ ସମସ୍ତଙ୍କ ଆଖିକୋଣରେ ଲୁହ। ଇଏ କ'ଣ ସବୁ ହେଇଗଲା ଅଚାନକ !

ସୁନୟନାକୁ କମନ୍ ବାଇଲ୍ ଡକ୍ଟ କ୍ୟାନସର୍ କାର୍ସିନୋମା। ପେଟ୍ ସ୍କାନିଂରୁ ଜଣାପଡିଲା ତାହା ଶରୀରର ଚାରିଆଡ଼କୁ

ବ୍ୟାପିଯାଇଛି, ଲିଭର୍‌ରେ ପ୍ୟାଚ୍ ଅଛି । ସୁନୟନାକୁ କୋଭିଡ୍ ବି ହୋଇଥିଲା ଆଗରୁ, ଏବେ ପୁଣି କ୍ୟାନସର୍ ଡାକ୍ତରଙ୍କ ଆଡ୍‌ଭାଇସ୍ ଅନୁସାରେ ଦିଲ୍ଲୀର ଏମ୍ସ ହସ୍ପିଟାଲରେ କେମୋଥେରାପି ଟ୍ରିଟ୍‌ମେଣ୍ଟ ଚାଲିଲା କିଛିଦିନ। ତାପରେ ରେଡିଏସନ୍ ଥେରାପି। ସୁନୟନାର ଅବସ୍ଥା ଦିନକୁ ଦିନ କଙ୍କାଳସାର ହୋଇ ଆସୁଥିଲା, ବିଦେଶରୁ ବି ଏକ ଏକ୍ସପର୍ଟ ଡାକ୍ତରୀ ଟିମ୍ ଆସି ଚିକିତ୍ସାରେ ଲାଗିପଡ଼ିଲେ, ତାର ଶାଶୁ, ସ୍ୱାମୀ ଓ ସମସ୍ତ ଆତ୍ମୀୟସ୍ୱଜନ ଈଶ୍ୱରଙ୍କ ପାଖରେ ଦିନରାତି ପ୍ରାର୍ଥନା କରୁଥାନ୍ତି କେମିତି ସୁନୟନା ଭଲ ହେଇଯାଉ। ସୁନୟନା ସବୁ ଜାଣିପାରୁଥିଲା। ସେ ଡାକ୍ତରଙ୍କୁ ଅନୁରୋଧ କଲା ଆଉ ଏତେ କଷ୍ଟ ସହିପାରୁନି ତାକୁ କେମିତି ଶୀଘ୍ର ମୁକ୍ତି ମିଳିଯାଉ, ହେଲେ ତା'ର ଆଉ ଏକ ଅନୁରୋଧ ଓ ଶେଷ ଇଚ୍ଛା ଟିକିଲି ମ୍ୟାଡାମ୍‌ଙ୍କୁ ଦେଖିବା ପାଇଁ।

ଟିକିଲି ସବୁ ଜାଣିଲା ପରେ ସଙ୍ଗେସଙ୍ଗେ ଫ୍ଲାଇଟ୍‌ରେ ଟିକେଟ୍ କରି ଯାଇପହଞ୍ଚିଥିଲା ସେଠି। ଆଖିବୁଜି ଶୋଇରହିଥିଲା ସୁନୟନା ହସ୍ପିଟାଲ ବେଡ୍‌ରେ। ଟିକିଲି ଯାଇ ବସିଲା ତା'ପାଖରେ; ଧୀରେଧୀରେ ନାଁ ଧରି ଡାକିଲା, ସୁନୟନା, ସୁନୟନା.....ଆଖି ଖୋଲି ଚାହିଁଲା ସେ। ଟିକିଲିକୁ ପ୍ରଥମ ଥର ପାଇଁ ତାକୁ ଲାଗୁଥିଲା ସୁନୟନାର ଆଖି ଯୋଡ଼ିକ କେତେ ସୁନ୍ଦର ସତେ!! ସୃଷ୍ଟିର ସକଳ ସୌନ୍ଦର୍ଯ୍ୟ ଯେମିତି ନିହିତ ହୋଇ ରହିଛି ଆଖି ଦୁଇଟିରେ ତା'ର। କେତେ ଶାନ୍ତ, ସରଳ ଅପ୍ରକାଶ୍ୟ ଅନୁଭବର ଭାଷାରେ ସଂଯୋଜିତ ...ନୟନ ଯୁଗଳ, ସୁନୟନାର ନାଁ'କୁ ସାର୍ଥକ କଲାଭଳି। ଡାକ୍ତର ଆସିଲେ ଟିକିଲି ତାଙ୍କ ସହ ସୁନୟନା ବିଷୟରେ କିଛି କଥା ହୋଇଥିଲା। ତାଙ୍କଠାରୁ ଜାଣିବାକୁ ପାଇଲା ଯେ ସୁନୟନା ମରଣୋପରାନ୍ତେ ତା'ର ଚକ୍ଷୁ ଯୁଗଳ ଦାନ କରିବା ପାଇଁ ଇଚ୍ଛାପତ୍ରରେ ଦସ୍ତଖତ କରିଛି । ସେଦିନ ରାତିରେ ହୋଟେଲ୍‌ର ତେତିଶ ନମ୍ବର ରୁମ୍‌ରେ ଟିକିଲି ଆଖିକୁ ନିଦ ଆସୁନଥିଲା। ତା' ହୃଦୟ ଭିତରଟା ଶତଧା ବିଦୀର୍ଣ୍ଣ ହେଉଥିଲା। ମୃତ୍ୟୁ ହିଁ ଚିରନ୍ତନ ସତ୍ୟ, ଦୁନିଆରେ ଆଉ ସବୁ ମିଛ; ତଥାପି ସବୁ ଜାଣି ବି ବେଳେ ବେଳେ ବହୁତ କଥା ଅବିଶ୍ୱସନୀୟ ହୋଇ ରହିଯାଏ।

**ପ୍ରଥମ ଥର ପାଇଁ ତାକୁ ଲାଗୁଥିଲା ସୁନୟନାର ଆଖି ଯୋଡ଼ିକ କେତେ ସୁନ୍ଦର ସତେ ! ସୃଷ୍ଟିର ସକଳ ସୌନ୍ଦର୍ଯ୍ୟ ଯେମିତି ନିହିତ ହୋଇ ରହିଛି ଆଖି ଦୁଇଟିରେ ତା'ର।**

□□

ଲେଖିକାଙ୍କ ଇ-ମେଲ ଠିକଣା:
smrutipattanaik1@gmail.com

Greetings from:

DAWS
Design Advertisement Web Solution
Print Media Consultation

Design & Advertisement

We Deal in : Vinyl, Flex, Inkjet, Oneway, Translite & Offset Printing

Contact us :
C 2/140, Vibhuti Khand, Gomti Nagar, Lucknow - 226 010 (India)
Mobile : 9919001828, E-mail : vikas.daws@gmail.com, Website : www.dawsindia.com



**ଅନୁବାଦ**


# ସମ୍ପର୍କ



ମୂଳ ରଚନା : କନ୍‌ଷ୍ଟାଣ୍ଟିକ୍ ପାଉଷ୍ଟୋଭସ୍କି ଅନୁବାଦ : ଆଶିଷ କୁମାର ରାୟ

ମୁଁ କୁସର୍କୀ ରେଳ ଷ୍ଟେସନରେ ପହଞ୍ଚିଗଲି। ସେଠାରୁ ଠିକ୍ ରାତି ନଅଟା ବେଳେ ସିମ୍ଫାଲା ପୋଲସ୍କି ଏକ୍ସପ୍ରେସ୍ ଟ୍ରେନ୍ ଛାଡ଼ିବାର ଥିଲା। ଟି.ଟି.କୁ ଟିକଟ ଦେଖାଇବା ପରେ ମୁଁ ଯାଇ ଟ୍ରେନ୍ ଭିତରେ ବସିଲି। ସେହି ଡବାରେ ପୂର୍ବରୁ ଜଣେ ବୟସ୍କ ବ୍ୟକ୍ତି, ଜଣେ ଯୁବକ ଓ ଜଣେ ଯୁବତୀ ବସିଥିଲେ। ଝିଅଟିର ନାମ ଥିଲା ନାସ୍‌ତ୍ୟା।

ଯେପରିକି ଯାତ୍ରା ସମୟରେ ପ୍ରାୟତଃ ହୋଇଥାଏ, ଖୁବ୍ ଶୀଘ୍ର ଆମେ ପରସ୍ପର ସହିତ କଥା ଆରମ୍ଭ କରିଦେଲୁ। ବୟସ୍କ ବ୍ୟକ୍ତିଜଣକ ଥିଲେ ଜୀବ ବିଜ୍ଞାନର ପ୍ରଫେସର, ଆଉ ଯୁବକ ଜଣକ ଥିଲେ ଭାଷା ବିଜ୍ଞାନୀ। ଟ୍ରେନଟି ଦ୍ରୁତ ଗତିରେ ଆଗେଇ ଚାଲିଥିଲା। ଝରକା ବାହାରଟା ଥିଲା ସମ୍ପୂର୍ଣ୍ଣ ଅନ୍ଧକାର। ପ୍ରଫେସର କହିଲେ, ଏହି ରାସ୍ତା ତାଙ୍କୁ ଭଲ ଭାବେ ଜଣାଅଛି।



ଯୁବକ ଜଣକ ମଧ୍ୟ କହିଲା ଯେ ସେ ଏହି ରାସ୍ତାରେ ବର୍ଷକୁ ଦୁଇ-ତିନିଥର ଯାଇଥାଏ।

ପ୍ରଫେସର କହିଲେ - ମୁଁ ସିମ୍ଫିରାପୋଲର ବାସିନ୍ଦା। ସେଠାରେ ଏବେ ବି ମୋର ବନ୍ଧୁବାନ୍ଧବମାନେ ରୁହନ୍ତି। ମୁଁ କେତେବେଳେ ଛୁଟି ବିତାଇବା ପାଇଁ ତ କେତେବେଳେ ଅନ୍ୟ କୌଣସି କାର୍ଯ୍ୟରେ ସେଠାକୁ ଯିବା ଆସିବା କରିଥାଏ।

ଟି.ଟି. ଆସିଲେ। ସେ ଆମ ବର୍ଥରେ ନିଜ ବିଛଣାପତ୍ର ରଖିଲେ, ଆଉ ଆମକୁ ଚା' ପିଇବାକୁ ଦେଲେ। ଆମେ ନାସ୍‌ତ୍ୟାକୁ ମଧ୍ୟ ଚା' ପିଇବାକୁ ଦେଲୁ। ଚା' ପିଇସାରି ସେ ଶୋଇବା ପାଇଁ ଉପର ବର୍ଥକୁ ଚାଲିଥିଲା। ତା'ପରେ ମୁଁ ସିଗାରେଟ୍ ଟାଣିବା ପାଇଁ ଦୁଇ ରେଳଡବା ମଧ୍ୟସ୍ଥ ଗଳିକୁ ଚାଲିଗଲି। ଆଉ ଯେତେବେଳେ ମୁଁ ଫେରିଲି, ସେତେବେଳେ ସମସ୍ତେ ଶୋଇପଡ଼ିଥିଲେ। ମୁଁ ମଧ୍ୟ ନୀଳ ବତିଟିକୁ ଲିଭାଇ ଶୋଇଗଲି।

ମୁଁ ସକାଳୁ ଶୀଘ୍ର ଉଠିଲି। ତେବେ ମୁଁ ଉଠିବା ପୂର୍ବରୁ ନାସ୍‌ତ୍ୟା ଓ ପ୍ରଫେସର ଉଠିସାରିଥିଲେ। କୁପେ ବାହାରର ଝରକା ପାଖରେ ଛିଡ଼ା ହୋଇ ନାସ୍‌ତ୍ୟା ପ୍ରାକୃତିକ ଦୃଶ୍ୟ, ଟ୍ରେନ ଲାଇନ କଡ଼ରେ ଥିବା ଗ୍ରାମ, ଧୀରେ ଧୀରେ ପ୍ରବାହିତ ହେଉଥିବା ନଦୀ ତଥା ଚାଷ ଜମି ଉପରେ ବିସ୍ତୃତ ନୀଳ ଆକାଶକୁ ଦେଖିବାରେ ଲାଗିଥିଲା। ସିଗାରେଟ୍ ଟାଣିବା ବାହାନାରେ ପ୍ରଫେସର ମଧ୍ୟ ଝରକା ବାହାରକୁ ଚାହିଁ ରହିଥିଲେ।

ଆପଣ ଏତେ ଜଲ୍‌ଦି ଉଠିଗଲେ ଯେ? ମୁଁ ପ୍ରଫେସରଙ୍କୁ ପଚାରିଲି।

ଗୋଟିଏ ଜାଗା ଦେଖିବାର ଇଚ୍ଛା ହିଁ ମୋତେ ଏତେ ଶୀଘ୍ର ବିଛଣାରୁ ଉଠାଇଦେଲା- ସେ ଉତ୍ତର ଦେଲେ, ଆଉ କହିଲେ ରାତିରେ ଯେବେ ବି ମୁଁ ଏହି ରାସ୍ତା ଦେଇ ଯାଇଥାଏ, ଏହି ସ୍ଥାନଟି ଅତିକ୍ରମ କରିବା ବେଳେ ମୋ ନିଦ ଭାଙ୍ଗିଯାଏ। ତା'ପରେ ମୁଁ ଝରକା ବାଟେ ଏହି ଜାଗାଟିକୁ ଦେଖେ।

- ଏଠାରେ ବୋଧେ କେବେ ଆପଣ ରହୁଥିଲେ। ଆପଣଙ୍କ ଘର ଏଠି ଥିଲା? ମୁଁ ପଚାରିଲି।

- ନାହିଁ ନାହିଁ, ଏହି ସ୍ଥାନଟି ମୋ ପାଇଁ ଅପରିଚିତ। ମୁଁ ଏଠାକୁ କେବେ ବି ଆସିନାହିଁ। ତେବେ ଏହା ଏକ ଲମ୍ବା କାହାଣୀ, ଯେଉଁ କାହାଣୀ ଆରମ୍ଭ ହୋଇଥିଲା ବିପ୍ଳବ ପୂର୍ବରୁ। ଆଉ ସେତେବେଳେ ମୁଁ ଥିଲି ଛୋଟ ପିଲା। ମୁଁ ମୋ ବାପାଙ୍କ ସହିତ ସିମ୍ଫିରାପୋଲରୁ ମସ୍କୋ ଯାଉଥିଲି। ଆଉ ଏହି ଝିଅ ନାସ୍‌ତ୍ୟା ଭଳି ଝରକା ବାଟେ ବାହାରର ଦୃଶ୍ୟ ଦେଖୁଥିଲି। ଦିନେ ଗଛଲତାଶୂନ୍ୟ ଟାଙ୍ଗରା ପଡ଼ିଆ ମଝିରେ ଗୋଟିଏ କୁଡ଼ିଆ ଘର ଦେଖିଲି। ଭାବିବାକୁ ଲାଗିଲି - କିଏ ଏଠି ଏହି ଏକମାତ୍ର

ଘରେ ରହୁଥିବ ? ଶୀତ ଦିନେ ଏଠାରେ ରହିବା କେତେ ଭୟାବହ ? ଏକଥା ଭାବିଲା ବେଳକୁ ଦେହ ଶୀତେଇ ଉଠୁଥିଲା ।

ଏହାପରେ ଯେତେଥର ବି ଆସିଛ, ଟ୍ରେନ୍ ଦ୍ରୁତଗତିରେ ସ୍ଥାନଟିକୁ ଅତିକ୍ରମ କରିବା ବେଳେ ପ୍ରତ୍ୟେକ ଥର ଏଠାରେ କିଛି ନା କିଛି ପରିବର୍ତ୍ତନ ଲକ୍ଷ୍ୟ କରିଛି ।

ଦିନେ ମୁଁ ସେହି କୁଡ଼ିଆ ନିକଟରେ ଜଣେ ସ୍ତ୍ରୀ ଲୋକଙ୍କୁ ଦେଖିଲି । ସେ ଚୁଲିରେ ନିଆଁ ଧରାଉଥିଲେ, ଆଉ ସେଇ ପାଖରେ ତାଙ୍କ ପିଲା ଶୋଇଥିଲା । ଆଉ କିଛି ଦିନ ପରେ ଦେଖିଲି ସେହି କୁଡ଼ିଆ ଆଖପାଖରେ ଆଉ କେତୋଟି କୁଡ଼ିଆ ଗଢ଼ି ଉଠିଛି । ପରବର୍ତ୍ତୀ ସମୟରେ ତାହା ଏକ ଛୋଟ ଗ୍ରାମର ରୂପ ନେଲା । ପିଲାମାନେ ଏଣେତେଣେ ବୁଲୁଥିବାର ଦେଖାବାଲା କେତେ ଜଣ ପିଲା ରେଳ ଲାଇନ୍ କଡ଼ରେ ଛିଡ଼ା ହୋଇ ଜୋର୍‌ରେ ପାଟି କରୁଥିଲେ - 'ଆଜ୍ଞା କିଛି ଦିଅନ୍ତୁ । ଝରକା ବାଟେ ପାଉଁରୁଟି ଫିଙ୍ଗି ଦିଅନ୍ତୁ ।' ଆମେ ସେମାନଙ୍କ ପାଖକୁ ପାଉଁରୁଟି ଓ ଅନ୍ୟ ଖାଇବା ଜିନିଷ ପକାଉଥିଲୁ, ଯାହା ଧୂଳି ବାଲିରେ ପଡୁଥିଲା । ପିଲାମାନେ ତାକୁ ଗୋଟାଇ ଗାଁ ଆଡ଼କୁ ଧାଉଁଥିଲେ ।

**"ପ୍ରକୃତରେ ମୁଁ ବୁଢ଼ା ହୋଇଯାଇଛି ଏବଂ ମୋ ଆଖପାଖରେ ଜୀବନ ଚଳଚଞ୍ଚଳ ହୋଇ ଯୁବାବସ୍ଥା ହାସଲ କରିନେଇଛି ।"**

ବିପ୍ଳବ ଆରମ୍ଭ ହେବା ପରେ କିନ୍ତୁ ମୁଁ କିଛି ବର୍ଷ ଧରି ଇଆଡ଼େ ନ ଆସିବା ଯୋଗୁ ଗାଁକୁ ଦେଖିପାରି ନ ଥିଲି । ଆଉ ବହୁ ଦିନ ପରେ ଯେବେ ଦେଖିଲି, ମୋର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେତେବେଳେ ଗ୍ରାମର ଚତୁର୍ପାର୍ଶ୍ୱରେ ସୂର୍ଯ୍ୟମୁଖୀର କ୍ଷେତ ଥିଲା । ନିଜ ଘର ପାଖରେ ଲାଲ ରଙ୍ଗର ସ୍କାର୍ଫ ପିନ୍ଧିଥିବା ଗୋଟେ ଝିଅକୁ ଦେଖିଲି । ପରେ ପ୍ରତ୍ୟେକ ଥର ମୁଁ ନୂଆ ନୂଆ ଜିନିଷ ଦେଖିଲି । ଅଙ୍ଗୁର ବଗିଚା, ନୂଆ ନୂଆ ସୁନ୍ଦର ସୁନ୍ଦର ଘର ଏବଂ ପ୍ରତ୍ୟେକ ଘର ସାମ୍ନାରେ ଲାଲ ଓ ହଳଦିଆ ରଙ୍ଗର ଫୁଲ । ଦିନେ ମୁଁ ସ୍କୁଲ ଯାଉଥିବା ପିଲାଙ୍କୁ ଦେଖିଲି । ସେମାନେ ବହି ବସ୍ତାନି ନେଇ ସ୍କୁଲକୁ ଧାଇଁ ଯାଉଥିଲେ । ତା'ପରେ ଘରେ ଘରେ ବିଜୁଳିବତି ଜଳି ଉଠିଲା, ଏହିଭଳି ଏକ ଉନ୍ନତ ଗାଁ ମୁଣ୍ଡ ଟେକିଥିଲା । ମୁଁ ବୁଢ଼ା ହେବାରେ ଲାଗିଥିଲି ଏବଂ ମୋ ଆଖପାଖରେ ଥିବା ଜୀବନ ଯୁବାବସ୍ଥାରେ ପହଞ୍ଚିଯାଇଥିଲା ।

ଖୁବ୍ ଶୀଘ୍ର ଏହି ଗାଁ ଆସିଯିବ-

ଦୂରରୁ ହିଁ ଆମେ ବିଜୁଳିବତି, ବଗିଚାର ଫୁଲ ଓ ମକା କ୍ଷେତ ଦେଖିବାକୁ ପାଇଲୁ ।

'ଆପଣ ପ୍ରଥମେ ଯେଉଁ କୁଡ଼ିଆ ଦେଖିଥିଲେ, ତାହା କେଉଁଠି ? ମୁଁ ପ୍ରଫେସରଙ୍କୁ ପଚାରିଲି ।

'ଏବେ ଦେଖାଯିବ, ହେଇ ସେଇଠି......' ।

ସେହି ଘର ଚାରିପଟେ ଅନେକଗୁଡିଏ ଗଛଲତା ଫଳ ଫୁଲରେ ଭରି ରହିଥିଲା । ଓଭର୍‌କୋଟ୍ ପିନ୍ଧିଥିବା ଓ ମୁଣ୍ଡରେ ସ୍କାର୍ଫ ପକାଇଥିବା ଜଣେ ମହିଳାଙ୍କୁ ମୁଁ ସେହି ଘର ସାମ୍ନାରେ ଦେଖିଲି ।

'ହେଇ ଦେଖନ୍ତୁ ଗୋଟିଏ ପୋଖରୀ ।' ପ୍ରଫେସର ଉଚ୍ଚ ସ୍ୱରରେ କହିବା ସହିତ ସେଇ ଆଡ଼କୁ ଇସାରା କରି ଦେଖାଇଲେ । ଏଇ ପୋଖରୀଟା ଆଗରୁ ନ ଥିଲା । ସକାଳର ସୂର୍ଯ୍ୟକିରଣ ତା'ର ଜଳ ମଧ୍ୟରେ ପଡ଼ି ତାହା ଚକ୍‌ଚକ୍ କରୁଥିଲା । ପିଲାମାନେ ସେଥିରେ ଗାଧଉଥିଲେ । ତେବେ ଖୁବ୍ ଶୀଘ୍ର ସେହି ଦୃଶ୍ୟ ପଛରେ ରହିଗଲା ।

ପ୍ରଫେସର କହିଲେ- 'ପ୍ରକୃତରେ ମୁଁ ବୁଢ଼ା ହୋଇଯାଇଛି ଏବଂ ମୋ ଆଖପାଖରେ ଜୀବନ ଚଳଚଞ୍ଚଳ ହୋଇ ଯୁବାବସ୍ଥା ହାସଲ କରିନେଇଛି । ତେବେ ଗୋଟିଏ ଦିନ ମୁଁ ନିଶ୍ଚିତ ଭାବେ ଏହି ଗାଁକୁ ଯିବି । ପୁରୁଣା କୁଡ଼ିଆ ଥିବା ସେହି ଘରକୁ ମଧ୍ୟ ଯିବି ଏବଂ ସେହି ମହିଳାଙ୍କୁ କହିବି ଯେ ମୁଁ ତୁମକୁ ବହୁତ ଦିନ ଧରି ଜାଣିଛି, ମୁଁ ତୁମ ମାଆଙ୍କୁ ବି ଜାଣିଛି, ଆଉ ଏହି ଗ୍ରାମର ସମ୍ପୂର୍ଣ୍ଣ ଇତିହାସକୁ ବି ଜାଣିଛି ।

ସେ ଚୁପ୍ ହୋଇଗଲେ, କିନ୍ତୁ ମୋ'ର ମନ ହେଉଥିଲା କି ଆଗ ଷ୍ଟେସନରେ ଓହ୍ଲାଇ ମୁଁ ଏହି ଗାଁକୁ ଚାଲିଆସିବି । ସେଠାରେ ଥିବା ଗହମ କ୍ଷେତ, ଫଳଫୁଲ ଭରା ବଗିଚାରେ ବୁଲିବା ସହିତ ସେହି ପୁରୁଣା କୁଡ଼ିଆ ଘରେ ରହିବାର ଇଚ୍ଛା ମୋ ମନରେ ପୁନର୍ବାର ଜାଗ୍ରତ ହେବାରେ ଲାଗିଲା ।

□□

ଅନୁବାଦକଙ୍କ ଇ-ମେଲ ଠିକଣା:
ashisports@gmail.com

ପ୍ରବନ୍ଧ




# ଅନୁବାଦ ପୁସ୍ତକର ସମ୍ପାଦନା

ମାନସ ରଞ୍ଜନ ମହାପାତ୍ର

ଅନୁବାଦ କହିଲେ ଅନେକେ ଗୋଟିଏ ଭାଷାର ପାଠର ଅନ୍ୟ ଭାଷାକୁ ଭାଷାନ୍ତର ବୋଲି ବୁଝନ୍ତି। ଅନେକେ ସିଧାସଳଖ ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଅନୁବାଦ କରିବାବେଳେ ମୂଳ ଭାଷାଜ୍ଞାନ ନରଖି ତୃତୀୟ ଭାଷା ମାଧ୍ୟମ ବ୍ୟବହାର କରନ୍ତି। ନିକଟରେ ଅନ୍ୟ ଭାଷାରୁ ଓଡ଼ିଆରେ ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ପାଇଥିବା ଦୁଇଜଣ ତାହାର ଉଦାହରଣ। ଅନୁବାଦର ସଂଜ୍ଞା ଓ ପରିସର ବିଷୟରେ ଅଜ୍ଞତା ଏହାର କାରଣ।

ମୂଳ ଲେଖାର ଅବିକଳ ରୂପ ଅନ୍ୟ ଭାଷାରେ ଆଣିବା ସହଜ କଥା ନୁହେଁ। ଫିଟବେରାଲ୍ଡ, ମାକ୍ସମୁଲାର ଆଦି ପଣ୍ଡିତ ମାନେ ସେଥିପାଇଁ ମୂଳ ଭାଷା ଶିଖିଥିଲେ। ଡ. ସୁମତୀନ୍ଦ୍ର ଶକ୍ତି ଚଟ୍ଟୋପାଧ୍ୟାୟଙ୍କ ରଚନା ବଙ୍ଗଳାରୁ କନ୍ନଡ଼ରେ ଅନୁବାଦ କରିବାପାଇଁ ବଙ୍ଗଳା ଭାଷା ଶିଖିଲେ। ଭାଷା ଶିଖିବା ସହ ବହୁ ଅନୁବାଦକ ସେହି ଭାଷାର ସାମାଜିକ ସାଂସ୍କୃତିକ ପୃଷ୍ଠଭୂମି ଜାଣିବା ପାଇଁ ସେହି ଭାଷାଭାଷୀ ଅଞ୍ଚଳରେ ମାସାଧିକ ରହି ସେହି ଲୋକ ମାନଙ୍କ ଜୀବନଧାରା, ପରମ୍ପରା ଜାଣିବା ଥିଲା ଏକ ଆବଶ୍ୟକତା। ଏ ପରମ୍ପରା ଏବେ ନାହିଁ।




ଅନୁବାଦ କରିବାଠାରୁ ଆହୁରି କଷ୍ଟ ହେଉଛି ଅନୁବାଦ ସଂଶୋଧନ ବା ସମ୍ପାଦନା କରିବା। ରବୀନ୍ଦ୍ରନାଥ ଠାକୁର ଏଥିପାଇଁ ଅନୁବାଦକୁ ଅନ୍ତର ଭାଷ୍ୟ ବୋଲି କହିଛନ୍ତି। ଅନ୍ତର ଭାଷ୍ୟ ବୁଝି ନପାରିଲେ ସମ୍ପାଦନା ନିରସ, ବେକାର। ଅନୁବାଦର ସମ୍ପାଦକ ଉଭୟ ଭାଷା ଓ ସେହି ଭାଷାଭାଷୀ ଅଞ୍ଚଳର ସାମାଜିକ ସାଂସ୍କୃତିକ ପୃଷ୍ଠଭୂମି ଜାଣିବା ଜରୁରୀ।

ପ୍ରଥମ ଅନୁବାଦ ଯଦି ଉଚ୍ଚକୋଟୀର ହୋଇଥାଏ ତେବେ ତୃତୀୟ ଭାଷାରେ ତାହାର ରୂପାନ୍ତର ସୁପାଠ୍ୟ ହୁଏ। ସମ୍ପାଦକଙ୍କ ସୃଜନଶୀଳତା ତାହାକୁ ଆହୁରି କମନୀୟ କରେ। ଫିଜରାଲ୍ଡ କେବଳ ଜଣେ ଭଲ ଅନୁବାଦକ ନ ଥିଲେ, ଥିଲେ ଜଣେ ଭଲ କବି। 'ଓମାରରୁବାୟତ'ର ସୃଜନଶୀଳ ଇଂରାଜୀ ଅନୁବାଦରୁ ତାହାର ଓଡ଼ିଆ ଅନୁବାଦ କରିଥିଲେ ଗୋପାଳ କାନୁନ୍‌ଗୋ। ଜ୍ଞାନୀନ୍ଦ୍ର ବର୍ମାଙ୍କ ସୁଦକ୍ଷ ସୃଜନଶୀଳ ସମ୍ପାଦନା ଏହି ଅନୁବାଦକୁ କରିଥିଲା ଆହୁରି ସୁନ୍ଦର ଓ ସୁପାଠ୍ୟ। ଜ୍ଞାନୀନ୍ଦ୍ର ବର୍ମା ତାଙ୍କ ସମୟର ଜଣେ ଜଣାଶୁଣା କବି ଓ ସୁଦକ୍ଷ ଅନୁବାଦକ ତଥା କୁଶଳୀ ସମ୍ପାଦକ ଥିଲେ।

## ସର୍ଜନଶୀଳ ଅନୁବାଦ

ଭାଷା ନ ଜାଣି ମଧ୍ୟ ସର୍ଜନଶୀଳ ଅନୁବାଦର କେତୋଟି ଉତ୍କୃଷ୍ଟ ଉଦାହରଣ ଅଛି। ଏସ୍.ଏଲ୍. ଭୈରୋପପାଙ୍କ 'ଗୃହଭଙ୍ଗ' ଉପନ୍ୟାସର ଉମାକାନ୍ତ ମିଶ୍ର କୃତ ଓଡ଼ିଆ ଅନୁବାଦ ଏହାର ଏକ ବିରଳ ଉଦାହରଣ। ଅନୁଶୀଳନାତ୍ମକ ଅନୁବାଦର ଅନେକ ଉଦାହରଣ ଅଛି। ଲେଖକୀୟ କଳା ଯଦି ଅନୁବାଦକର ଥାଏ, ସୁନ୍ଦର ଲାଗିବ ତ ନିଶ୍ଚୟ ହେଲେ ଅନୁବାଦକ ନିଜେ ଲେଖକ ହୋଇଥିଲେ, ତାଙ୍କ ରଚନା ଶୈଳୀରେ ଅନୁଦିତ କୃତିଟି ପ୍ରଭାବିତ ହେବା ସ୍ୱାଭାବିକ। ଏ କ୍ଷେତ୍ରରେ ପାଠ ସମ୍ପାଦକ ମୂଳ କୃତିଟି ମୂଳ ଭାଷାରେ ପଢ଼ି ନ ଥିଲେ ବା ସମ୍ପୃକ୍ତ ଭାଷାଭାଷୀ ଅଞ୍ଚଳର ସାମାଜିକ - ସାଂସ୍କୃତିକ ଜୀବନ ଜାଣି ନ ଥିଲେ, ପାଠକଟି ନିକୃଷ୍ଟ କୃତିଟିଏ ବାଧ୍ୟବାଧକତାରେ ପଢ଼ିବ ସିନା ରସ ଆସ୍ୱାଦନ କରିପାରିବ ନାହିଁ। ମାଲାୟଲମ୍ ଓ କନ୍ନଡ଼ ଭାଷାରୁ ଓଡ଼ିଆରେ ଅନୁଦିତ ଅନେକ କୃତି ଏହି ଦୋଷରେ ଆକ୍ରାନ୍ତ।

ଅନୁବାଦର ସମ୍ପାଦକ ହେବା ଯେମିତି କଷ୍ଟ, ତା'କୁ ସାମାଜିକ ସାଂସ୍କୃତିକ ପଟ୍ଟଭୂମିକୁ ସମ୍ଭ୍ରାନ୍ତ ଦେଇ ଉତ୍କୃଷ୍ଟ ଅନୁବାଦଟିଏ ପ୍ରସ୍ତୁତ କରିବା ବି ସେତିକି କଷ୍ଟ। ଅତୀତରେ ଲେଖକ, ସମ୍ପାଦକ, ଅନୁବାଦକ ଓ ସର୍ବଶ୍ରେଷ୍ଠ ସାହିତ୍ୟ ତପସ୍ୱୀ ମନୋଜ ଦାସ ସେଇଥିପାଇଁ ଏ.କେ. ରାମାନୁଜନଙ୍କ ସଂକଳିତ 'ଫୋକ୍‌ଟେଲସ୍ ଫ୍ରମ ଇଣ୍ଡିଆ'ର ଓଡ଼ିଆ ଅନୁବାଦ କରିବାକୁ ମନା କରିଦେଇଥିଲେ; କାରଣ ତହିଁରେ ଥିବା କେତେକ କାହାଣୀରେ ମା-ପୁଅ, ଭାଇ, ଭଉଣୀଙ୍କ ଯୌନ ସମ୍ପର୍କ ବର୍ଣ୍ଣିତ ହୋଇଥିଲା, ଯାହାକି ଭାରତୀୟ ସଂସ୍କୃତିର ପରିପନ୍ଥୀ। କବିବର ରାଧାନାଥଙ୍କ 'ନନ୍ଦିକେଶ୍ୱରୀ' କାବ୍ୟ ମଧ୍ୟ ଏହି କାରଣରୁ ସମାଲୋଚିତ ହୋଇଥିଲା।

ଏହି ସାମାଜିକ ସାଂସ୍କୃତିକ ପଟ୍ଟଭୂମିଟି କ'ଣ? ପ୍ରତି ଜାତି, ଧର୍ମ, ଦେଶର ଏକ ପ୍ରଚଳିତ ବିଶ୍ୱାସ ଥାଏ, ପରମ୍ପରାର ଏହି ବିଶ୍ୱାସ ହେଉଛି ମୂଳଭିତ୍ତି। ସାହିତ୍ୟିକ ଉତ୍କୃଷ୍ଟ ନାଁରେ ପୌରାଣିକ ଚରିତ୍ରମାନଙ୍କ କବିତା, ଗଳ୍ପ, ଆଦିମାନଙ୍କରେ କଦର୍ଥ କରିବାର ପରିଣାମ ସବୁବେଳେ ହୋଇଆସିଛି ଦୟନୀୟ। ଯଦି ଅନୁବାଦ ମାଧ୍ୟମରେ ତାହା ରୂପାନ୍ତରିତ ହୁଏ, ତେବେ ଲକ୍ଷ୍ୟ ଭାଷାରେ ତାହା ଗୃହୀତ ନ ହୋଇପାରିଲେ ପାଠକ ହୁଏ ଅସନ୍ତୁଷ୍ଟ। କୁଶଳୀ ସମ୍ପାଦକମାନେ ଏଥିପାଇଁ ଅନେକ ପାଠ ବିଷୟ ସଂଶୋଧନ କରିବାକୁ ବାଧ୍ୟ ହୁଅନ୍ତି। ତେବେ, ସମ୍ପାଦନ ନାଁରେ ତଥ୍ୟକୁ ଲୁଚେଇବାର ଅପଚେଷ୍ଟା ପରବର୍ତ୍ତୀ ସମୟର ପାଠକ ଗ୍ରହଣ କରିପାରେନାହିଁ। ଫକୀର ମୋହନ ସେନାପତିଙ୍କ ପୁତ୍ର ମୋହିନୀ ମୋହନ ସେନାପତି କରିଥିବା 'ଆତ୍ମଜୀବନ ଚରିତ' ଏହାର ଏକ ଉତ୍କୃଷ୍ଟ ଉଦାହରଣ।

**ସାହିତ୍ୟିକ କୃତିର ସବୁକିଛି ଅନୁବାଦରେ ଗ୍ରହଣୀୟ ନୁହେଁ, ସମ୍ପାଦକମାନେ ଏହା ପ୍ରମାଣିତ କରିଛନ୍ତି।**

## ରାଜନୈତିକ ଘଟକ

ଅନେକ କ୍ଷେତ୍ରରେ ରାଜନୈତିକ ପରିସ୍ଥିତି ସାହିତ୍ୟକୁ ପ୍ରଭାବିତ କରେ। ପରିସ୍ଥିତି ବଦଳିଯାଏ। ସେ ସମୟର ସାହିତ୍ୟ ହୁଏ ଅବାଞ୍ଛିତ। ଅନୁବାଦ ମାଧ୍ୟମରେ ଅନ୍ୟ ଏକ ଭୂଖଣ୍ଡର ପାଠକ, ଅନ୍ୟ ଏକ ଭାଷାରେ ସେ ସମୟର କଥା ଜାଣିପାରେ। ଏ କ୍ଷେତ୍ରରେ ସମ୍ପାଦକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦୁଇଟି କାଳ ଖଣ୍ଡ ଓ ଭୂଖଣ୍ଡ ମଧ୍ୟରେ ଅନୁବାଦଟି କିଭଳି ସମ୍ପର୍କ ରକ୍ଷା ସୂଚାରୁରୂପେ କରିପାରିବ, ତାହା ହିଁ ଏ କ୍ଷେତ୍ରରେ ସମ୍ପୃକ୍ତ ସମ୍ପାଦକଙ୍କ ମୁଖ୍ୟ କାମ। ନାଥୁରାମ ଗଡ୍‌ସେଙ୍କ 'ମୈନେ ଗାନ୍ଧୀ କୋ ହତ୍ୟା କ୍ୟୁଁ କିୟା' ଭାରତର ବିଭିନ୍ନ ଭାଷାରେ ଅନୁବାଦ ହୋଇଛି। ନାଥୁରାମ ଗଡ୍‌ସେଙ୍କ ଯୁକ୍ତି ଯେତେ ଅକାଟ୍ୟ ହୋଇଥାଉ ପଛକେ, ସମ୍ପାଦକ ହତ୍ୟାକୁ ସମର୍ଥନ କରିବା ଅସମ୍ଭବ। ଫଳତଃ ଗାନ୍ଧୀ ବିରୋଧୀ ମନ୍ତବ୍ୟମାନ ସମ୍ପାଦିତ ହୋଇଛି।

ଠିକ ସେହି କାରଣରୁ ପ୍ରଚଣ୍ଡ ବିପ୍ଳବାତ୍ମକ ବା ସମକାଳୀନ ଭ୍ରଷ୍ଟାଚାର ବିରୋଧୀ ଗୀତିକବିତାମାନର ଅନ୍ୟ ଭାଷାରେ ବିଶେଷ ଅନୁବାଦ ହୋଇପାରିନାହିଁ। ରବି ସିଂହ, ରାଧାମୋହନ ଗଡ଼ନାୟକ, ମାୟାଧର ମାନସିଂହ, କୁମାର ମହାନ୍ତି ପ୍ରମୁଖଙ୍କ କବିତାମାନ ତାହାର ଉଦାହରଣ। ଅନ୍ୟ ଭାଷା ଭୂଖଣ୍ଡରେ ସେ ପ୍ରକାର କବିତାମାନଙ୍କ ପାଠକ ତ ଅଛନ୍ତି, ମାତ୍ର ଓଡ଼ିଆ ଜାଣିଥିବା ସମ୍ପାଦକ ଯଥେଷ୍ଟ କମ୍ ଅଛନ୍ତି, ଅନୁବାଦକ ବି ସେଇ ଛନ୍ଦକୁ ଅନୁବାଦରେ ଫୁଟାଇ ପାରିବା କଷ୍ଟ। ମାତ୍ର, ସଚ୍ଚିଦାନନ୍ଦ ରାଉତରାୟଙ୍କ 'ବାଜି ରାଉତ' ଏଥିରୁ ବଞ୍ଚିଯାଇଛି। ତେବେ ଇଂରାଜୀକୁ ଅନୁବାଦଠାରୁ ଭାରତୀୟ ଭାଷାମାନଙ୍କୁ ଅନୁସରଣ ଯେ କି କଠିନ, ଏହା ତର୍କସାପେକ୍ଷ।

## ଅଭିଧାନ ବହିର୍ଭୂତ ଭାଷା


ବେଳେବେଳେ ଲେଖକମାନେ ନିଜ ରଚନାର ଚାହିଦା ବଢ଼େଇବା ପାଇଁ ଅଭିଧାନ ବହିର୍ଭୂତ ଭାଷା, ବିଶେଷତଃ ତାଙ୍କ ନିଜ ସାହିତ୍ୟକୃତିରେ ବ୍ୟବହାର କରିଥାନ୍ତି। ମରାଠି ଲେଖକ ଭାଲଚନ୍ଦ୍ର ନେମାଡ଼େଙ୍କ 'କୋସଲା' ଉପନ୍ୟାସରେ ଏହା ଦେଖିବାକୁ ମିଳେ। ତାହାର ଭାରତୀୟ ଭାଷାମାନଙ୍କରେ ଅନୁବାଦ ହୋଇଛି, ସମ୍ପାଦକମାନେ ତାଙ୍କ ଭାଷାରେ ସେହି ଗାଳିଗୁଡିକ ଗ୍ରହଣୀୟ ନ ଥିବାରୁ ବାଦ୍ ଦେଇଛନ୍ତି। ସାହିତ୍ୟିକ କୃତିର ସବୁକିଛି ଅନୁବାଦରେ ଗ୍ରହଣୀୟ ନୁହେଁ, ସମ୍ପାଦକମାନେ ଏହା ଦ୍ୱାରା ପ୍ରମାଣିତ କରିଛନ୍ତି।

ସାହିତ୍ୟ ରଚନା ନାମରେ ଜାତିଗତ ବିଭେଦକୁ ପ୍ରଶ୍ରୟ ଦିଆଯାଇପାରିବ ନାହିଁ। ଅନୁବାଦର ସମ୍ପାଦନା କାଳରେ ପାଠ ସମ୍ପାଦକଙ୍କୁ ଏହା ଦେଖିବାକୁ ପଡ଼େ। ବ୍ୟକ୍ତିଗତ ଆକ୍ଷେପ ଓ ରାଜନୈତିକ ଆକ୍ରମଣରୁ ସାହିତ୍ୟକୁ ବଞ୍ଚାଇବା ଭାଷା ଅନୁବାଦ

ସମ୍ପାଦକଙ୍କ ଅନ୍ୟ ଏକ ବଡ଼ କାମ। ଏ କାମ ପାଇଁ ଅତୀତରେ ବହୁ ସମ୍ପାଦକ ରୋଷର ଶିକାର ହୋଇଛନ୍ତି।

ସାହିତ୍ୟର ଅନୁବାଦ ପରି ଚିତ୍ରର ଭାଷାନୁରୂପ ସାମାଜିକ ସାଂସ୍କୃତିକ ରୂପାନ୍ତର ଦରକାର। ଏ କ୍ଷେତ୍ରରେ ସମ୍ପାଦକମାନଙ୍କର ଚିତ୍ରକଳା ଉପରେ ଧାରଣା ଥିବା ଆବଶ୍ୟକ। ସର୍ଜନଶୀଳତାର ସ୍ୱାଧୀନତା ନାମରେ ବିଭତ୍ସତା ବା ବିଭେଦକୁ ପ୍ରଶ୍ରୟ ଦିଆଯାଇ ପାରିବ ନାହିଁ। ସମ୍ପାଦକ ଏହାର ଏକମାତ୍ର ଜଗୁଆଳି। ସାହିତ୍ୟିକ, ସାମାଜିକ, ସାସ୍କୃତିକ, ରାଜନୈତିକ ଅବୁଝାମଣାର ଅନେକ ମାଧ୍ୟମ ଅଛି– ଅନୁବାଦ ତାହାର ମାଧ୍ୟମ ନ ହେଉ, ଏହା ସୁନିଶ୍ଚିତ କରିବାର ଦାୟିତ୍ୱ ସମ୍ପାଦକମାନଙ୍କର। ମୁଲକରାଜ ଆନନ୍ଦ ଏଥିପାଇଁ ଏକ ସମ୍ପାଦକ-ବ୍ରିଗେଡ୍ ସୃଷ୍ଟି ଉପରେ ଗୁରୁତ୍ୱ ଦେଇଛନ୍ତି।

**ପାଠ୍ୟପୁସ୍ତକର ଅନୁବାଦ**



ଏବେ ପାଠ୍ୟପୁସ୍ତକ ଅନୁବାଦ କଥା ଆଲୋଚନା କରିବା। ଏନ୍.ସି.ଇ.ଆର.ଟି.ର ମୁଖ୍ୟ ସମ୍ପାଦକ ଦୀପେନ୍ ଦାସ ଥିଲେ ନିଜ କାଳର ଜଣେ ଅଗ୍ରଣୀ ଅନୁବାଦ ସମ୍ପାଦକ। ସେ କିଛି ସମୟ ଅକ୍ସଫୋର୍ଡ ୟୁନିଭରସିଟି ପ୍ରେସ୍‌ର ମଧ୍ୟ ସମ୍ପାଦକ ଥିଲେ। ସେ ସମୟରେ ରମେଶ ବକ୍‌ସି ଥିଲେ ନ୍ୟାସନାଲ ବୁକ୍ ଟ୍ରଷ୍ଟର ସମ୍ପାଦକ। ଏମାନଙ୍କ ମତରେ, ଅନୁବାଦ ସମ୍ପାଦନା କ୍ଷେତ୍ରରେ ବିଶେଷ୍ୟ ଓ ସର୍ବନାମମାନେ ସମସ୍ୟା ସୃଷ୍ଟି କରନ୍ତି। ଭାରତୀୟ ଭାଷାମାନଙ୍କରେ ବିଭିନ୍ନ ଶବ୍ଦର ଅନୁବାଦ ଭିନ୍ନ ଭିନ୍ନ। 'ଏରୁଣ୍ଡି ବନ୍ଧ'କୁ 'ଏରୁଣ୍ଡି ନାମ୍‌କା ବାଂଧ' କୁହାଯିବା ସମ୍ଭବ ନୁହେଁ, ଯଦିଓ ଜଣେ ଅନୁବାଦକ ଏ ପ୍ରକାର ଭ୍ରାନ୍ତ ଅନୁବାଦ କରିଛନ୍ତି। ଅନେକ ଭାଷାରେ ପୁ ଲିଙ୍ଗ, ସ୍ତ୍ରୀ ଲିଙ୍ଗ ଓ କ୍ଳୀବ ଲିଙ୍ଗର ପ୍ରୟୋଗ ଅନୁବାଦକ ପାଇଁ ବ୍ୟାକରଣଗତ ସମସ୍ୟା ସୃଷ୍ଟି କରେ। ପୁଣି, ବୈଦେଶିକ ଶବ୍ଦମାନଙ୍କ କ୍ଷେତ୍ରରେ ମଧ୍ୟ ଭୟଙ୍କର ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଅଧିକ। ସମ୍ପାଦକମାନେ ଏ କ୍ଷେତ୍ରରେ ଭାଷାଗତ ସମାନତା ଉପରେ ଜୋର୍ ଦେବା ଦରକାର।

ପ୍ରଶ୍ନ ଉଠୁଛି, ସାମାଜିକ-ସାଂସ୍କୃତିକ ପୃଷ୍ଠଭୂମିର ରକ୍ଷା ଅନୁବାଦ କ୍ଷେତ୍ରରେ ଜରୁରୀ କି? ବହୁ ସମ୍ପାଦକ ଏ ନେଇ ଭିନ୍ନ ଭିନ୍ନ ମତ ଦେଇଆସିଛନ୍ତି। ସାହିତ୍ୟ ଏକାଡେମୀର ଏକଦା ସମ୍ପାଦକ ଓ କବି ତଥା ଅନୁବାଦକ କେ. ସଚ୍ଚିଦାନନ୍ଦନ ରସର ମୌଳିକତାକୁ ସାମାଜିକ ସାଂସ୍କୃତିକ ପୃଷ୍ଠଭୂମିଠାରୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଓଡ଼ିଶାର ବିଶିଷ୍ଟ କବି ଓ ସମ୍ପାଦକ ସଚ୍ଚିଦାନନ୍ଦ ରାଉତରାୟ ଲେଖକର ସ୍ୱାଧୀନତାଠାରୁ ସାମାଜିକ, ସାଂସ୍କୃତିକ ପୃଷ୍ଠଭୂମି ସମ୍ପାଦକ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଛନ୍ତି।

ଅନେକଙ୍କର ଧାରଣା ଯେ ପୁରସ୍କୃତ କୃତିଗୁଡ଼ିକ ଅତ୍ୟନ୍ତ ଉଚ୍ଚକୋଟୀର, ସେଇଥିପାଇଁ ସାହିତ୍ୟିକ କୃତିଟିର ପୁରସ୍କାର ପାଇବା ମାତ୍ରେ ତାହାର ଅନୁବାଦ ହୋଇଯାଏ। ବାସ୍ତବରେ ଅନେକ ପୁରସ୍କାର ଯୋଗାଡ଼ ଯନ୍ତ୍ର ଫଳରେ ଭାରତର ମିଳେ। ପ୍ରକୃତ କୃତିଟି ନିକୃଷ୍ଟତର ହୋଇଥିଲେ ଅନୁବାଦଟି ନିକୃଷ୍ଟତର ହେବା ନିଶ୍ଚିତ। ଏ କ୍ଷେତ୍ରରେ ସମ୍ପାଦକଙ୍କୁ ଅନେକ ପରିଶ୍ରମ କରିବାକୁ ହୁଏ।

ହେଲେ ପୃଥିବୀର ବିଭିନ୍ନ ଦେଶରେ ସାହିତ୍ୟ ପଠନର ଧାରା ଅଲଗା ଅଲଗା। ଡେନ୍‌ମାର୍କରେ ଅନେକ ପାଠାଗାର ଅଛି, ଯେଉଁଠି ବହିଟିଏ ବଦଳରେ ବହିର ଚରିତ୍ର ଭଳି ଜଣକୁ ଅଧଘଣ୍ଟା ଶୁଣିହୁଏ। ସେ ଲାଗି ସମୟ ଓ ଅର୍ଥ ବ୍ୟୟ କରିବା ପାଇଁ ପାଠକମାନେ ପ୍ରସ୍ତୁତ। ଆମ ଦେଶରେ ପୁସ୍ତକର ଚରିତ୍ର ଛାଡ଼, ପୁସ୍ତକ ପାଠକ ମିଳିବା ଭାଗ୍ୟର କଥା। ସେ କ୍ଷେତ୍ରରେ ଭଲ ପୁସ୍ତକର ଭଲ ଅନୁବାଦ ଭଲ ସମ୍ପାଦକଙ୍କ ଦ୍ୱାରା ସମ୍ପାଦିତ ହେବା ବେଳେ ବେଳେ ଦିବାସ୍ୱପ୍ନ ପରି ଲାଗେ।

ସାହିତ୍ୟକୁ ଏବେ ଗ୍ରାସ କଲାଣି ଅପସଂସ୍କୃତି। ସେହି ଅପସଂସ୍କୃତିଗ୍ରସ୍ତ ସାହିତ୍ୟିକ କୃତିମାନଙ୍କ ଅନୁବାଦ ସମ୍ପାଦନା ଏକ ଜଟିଳ କାର୍ଯ୍ୟ। ବିଜ୍ଞାନ ପ୍ରାଦ୍ୟୋଗିକୀର ଏହି ଯୁଗରେ ଅନୁବାଦ ଏବଂ ତାହାର ସମ୍ପାଦନା ଧୀରେ ଧୀରେ ଏକ ଯାନ୍ତ୍ରିକ ପ୍ରକ୍ରିୟାର ରୂପ ନେଲାଣି। ଏ କ୍ଷେତ୍ରରେ ଅନୁବାଦ ଆଉ ସାମାଜିକ ସାଂସ୍କୃତିକ ପଟ୍ଟଭୂମି ଆଧାରିତ ହେବା ସମ୍ଭବ ହୋଇପାରୁନାହିଁ। ସମ୍ପାଦନାର କୁଶଳତା ହିଁ ଏ ସୁଯୋଗ୍ୟ ସାହିତ୍ୟକୁ ବଂଚେଇ ପାରିବ।

□□

ଲେଖକଙ୍କ ଇ-ମେଲ ଠିକଣା:
mrmahapatra@yahoo.co.in

ଅନୁଭୂତି



# ଆୟୁଷ୍ମାନ ଚକ୍ଷୁଷ୍ମାନ

ଭାବଗ୍ରାହୀ ବଳ

ସେ ଥିଲା ୧୯୬୮ ମସିହାର କଥା। ମୁଁ ଅଷ୍ଟମ ଶ୍ରେଣୀରେ ପଢୁଥାଏ। ଧାନ ଅମଳ ସମୟ। ଚଳଚଞ୍ଚଳ ପଲ୍ଲୀ ଜୀବନ। କକା ଧାନ କାଟିବା ସମୟରେ ଗୋଟିଏ ଧାନ ପତର ତାଙ୍କ ବାଁ ଆଖିରେ ବାଜିଗଲା। ଗାଁ ଗହଳିରେ ଏହାକୁ ଗୋଟିଏ ମାମୁଲି ଘଟଣା ଭାବରେ ନେଇଥାନ୍ତି। ଚଳିଆସୁଥିବା ତୁଟୁକାତୁଟ୍‌କି ଉପଚାରର ବ୍ୟବହାର କରି ନିଅନ୍ତି। ଗୋଲାପ ଜଳ, ଗୁଡ଼ ପାଣି ଭଳି ଜିନିଷର ପ୍ରୟୋଗ ଗୋଟିଏ ସାଧାରଣ କଥା। ଆଘାତ ଯଦି ଗୁରୁତର ନୁହେଁ, ଭାଗ୍ୟ ସାଥ୍ ଦେଇଥାଏ। ଆନନ୍ଦପୁର ଡାକ୍ତରଖାନା ୭-୮ କି.ମି ଦୂର। ପୁଣି କାମରେ ଚାପ ହେତୁ ଏଇଥିରେ କାମ ଚଳେଇ ନିଅନ୍ତି। କିନ୍ତୁ କାଳସ୍ୟ କୁଟିଳ ଗତିଃ। କକାଙ୍କର ଆଘାତଟା ଗଭୀର ଥିଲା। ତାହା ସେ ପ୍ରଥମେ ଜାଣିପାରି ନ ଥିଲେ। ଲୋକ କଥାରେ ପଡ଼ି ଏଣୁତେଣୁ ଜିନିଷ ଆଖିରେ ପକାଇବା ପରେ ଉପଶମ ପରିବର୍ତ୍ତେ ଭୟଙ୍କର ଯନ୍ତ୍ରଣା ଆରମ୍ଭ ହୋଇଗଲା। ଶେଷରେ ତାଙ୍କୁ କଟକ ବଡ଼ ମେଡିକାଲକୁ ନେବାକୁ ପଡ଼ିଲା। ସେଠାରେ ଅବଶ୍ୟ ୫-୭ ଦିନ ରହିବା ପରେ ଗାଁକୁ ଫେରିଲେ।

**ସେ ଥିଲେ ଡେଙ୍ଗା, ଗୋରା, ହସ ହସ ମୁହଁ। ସାହେବ ପରି ଚେହେରା, ମିଷ୍ଟଭାଷୀ, ଅଳ୍ପ କହନ୍ତି, ଦେବତୁଲ୍ୟ ମଣିଷ। ତାଙ୍କ କଥାରେ ଅଧେ ରୋଗ ଭଲ ହୋଇଯିବ।**

ସ୍କୁଲରୁ ଫେରି ଦେଖେ ଯେ ଆମ ଘର ପାଖରେ ବହୁ ଲୋକଙ୍କ ଭିଡ଼। କକାଙ୍କର ଗୋଟିଏ ଭଲ ତେଜରାତି ଦୋକାନ ଥିଲା। ତେଣୁ ସେ ମହାଜନେ ନାମରେ ପରିଚିତ ଥିଲେ। କଟକ ଡାକ୍ତରଙ୍କ କଥା ସେ କହିବାରେ ଲାଗିଛନ୍ତି। "ଦି ବେଳା ଡାକ୍ତରମାନେ ଦେଖିବାକୁ ଆସନ୍ତି। ଯିଏ ଦଳରେ ସବୁଠୁ ବୟସ୍କ ସିଏ ଥିଲେ ବଡ଼ ଡାକ୍ତର। କାହାର କୋଉ ଦିନ ଅପରେସନ ହେବ ଦିନେ ଦି'ଦିନ ଆଗରୁ କହି ଦିଅନ୍ତି। ଅପରେସନ ପୂର୍ବଦିନ ପ୍ରସ୍ତୁତି କରି ତା'ପର ଦିନ ଓଟିକୁ ନେବା ପାଇଁ ଆସନ୍ତି। ମୁଣ୍ଡରୁ ପାଦ ଯାଏ ସାରା ଦେହ ତାଙ୍କର ପୋଷାକରେ ଲୁଚିଥାଏ। ସାକ୍ଷାତ୍ ଯମଦୂତ ପରି ଲାଗନ୍ତି। କେହି ନ ଫେରିଲେ ଜଣାପଡିଯାଏ ତାଙ୍କର ଦେହାନ୍ତ ହୋଇଗଲା। ଗୋଟାଏ ଅଜଣା ଭୟ ସବୁଆଡେ ଖେଳିଯାଏ। ରୋଗୀକୁ ଅପରେସନ ପାଇଁ ନେବାକୁ ଆସୁଥିବା ଷ୍ଟାଫ୍ ସଜାଗରେ ହେଉ ହେଉ ସ୍ୱପ୍ନରେ ମଧ୍ୟ ଯମଦୂତ ପରି ଜଳ ଜଳ ଦିଶନ୍ତି। ସବୁ ରୋଗୀ କଥା ହୁଅନ୍ତି କାହାର କୋଉ ଦିନ ଅପରେସନ ପାଳି। କହୁ କହୁ କାନ୍ଦି ପକାନ୍ତି। କହନ୍ତି, "ଭାଇ ଫେରିଲେ ତମମାନଙ୍କୁ ଦେଖାହେବ।" ଦିନେ ମୋତେ ଜଣେ ଡାକ୍ତର କହିଲେ ତମର ଗୋଟିଏ ଆଖିର ଦୃଷ୍ଟିଶକ୍ତି ନଷ୍ଟ ହୋଇଯାଇଛି। ସେଇଟା ଅପରେସନ କରି ବାହାର କରିଦିଆଯିବ।

ତାଙ୍କ କଥା ଶୁଣି ମୋ ଦେହରୁ ଗମ୍ ଗମ୍ ହୋଇ ଝାଳ ବୋହିଗଲା। କିଛି କହିଲି ନାହିଁ। ତାଙ୍କଠାରୁ ଯିଏ ବଡ଼ ତାଙ୍କୁ ଏ କଥା କହିଲି। ସେ ଆଶ୍ୱାସନା ଦେଇ କହିଲେ ତମେ ଏତେ ଛାନିଆ ହେଉଛ କାହିଁକି ? ଅନ୍ୟ ରୋଗୀର ଆସ୍ଥା ଯାହା ତମର କ'ଣ ସେଇଆ ? ତମ ଆଖି ତଡ଼ାଯିବ ନାହିଁ। ଯମଦୂତ ନେଇଗଲେ ବିଷ୍ଣୁଦୂତ କ'ଣ ଫେରାଇ ଆଣିବେ ନାହିଁ ? ସେ ଥିଲେ ଡେଙ୍ଗା, ଗୋରା, ହସ ହସ ମୁହଁ। ସାହେବ ପରି ଚେହେରା। ମିଷ୍ଟଭାଷୀ, ଅଳ୍ପ କହନ୍ତି, ଦେବତୁଲ୍ୟ ମଣିଷ। ତାଙ୍କ କଥାରେ ଅଧେ ରୋଗ ଭଲ ହୋଇଯିବ। ଅନ୍ୟମାନଙ୍କ କଥାରୁ ଶୁଣିଲି ଯେ ଆଖି ବିଭାଗର ପ୍ରଫେସର, ସବୁଠୁ ବଡ଼ ଡାକ୍ତର। ନାଁ ତାଙ୍କର ମହେନ୍ଦ୍ର ଚନ୍ଦ୍ର ମିଶ୍ର। ସେ ଯାହା କହିଥିଲେ ସେଇଆ ହେଲା। ଆଖି ସିନା ତଡ଼ା ଗଲା ନାହିଁ, କିନ୍ତୁ ସେ ଆଖିଟି ନଷ୍ଟ ହୋଇଯାଇଥିଲା।

### ରାତ୍ ଗୟି, ବାତ୍ ଗୟି

ଯାହା କହନ୍ତି, "ରାତ୍ ଗୟି, ବାତ୍ ଗୟି।" ଦିନକୁ ଦିନ

ଅନ୍ତର। କିଛିଦିନ ପରେ ସେ ଘଟଣା ଦେହସୁହା ହୋଇଗଲା। ମହେନ୍ଦ୍ର ସାର୍‌ଙ୍କ ସ୍ମୃତି ଝାପ୍‌ସା ହୋଇ ରହିଗଲା। ଠିକ୍ ଦଶବର୍ଷ ପରର ଘଟଣା। ମୁଁ ରେଭେନ୍‌ସା କଲେଜରେ ଇଂରେଜୀ ସାହିତ୍ୟରେ ଏମ୍.ଏ. ପଢୁଥାଏ। ବଡ଼ଭାଇ ସେକେଣ୍ଡାରୀ ବୋର୍ଡ ଅଫିସ (ବି.ଏସ୍.ଇ. ଓଡ଼ିଶା, କଟକ)ରେ ପଦସ୍ଥ ଅଫିସର। ତାଙ୍କ ସରକାରୀ ବାସଗୃହ ଅଫିସ ପରିସର ମଧ୍ୟରେ। ପଢ଼ାପଢ଼ିର ସୁବିଧା ପାଇଁ ମୁଁ କିନ୍ତୁ କଲେଜ ହଷ୍ଟେଲରେ ରହୁଥାଏ। ଛୋଟ ଛୋଟ ପୁତୁରା ଝିଆରୀ ମୋତେ ଦିନେ ନ ଦେଖିଲେ ପାଗଳ। ମୋର ଅବସ୍ଥା ମଧ୍ୟ ତଦ୍ରୂପ। ପ୍ରତିଦିନ ନ ହେଲେ ସପ୍ତାହରେ ୩ ଥର ନିଶ୍ଚୟ ଚାଲି ଚାଲି ଯାଇ ପିଲାମାନଙ୍କୁ ଭେଟି ବୁଲି ଆସେ। ଦିନେ ଭାଉଜ କହିଲେ ତମ ଭାଇ ତ ସବୁବେଳେ ଅଫିସ କାମରେ ବ୍ୟସ୍ତ। ତମେ ଟିକେ ସମୟ ବାହାର କରି ପୁଅକୁ ନେଇ ଆଖି ଡାକ୍ତରଙ୍କୁ ଦେଖାଇ ଆଣନ୍ତ। ମୁଁ ପଚାରିଲି, କ'ଣ ତା'ର ଅସୁବିଧା ହେଉଛି? ସେ କହିଲେ, ସେ ସବୁବେଳେ ଆଖିପତା ଝାଡୁଛି। ଗାଁ ଗହଳିରେ କହନ୍ତି ଏଇଟା ଗୋଟାଏ ଖରାପ ଲକ୍ଷଣ, କୋଉ ଡାକ୍ତରଙ୍କୁ ଦେଖାଇବି ମୋତେ ଜଣା ନ ଥିଲା। ଦିନେ ହଷ୍ଟେଲରୁ ପ୍ରଫେସରପଡ଼ା ଦେଇ ବୋର୍ଡ଼ ଅଫିସ୍‌କୁ ଆସୁଥିବା ବେଳେ ନଜର ପଡିଲା 'ଆଇ ସ୍ପେସାଲିଷ୍ଟ, ରିଟାୟାର୍ଡ ପ୍ରଫେସର ଡ. ମହେନ୍ଦ୍ର ଚନ୍ଦ୍ର ମିଶ୍ର, ଏସ୍‌ସିବି ମେଡିକାଲ କଲେଜ, କଟକ ଉପରେ। ଭାଉଜଙ୍କୁ ଏକଥା ଜଣାଇବାରୁ ସେ କହିଲେ, ଆରେ ସେ ସାର୍ ପରା କକାଙ୍କ ଆଖି ଅପରେସନ କରି ତାଙ୍କର ଗୋଟିଏ ଆଖିର ଦୃଷ୍ଟିଶକ୍ତି ରକ୍ଷା କରିପାରିଥିଲେ। ଭଲ କଥା, ପୁଅକୁ ନେଇ ତାଙ୍କୁ ଦେଖାଅ। ସ୍ମୃତିର ରୋମନ୍ଥନରେ ଆସିଲେ କକା କହିଥିବା ଡାକ୍ତରଙ୍କ ଚେହେରା, ଦେବତୁଲ୍ୟ ମଣିଷ ମହେନ୍ଦ୍ର ସାର୍। ସାଇକେଲରେ ପୁଅ (ହାଇସ୍କୁଲରେ ପଢୁଥିଲା)କୁ ଧରି ଡାକ୍ତରଙ୍କ ପାଖରେ ହାଜର। ଏତେ ବଡ଼ ଡାକ୍ତର। ଟିକେ ନର୍ଭସ ଲାଗୁଥାଏ। ନମସ୍କାର କରି ଠିଆ ହେଲୁ।


ଡା. ମହେନ୍ଦ୍ର ଚନ୍ଦ୍ର ମିଶ୍ର


ପ୍ରଥମେ ମୁଁ କିଏ, କ'ଣ କରେ ଇତ୍ୟାଦି ନିଜର ଲୋକ ପରି ପଚାରିବା ପରେ ଆସିବାର କାରଣ ପଚାରିଲେ। ମୁଁ ସବୁକଥା କହିଲି। ସେ ପୁତୁରା ଆଖିରେ ଲାଇଟ ପକାଇ ଭଲ ଭାବରେ ଦେଖିଲେ। ତା'ପରେ କିଛି ଆଇଡ୍ରପ ପକାଇ ବସିବାକୁ କହିଲେ। କିଛି ସମୟ ପରେ ଆଉ ଥରେ ତାକୁ ଦେଖି କହିଲେ, ଆଖିରେ କିଛି ଅସୁବିଧା ନାହିଁ। ସେ ଗୋଟିଏ ଖରାପ ଅଭ୍ୟାସରେ ପଡ଼ିଯାଇଛି, ତାକୁ ମିଛରେ ଡରାଇ କହିଲେ ଆଉ ଆଖି ଝାଡ଼ିଲେ ମୁଁ ତୋତେ ଗୋଟାଏ ବଡ଼ ଇଞ୍ଜେକସନ ଫୋଡିଦେବି। ତା'ପରେ ମୁଁ କହିଲି, ଆଜ୍ଞା କ୍ଲାସରେ ମୁଁ ଫ୍ରଣ୍ଟ ବେଞ୍ଚରେ ବସିଲେ ମଧ୍ୟ ବ୍ଲାକବୋର୍ଡରେ ସାର୍ ଯାହା ଲେଖୁଛନ୍ତି ମୁଁ ଭଲ ଭାବରେ ପଢ଼ିପାରୁ ନାହିଁ। ମୋ ଆଖି ଟିକେ ଦେଖିବେ? ସଙ୍ଗେ ସଙ୍ଗେ ହସି ହସି କହିଲେ କ'ଣ ପୁତୁରା ରୋଗ ଦାଦାକୁ ଡେଇଁଲା? ମୋ ଆଖି ସେହିପରି ପରୀକ୍ଷା କରି କହିଲେ ତମର ଚାଳିଶ ବର୍ଷ ହୋଇଗଲାଣି ବୋଧେ? ମୁଁ କହିଲି ନାଇଁ ସାର ମୋର ଏବେ ୨୪ ବର୍ଷ। ସେ ହସି ହସି କହିଲେ, ତମର ପାୱାର ଚଷମା ଲାଗିବ। ତାଙ୍କ ପ୍ୟାଡ୍‌ରେ ସବୁ ଲେଖି ମୋ ହାତରେ ଧରାଇ ଦେଲେ। ଏଥର ମୋର ଅସଲ ପରୀକ୍ଷାର ବେଳ ଆସିଗଲା। ମୋ ପାଖରେ ମାତ୍ର ପନ୍ଦର ଟଙ୍କା ଥାଏ। ଆରମ୍ଭରୁ ତାଙ୍କର ଫିସ୍ ପଚାରି ଦେଇଥିଲେ ଭଲ ହୋଇଥାନ୍ତା ବୋଧେ ମୁଁ ଯାହା ଦେବି ତାଙ୍କର ପସନ୍ଦ ହେବ ତ?

**ଡର ଲାଗୁଥାଏ**

ଡର ଲାଗୁଥାଏ କାଳେ ରାଗିକରି କିଛି କହିଦେବେ। ଶେଷରେ ବହୁତ ସାହସ ସଞ୍ଚୟ କରି ସାର୍‌ଙ୍କୁ ଦଶଟଙ୍କିଆ ନୋଟ୍‌ଟିଏ ଧରାଇଲି। ଉହୁଁ କହି ଟିକେ ପଛକୁ ଘୁଞ୍ଚିଗଲେ। ମୁଁ ବଡ଼ ଅପ୍ରତିଭ ମନେ କଲି। ମନକୁ ମନ କହିଲି "କଳ୍ପନା ମୂଳେ କାଳ ଥାଇ, ପ୍ରାଣୀ ତା ଜାଣି ନ ପାରଇ।" ଏକମାତ୍ର ଭରସା ଶେଷ ଅସ୍ତ୍ର ସ୍ୱରୂପ ୫ ଟଙ୍କିଆ ନୋଟ୍‌ଟି ପକେଟରେ ଥାଏ। ତାକୁ ବାହାର କଲି। ଦୁଇଟି ନୋଟ୍ ଏକାଠି କଲି। ବହୁତ ବିନମ୍ର ସହକାରେ କହିଲି, ସାର୍ ପ୍ଲିଜ୍ ଗ୍ରହଣ କରନ୍ତୁ। ମୋ ପାଖରେ ଆଉ କିଛି ନାହିଁ। ଆଉ କେତେ ଦରକାର

କହିଲେ କାଲି ଆଣି ନିଶ୍ଚୟ ଦେବି। ଏଥର ସେ ମୋ ହାତରୁ ନୋଟ୍ ଦୁଇଟି ନେଇଗଲେ। ଲାଗିଲା ସତେ ଯେପରି ଗୋଟିଏ ବଡ଼ ଦୁର୍ଘଟଣାରୁ ମୁଁ ଅଳ୍ପକେ ବର୍ତ୍ତିଯାଇଛି। ଏ ପର୍ଯ୍ୟନ୍ତ ସାର୍ ଗମ୍ଭୀର ମୁଦ୍ରାରେ ଥିଲେ। ତା'ପରେ ଟିକେ ହସି ଦେଇ ସେ ଟଙ୍କାକୁ ମୋ ସାର୍ଟ ପକେଟରେ ରଖିଦେଇ କହିଲେ ତମ ପାଖରେ ଥିଲେ ମୋର ବହୁତ କାମରେ ଲାଗିବ। ମୁଁ ଯେତେ ଅନୁରୋଧ କଲେ ମଧ୍ୟ ସେ ଟଙ୍କା ନେଲେ ନାହିଁ।

ଇତି ମଧ୍ୟରେ ଆଉ ଗୋଟିଏ ଘଟଣା ଘଟି ଚାଲିଥାଏ। ମୁଁ ଆଶ୍ଚର୍ଯ୍ୟ ହୋଇ ସେ ଘଟଣାର ନୀରବ ସାକ୍ଷୀ ବନିଥାଏ। ଜଣେ ନିତାନ୍ତ ଗରିବ, ଗାଉଁଲୀ ସ୍ତ୍ରୀ ଲୋକ ତା'ର ୭-୮ ବର୍ଷର ପୁଅକୁ ଧରି ସେଠାରେ ପହଞ୍ଚିଲା। ମୁଣ୍ଡ ନୁଆଁଇ ନମସ୍କାର କରି ଠିଆ ହେଲା। ସାର୍ ପଚାରିଲେ କାହିଁକି ଆସିଛୁ ମାଆ? ସେ କାନ୍ଦ କାନ୍ଦ ହୋଇ କହିଲା, ପୁଅର ଆଖି ଖରାପ। ଯେତେ ଯାହା ଔଷଧ ଦେଲେ ଭଲ ହେଉନାହିଁ। ସମସ୍ତେ ତମ ପାଖକୁ ଯିବାକୁ କହିଲେ। ମୋ ଛୁଆକୁ ଦୟା କର ବାବୁ।



### ବିତରେ ଅକାତରେ

ସାର୍ ସାଙ୍ଗେ ସାଙ୍ଗେ ଭଲ ଭାବରେ ପରୀକ୍ଷା କରି କହିଲେ, ତ'ର ଗୋଟିଏ ଆଖି ପୂରା ଖରାପ କରି ସାରିଛୁ। ଆର ଆଖିଟି ରକ୍ଷା ହେବା ଜରୁରୀ। ମୁଁ ଔଷଧ ଦେଉଛି ଦିନରେ ୩ ଥର ଦୁଇ ଆଖିରେ ପକାଇବୁ। ଆଉ କୌଣସି  ଔଷଧ ପକାଇବୁ ନାହିଁ କିମ୍ବା କାହା ପାଖକୁ ଯିବୁ ନାହିଁ। ଔଷଧ ଦେଲେ ତା' ସହିତ କିଛି ଟଙ୍କା ମଧ୍ୟ ଦେଲେ। କହିଲେ ବଜାରରୁ କିଛି କିଣି ଖାଇବ ଆଉ ଘରକୁ ପଳାଇବ। ସେମାନେ ଯିବା ପରେ ମୁଁ ନମସ୍କାର ଜଣାଇ ବିଦାୟ ନେଲି। କିନ୍ତୁ ସାରଙ୍କ ବ୍ୟବହାର ମୋ ମୁଣ୍ଡରେ ଖେଳୁଥାଏ। ମନେ ପଡ଼ିଲା କବିବର ରାଧାନାଥ ରାୟଙ୍କ କବିତା, "ବିତରେ ଅକାତରେ ଜୀବନ ଘନ, ଧନ୍ୟ ସେ ଦାତା ଜାଣେ ଯାଚକ ମନ।" ଏଠାରେ ଦାତା ଓ ଗ୍ରହୀତା ଉଭୟ ଧନ୍ୟ। ଗ୍ରହୀତାର ମନ ଜାଣି ଦାତା ଉପଯୁକ୍ତ ପାତ୍ରରେ ଦାନ କରି ବିଶେଷ ଧନ୍ୟବାଦର ପାତ୍ର ହୋଇଛନ୍ତି ବୋଲି ମୋର ହୃଦୟବୋଧ ହେଲା।

ଏଇ ସ୍ମରଣୀୟ ବ୍ୟକ୍ତି ସ୍ୱର୍ଗତ ଡାକ୍ତର ମହେନ୍ଦ୍ର ଚନ୍ଦ୍ର ମିଶ୍ର ବାଙ୍କୀ ନିବାସୀ ପିତା ପଣ୍ଡିତ ଦାମୋଦର ମିଶ୍ର (ତାଳଚେର ରାଜାଙ୍କ ରାଜ ପୁରୋହିତ ଓ ମୁଖ୍ୟ ପରାମର୍ଶଦାତା) ଓ ମାତା 'କିରୀ ଦେବୀଙ୍କ ଜ୍ୟେଷ୍ଠପୁତ୍ର ଭାବରେ କୋଳମଣ୍ଡନ କରିଥିଲେ ୧୯୦୯ ମସିହାରେ। ରାମଙ୍କର ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନ ପରି ତାଙ୍କର ଅନ୍ୟ ତିନି ଯୋଗଜନ୍ମା ଯଶସ୍ୱୀ ଭାଇମାନେ ଥିଲେ ପ୍ରଫେସର ଡାକ୍ତର ଶରତଚନ୍ଦ୍ର ମିଶ୍ର (ଶିଶୁ ଓ ମେଡ଼ିସିନ), ଉପେନ୍ଦ୍ର ଚନ୍ଦ୍ର ମିଶ୍ର (ଲୋକପ୍ରିୟ ପ୍ରଶାସକ) ଓ ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର ଦେବେନ୍ଦ୍ର ଚନ୍ଦ୍ର ମିଶ୍ର (କୁଳପତି ସମ୍ବଲପୁର ବିଶ୍ୱବିଦ୍ୟାଳୟ ତଥା ନିର୍ଦ୍ଦେଶକ ଶିକ୍ଷା ବିଭାଗ ଓଡ଼ିଶା)। ମହେନ୍ଦ୍ର ସାର ରେଭେନ୍ସା କଲେଜିଏଟ୍ ସ୍କୁଲରେ ପ୍ରଥମ ଶ୍ରେଣୀରେ ମାଟ୍ରିକ ପାସ୍ (୧୯୨୭) ପରେ ରେଭେନ୍ସା କଲେଜରୁ ୧୯୨୯ରେ ଆଇ.ଏସ୍‌ସି. ପାସ୍ କରିଥିଲେ। ଏହା ପରେ ୧୯୩୫ରେ ପାଟ୍‌ନା ମେଡ଼ିକାଲ କଲେଜରୁ ଏମ୍‌ବିବିଏସ୍ ପାସ୍ କରି କିଛି ବର୍ଷ ଆସିଷ୍ଟାଣ୍ଟ୍ ସର୍ଜନ ଭାବରେ ନୂଆପଡ଼ା, ବାଲେଶ୍ୱର, ଭଦ୍ରକ, ପ୍ରଭୃତି ଡାକ୍ତରଖାନାରେ କାର୍ଯ୍ୟ କରିଥିଲେ। ତା'ପରେ ଓଡ଼ିଶା ମେଡ଼ିକାଲ ସ୍କୁଲ, କଟକରେ ଅଧ୍ୟାପକ ଭାବରେ ଯୋଗ ଦେଇଥିଲେ। ଏଇ ସମୟରେ ସେ ଭାରତ ସରକାରଙ୍କ ତରଫରୁ ଏକ ଉଚ୍ଚଶିକ୍ଷା ବୃତ୍ତି ଲାଭ କରି ୧୯୪୮ରେ ଲଣ୍ଡନ ୟୁନିଭରସିଟିରୁ ଡିଡିଏମଏସ୍ ଡିଗ୍ରୀ ହାସଲ କରିଥିଲେ। ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପରେ ସେ ଏସ୍‌ସିବି ମେଡ଼ିକାଲ କଲେଜ୍ ଆଣ୍ଡ ହସ୍ପିଟାଲରେ ପ୍ରଥମ ଆସିଷ୍ଟାଣ୍ଟ ପ୍ରଫେସର ଭାବରେ ଜଏନ୍ କରି ପରେ ପରେ ପ୍ର'ସେର, ବିଭାଗୀୟ ମୁଖ୍ୟ ଓ ସୁପରିନ୍‌ଟେଣ୍ଡେଣ୍ଟ ପଦବୀରେ କାର୍ଯ୍ୟ କରି ୧୯୬୮ରେ ଅବସର ଗ୍ରହଣ କରିଥିଲେ।

ଇଏ ହେଲା ତାଙ୍କର ଗୋଟିଏ ପରିସଂଖ୍ୟାନଭିତ୍ତିକ ପରିଚୟ। ଇଂରାଜୀରେ କବି ଡବ୍ଲ୍ୟୁ.ଏଚ୍. ଅଡେନ୍‌ଙ୍କ 'ଦି ଅନ୍‌ନୋନ୍ ସିଟିଜେନ୍' ପାଠ କଲେ ଏହିପରି ପରିଚୟ ଜଣେ ବ୍ୟକ୍ତିର ପ୍ରକୃତ ବ୍ୟକ୍ତିତ୍ୱର ପରିଚୟକୁ କିପରି ଅନ୍ଧକାର ମଧ୍ୟକୁ ଠେଲି ଦିଆଯାଇଛି ବା ଅନାଲୋଚିତ, ଅନାବଶ୍ୟକ, ତଥା ଗୌଣ ଭାବରେ ଧରି ନିଆଯାଇଛି ଭାବିଲେ ବହୁତ କ୍ଷୋଭ ଜାତ ହୁଏ। ପଣ୍ଡିତ ଗୋପବନ୍ଧୁ ଦାସ ଯାହା କହିଥିଲେ,

"ମାନବ ଜୀବନ ନୁହଁଇ କେବଳ ବର୍ଷ, ମାନ, ଦିନ, ଦଣ୍ଡ, କର୍ମେ ଜିଏ ନର କର୍ମ ଏକା ତାର ଜୀବନର ମାନଦଣ୍ଡ", ତାହା ବେଶ୍ ଯଥାର୍ଥ ମନେ ହୁଏ। ମୋର ଡାକ୍ତର ଭାଇ (୮୦ ବର୍ଷ) କହିଥିଲେ ପ୍ରଫେସର ମହେନ୍ଦ୍ର ଚନ୍ଦ୍ର ମିଶ୍ର ତାଙ୍କ ସହକର୍ମୀ ଓ ଛାତ୍ର ମହଲରେ ସର୍ବାଧିକ ଶ୍ରଦ୍ଧା ଓ ସମ୍ମାନର ପାତ୍ର ଥିଲେ। ସମସ୍ତଙ୍କ ମୁଣ୍ଡ ତାଙ୍କ ନିକଟରେ ନଇଁଯାଉଥିଲା। ରୋଗୀମାନଙ୍କ ନିକଟରେ ସେ ଥିଲେ ସାକ୍ଷାତ୍ ଦେବତା। ବିଭାଗୀୟ ମୁଖ୍ୟ ଥିବା ସମୟରେ କଟକ ବଡ଼ ମେଡିକାଲରେ ଚକ୍ଷୁ ବିଭାଗ ତାଙ୍କ ତତ୍ତ୍ୱାବଧାନରେ ବେଶ୍ ଉନ୍ନତି ଓ ଖ୍ୟାତି ଲାଭ କରିଥିଲା। ଓଡ଼ିଶା ମେଡିକାଲ ଜର୍ନାଲ ଏବଂ ଇଣ୍ଡିଆନ ମେଡିକାଲ ଜର୍ନାଲର ସେ ଏଡିଟର ଭାବେ କାର୍ଯ୍ୟକରି ସମସ୍ତଙ୍କର ପ୍ରଶଂସାଭାଜନ ହୋଇଥିଲେ। ତା'ଛଡା ସେ 'ଅଲ୍ ଇଣ୍ଡିଆ ଅପ୍‌ଥାମୋଲୋଜିକାଲ ସୋସାଇଟି'ର ପ୍ରଥମ ଓଡ଼ିଆ ଭାବେ ୧୯୭୯ରେ ପ୍ରେସିଡେଣ୍ଟ ହୋଇଥିଲେ। ରାଜ୍ୟର ଅନେକ ସାମାଜିକ ତଥା ଜନହିତକର ଅନୁଷ୍ଠାନର ସକ୍ରିୟ ସଦସ୍ୟ ରହିବା ସଂଗେ ସଂଗେ 'ଥିଓସୋଫିକାଲ ସୋସାଇଟି, ଇଣ୍ଡିଆ, କଟକ ବ୍ରାଞ୍ଚ'ର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ନିକଟରେ ଏହିସବୁ କାର୍ଯ୍ୟକ୍ରମ ଗୌଣ ଥିଲା କହିଲେ ବୋଧେ ଭୁଲ୍ ହେବ ନାହିଁ। କାରଣ ତାଙ୍କର ମୁଖ୍ୟ କାର୍ଯ୍ୟ ଥିଲା ଜୀବନର ଶେଷ ଯାଏ ମାଧବ ଜ୍ଞାନରେ ମାନବ ସେବା କରିବା।

**ସାର୍ ରୋକଠୋକ୍ ମନା କରିଦେଲେ କହିଲେ, ତମେ ମୋ ଅଞ୍ଚଳର ସେବା କରୁଛ, ମୁଁ ତୁମଠାରୁ ପାରିଶ୍ରମିକ ନେଇ ପାରିବି ନାହିଁ।**

### ସେବା ହିଁ ଧର୍ମ

ସତରେ ସେବା ହିଁ ପରମ ଧର୍ମ, ସେବା ହିଁ ପରମ ତପ। ସମାଜରେ ଅନେକ ପ୍ରତିଷ୍ଠିତ ଲୋକ ଅଛନ୍ତି ଯେଉଁମାନେ ନିଜର ଉନ୍ନତି ଛଡ଼ା ବ୍ୟକ୍ତିଗତ କିଂବା ସାମୂହିକ ଭାବରେ ସମାଜର ସେବା କରିବା ପାଇଁ ମନ ବଳାଇ ନାହାନ୍ତି। ସେମାନଙ୍କ ପାଇଁ ଏତିକି କୁହାଯାଇପାରେ "ବଡ଼ା ହୁଆ ତୋ କ୍ୟା ହୁଆ ଜୈସେ ପେଡ୍ ଖଜୁର, ପନ୍ଥୀ କୋ ଛାୟା ନହୀଁ, ଫଲ୍ ଲାଗେ ଅତି ଦୂର।" କିନ୍ତୁ ମହେନ୍ଦ୍ର ସାର୍ ଜଣେ ସଫଳ ବ୍ୟକ୍ତିତ୍ୱ ଯିଏ ଉଭୟର ଉନ୍ନତି ସାଧନ କରିପାରିଛନ୍ତି।

ଜଣେ ବନ୍ଧୁଙ୍କ ଠାରୁ ତାଙ୍କ ସେବା ପରିସରର ବ୍ୟାପକତା ସମ୍ବନ୍ଧରେ ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି। ତେଣୁ ସମସ୍ତଙ୍କ ଜାଣିବା ପାଇଁ ତାହା ଏଠାରେ ପ୍ରକାଶ କରିବା ନିତାନ୍ତ ଆବଶ୍ୟକ ମନେ କରୁଛି। ଥରେ ଜଣେ ବ୍ୟାଙ୍କ ଅଫିସର ତାଙ୍କ ଚକ୍ଷୁ ସମସ୍ୟା ନେଇ ପ୍ରଫେସର ମିଶ୍ରଙ୍କ ପାଖକୁ ଯାଇଥିଲେ। ଇତି ମଧ୍ୟରେ ସେ ବାଙ୍କୀ ଅଞ୍ଚଳରୁ ଆସିଥିବା ସାର୍ ଜାଣିସାରିଛନ୍ତି। କାମ ଶେଷରେ ସେ ଅଫିସର ତାଙ୍କ ଫିସ୍ ଦେଲାବେଳେ ସାର୍ ରୋକଠୋକ୍ ମନା କରିଦେଲେ କହିଲେ ତମେ ମୋ ଅଞ୍ଚଳର ସେବା କରୁଛ, ମୁଁ ତୁମଠାରୁ ପାରିଶ୍ରମିକ ନେଇ ପାରିବି ନାହିଁ। ସେ ନମ୍ରତା ସହକାରେ କହିଲେ ସାର୍ ବ୍ୟାଙ୍କ ମୋ ଖର୍ଚ୍ଚ ବହନ କରିବ। ତା' ଛଡ଼ା ମୁଁ ବାଙ୍କୀ ଅଞ୍ଚଳର ମଧ ଅଧିବାସୀ ନୁହେଁ। ସାରଙ୍କର କିନ୍ତୁ ଗୋଟିଏ ଜିଦ୍ ତମେ ଯିଏ ହୁଅନା କାହିଁକି ମୋ ଅଞ୍ଚଳର ଲୋକଙ୍କ ସେବା କରୁଛ ସେତିକି ହିଁ ଯଥେଷ୍ଟ। ଶେଷରେ ସେ ଅଫିସର ନୀରବରେ ହାତଯୋଡ଼ି ବିଦାୟ ନେଇଥିଲେ। ଖାଲି ସେତିକି ନୁହେଁ ସ୍ଥାନ, ବୟସ, ଧର୍ମ ନିର୍ବିଶେଷରେ ଛାତ୍ର, ଗରିବ, ଅସହାୟ, ଶାରୀରିକ ଅକ୍ଷମ, ସାଧୁସନ୍ଥଙ୍କ ପାଇଁ ତାଙ୍କ ଦ୍ୱାରା ମାଗଣା ସେବା ଉନ୍ମୁକ୍ତ ଥିଲା। ସତେ ଯେପରି ମହର୍ଷି ବେଦବ୍ୟାସଙ୍କ ମହତ ବାଣୀ, "ଅଷ୍ଟାଦଶ ପୁରାଣେଷୁ ବ୍ୟାସସ୍ୟ ବଚନ ଦ୍ୱୟମ୍, ପରୋପକାର ପୁଣ୍ୟାୟ, ପାପାୟ ପର ପୀଡ଼ନମ୍" ତାଙ୍କ ଜୀବନରେ ମାର୍ଗଦର୍ଶନ କରୁଥିଲା। ବ୍ରିଟିଶ ଶାସନ କାଳରେ ଜଳ ଜାହାଜରେ ଲଣ୍ଡନ ଯାଇ ଉଚ୍ଚଶିକ୍ଷା ପ୍ରାପ୍ତ ହୋଇଥିଲେ ମଧ ସେ ନିଜ ମାଟିର ଗରିବ ଜନତାର ସେବାକୁ ମୂଳମନ୍ତ୍ର କରିଥିଲେ। ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ କର୍ତ୍ତୃପକ୍ଷ ଏହି ମହାନ୍ ବ୍ୟକ୍ତିଙ୍କ ସ୍ମୃତିରକ୍ଷା ପାଇଁ ଲାଇବ୍ରେରୀକୁ ତାଙ୍କ ନାମରେ ଉତ୍ସର୍ଗ କରି ସମସ୍ତଙ୍କର ଧନ୍ୟବାଦର ପାତ୍ର ହୋଇପାରିଛନ୍ତି। ଏହି ଅଜାତଶତ୍ରୁ ଫେବ୍ରୁଆରୀ ଛଅ ତାରିଖ ୧୯୮୨ ମସିହାରେ ପରଲୋକ ଗମନ କରିଥିଲେ। ସମସ୍ତଙ୍କୁ ଚକ୍ଷୁର ଜ୍ୟୋତି ପ୍ରଦାନ କରି ସେଇ ଦିବ୍ୟଦୃଷ୍ଟିସମ୍ପନ୍ନ ମହାନ୍ ଆତ୍ମା ଆଜି ଚିର ସ୍ମରଣୀୟ, ଚିର ଆୟୁଷ୍ମାନ। ତାଙ୍କର ସଂସ୍ପର୍ଶରେ ଆସି ତାଙ୍କ ସ୍ମୃତି ଚାରଣ କରି ନିଜକୁ ଧନ୍ୟ ମନେ କରୁଛି।

□□

ଲେଖକଙ୍କ ଇ-ମେଲ୍ ଠିକଣା:
bal.bhabagrahi@gmail.com


ଗଳ୍ପ



# ଅଭାଗିନୀ

ସୁଶ୍ରୀ ସଂଗୀତା ସ୍ୱାଇଁ

ମାଡାମ୍ ମି. ସାମନ୍ତରାୟଙ୍କର ଚେତା ଫେରିଆସିଛି। ନର୍ସର ଏକଥା ଶୁଣି କ୍ଷଣକ ପାଇଁ ଡକ୍ଟର ସାଗରିକା ଆନନ୍ଦିତ ହେଲେ, ପର ମୁହୂର୍ତ୍ତରେ ଗମ୍ଭୀର ହୋଇ କହିଲେ, ଠିକ୍ ଅଛି ତୁମେ ଯାଅ ମୁଁ ଆସୁଛି। ଡ. ସାଗରିକା ଆମେରିକାନ୍ କଲେଜ ଅଫ୍ କାର୍ଡିଓଲଜିରୁ ଏମ୍‌ଡି କରି ଭାରତ ପ୍ରତ୍ୟାବର୍ତ୍ତନ ପୂର୍ବକ ନଗରୀର ଏକ ପ୍ରସିଦ୍ଧ ହସ୍ପିଟାଲରେ ଯୁବ ଓପନ୍‌ହାର୍ଟ ସର୍ଜନ ଭାବେ ଯୋଗ ଦେଇଥିଲେ। ତାଙ୍କ ପାଇଁ ସପ୍ତାହବ୍ୟାପୀ ସୁପ୍ରସିଦ୍ଧ ଶିଳ୍ପପତି ଇନ୍ଦ୍ରଜିତ୍ ସାମନ୍ତରାୟଙ୍କର କେସ୍‌ଟି ଏକ ଆହ୍ୱାନ ପାଲଟିଯାଇଛି। ଇନ୍ଦ୍ରଜିତ୍‌ଙ୍କୁ କନ୍‌ଜେନିଟାଲ ହାର୍ଟ ଡିଜିଜ୍ ଥିଲା, ତାହା ପୁଣି ଅତ୍ୟନ୍ତ ସଂକଟପୂର୍ଣ୍ଣ ଅବସ୍ଥାରେ। ତା' ସହ ଆଇସିୟୁ ଭିତରେ ଯେଉଁ ବ୍ୟକ୍ତି ଜଣକ ମୃତ୍ୟୁ ସହ ସଂଗ୍ରାମ କରୁଥିଲେ ଭଗବାନଙ୍କ ଅଜବ ଲୀଳାରୁ ସେ ଥିଲେ ଡକ୍ଟର ସାଗରିକାର ଜନ୍ମଦାତା। ଏମିତି ପିତା ଯାହାଙ୍କୁ କେବଳ ଆଲବମ୍ ଫଟୋରେ ଦେଖି ବଡ଼ ହୋଇଥିଲେ ଡ. ସାଗରିକା। କିଛି ଲୋକଙ୍କ ଆକୃତି ଏବଂ ଆଚରଣ କେବେ ମଧ୍ୟ ବଦଳେ ନାହିଁ। ଏତେ ବର୍ଷ ପରେ ମଧ୍ୟ ମିଷ୍ଟର ସାମନ୍ତରାୟଙ୍କର ଚେହେରାରେ ସେଇ ଦାମ୍ଭିକତା ବଜାୟ ରହିଛି।



ଯେଉଁଦିନ ମି. ସାମନ୍ତରାୟ ହସ୍ପିଟାଲରେ ଏଡମିଟ୍ ହେଲେ ସେହିଦିନଠାରୁ ସାଗରିକା ଯେପରି ଗୋଟାଏ ପ୍ରକାର ଅନ୍ୟମନସ୍କ, ବିବ୍ରତ ହୋଇପଡ଼ିଛନ୍ତି। ଏତେ ବର୍ଷ ପରେ ମଧ୍ୟ ନିଜ ପିତାଙ୍କୁ ଦେଖି ସାଗରିକାଙ୍କର ମନ ଦୁଃଖ ଓ ଘୃଣାରେ ଭରିଯାଇଥିଲା। ଯୋଉ ପିତାଙ୍କୁ ଏ କଥା ବି ଜଣାନାହିଁ ଯେ ତା'ର ନିଜ ସନ୍ତାନ ବଞ୍ଚିଛି କି ନାହିଁ, ଆଜି ଭାଗ୍ୟ ପୁଣି ଦୁହିଁଙ୍କୁ ସାମ୍‌ନା ସାମ୍‌ନି କରିଦେଇଛି। ସେଦିନ ରାତିରେ ଯେତେବେଳେ ସାଗରିକା ତା'ଙ୍କ ମା' ନୀଳିମାଙ୍କୁ ନିଜର ତଥାକଥିତ ପିତାଙ୍କର ରୋଗ ସମ୍ପର୍କରେ ଜଣାଇଲେ ସେତେବେଳେ ଲକ୍ଷ୍ୟ କଲେ ମା'ଙ୍କ ଚେହେରାରେ ଦୁଃଖର ଗଭୀର ଛାପ।

ସାଗରିକା କହିଚାଲିଥିଲେ-"ଦେଖିଲ ମା' ସମୟ କେତେ ଶକ୍ତିଶାଳୀ। ସମସ୍ତଙ୍କୁ ନିଜ କୃତକର୍ମର ଶାସ୍ତି ଏଇ ଜନ୍ମରେ ଭୋଗ କରିବାକୁ ପଡ଼େ। କାଳର ଏହି ଚକ୍ର କବଳରୁ କେହି ବର୍ତ୍ତିପାରିବ ନାହିଁ। ତୁମ ଜୀବନର ସବୁ କଷ୍ଟ ଏକାନ୍ତପଣ, ଆଖିର ଲୁହର ପ୍ରତିଶୋଧ ନେବାର ସୁଯୋଗ ଭଗବାନ ଆମକୁ ଦେଖିଛନ୍ତି। ମୁଁ ଯଦି ଚାହିଁବି....." ସାଗରିକା ଆଉ କିଛି କହିପାରିଲେ ନାହିଁ। ନୀଳିମା ନିଜ କନ୍ୟାର ଚକ୍ଷୁରେ ଦୁଃଖର ଅଗ୍ନି, କ୍ରୋଧର ଅଗ୍ନି ସଂଚାରିତ ହେବାର ଲକ୍ଷ୍ୟ କଲେ। କାହିଁକି ବା ନ ହେବ ସାଗରିକା ନିଜ ପିତାର ସାହାଯ୍ୟ ବିନା ବଢ଼ିଆସିଛି ଅନେକ ସଂଘର୍ଷ ଭିତରେ। ନୀଳିମା ସାଗରିକାକୁ ବଡ଼ କରିଛନ୍ତି। ଆଜି ମଧ୍ୟ ସେ ଅଶୁଭ ଦିନ ସଂପର୍କରେ ନୀଳିମାଙ୍କର ମନେ ଅଛି। ଯେବେ ତାଙ୍କ ଜୀବନରେ ଗ୍ରହଣ ଲାଗିଥିଲା। ଇନ୍ଦ୍ରଜିତ ସାମନ୍ତରାୟଙ୍କର ସହ ନୀଳିମାଙ୍କର ପ୍ରେମ ବିବାହ। କିଛି ମାସ ପର୍ଯ୍ୟନ୍ତ ସବୁ ଠିକ୍‌ଠାକ୍ ଚାଲିଥିଲା। ଇନ୍ଦ୍ରଜିତ ଥିଲେ ଏକ ସମ୍ପନ୍ନ ପରିବାରର ଏକମାତ୍ର ସନ୍ତାନ। ସାମନ୍ତରାୟ ପରିବାର

ଅତ୍ୟନ୍ତ ବ୍ୟଗ୍ରତାର ସହ ନିଜ ପରିବାର ବଂଶର ଉତ୍ତରଦାୟାଦର ପ୍ରତୀକ୍ଷା କରୁଥିଲା। ନୀଳିମାଙ୍କର ମାତୃତ୍ୱ ଖବରରେ ସତେ ଯେମିତି ସାମନ୍ତ ପରିବାରରେ ଉତ୍ସବର ବାତାବରଣ ସୃଷ୍ଟି ହୋଇଯାଇଥିଲା। ଇନ୍ଦ୍ରଜିତ୍ ଓ ନିଜ ଭାବୀ ସନ୍ତାନର ନାମ ସୂର୍ଯ୍ୟାଂଶୁ ରଖିବାକୁ ହାର୍ଭାର୍ଡରେ ଏମ୍‌ବିଏ ପଢ଼ାଇବାର ସ୍ୱପ୍ନ ଦେଖିସାରିଥିଲେ। ନୀଳିମା ଯେତେବେଳେ ଇନ୍ଦ୍ରଜିତଙ୍କୁ ପଚାରିଲେ ତୁମେ କେମିତି ଜାଣିଲ ଯେ ପୁଅ ହେବ ବୋଲି, ଝିଅ ମଧ୍ୟ ହୋଇପାରେ। ଇନ୍ଦ୍ରଜିତ ଚିତ୍କାର କରି କହିଥିଲେ, "ତୁମେ କ'ଣ ପାଗଳୀ ହୋଇଯାଇଛ ? ଝିଅ ଜନ୍ମ କରିବ। ଜାଣିଛ ତା'ର ଫଳ କ'ଣ ହେବ ? କିଛି ଦିନ ପରେ ଟେଷ୍ଟରୁ ଜଣାପଡ଼ିଯିବ ପୁଅ ହେବ କି ଝିଅ।"

କିନ୍ତୁ ମୁଁ ତୁମକୁ ଗୋଟିଏ କଥା ସ୍ପଷ୍ଟ କରିଦେଉଛି ଯେ ମୋର ଓ ତୁମର ସମ୍ପର୍କର ଡୋରି ସେଇ ଶିଶୁ ହାତରେ ରହିଛି। ଇନ୍ଦ୍ରଜିତଙ୍କ କଥାରେ ନୀଳିମା ହତବାକ୍, ବିବ୍ରତ ଓ ଆହତ ହୋଇ ପଡ଼ିଲେ। ସେ ବିଶ୍ୱାସ କରିପାରୁ ନ ଥିଲେ ଯେ ଯେ ସେଇ ଇନ୍ଦ୍ର ଯାହାଙ୍କୁ ସେ ଜୀବନଠାରୁ ଅଧିକ ଭଲ ପାଉଥିଲେ। ନୀଳିମା ଚିନ୍ତା କଲେ, ଯେ କି ପ୍ରକାର ମାନସିକତା। "ସମସ୍ତଙ୍କୁ ଶଯ୍ୟା ସଙ୍ଗିନୀର ଆବଶ୍ୟକତା ଅଛି। କିନ୍ତୁ ଦୋଳିରେ କନ୍ୟା ସନ୍ତାନକୁ ଦେଖିବାର ଇଚ୍ଛା କାହାରି ନାହିଁ।"

**ଯେଉଁ କନ୍ୟାକୁ ଏ ଦୁନିଆର ଆଲୋକକୁ ଆଣିବାରେ ଯେଉଁ ପିତା ଅନ୍ତରାୟ ହୋଇଥିଲେ ଆଜି ସେହି ପିତାର ଜୀବନ କିଛି ମାତ୍ରାରେ ସେହି ଝିଅ ହାତରେ।**

ବିତିଯାଉଥିବା ସମୟ ସହିତ ନୀଳିମା ଗର୍ଭରେ କନ୍ୟାଭ୍ରୂଣର ରିପୋର୍ଟ ଆସିଗଲା, ତା' ସହିତ ଡାକ୍ତରମାନେ ଘୋଷଣା କରିଦେଲେ କିଛି ଜଟିଳତା କାରଣରୁ ନୀଳିମା ପୁଣିଥରେ ଗର୍ଭଧାରଣ କରିବାକୁ ଅକ୍ଷମ। ତା'ପରେ ଇନ୍ଦ୍ରଙ୍କ ପରିବାର ଲୋକଙ୍କ ବ୍ୟବହାରରେ ପରିବର୍ତ୍ତନ ଆସିବାକୁ ଲାଗିଲା। ଇନ୍ଦ୍ରଜିତ୍ କ୍ରୋଧରେ ଘୋଷଣା କରିଦେଲେ ଯେ ଏବେ ନୀଳିମାଙ୍କ ପାଖରେ ଦୁଇଟି ରାସ୍ତା ସେ ଏହି କଳଙ୍କକୁ ଦୂରେଇ ଦେଇ ଚାକରାଣୀ ପରି ଘର କୋଣରେ ପଡିରୁହନ୍ତୁ, ନଚେତ୍ ସବୁଦିନ ପାଇଁ ସେ ଅଶୁଭ ସନ୍ତକକୁ ନେଇ ଘରୁ ବାହାରି ଯାଆନ୍ତୁ। ନୀଳିମାଙ୍କ ଆଖି ଆଗରେ ସତେ ଯେମିତି ଅନ୍ଧାର ଛାଇଗଲା। ସେ ଭାଙ୍ଗି ପଡ଼ିଲେ, ନିଜକୁ ଅସହାୟ ମନେ କଲେ। ସେହି ରାତିରେ ନୀଳିମା ଏକ ସ୍ୱପ୍ନ ଦେଖିଲେ ଗୋଟିଏ ସୁନ୍ଦର ଛୋଟ ଝିଅ ପରୀ ପୋଷାକ ପିନ୍ଧି ତା'ଙ୍କ ଆଗରେ ଛିଡ଼ା ହୋଇଛି, ଆଉ କହୁଛି, "ମା, ମୋତେ ଏ ଦୁନିଆର ଆଲୋକ ଦେଖିବାକୁ ଦିଅ, ମୁଁ ତୁମ ନାଁ ରଖିବି, ମୋ ଉପରେ ଏତିକି ଦୟା କର।"

ନୀଳିମାଙ୍କ ନିଦ ଭାଙ୍ଗିଗଲା। ଆଉ ସେହି ମୁହୂର୍ତ୍ତରୁ ସେ ସିଦ୍ଧାନ୍ତ ନେଲେ ଯେ ସେ କନ୍ୟା ସନ୍ତାନକୁ ଦୁନିଆକୁ ଆଣିବେ। ତେଣୁ ଇନ୍ଦ୍ରଜିତଙ୍କ ଘର ଛାଡ଼ି ସେ ଚାଲିଆସିଲେ। ସୌଭାଗ୍ୟବଶତଃ ନିଜ ବାପା ମା'ଙ୍କ ପୂର୍ଣ୍ଣ ସହଯୋଗ ପାଇଲେ ନୀଳିମା। ବର୍ଷକ ଭିତରେ ନୀଳିମା ଏକ ସୁନ୍ଦର ଝିଅଟିକୁ ଜନ୍ମ ଦେଲେ। ଏହା ଭିତରେ ଏପଟେ ଇନ୍ଦ୍ରଜିତ ନୀଳିମାଙ୍କୁ ଛାଡପତ୍ର ଦେଇ ଦ୍ୱିତୀୟ ବିବାହ କରିଦେଲେ। ନୀଳିମା କିନ୍ତୁ ପରିସ୍ଥିତି ଆଗରୁ ଭାଙ୍ଗି ନ ପଡ଼ି ଏକ କଲେଜରେ ଅଧ୍ୟାପନା ପୂର୍ବକ ନିଜ ଝିଅର ଭବିଷ୍ୟତ ଗଢ଼ିବାକୁ ଲାଗିଲେ। ଆଉ ଆଜି ସେହି ଛୋଟ ଝିଅଟି ଡ. ସାଗରିକା। ଛୋଟ ଥିବା ବେଳେ ସାଗରିକାକୁ ଆଲବମ୍ ଫଟୋ ଦେଖାଇ ନୀଳିମା ବାପାର ପରିଚୟ ଦେଉଥିଲେ କିନ୍ତୁ ବଡ଼ ହେବା ପରେ ସାଗରିକା ଯେତେବେଳେ ସବୁ ଜାଣିବାକୁ ଜିଦ୍ ଧରିଲେ, ବାଧ୍ୟ ହୋଇ ନୀଳିମା ତାକୁ ସବୁ ଘଟଣା ଶୁଣାଇ ଦେଇଥିଲେ। ସେହିଦିନଠାରୁ ସାଗରିକାଙ୍କ ହୃଦୟରେ ନିଜ ପିତାଙ୍କ ପ୍ରତି ଘୃଣା ଭାବ ଜାଗ୍ରତ ହୋଇଥିଲା, ଯାହା ସମୟ କ୍ରମେ ଅଧିକ ଘନୀଭୂତ ହେବାକୁ ଲାଗିଥିଲା। ନୀଳିମା ସେଇ ଦୁଃଖଦ ଅତୀତରୁ ବର୍ତ୍ତମାନକୁ ଫେରି ଆସିଲେ। ନୀଳିମା ନିଜ ଝିଅର ମନୋଦଶାକୁ ବୁଝିପାରୁଥିଲେ, ତଥାପି ତା'କୁ ଥରୁଟିଏ ବୁଝାଇବା ଉଦ୍ଦେଶ୍ୟରେ ତାଙ୍କ ରୁମ୍‌କୁ ଆସିଲେ। ସାଗରିକା ଏ ପର୍ଯ୍ୟନ୍ତ ଦୁଃଖିତ ହୋଇ ବସିଥିଲେ। ନୀଳିମା ତାଙ୍କୁ ସ୍ନେହରେ ବୁଝାଇବାକୁ ଲାଗିଲେ "ଦେଖ୍ ମା ଯାହା ହେଲେ ମଧ୍ୟ ସେ ତୋ ପିତା। ମୁଁ ତାଙ୍କୁ କେବେଠାରୁ କ୍ଷମା କରିସାରିଛି ତୁ ମଧ୍ୟ ତାଙ୍କୁ କ୍ଷମା କରିଦେ।"

ସାଗରିକା କିଛି ବି ଉତ୍ତର ଦେଲେ ନାହିଁ। ଅତି ସକାଳୁ ସେ କିଛି ନ ଖାଇ ହସ୍ପିଟାଲ୍ ଚାଲିଯାଇଥିଲେ। ଆଜି

ଅପରେସନ୍‌ର ଦିନ। ସାଗରିକା ମା'ଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଲେଖି ରଖିଯାଇଥିଲେ। ମା' ସମୟ ବି କେତେ ନିଷ୍ଠୁର। କେବେ ଯେଉଁ କନ୍ୟାକୁ ଏ ଦୁନିଆର ଆଲୋକକୁ ଆଣିବାରେ ଯେଉଁ ପିତା ଅନ୍ତରାୟ ହୋଇଥିଲେ ଆଜି ସେହି ପିତାର ଜୀବନ କିଛି ମାତ୍ରାରେ ସେହି ଝିଅ ହାତରେ। "ମୋତେ ସାହସ ଦିଅ ମା', ମୁଁ ନିଜ ହୃଦୟରୁ ଘୃଣା ଓ କପଟତାକୁ ଶାନ୍ତ କରି ସେହି ବ୍ୟକ୍ତିଙ୍କୁ ଯେମିତି ବଞ୍ଚାଇପାରେ, ଯାହାର ନାମର ସିନ୍ଦୂର ଆଜି ମଧ୍ୟ ତୁମେ ସିନ୍ଥିରେ ପିନ୍ଧିଛ।"


ଝିଅର ପତ୍ର କିଛି ମାତ୍ରାରେ ନୀଳିମାକୁ ସାନ୍ତ୍ୱନା ଦେଲା। ସାଗରିକା ନିଜର ସମ୍ପୂର୍ଣ୍ଣ ଡାକ୍ତରୀ ଶିକ୍ଷାର ଅଭିଜ୍ଞତାକୁ ପୁଞ୍ଜି କରି ଆପ୍ରାଣ ଉଦ୍ୟମ କଲେ ନିଜ ପିତାଙ୍କୁ ଜୀବନ ହାନିରୁ ରକ୍ଷା କରିବା ନିମନ୍ତେ। ସମ୍ପୂର୍ଣ୍ଣ ୮ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ଏବଂ ଈଶ୍ୱରଙ୍କ କୃପାରୁ ଅପରେସନ ସଫଳ ହୋଇଛି, ଯାହାର ସୂଚନା ଏବେ ଏବେ ନର୍ସ ମଧ୍ୟ ଦେଇ ସାରିଛି। ସାଗରିକା ମା'ଙ୍କୁ ଫୋନ୍ କଲେ, "ମା' ମୁଁ ଝିଅର କର୍ତ୍ତବ୍ୟ କରିଛି। ଜଣେ ଡାକ୍ତର ହିସାବରେ ରୋଗୀକୁ ବଞ୍ଚାଇବା ମୋର ପ୍ରଥମ କର୍ତ୍ତବ୍ୟ, ଯାହାକି ମୋ ବୃତ୍ତି ମୋତେ ଶିଖାଇଛି।" ଏତିକି କହି ମା'ଙ୍କର ପ୍ରତିକ୍ରିୟା କଥା ଚିନ୍ତା ନ କରି ସାଗରିକା ଫୋନ୍ କାଟିଦେଲେ। ଡ୍ରୟରରୁ ଫଟୋ ଆଲବମ ବାହାର କରି ନିରୀକ୍ଷଣ କଲେ। ବାପାଙ୍କୁ ଦେଖି ତାଙ୍କ ଆଖିରୁ ଧାର ଧାର ଲୁହ ବୋହି ଚାଲିଲା।

**ଜଣେ ଡାକ୍ତର ହିସାବରେ ରୋଗୀକୁ ବଞ୍ଚାଇବା ମୋର ପ୍ରଥମ କର୍ତ୍ତବ୍ୟ, ଯାହାକି ମୋ ବୃତ୍ତି ମୋତେ ଶିଖାଇଛି।**

ଅନାୟାସରେ ସାଗରିକାଙ୍କ ପାଟିରୁ ବାହାରି ଆସିଲା "ମୁଁ ତୁମକୁ କେବେ ମଧ୍ୟ କ୍ଷମା କରିପାରିବି ନାହିଁ, ବାପା, ମୁଁ ତୁମକୁ ଘୃଣା କରେ, ପ୍ରଚଣ୍ଡ ଘୃଣା ସବୁଦିନ ପାଇଁ.....।

□□

ଲେଖିକାଙ୍କ ଇ-ମେଲ ଠିକଣା:
sushree.balasore@gmail.com




*ପଢ଼ନ୍ତୁ*

# ଶ୍ରେଷ୍ଠ ହିନ୍ଦୀ ହାସ୍ୟବ୍ୟଙ୍ଗ ଗଳ୍ପ

*ଅନୁବାଦିକା :*
**ମୀନାକ୍ଷୀ ରାଉତରାୟ**

*ପରିକଳ୍ପନା :*
**ଅନନ୍ୟ ଶ୍ରୀ ଜଗନ୍ନାଥ ସଂସ୍ଥାନ**
ଅନନ୍ୟା, ଏ-୬୬, ପିପିଏଲ୍ ହାଉସିଂ କଲୋନୀ,
ଖଣ୍ଡଗିରି ଛକ, ଭୁବନେଶ୍ୱର-୭୫୦୦୧୯

*ପ୍ରକାଶକ :*
**ଜଗନ୍ନାଥ ରଥ**
ବିନୋଦ ବିହାରୀ କଟକ - ୭୫୩୦୦୨
ଫୋନ୍ : ୦୬୭୧-୨୩୦୮୪୫୫

**ମୂଲ୍ୟ : ଟ.୧୬୦/-**

ପ୍ରବନ୍ଧ

# ସତୁରି ପରବର୍ତ୍ତୀ ଓଡ଼ିଆ ନାଟକରେ ଦଳିତ ଚେତନା



ଶୁଚିସ୍ମିତା ବିଶ୍ୱାଳ

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଗଠିତ ଆମ ଭାରତବର୍ଷରେ କାହିଁ କେତେ କାଳରୁ ବର୍ଣ୍ଣ ବ୍ୟବସ୍ଥା ପ୍ରଚଳିତ ହୋଇଆସୁଛି। ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଏହିପରି ଚତୁର୍ବର୍ଣ୍ଣ ବିଧି ବ୍ୟବସ୍ଥା କଥା ଆମେ ଆମ ପ୍ରାଚୀନ ସାହିତ୍ୟ ମାନଙ୍କରେ ଦେଖିଆସିଛୁ। ଶୂଦ୍ରମାନେ ଅନ୍ୟ ତିନି ଜାତିର ସେବା କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି, ତେଣୁ ସମାଜରେ ସେମାନଙ୍କ ସ୍ଥାନ ଅତ୍ୟନ୍ତ ନ୍ୟୂନ। ଦାରିଦ୍ର୍ୟ, ନିଷ୍ପେସିତ, ନିର୍ଯାତିତ ଭାବେ କାଳାତିପାତ କରୁଥିବା ଶୂଦ୍ର ମାନଙ୍କୁ ନେଇ ସେ ସମୟରେ ସାହିତ୍ୟ ଲେଖାଯାଉଥିଲା, ଏବେ ମଧ୍ୟ ଲେଖାଯାଉଛି। ମାତ୍ର ସେ ସମୟରେ ସେମାନଙ୍କର ପ୍ରତିବାଦ କରିବାର ସାମର୍ଥ୍ୟ ନଥିଲା ଏବଂ ଏ ଦିଗରେ ସେମାନଙ୍କୁ ସାହାଯ୍ୟ କରିବାକୁ କେହି ନ ଥିଲେ। ମାତ୍ର ଆଜିର ସମୟରେ ବିଭିନ୍ନ ଆନ୍ଦୋଳନ ତଥା ସାହିତ୍ୟ ମାଧ୍ୟମରେ ସେମାନେ ନିଜର ସ୍ୱାର୍ଥ ଓ ସମ୍ମାନ ରକ୍ଷା ପାଇଁ ସ୍ୱର ଉଠେଇ ଶିଖିଲେଣି, ଏ ଦିଗରେ ସାହିତ୍ୟ ସେମାନଙ୍କୁ ଦେଇପାରିଛି ଗୋଟିଏ ନୂତନ ଆଶାର ସଞ୍ଚାର। ସମାଜର ଏହି ନିମ୍ନ, ନିଷ୍ପେସିତ, ଆର୍ଥିକ ଅନଗ୍ରସରଲୋକଙ୍କୁ ନେଇ ସୃଷ୍ଟି ହୋଇଛି ଦଳିତ ସମାଜ ଏବଂ ସେହି ସମାଜର ସମସ୍ୟାମୟ କରୁଣ ଜୀବନାଲେଖ୍ୟ ହିଁ ଦଳିତ ସାହିତ୍ୟ। ଭାରତବର୍ଷରେ ଦଳିତ ମାନଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ମହାତ୍ମା ଗାନ୍ଧୀ, ଭୀମରାଓ ଆମ୍ବେଦକର ଆଦିଙ୍କ ଚିନ୍ତାଧାରା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା। ଦଳିତ ଗୋଷ୍ଠୀଙ୍କୁ ସମ୍ମାନ ଦେଇ ଗାନ୍ଧିଜୀ ସେମାନଙ୍କୁ "ହରିଜନ" ବୋଲି ସମ୍ବୋଧିତ କରିଥିଲେ। କ୍ରମେ ସମୟ ଆଗେଇବା ସହିତ ଏହି ଦଳିତ ଶବ୍ଦର ପ୍ରସାରିତ ରୂପ ଦେଖାଯାଇଥିଲା।



**ଦଳିତ ଶବ୍ଦର ପ୍ରୟୋଗ**

ଇତିହାସ ଆଧାରରେ ଦଳିତ ଶବ୍ଦଟିର ବ୍ୟବହାର ମହାତ୍ମା ଜ୍ୟୋତିରାଓଫୁଲେ (ଦଳିତ ଉଧାରରେ) ଅତିଶୂଦ୍ର ଜାତିମାନଙ୍କ ନିମନ୍ତେ ବ୍ୟବହାର କରିଥିଲେ। ମହାତ୍ମା ଜ୍ୟୋତିରାଓଫୁଲେଙ୍କ ଜାତି ବିରୋଧ ଆନ୍ଦୋଳନ ଦଳିତ ସାହିତ୍ୟ ସୃଷ୍ଟି ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେବେ ଏହି ଦଳିତ ସାହିତ୍ୟର ପରିପ୍ରକାଶ ଊନବିଂଶ ଶତାବ୍ଦୀରେ ଆରମ୍ଭ ହୋଇଥିଲା ତାହା ନୁହେଁ, ବହୁ ପୂର୍ବରୁ ଚର୍ଯ୍ୟା ସିଦ୍ଧାଚାର୍ଯ୍ୟ, ଆଦିକବି ସାରଳା ଦାସ ଓ ପଞ୍ଚସଖାଯୁଗୀୟ ସନ୍ଥ କବିମାନେ ଏହାର ସୂତ୍ରପାତ କରିଥିଲେ। ଚର୍ଯ୍ୟାଗୀତିକାର ଆଦି ସିଦ୍ଧାଚାର୍ଯ୍ୟ ରୂପେ ପରିଚିତ ଲୁଇପା ଏକ ମତ୍ସ୍ୟଜୀବୀ କୂଳରେ ଜନ୍ମ ନେଇଥିବା ଆଲୋଚକମାନେ ମତ ପ୍ରକାଶ କରିଥାନ୍ତି। ଚର୍ଯ୍ୟା ସାହିତ୍ୟରେ ଶବରୀ, ନୌକା ଚାଳକ ଇତ୍ୟାଦି ନିମ୍ନଜାତି ପ୍ରସଙ୍ଗ ଦେଖାଯାଇଥାଏ। ସେହିପରି ଆଦିକବି ସାରଳା ଦାସ ସ୍ୱରଚିତ ମହାଭାରତରେ ଖନିକା, ହିଡ଼ିମ୍ବା, ଏକଲବ୍ୟ ଆଦି ନିମ୍ନଜାତି ତଥା ସେମାନଙ୍କର ସଂଘର୍ଷ ଚିତ୍ରିତ କରିଛନ୍ତି। ସର୍ବୋପରି ପଞ୍ଚସଖାଯୁଗୀୟ କବି ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ'କୁ ଏକ ବଳିଷ୍ଠ ଦଳିତ ସାହିତ୍ୟ ରୂପେ ନିଆଯାଇପାରେ। ଏହା ମାଧ୍ୟମରେ କବି ବଳରାମ ଦାସ ଜାତିପ୍ରଥା ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ।

ପ୍ରାଚୀନ ସମୟରୁ ସୃଷ୍ଟିଲାଭ କରିଥିବା ଏହି ଦଳିତ ସାହିତ୍ୟ ଆଧୁନିକ ସମୟରେ ବିଶେଷଭାବରେ ପରିପୃଷ୍ଟ ହୋଇପାରିଛି। ଏହି ସାହିତ୍ୟ ପ୍ରତି ଲେଖକମାନଙ୍କ ଆଗ୍ରହ ବଢ଼ିଛି। ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷାରେ ନାଟକ ମଣିଷର ଦୈନନ୍ଦିନ ଜୀବନ ତଥା ଘଟଣା ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ; ତେଣୁ ଏହି ଦଳିତ ଚେତନା ନାଟକରେ ବେଶ୍ ଜୀବନ୍ତ।

**ସାର୍ବକାଳିକ**

ଆଧୁନିକ ଓଡ଼ିଆ ନାଟକର ଆଦି ପର୍ଯ୍ୟାୟକୁ ବିଶ୍ଳେଷଣ କଲେ ଜଣାଯାଏ, ଯେ ଦଳିତ ପ୍ରସଙ୍ଗଟି ସାର୍ବକାଳିକ। ଆଦି ନାଟ୍ୟକାର ଜଗମୋହନ ଲାଲାଙ୍କ 'ସତୀ'(୧୮୮୬) ନାଟକର ନାୟିକା ଲାବଣ୍ୟକୁ ଦଳିତ ଅସହାୟ ନାରୀ ରୂପେ ଗ୍ରହଣ କରାଯାଇ ପାରେ। ଲାଞ୍ଛନା, ପ୍ରତାରଣା ଓ ବଳାତ୍କାରର ଶିକାର ହୋଇ ମଧ୍ୟ କିଛି କରିବାର ଉପାୟ ନପାଇ ଶେଷରେ ଆତ୍ମହତ୍ୟା କରିଛି। ସେହିପରି ରାମଶଙ୍କର ରାୟଙ୍କ 'ଯୁଗଧର୍ମ'(୧୯୧୨) ନାଟକରେ ଦଳିତ କୃଷକ ନିତ୍ୟାନନ୍ଦ ନିର୍ଯ୍ୟାତନା ସହି ନପାରି ବ୍ରାହ୍ମଧର୍ମରେ ମିଶିଥିବା ପ୍ରସଙ୍ଗ ମଧ୍ୟ ଦେଖାଯାଇଥାଏ। ୧୯୪୪ ମସିହାରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ 'ଭାତ' ନାଟକରେ ମୁଠାଏ ଭାତ ପାଇଁ ଦଳିତ ସଂଘର୍ଷ ଦେଖାଯାଇଥାଏ। ସେହିପରି ତାଙ୍କର 'ରକ୍ତମାଟି'(୧୯୪୭) ନାଟକରେ ଶୋଷକ ପୁଞ୍ଜିପତିର ଶୋଷଣରେ ଅତ୍ୟାଚାରିତ ଦଳିତ ଶ୍ରମିକ ଗୋଷ୍ଠୀର ଦାରୁଣ ଅବସ୍ଥା ଦେଖିବାକୁ ମିଳେ। ନାଟ୍ୟକାର ଧନେଶ୍ୱର ପଟ୍ଟନାୟକଙ୍କ 'ଆଦିବାସୀ' (୧୯୬୧) ନାଟକରେ ଦଳିତ ଆଦିବାସୀ ଶୁଆକାଟି ଗ୍ରାମର ପର୍ଶୁ ଓ ତାର ପିତାର ସଂଘର୍ଷ ଦେଖାଯାଇଥାଏ। ଖଣି ଖାଦାନର ସମସ୍ୟା କିପରି ଦଳିତ ଆଦିବାସୀ ମାନଙ୍କୁ ଅତିଶୟ ବେଦନାରେ ପୀଡ଼ିତ କରିଛି ତାହା ଏହି ନାଟକରେ ଦେଖାଯାଏ। ଆଧୁନିକ ନାଟକର ଆଦ୍ୟ ପର୍ଯ୍ୟାୟରେ ଦଳିତ ମାନଙ୍କର ପ୍ରତିବାଦର ସ୍ୱର ତୀବ୍ରତର ହେଲେ ମଧ୍ୟ ଗୋଟିଏ ନିର୍ଦ୍ଦିଷ୍ଟ ସୀମାରେ ସମାହିତ। ଧ୍ୱଂସ କରିଦେବାର କ୍ଷମତା ଏଥିରେ ଦେଖାଯାଇ ନ ଥାଏ। ଆହୁରି ମଧ୍ୟ ଦଳିତ ମାନଙ୍କର ସ୍ୱାର୍ଥପ୍ରାପ୍ତି ନିମିତ୍ତ ସ୍ୱର ଉଠାଉଥିବା ଲୋକଟି ମଧ୍ୟ ସର୍ବଦା ଦଳିତ ହୋଇନଥାଏ। ଆହୁରି ମଧ୍ୟ ଦଳିତ କହିଲେ ଯେ କେବଳ ନିମ୍ନ ଜାତିର ଅଧିବାସୀ ତାହା ନୁହେଁ, ବୁର୍ଜୁଆର ଶାସନରେ ଶୋଷିତ ଶ୍ରମିକ, ବଣ ଜଙ୍ଗଲକୁ ନିଜର ସର୍ବସ୍ୱ ମାନିନେଇଥିବା ଅଧିବାସୀ ଅସବର୍ଣ୍ଣ ଗୋଷ୍ଠୀ, ତଥା ସମାଜର ଆଦର୍ଶ ମଧ୍ୟରେ ବଳି ପଡ଼ିଥିବା ଅସହାୟ ନାରୀ ମଧ୍ୟ ଦଳିତ ଶ୍ରେଣୀର ପଦବାଚ୍ୟ। ଆଧୁନିକ ନାଟକର ଆଦ୍ୟ ପର୍ଯ୍ୟାୟରେ ଦଳିତ ଚେତନା ଦେଖାଯାଇଥିଲେ ମଧ୍ୟ ଏହା ବେଶୀ ପରିମାଣରେ ପରିପୁଷ୍ଟ ହୋଇଛି ଉତ୍ତର ସତୁରୀ ପରବର୍ତ୍ତୀ ସମୟରେ। ଏହି ସବୁ ଗୋଷ୍ଠୀର ଦଳିତ ତଥା ଅସହାୟ ଲୋକଙ୍କ ସଂଘର୍ଷ ୧୯୭୦ ପରବର୍ତ୍ତୀ ନାଟକରେ ବେଶ୍ ଜୀବନ୍ତ ମନେ ହୁଏ।




୧୯୭୦ ପରବର୍ତ୍ତୀ ନାଟକରେ ଦଳିତର ସ୍ୱର ତୀବ୍ରତର ହେବାର ଦେଖାଯାଏ। ନିଜର ଅଧିକାର ନିମନ୍ତେ ନିଜେ ସ୍ୱର ଉଠାଇବାର ଦେଖାଯାଏ। ଅଧିକାର ନମିଳିଲେ ତାକୁ କିପରି ଛଡ଼ାଇ ଆଣିବାକୁ ହୁଏ, ତାହା ଏହି ସମୟର ନାଟକରେ ଦେଖିବାକୁ ମିଳିଥାଏ। ନାଟ୍ୟକାର ମନୋରଞ୍ଜନ ଦାସଙ୍କ 'ଅବରୋଧ'(୧୯୫୩) ନାଟକରେ ଦଳିତ ଶ୍ରମଜୀବୀ ଓ ତାଙ୍କ ଜୀବନର କରୁଣ ବାସ୍ତବତା ଦେଖାଯାଇଥିଲେ ମଧ୍ୟ ତାହା ଏତେ ତୀବ୍ରତର ନ ଥିଲା। ସେହିପରି ବିଜୟ ମିଶ୍ରଙ୍କ 'ଅନ୍ଧକାରର ସ୍ୱର' ନାଟକରେ ଦଳିତମାନଙ୍କ ଆର୍ତ୍ତଚିତ୍କାର ଦେଖାଯାଇଥିଲେ ମଧ୍ୟ ତାହା ସୀମିତ ଥିଲା। ତେବେ ଦଳିତ ସଂଘର୍ଷର ତୀବ୍ରତର ରୂପ ସତୁରୀ ପରବର୍ତ୍ତୀ ସମୟରେ ଦେଖାଦେଲା।

**କରୁଣ ଜୀବନାଲେଖ୍ୟ**

ଏହି ସମୟରେ ରଚିତ ନାଟ୍ୟକାର କାର୍ତ୍ତିକ ରଥଙ୍କ 'ମାଂସର ଫୁଲ'(୧୯୭୯) ନାଟକରେ ଦଳିତ ଆଦିବାସୀ ତରୁଣୀ ଝରିର କରୁଣ ଜୀବନାଲେଖ୍ୟ ଚିତ୍ରିତ ହୋଇଛି। କୁମାରବାବୁଙ୍କ ଭୋଗମୟ ବଙ୍ଗଳାରେ ଝରିର ସବୁ ସ୍ୱପ୍ନ ମଉଳି ଯାଇଛି। ନାଟ୍ୟପ୍ରେମୀ ମାନଙ୍କ ଗହଣରେ ବେଶ୍ ପରିଚିତ

ରତି ମିଶ୍ରଙ୍କ ବହୁ ଚର୍ଚ୍ଚିତ ନାଟକ 'ରୁଦ୍ଧଦ୍ୱାର' (୧୯୯୧) ନାଟକରେ ବାଲିଆପାଳରେ କ୍ଷେପଣାସ୍ତ୍ର ଘାଟୀ ନିର୍ମାଣ ଫଳରେ ସେଠାକାର ଦଳିତ ତଥା ନିମ୍ନବର୍ଗର ଲୋକମାନେ ଅହେତୁକ ସମସ୍ୟାର ସମ୍ମୁଖୀନ ହୋଇଥିବାର ଦେଖାଯାଏ, ଓ ସେଥିରୁ ସେମାନଙ୍କ ବିଦ୍ରୋହର ସୂତ୍ରପାତ ହୋଇଥିବାର ଦେଖାଯାଏ। ସେହି ବିଦ୍ରୋହକୁ ଦମନ କରିବାକୁ ପ୍ରଶାସନର ଦମନଲୀଳା ମଧ୍ୟ ଦେଖାଯାଇଥାଏ।

ଉତ୍ତରଅଶୀ ନାଟ୍ୟକାର ଭାବେ ପ୍ରମୋଦ କୁମାର ତ୍ରିପାଠୀଙ୍କ ନାଟକରେ ଦଳିତ ଶୋଷିତ ଗୋଷ୍ଠୀର ଆର୍ତ୍ତଚିତ୍କାରକୁ ବେଶ୍ ସମ୍ବେଦନଶୀଳ ମଣିଷ ଭାବରେ ଚିତ୍ରିତ କରିଛନ୍ତି। ୧୯୮୬ରେ ପ୍ରକାଶିତ ତାଙ୍କର 'ଶୁଣ ପରୀକ୍ଷ ଦଣ୍ଡଧାରୀ' ନାଟକରେ ଏ ଦେଶର ଉଚ୍ଚତର ସୋପାନରେ ଥିବା ଲୋକମାନେ କିପରି ଦଳିତ ମାନଙ୍କର କାନ୍ଧରେ ଗୋଡ଼ ଦେଇ ଉପରକୁ ଉଠିଥାନ୍ତି ତାହା ଦେଖାଯାଇଥାଏ। ବିଭିନ୍ନ ଦୁର୍ନୀତିରେ ଲିପ୍ତ ମନ୍ତ୍ରୀ ମହାଶୟ ସମୟେ ସମୟେ ନିଜ ଅଞ୍ଚଳ ବିହାରରେ ବାହାରି ପଡ଼ନ୍ତି। ମନ୍ତ୍ରୀଙ୍କ ରାତ୍ରି ବିଶ୍ରାମ ନିମନ୍ତେ ବିଭିନ୍ନ ଆୟୋଜନ ସହିତ ଭୋଗର ଆୟୋଜନ ମଧ୍ୟ ରହିଥାଏ। ମନ୍ତ୍ରୀଙ୍କ ଗସ୍ତ ସମୟେ ତାଙ୍କୁ ଭେଟିଦେବା ନିମନ୍ତେ ଦରିଦ୍ର ରିକ୍ସାବାଲାର ସ୍ତ୍ରୀ ଲାଲିତାକୁ ପ୍ରସ୍ତୁତ କରଯାଇଛି। ମାତ୍ର ମନ୍ତ୍ରୀଙ୍କ ବଦଳରେ ତାଙ୍କ ପୁଅ ଲଳିତାଙ୍କୁ ଉପଭୋଗ କରିଛି, ଆସୁ ଜଣେ ଦଳିତ ଅସହାୟ ନାରୀ ଭାବରେ ଲାଲିତାର କିଛି କରିବାର କ୍ଷମତା ନାହିଁ। ଶେଷରେ ଅସୁସ୍ଥ ଲଳିତାର ସାହା ହୋଇଛି ତାର ସ୍ୱାମୀ ପରୀକ୍ଷିତ। ଦଳିତ ପ୍ରତି ସହାନୁଭୂତି ଦେଖାଇବା ସହିତ ସେମାନେ ଭୋଗ କରୁଥିବା ଅକଥନୀୟ ଯନ୍ତ୍ରଣାକୁ ଲୋକ ସମ୍ମୁଖକୁ ଆଣିବା ଉତ୍ତର ଆଧୁନିକ ନାଟକର ଏକ ବିଶେଷ ଦିଗ।

**ଆଉ ଏକ ଗୋଷ୍ଠୀ ଥାଆନ୍ତି ଯେଉଁମାନେ ଅନ୍ୟ ଗୋଷ୍ଠୀର ଲୋକମାନଙ୍କର ମନୋରଞ୍ଜନ କରି ନିଜର ପେଟପୋଷି ଥାଆନ୍ତି।**

## ମନୋରଞ୍ଜନ କରିବାର ପେଶା

ଏହି ପରିପ୍ରେକ୍ଷୀରେ ପ୍ରମୋଦ କୁମାର ତ୍ରିପାଠୀଙ୍କ ଆଉ ଏକ ଚର୍ଚ୍ଚିତ ନାଟକ ହେଉଛି 'ଗୋଟିଏ ବୁଲାକୁକୁରର ଜନ୍ମବୃତ୍ତାନ୍ତ' (୧୯୮୩)। ସମାଜରେ ଶୁଦ୍ରମାନେ ଯେପରି ଅନ୍ୟ ତିନି ଗୋଷ୍ଠୀର ସେବା କରିଥାନ୍ତି, ସେହିପରି ଆଉ ଏକ ଗୋଷ୍ଠୀ ଥାଆନ୍ତି ଯେଉଁମାନେ ଅନ୍ୟ ଗୋଷ୍ଠୀର ଲୋକମାନଙ୍କର ମନୋରଞ୍ଜନ କରି ନିଜର ପେଟପୋଷି ଥାଆନ୍ତି। ସମ୍ଭ୍ରାନ୍ତ ଶ୍ରେଣୀର ଲୋକମାନେ ବିଳାସମୟ ଜୀବନକୁ ଆଉ ଟିକେ ରସମୟ କରିଥାନ୍ତି ଏହି ଗୋଷ୍ଠୀର ଲୋକମାନେ। ଈଶ୍ୱର ପ୍ରଦତ୍ତ ଗୁଣ ଦ୍ୱାରା ଅନ୍ୟ ମାନଙ୍କୁ ଆମୋଦ ପ୍ରଦାନ କରିବା ସହିତ ଦି ପଇସା ରୋଜଗାର କରିଥାନ୍ତି ଏହି ଗୋଷ୍ଠୀର ଲୋକମାନେ। ଏହିପରି ଏକ ଚରିତ୍ର ହେଉଛି 'ରାମକାଠିଆ' ଯିଏକି ଦାସକାଠିଆ ପରିବେଷଣ କରି ନିଜ ଗୁଜୁରାଣ ମେଣ୍ଟାଇଥାଏ। ମାତ୍ର କ୍ରମେ ସମୟ ଆଗେଇବା ସହିତ ଦେଶ ସ୍ୱାଧୀନ ହୋଇଛି, ବିଭିନ୍ନ ଅତ୍ୟାଧୁନିକ ଯନ୍ତ୍ର ଆସିଛି, ରେଡ଼ିଓ, ଟେଲିଭିଜନ, ଇତ୍ୟାଦିର ପ୍ରଭାବରେ ଧୀରେ ଧୀରେ ଲୋକକଳା ଠାରୁ ଲୋକମାନେ ଦୂରେଇବାରେ ଲାଗିଛନ୍ତି।

ଏହି ନାଟକରେ ଅନ୍ୟ ଏକ ଚରିତ୍ର ରାଜୁ ବାୟସ୍କୋପ୍ ମାଧ୍ୟମରେ ଲୋକମାନଙ୍କ ମନୋରଞ୍ଜନ କରି ବଡ଼ଲୋକ ହୋଇଛି, ମାତ୍ର ଦରିଦ୍ର ରାମକାଠିଆ ନିଜ ପକ୍ଷାଘାତ ରୋଗରେ ପୀଡ଼ିତ ପିତାମାତାଙ୍କୁ ଔଷଧ ଦେବାରେ ଅକ୍ଷମ ହୋଇଛି। ଦ୍ୱାର ଦ୍ୱାର ଦାସକାଠିଆ ଧରି ବୁଲିଲେ ମଧ୍ୟ ଦି ପଇସା ପାଇପାରି ନାହିଁ। ରାମକାଠିଆ ଭଳି ଚରିତ୍ର ମାଧ୍ୟମରେ ଲେଖକ ଦଳିତ ଗୋଷ୍ଠୀର କରୁଣ ବାସ୍ତବତାକୁ ଲୋକସମ୍ମୁଖକୁ ଆଣିଛନ୍ତି। ଏହି ସମୟର ଆଉଜଣେ ପ୍ରଭାବଶାଳୀ ନାଟ୍ୟକାର ରୂପେ ବିଜୟ କୁମାର ଶତପଥୀ ବେଶ୍ ଆଦରଣୀୟ। ନାଟ୍ୟକାରଙ୍କ 'ଏଇ ଯେ ସୂର୍ଯ୍ୟ ଉଏଁ ' (୧୯୮୫) ନାଟକରେ ରାଜତନ୍ତ୍ର ବିରୋଧରେ ସାଧାରଣ ଦଳିତ ଗୋଷ୍ଠୀର ସ୍ୱରଉତ୍ତୋଳନ କରିବା ଦେଖାଯାଇଥାଏ। ଦଳିତ ଗୋଷ୍ଠୀର ପ୍ରତିନିଧି ଭାବରେ ବିପ୍ଳବୀ କଣ୍ଠଦାସ ବିଦ୍ରୋହର ସ୍ଲୋଗାନ ଦେଇଥାଏ, ମାତ୍ର ପରିଣତି ସ୍ୱରୂପ ସେ ଜେଲ୍ ଯାଏ ଓ ତା'ର ଅନ୍ଧୁଣୀ ସ୍ତ୍ରୀ ସରପଞ୍ଚର ଭୋଗର ଶିକାର ହୁଏ। କ୍ଷମତା ନିକଟରେ ଦଳିତର ସ୍ୱର ଯେ କେତେ ନ୍ୟୂନ ଏହି ନାଟକରେ ଦେଖିବାକୁ ପାଇବା।

ନାଟ୍ୟକାରଙ୍କ 'ଶୋଣିତ ସ୍ୱାକ୍ଷର' (୨୦୦୧) ନାଟକରେ ମଧ୍ୟ ବୁର୍ଜୁଆ ଓ ଦଳିତ ଗୋଷ୍ଠୀର ସଙ୍ଘର୍ଷ ଦୃଶ୍ୟମାନ

ହୋଇଥାଏ । ସେହିପରି ଶ୍ରୀ ଶତପଥୀଙ୍କ 'କୋକୁଆ' (୨୦୧୭) ନାଟକରେ ବିସ୍ଥାପନ ଜନିତ ସମସ୍ୟା ଦେଖାଯାଇଥାଏ । ବିସ୍ଥାପନ ଯୋଗୁଁ ଦଳିତ ଆଦିବାସୀ ମାନଙ୍କ ବିଦ୍ରୋହ ଦେଖାଯାଇଥାଏ । ଏହାର ନେତୃତ୍ୱ ନେଇଥାଏ ଦଳିତ ଆଦିବାସୀ ଗୋଷ୍ଠୀର ମୁଖ୍ୟ ଶିବୁ ମାଝୀ । ଦଳିତ ଚେତନା ଆଧାରିତ ହରିହର ମିଶ୍ରଙ୍କ 'ଏବେ ନୁହେଁ ତ କେବେ ନୁହେଁ' ନାଟକଟିରେ ଇନ୍ଦ୍ରାବତୀ ପ୍ରୋଜେକ୍ଟରେ କାମ କରୁଥିବା ଦଳିତ ଦରିଦ୍ର ଦିନମଜୁରିଆ ମାନଙ୍କ ଦୁର୍ଦ୍ଦଶା ବର୍ଣ୍ଣିତ । ନିଜ ସ୍ୱାର୍ଥ ନିମିତ୍ତ ଯେତେ ଅନଶନ, ହରତାଳ କଲେ ମଧ୍ୟ ଦଳିତର ସ୍ୱର ଯେ ଉପର ପର୍ଯ୍ୟନ୍ତ ପହଞ୍ଚି ପାରେ ନାହିଁ ଏହାହିଁ ବାସ୍ତବତା, ଯାହାର ଚିତ୍ର ଏହି ନାଟକରେ ଦେଖିବାକୁ ମିଳିଥାଏ । ଉତ୍ତରଅଶୀ ନାଟ୍ୟକାର ଭାବେ ପରିଚିତ ରଣଜିତ୍ ପଟ୍ଟନାୟକଙ୍କ ନାଟକରେ ଦଳିତ ଚେତନାର ସ୍ୱରୂପ ବେଶ୍ ଉଦ୍‌ଭସିତ । ଏହି ଚେତନା ସମ୍ବଳିତ ତାଙ୍କର 'ଗୋଇଠାବାବା' (୧୯୯୩) ରେ ପ୍ରକାଶ ପାଏ । ଏହି ନାଟକ ମାଧ୍ୟମରେ ନାଟ୍ୟକାର ଦଳିତ ଶ୍ରେଣୀ ପ୍ରତିଶୋଧ ପରାୟଣ ହେଲେ କ'ଣ କରିପାରେ ତାହା ଦର୍ଶାଇଛନ୍ତି । ଦଳିତ ଗୋଷ୍ଠୀର ଗୋକୁଳି ପରିସ୍ଥିତିରେ ପଡ଼ି ଗୋଇଠା ବାବା ସାଜିଛି । ଦିନଥିଲା ଯେଉଁ ନେତାମନ୍ତ୍ରୀମାନେ ତାକୁ ଗୋଡ଼ରେ ଆଡେଇ ଦେଇଥିଲେ ସେହିମାନେ ହିଁ ଆସି ତାର ଗୋଡ଼ତଳେ ପଡ଼ି ଗୋଇଠା ଖାଇଛନ୍ତି ନିଜର ସ୍ୱାର୍ଥ ସାଧନ କରିବା ନିମିତ୍ତ । ଛଳନା କରି କି ହେଉ ପଛେ ଗୋକୁଳି କିନ୍ତୁ ନିଜ ଦଳିତ ଗୋଷ୍ଠୀର ଆତ୍ମରକ୍ଷା କରିପାରିଛି ।

**ଯେଉଁ ନେତା, ମନ୍ତ୍ରୀମାନେ ତାକୁ ଗୋଡ଼ରେ ଆଡେଇ ଦେଇଥିଲେ ସେହିମାନେ ହିଁ ଆସି ତାର ଗୋଡ଼ତଳେ ପଡ଼ି ଗୋଇଠା ଖାଇଛନ୍ତି ।**

### ବଧିର ଈଶ୍ୱର

ସେହିପରି ରଣଜିତ୍ ପଟ୍ଟନାୟକଙ୍କ 'ବଧିର ଈଶ୍ୱର' (୨୦୦୩) ନାଟକରେ । ଦଳିତ ଶ୍ରେଣୀର ନାୟକ ରତନ ନିଜ ମାଲିକ ବଳିୟାର ସିଂହଙ୍କ ଟ୍ରକ୍ ଚଲାଇ ପରିବାର ପୋଷେ । ଘରେ ତାର ସ୍ତ୍ରୀ ଲକ୍ଷ୍ମୀ ଆଉ ଝିଅ ଝୁନି । କ୍ରମେ ବଳିୟାର ସିଂହଙ୍କ ନଜର ତା' ସ୍ତ୍ରୀ ଲକ୍ଷ୍ମୀ ଉପରେ ପଡେ । ମାଲିକ ଭାବରେ ଲକ୍ଷ୍ମୀ ଉପରେ ପ୍ରଥମ ଅଧିକାର ଯେ ତାର ବୋଲି ମାନେ କରି ରତନକୁ ବେଆଇନ୍ କାମରେ ଜେଲ୍ ପଠେଇଦେଇ ତାକୁ ଫେରେଇ ଆଣିବାକୁ ଲକ୍ଷ୍ମୀ ନିକଟରେ ସର୍ତ୍ତ ରଖି ତାର ସର୍ବସ୍ୱ ଲୁଟି ନିଏ । ରତନ ଫେରିଆସି ଲକ୍ଷ୍ମୀକୁ ଘରୁ ବାହାର କରିଦିଏ । ଶେଷରେ ଏକ ଦଳିତ ନାରୀ ଭାବରେ ପ୍ରତିଶୋଧ ପାରାୟଣ ହୋଇ ବଳିୟାରସିଂହଙ୍କୁ ମାରିବାର ପ୍ରତିଜ୍ଞା କରେ ଲକ୍ଷ୍ମୀ । ଦଳିତ ଆଦିବାସୀ ମାନଙ୍କ କରୁଣ ବାସ୍ତବତାକୁ ନେଇ ସୁବୋଧ ପଟ୍ଟନାୟକଙ୍କ 'କାଠ'(୧୯୯୨) ନାଟକଟି ପ୍ରକାଶ ପାଏ । ଜଙ୍ଗଲ କାଟିଦେବା ଫଳରେ ଦଳିତ ଆଦିବାସୀ ମାନଙ୍କ ଦୁଃଖ ଦ୍ୱିଗୁଣିତ ହୋଇଯାଇଛି । ମଙ୍ଗଲୁ ଗୋତି ଖଟେ ଓ ତାର ସ୍ତ୍ରୀ ଗୁରେଇ ଜଙ୍ଗଲରୁ କାଠ କାଟି ଗୁଜୁରାଣ ମେଣ୍ଟାଏ । ଗୋତିରୁ ମୁକ୍ତି ପାଇବା ପାଇଁ ଉଭୟ ସହରକୁ ଆସିଛନ୍ତି, ମାତ୍ର ଏଠାରେ ବି ଶାନ୍ତି ନାହିଁ, ନାନା ପ୍ରକାରେ ଜାନୀ, ଠିକାଦାର ଆଦିଙ୍କ ଶୋଷଣର ଶିକାର ହୋଇଛି ମଙ୍ଗଲୁ ଓ ଗୁରେଇ । ମଙ୍ଗଲୁର ଟ୍ରକ୍ ଧକ୍କାରେ ମୃତ୍ୟୁ ହେବାପରେ ତାର ଶବଦାହ କରିବାପାଇଁ ଗୁରେଇକୁ କାଠ ଖଣ୍ଡେ ମିଳିପାରି ନାହିଁ । ଦଳିତ ଗୁରେଇର ଆର୍ତ୍ତନାଦରେ ନାଟକଟି ଋଦ୍ଧିମନ୍ତ ହୋଇଉଠିଛି । ସେହିପରି ନାଟ୍ୟକାର ମନ୍ମଥ କୁମାର ଶତପଥୀଙ୍କ 'କାହାଣୀ ନୁହେଁ' (୧୯୭୪) ନାଟକରେ ଜଙ୍ଗଲ ପରିବେଶ ମଧ୍ୟରେ ବଢ଼ିଥିବା ଦଳିତ ଆଦିବାସୀ ତରୁଣୀ ରାଧା ନିଜ ପରିବେଶକୁ ଛାଡ଼ି କଳାକାର ହେବାର ଅସୁମାରୀ ଆଶା ନେଇ ସହରକୁ ଆସିଛି । ମାତ୍ର ସେ ଜାଣିନାହିଁ ତାର ସେ ଜଙ୍ଗଲ ଠାରୁ ସହରର ଏ ସମ୍ଭ୍ରାନ୍ତ ଶ୍ରେଣୀୟ ଜଙ୍ଗଲର ଜନ୍ତୁ ଯେ କେତେ଼ ଭୟଙ୍କର । ଆହୁରି ମଧ୍ୟ ଦଳିତ ନାରୀର ଚିତ୍କାର ଶୁଣାଯାଏ ନାରାୟଣ ସାହୁଙ୍କ 'ମୂକ'(୧୯୯୬) ନାଟକରେ ଦଳିତ ଶ୍ରେଣୀର ବିଦ୍ରୋହର ସ୍ୱର ରୂପେ ଅଳକା ର ଜନ୍ମ । ତାର ସେହି ବିଦ୍ରୋହର ସ୍ୱରକୁ ଦମନ କରିବା ପାଇଁ ତାର ଜିଭ କଟା ଯାଏ, ଯେପରି ଆଉ କେହି ଦଳିତ ବିଦ୍ରୋହର ସ୍ୱର ଉଠାଇ ନ ପାରେ ।

ଚଳିତ ଶତାବ୍ଦୀର ଜଣେ ପରିଚିତ ନାଟ୍ୟକାର ଭାବେ ଶଙ୍କର ତ୍ରିପାଠୀ ବେଶ୍ ପରିଚିତ । ତାଙ୍କ ନାଟକମାନଙ୍କରେ ମଧ୍ୟ ଦଳିତ ଶ୍ରେଣୀ ପ୍ରତି ସହାନୁଭୂତି ଦେଖାଯାଇଥାଏ । ଶ୍ରୀ ତ୍ରିପାଠୀଙ୍କ 'ରାବଣ ଛାୟା' (୨୦୦୧) ନାଟକରେ ଦରିଦ୍ର

ରେଖାକୁ ତା ବାପା ହଜାର ଟଙ୍କାରେ ମଞ୍ଚ ମାଲିକକୁ ବିକିଦିଏ। ପରେ ପର୍ଯ୍ୟାୟ କ୍ରମେ ସେ ବିଭିନ୍ନ ଶ୍ରେଣୀର ଲୋକମାନଙ୍କୁ ବିକ୍ରି ହୋଇ ନାନା ନିର୍ଯ୍ୟାତନା ସହିଛି। ସେହିପରି ଶ୍ରୀ ତ୍ରିପାଠୀଙ୍କ 'ପାଶବିକ' (୨୦୧୩) ନାଟକରେ ସଭ୍ୟ ସମାଜର ଆଇନ୍ କାନୁନ୍ କିପରି ଦଳିତ ଆଦିବାସୀ ପାଳକ ଠାରୁ ତାର ଭାଲୁ ଛୁଆକୁ ଛଡ଼ାଇ ନେଇ ତାଙ୍କ ବେଦନାର କାରଣ ହୁଅନ୍ତି ତାହା ଦେଖିବାକୁ ମିଳେ। ଆହୁରି ମଧ୍ୟ ଡ. ସୁମିତ୍ରା ମିଶ୍ରଙ୍କ 'ବିସ୍ଥାପନ' (୨୦୨୧) ନାଟକରେ ରାଜନୀତିକ ଅନ୍ତର୍ଦ୍ୱନ୍ଦ୍ୱ ଯୋଗୁଁ ସୃଷ୍ଟି ହୋଇଥିବା ବିସ୍ଥାପନ ଦ୍ୱାରା ସମାଜର ସାଧାରଣ ଦଳିତ ମାନଙ୍କର ସମସ୍ୟା ଦ୍ୱିଗୁଣିତ ହୋଇଥିବାର ଲକ୍ଷ୍ୟ କରାଯାଏ।

ଓଡ଼ିଆ ନାଟକରେ ଉତ୍ତର ସତୁରୀ ପରବର୍ତ୍ତୀ ସମୟରେ ଦଳିତ ଚେତନା ତଥା ଦଳିତ ଗୋଷ୍ଠୀପ୍ରତି ସମ୍ବେଦନଶୀଳତା ବହୁଳ ପରିମାଣରେ ଦେଖିବାକୁ ମିଳିଥାଏ। ସ୍ୱାଧୀନତାର ୭୭ ବର୍ଷ ବିତିଯାଇଥିଲେ ମଧ୍ୟ ଦଳିତ ଗୋଷ୍ଠୀର ନା ବଦଳିଛି ଭାଗ୍ୟ ନା ଭବିଷ୍ୟତ। ଅପରିବର୍ତ୍ତିତ ସମାଜ ମଧ୍ୟରେ ନାନା ସଂଘର୍ଷର ସମ୍ମୁଖୀନ ହୋଇ ସୁଖରେ ଜୀବନ ବଞ୍ଚିବା ପାଇଁ ଅପେକ୍ଷାରତ ଦଳିତର କ'ଣ ଅପେକ୍ଷାର ଅନ୍ତ ଅଛି। ଦଳିତ ସମାଜ କହିଲେ ଯେ କେବଳ ନିମ୍ନ ଜାତି ନୁହେଁ, ଶୋଷଣର ଶିକାର ହୋଇଆସୁଥିବା ପ୍ରତ୍ୟେକ ଶୋଷିତ ବର୍ଗ, ଏବଂ ସେହିମାନଙ୍କର ଆର୍ତ୍ତଚିତ୍କାରକୁ ନେଇ ସୃଷ୍ଟ ସାହିତ୍ୟ ହେଉଛି ବାସ୍ତବରେ ଦଳିତ ସାହିତ୍ୟ।

**ସତୁରି ପରବର୍ତ୍ତୀ ସମୟରେ ଦଳିତ ଚେତନା ତଥା ଦଳିତ ଗୋଷ୍ଠୀପ୍ରତି ସମ୍ବେଦନଶୀଳତା ବହୁଳ ପରିମାଣରେ ଦେଖିବାକୁ ମିଳିଥାଏ।**

□□

ଲେଖିକାଙ୍କ ଇ-ମେଲ ଠିକଣା:
biswalsuchismita@yahoo.com




*ପ୍ରକାଶ ପାଇଲା*

**ଅନ୍ତରଙ୍ଗ ଆଳାପ**

**ପରିବର୍ଦ୍ଧିତ ସଂସ୍କରଣ**

**ସାହିତ୍ୟ ଚର୍ଚ୍ଚାର ବିଭିନ୍ନ ସଂଖ୍ୟାରେ ପ୍ରକାଶିତ**
**୩୨ ଜଣ ପ୍ରବୀଣ ସାହିତ୍ୟିକଙ୍କ ସହ ସାକ୍ଷାତକାର**

*ପ୍ରକାଶକ :*
ସାହିତ୍ୟ ଚର୍ଚ୍ଚା, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା
ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ମୋବାଇଲ : ୯୩୬୮୭୭୨୫୦୬

**ମୂଲ୍ୟ : ଟ.୨୫୦/-**

**ବିଭିନ୍ନ ବହି ଦୋକାନ ତଥା amazonରେ ଉପଲବ୍ଧ।**

କବିତା

# ରାଜଧର୍ମ



ଡ. କୁଳମଣି ଓଝା



ବିରୋଧାଭାସର କି ବିଭାଜ୍ୟ ଏକକ
ଏଇ ଆମ ପୃଥ୍ୱୀ... ତମାମ୍ ମଣିଷ !
ସବୁଠି ଦୁଇ ଚିତ୍ର : ଦୁଇଟି ଚରିତ୍ର
ଜଣେ ରଜା, ଅନ୍ୟ ଅନେକ ଯେ ପ୍ରଜା...
ପ୍ରେକ୍ଷାପଟ ଦୃଶ୍ୟ କେବଳ ଇ ଏମିତି
ରଜା ବିଶାଳ ବୃକ୍ଷର ସଶକ୍ତ ଶରୀର ;
ପ୍ରଜାଏ ଶାଖା-ପ୍ରଶାଖା ଏବଂ ପତ୍ରପୁଂଜ।

ଆରଂଭରୁ ଏ ଅବଧି ଉଲ୍ଲିଖିତ ଏଇ 'ରାଜପତ୍ର'
ପ୍ରଜାନୁରଂଜନ ମାତ୍ର ଅବିକଳ୍ପ ଏକତମ ଧର୍ମ।
ସ୍ୱର୍ଗ-ମର୍ତ୍ତ୍ୟ-ପାତାଳ ଅବା ଦିଲ୍ଲୀ-ଇଂଦ୍ରପ୍ରସ୍ଥ
ଅଯୋଧ୍ୟା-ମଥୁରା କି କଳିଂଗ-ମଗଧ
ମସ୍କୋ ଅବା ମାଦ୍ରିଦ୍, କାବୁଲ, କାଶ୍ମୀର
ହଂକଂ, ନ୍ୟୁୟର୍କ, ଲଂଡ଼ନ୍, ଡର୍ବାନ୍, ତ୍ରିନିଦାଦ୍
ସବୁ ତଂତ୍ରର ଲିଖିତ ଓ ଅଲିଖିତ ମଂତ୍ର
ରାଜଧର୍ମ : ଭୂମି, ଭୂମା, ଗଣଂକ ସୁରକ୍ଷା
ମାଟି, ମଣିଷ, ମସନଦ୍ ଯାହାର ବି ହେଉ ;
ଲକ୍ଷ୍ୟ : ଗଣ ଓଠେ ଧାରେ ଶୁଭ୍ର-ହସ
ଏଇ ତ 'ଜନ-ଗଣ-ମନ' କର୍ମ ରାଜୋଚିତ।

ଆବାସଯୋଗ୍ୟ ଏକ ନିରୁପଦ୍ରବ ଭୂଖଂଡର ନାମ
ହୋଇପାରେ ଗଣରାଜ୍ୟ, ପ୍ରଦେଶ ବା ଦେଶ
ସେଠି ରାମ କି ରାବଣ ଯିଏ ବି ରଜା ହୁଅଂତୁ ;
ପ୍ରଜାଏ ଚାହିଁବେ ସତେଜ୍ ଫୁଲ-ଫଳ-ଶସ୍ୟ
ସୁରକ୍ଷିତ ସ୍ୱର୍ଗ, ଚିରଶାଂତ ନଗ୍ର-ଜନପଦ
ଶୋଷ ପାଇଁ ଆଂଜୁଳାଏ ସୁନିର୍ମଳ ଜଳ,
ଭୋକ ପାଇଁ ଚାଷ, ମୁଂଡ ପାଇଁ ବାସ
ଶ୍ୱାସ ପାଇଁ ହରିତ ଅରଣ୍ୟ-ଅଗଣନ ଗଛ...
ଦେହ ପାଇଁ ବସ୍ତ୍ର ; ପାଠ ପାଇଁ ଶାସ୍ତ୍ର।
ରଜା ଯିଏ, ପ୍ରଥମେ ସେ କେବଳ ଇ ରଜା
ଦ୍ୱିତୀୟରେ କାହିଁ କେତେ ସମ୍ପର୍କର ଦାସ....
ରାଣୀ, ମହାରାଣୀ, ରାଜପୁତ୍ର, ରାଜଜେମା
ମାତାପିତା, ଭ୍ରାତୃ, ଭଗ୍ନୀ, ଶ୍ୟାଳକ, ମାତୁଳ
ହେଇପାରେ ରଜା ଦେବତା, ଦାନବ, ନର ଓ ଜହ୍ଲାଦ
ରକ୍ତ ମାଂସ ଦେହଧାରୀ ଧର୍ମବଂତ ଅଥବା ବିଧର୍ମୀ
ତଥାପି ତ ଦରବାରେ 'ରାଜଧର୍ମ' ଏକମାତ୍ର ମଂତ୍ର।

ଆହେ ଅଧିପତି ! ଅବିରତ ଅହର୍ନିଶ ଅଶେଷ ବରଷ
ବଂଚିବାର ଅନ୍ୟ କେଉଁ ଆଦର୍ଶ ପଛରେ ଧାଇଁଚ ?
ଅବା କେଉଁ ଭିନ୍ନବାଦର ଜୀବନକାଳକ ପ୍ରବକ୍ତା ସାଜିଚ ?
କେବେ କେଉଁ ଆତଂକର ତ୍ରାସେ, ତୋପର ତାପରେ
ସ୍ୱୟଂ ଶକ୍ତିମାନ୍ ବୋଲି ବୋଲାଇଚ ରାଇଜର ରଜା;
ବୁଝିଚ କି ଅବା କିଛି ବି ମହତ୍ତ୍ୱ ନାଇଁ ଏ ସବୁର,
ଜନ ମନେ ଡଂକିମାରେ ପ୍ରଶ୍ନଟିଏ ବାଦାମୀ ରଂଗର
ଯଦି ମଥାରେ ରାଜଛତ୍ର, ହାତେ ଗଣ-ଭାଗ୍ୟଡୋରି
ତେବେ ଇଁ ତ ନିଶ୍ଚେ ଇତିହାସ ମନେ ପକେଇବ
ନିଭାଇଚ କେବେ କେଉଁ ରାଜୋଚିତ ଧର୍ମ ?
ଶୟନେ, ସପନେ ଅବା କେବେ ଜାଗରଣେ
କର୍ତ୍ତବ୍ୟ-ଜ୍ଞାନେ କି କେବେ ନିଭାଇଚ କର୍ମ-ରାଜଧର୍ମ ?
ମନେ ରଖ ! 'ରାଜଧର୍ମ' ମହାବ୍ରତ ମହାମୃତ୍ୟୁଂଜୟ
ହୁଅ ପଛେ ଚକ୍ରବର୍ତ୍ତୀ କିବା କେଉଁ ରଜା ଭୂଖଂଡ଼ର।

□□

କବିଙ୍କ ଇ-ମେଲ ଠିକଣା:
ojhakulamani1966@gmail.com

ମିନି ଗଳ୍ପ

# ଦୁଇଟି ମିନିଗଳ୍ପ




ରଞ୍ଜନ ସ୍ୱାଇଁ

## ନଈବଢ଼ି

ନଈବଢ଼ି ଆସିଲେ ଗାଁ ଯାକ ଲୋକେ ଏକ ହୁଅନ୍ତି। ବାଲି ବସ୍ତା, ଗୋଡ଼ି ମାଟି ପକେଇ ବନ୍ଧ ଜଗନ୍ତି। କୀର୍ତ୍ତନ ହୁଏ, ମା' ଚର୍ଚ୍ଚିକାଙ୍କଠାରୁ ଆଜ୍ଞାମାଳ ଆସି ପୋତାହୁଏ ବନ୍ଧରେ। କୋଟି କୋଟି ଟଙ୍କାର ନଦୀବନ୍ଧ ପ୍ରକଳ୍ପ ଅପେକ୍ଷା ଅଧିକା ବିଶ୍ୱାସରେ ପୋତା ହୁଏ ବାଉଁଶ ତା ଦେହରେ ବୋଳାହୁଏ ସିନ୍ଦୂର, ଫୁଲମାଳ। ହରିବୋଲ, ହୁଳହୁଳିରେ କମ୍ପେ ନଈବନ୍ଧ।

ତାକୁ ଶୁଣି ଆହୁରି ଫୁଲେ ନଈ। ତା' ଛାତିରେ ପାଣି ବଢ଼ିଲେ, ଗାଉଁଲି ଛାତିରେ ଛନକା ପଶେ। ମୁଣ୍ଡିଆ ମାରେ ମା'ଙ୍କୁ। ଆସ୍ଥା ଅଛି ମା' ନିଜେ ବନ୍ଧରେ ଗୋଡ଼ ଲମ୍ୱେଇ ବସିଲେ ପାଣି ଟପି ପାରେନି ସେ ଲକ୍ଷ୍ମଣ ରେଖା। ନଈ ବନ୍ଧର ବଟୁରା ଛାତିରେ ପୋଲାଙ୍ଗ ସଳିତା ଦୀପର ବାସ୍ନା, ମା'ଙ୍କ ମନ୍ଦିରର ଘଣ୍ଟ, ନଈର ଫଁ ଫଁ ଧମକ ଆଉ ଥଣ୍ଡା ଥଣ୍ଡା ଦଲକା ଦଲକା ପବନ। ଏ ସମସ୍ତେ ମିଶିଗଲେ ଯାହା ଅନୁଭୂତି ଆସେ ସେ' ଟା ଭୟ, କି ବିରହ! ଭକ୍ତି କି ବ୍ୟାକୁଳତା ! ଏକଥା ବୁଝିହୁଏନି, ମାପି ହୁଏନି।



ହଜାର ଶିରାଳ ଯୋଡ଼ହାତ ଉପରକୁ ଉଠେ, ମୁଣ୍ଡ ନୁଆଇଁ ଆଶିଷ ଲୋଡ଼େ।

ମା' ସାହା ହୁଏ, ଶେଷରେ ବିଶ୍ୱାସ ଜିତେ, ନଈ ପାଣି ନଈରେ ଯାଏ ସିନା ବନ୍ଧ ଟପି ପାରେନି ଜମା।

## ଗୁରେଇ

ଗୁରୁବାରରେ ଜନ୍ମ ବୋଲି ତା' ନାଁ ଗୁରେଇ। ତା' ବେକରେ ନାଲିରଙ୍ଗର ମୋଟା ସୂତାରେ ଗୁନ୍ଥା ହୋଇ ଝୁଲୁଚି କଉଡ଼ିଟେ ଆଉ ଗୋଟେ ଘାଗୁଡ଼ି ତା' କଳା ଦେହକୁ ଖୁବ୍ ମାନେ। ଗୁରେଇ ଦାଣ୍ଡରୁ ବାରି ଚାରିଆଡ଼େ ଖେଳିବୁଲେ, ଡେଇଁ ଡେଇଁ ନାଚୁଥାଏ। ବଡ଼ବୋଉ ତାକୁ ନିଜ ପିଲା ପରି ପାଳେ। ଅଣ୍ଟିରେ ଭୁଜା ରଖି ତାକୁ ଖୁଆଇଦିଏ। କାହା ବାରିରେ ପଶି ଗଛ ପତର ଖାଇଲେ, ଗାଁ ମାଇପେଙ୍କ ସହ କଜିଆ କରି ତାକୁ କୋଳେଇ ଘରକୁ ଆଣେ। ହାତରେ ଧରି ମଣିଷ ପିଲା ପରି ବୁଝାଏ, ଛେଳି ଛୁଆଟି ଯଦିଓ ଆମମାନଙ୍କ ପରି କଥା କୁହେନି କିନ୍ତୁ ଭାବ ବୁଝେ ବୋଧେ, ସେଥିପାଇଁ ତା' ଆଖିରେ ଲୁହ ଜକାଏ। ସମୟ ବଢ଼େ, ଗୁରେଇ ବଡ ହୁଏ। କଂସେଇ ମୂଲ କରେ। ଅର୍ଥ ଅଭାବୀ ପରିବାରର ଗୁଜରାଣ ପାଇଁ ଗୁରେଇ ସଉଦା ହୁଏ। ବିକ୍ରିର ତିନି ଚାରି ଦିନ ପୂର୍ବରୁ ବଡ଼ବୋଉ ରୋଜ କାନ୍ଦେ, ଗୁରେଇ କିଛି ଖାଏନା। ସେ ମଣିଷର କଥା କୁହେନା ସିନା ବେଶ୍ ବୁଝେ ତା' ମନକୁ।

ଶେଷରେ କଂସେଇ ଅଖାରେ ପଶି ଗୁରୁବାରି ଚାଲିଯାଏ ମେଁ ମେଁ ଡାକି ଡାକି। ମଣିଷ ସମସ୍ତଙ୍କ ପାଇଁ ଲୁହ ଢାଳେନା, ତା'ର ଅତି ଆପଣାର ପାଇଁ ହିଁ ଲୁହ ଢାଳେ। ଯିଏ ଯେତେ ନିଜର, ତା' ପାଇଁ ଲୁହ ସେତେ ବହଳ। ବାରି କବାଟରେ ମୁଣ୍ଡ ଡେରି ବଡ଼ବୋଉ ବାହୁନେ, ଝିଅ ବିଦା କଲାପରି। ଆଉ କାହା ଛେଳି ତା' ଶାଗ ଖାଉଥିବା ଦେଖେ, ହେଲେ କିଛି କହିପାରେନା।

□□

ଲେଖକଙ୍କ ଇ-ମେଲ ଠିକଣା:
ranjanbapi7751@gmail.com



ଶିଶୁ ଗଳ୍ପ

# ମଣିଷପଣିଆ

କୁଞ୍ଜ ବିହାରୀ ସାହୁ

ରବିବାର ଦିନ ଅମିତ ଘରେ ବସି ଟି.ଭି. ଦେଖୁଛି। ଦାଣ୍ଡ ଦୁଆର ପାଖରେ ଜଣେ ବୁଢ଼ୀର ପାଟି ଶୁଣିଲା। ଟି.ଭି. ପାଖରୁ ଉଠି ଦୁଆର କବାଟଟିକୁ ଖୋଲିଦେଲା। ଦେଖିଲା ଛିଣ୍ଡା କତରା ଶାଢ଼ୀ ପିନ୍ଧି ଜଣେ ବୁଢ଼ୀ ଠିଆହେଇଛି। ବର୍ଷାରେ ଭିଜି ଯାଇଛି। କୋହଲା ପବନରେ ଥରୁଛି ଶୀତରେ ଥରୁଛି। ପାଟି ଖନି ମାରୁଛି। ଦାନ୍ତକୁ ଦାନ୍ତ ଲାଗିଯାଉଛି। କିଛି ଅସୁବିଧା ହେଇଛି ବୋଧହୁଏ!

ଅମିତ ପଚାରିଲା- 'କଅଣ ହେଇଛି ବୁଢ଼ୀ ମାଉସୀ ! ତୁମ ଘରେ କେହି ନାହାନ୍ତି କି। ଏ ଲଘୁଚାପରେ ତୁହାକୁ ତୁହା ବର୍ଷା ହେଉଛି। ଘଡ଼ଘଡ଼ି ମାରୁଛି। ଏ କୋହଲା ବର୍ଷାପାଗରେ ଘରୁ କାହିଁକି ବାହାରିଛ ବୁଢ଼ୀ ମାଉସୀ ?



ହଁ ରେ ପୁଅ, ମୋର କେହି ନାହାନ୍ତି। ଗୋଟିଏ ବୋଲି ନାତୁଣୀ ଥିଲା। ମୋତେ ସାହାଯ୍ୟ କରୁଥିଲା। ପାଖେ ପାଖେ ରହୁଥିଲା। ଖେଳୁଥିଲା, ବୁଲୁଥିଲା। ପାଠ ପଢ଼ିବ ବୋଲି ଜିଦି କଲା। ମୁଁ ତ ଗରିବ ଗୁରୁବା ଲୋକ। ଏ ପାଖ ବସ୍ତିରେ ରହେ। ଘର ଘର ବୁଲି ହାତ ପତେଇ ଖାଇବାକୁ ମାଗେ। କିଏ କିଏ ଦୟା ଦେଖାଇ ମୁଠାଏ ଖାଇବାକୁ ଦିଅନ୍ତି। କିଏ କିଏ ଏଣୁତେଣୁ କହି ଗାଳି କରନ୍ତି। ସବୁ ସହିଯାଏ। ହେଲେ ପୁଅ ଗୋଟିଏ କଥା କହିବି, ରଖିବୁ ?

ଅମିତ୍ କହିଲା - କୁହ ବୁଢ଼ୀ ମାଉସୀ।

ବୁଢ଼ୀ କହିଲା - ଏ ସାହିର ରଙ୍ଗାଧର ବହୁତ ବଦମାସ୍। ଆମ ଘରକୁ କାଲି ଆସିଥିଲା। ମୋ ନାତୁଣୀକୁ ଚକୋଲେଟ ଦେଲା। କହିଲା - ଝିଅ, ତୁ ପାଠ ପଢ଼ିବୁ। ଝିଅ ହଁ କହିଲା।

ରଙ୍ଗାଧର କହିଲା- ମାଉସୀ, ମୁଁ ତୋ ନାତୁଣୀକୁ ନେଇଯାଉଛି, ପାଠ ପଢ଼େଇଦେବି। ଏତକ କହୁ କହି ଝିଅକୁ ରଙ୍ଗାଧର ନେଇ ପଳେଇଗଲା। ମୋ ନାତୁଣୀ ଗଲାବେଳେ ରାହା ଧରି କାନ୍ଦୁଥିଲା। ରଙ୍ଗାଧରର ଚାଲିଚଳନ, କଥା ମୋତେ ଭଲ ଲାଗୁନି। କାଳେ ଝିଅକୁ ପାଠ ପଢ଼େଇବ କହି ବାହାରେ ବିକିଦେବ। ଡର ଲାଗୁଛି। ବିପଦରେ ମୋତେ କିଛି ଟଙ୍କା ସାହାଯ୍ୟ କରିଥିଲା। ତେଣୁ ତା' କଥାକୁ ସତ ଭାବିଲି।

ବୁଢ଼ୀ ମାଉସୀ ଭେଁ...ଭେଁ ହୋଇ କାନ୍ଦିଲା।

ବେଶି ଡେରି ନ କରି ଅମିତ ଘରକୁ ଯାଇ ତା' ବାପାଙ୍କୁ ଡାକିଲା। ତା' ବାପା ପୋଲିସ ଅଫିସର। ଦୁଆରକୁ ଆସି ଦେଖିଲେ ବୁଢ଼ୀ କାନ୍ଦୁଛି। ଘରୁ ଭଲ ସୂତା ଶାଢ଼ି ଆଣି ତା ଦେହରେ ପକେଇଦେଲେ ଓଦା ସରସର ଲୁଗାଟିକୁ ବଦଳେଇଦେଲା ବୁଢ଼ୀ ମାଉସୀ। ବହୁତ ଖୁସି ହେଇଗଲା। ବୁଢ଼ୀ ସବୁ କଥା ଗୋଟି ଗୋଟି କହିଦେଲା ଅମିତର ବାପାଙ୍କୁ। ସବୁ କଥା ଶୁଣି ଆଶ୍ଚର୍ଯ୍ୟ ହେଇଗଲେ ଅମିତର ବାପା। ଭାବିଲେ ଏ ବୁଢ଼ୀ ବହୁତ ନିରୀହ। ମିଛ କହି ରଙ୍ଗାଧର ଛୋଟ ଛୁଆକୁ ନେଇ ପଳେଇଛି।

ଅମିତ୍ କହିଲା - ବାପା ତୁମେ ଥାନା ଇନଚାର୍ଜଙ୍କୁ ଖବର ପଠେଇଦିଅ। ଆମେ ସଭିଏଁ ବୁଢ଼ୀ ମାଉସୀଙ୍କୁ ଧରି ରଙ୍ଗାଧରଙ୍କ ଘରକୁ ଯିବା। ଚାଲ ଶୀଘ୍ର ଶୀଘ୍ର ଯିବା। ଅମିତ୍ କଥାରେ ତା' ବାପା ହଁ ମାରିଲେ।

ବୁଢ଼ୀ ମାଉସୀ ଡରିଲା ରଙ୍ଗାଧର ଘରକୁ ଯିବାକୁ। ଅମିତ ସାହସ ଦେଇ କହିଲା - ମୁଁ ଅଛି, ମୋ ବାପା ଅଛନ୍ତି, ତୁମେ ଡରୁଛ କାହିଁକି ? ଆମେ ସଭିଏଁ ସାଥିହୋଇ ଯିବା। ଯେତେ ଶୀଘ୍ର ଯିବା ତୁମ ନାତୁଣୀକୁ ଫେରେଇ ଆଣିବା।

ବୁଢ଼ୀ କାନ୍ଦି କାନ୍ଦି ଅମିତ୍ ସାଥିରେ ବାହାରିଲା। ଅମିତର

ବାପା ଗାଡ଼ି ଷ୍ଟାର୍ଟ କରୁ କରୁ ଶିଶୁ ମନ୍ଦିରର ସାହିତ୍ୟ ଗୁରୁଜୀ ଦେଖାହେଇ ପଚାରିଲେ - କୁଆଡ଼େ ଯାଉଛୁ କି ଅମିତ୍ ?

ଅମିତ୍ ଗୁରୁଜୀଙ୍କୁ ମୁଣ୍ଡିଆ ମାରି କହିଲା - ରଙ୍ଗାଧର ଘରକୁ।

ଗୁରୁଜୀ କହିଲେ - ସେ ଲୋକଟା ବଦମାସ୍, ଛୋଟ ଛୋଟ ପିଲାଙ୍କୁ ମଜା ମଜା କଥା କହି ଚକୋଲେଟ୍ ଦେଇ ଗାଁ ଛାଡ଼ି ପଳେଇଯାଏ। ମୁଁ ବି ତୋ ସାଥୀରେ ଯିବି।



ଅମିତ ଗୁରୁଜୀଙ୍କୁ ଡାକି କାରରେ ବସେଇଲା।

ଅମିତର ବାପା ଶୀଘ୍ର ଶୀଘ୍ର ଗାଡ଼ି ଚଲେଇ ରଙ୍ଗାଧର ଘର ପାଖାପାଖି ପହଞ୍ଚିଲେ। ସେତେବେଳକୁ ଥାନା ଇନଚାର୍ଜ ପୋଲିସଙ୍କୁ ଧରି ସେଇଠି ପହଞ୍ଚିଗଲେ। ରଙ୍ଗାଧର ଖସିବାକୁ ଚେଷ୍ଟା କରୁଥିଲା। ତାକୁ ଘେରିଗଲେ। ରଙ୍ଗାଧର ପାଖରେ ଝିଅଟି ରାହା ଧରି କାନ୍ଦୁଥିଲା। ବୁଢ଼ୀ ମାଉସୀ ତା' ନାତୁଣୀକୁ ଦେଖି ଦୌଡ଼ିଗଲା, ପାଖକୁ ଆଣି ଗେଲ କରିଦେଲା। ଥାନା ଇନଚାର୍ଜ ରଙ୍ଗାଧରକୁ ଗାଳିଗୁଲଜ କଲେ। ହାତରେ ହାତକଡ଼ି ପକେଇ ଥାନାକୁ ନେଇଗଲେ। ଝିଅଟି ଜେଜିମାକୁ ଧରି ଭୋ...ଭୋ...ହୋଇ କାନ୍ଦିଲା। ଅମିତ ଛୋଟ ଝିଅର ଆଖିରୁ ଲୁହ ପୋଛିଦେଲା। ତା' ବାପାଙ୍କୁ କହିଲା ଝିଅକୁ ତା' ଘରକୁ ନେବାପାଇଁ। ତା ସାଥିରେ ପାଠ ପଢ଼ିବ। ଖୁସିରେ ଖେଳିବ। ବୁଲିବ.. ନାଚିବ।

ଅମିତର ବାପା କହିଲେ - 'ଆରେ ପୁଅ, ଛୋଟ ଝିଅକୁ ଘରକୁ ନେଲେ ତା' ଜେଜିମା' ଆହୁରି କାନ୍ଦିବ। ତାକୁ ବି ଆମ ଘରକୁ ନେଇଯିବା।' ଅମିତ୍ ଖୁସି ହେଇଗଲା।

ଅମିତର ବାପା ବୁଝେଇ କହିଲେ - ଏଇଟା ହିଁ ମଣିଷପଣିଆ।

ବୁଢ଼ୀ ମାଉସୀର ଆଖିରୁ ଖୁସିର ଲୁହ ଝରିଗଲା।

ପ୍ରଧାନ ଗୁରୁଜୀ ଓ ବୁଢ଼ୀ ମାଉସୀ ଅମିତର ମଣିଷପଣିଆକୁ ପ୍ରଶଂସା କଲେ। ଅମିତ ଏ ଗାଁର ମଉଡ଼ମଣି। ଅମିତର ବାପା ବୁଢ଼ୀ ମାଉସୀ ଓ ତା' ନାତୁଣୀକୁ ଧରି ଘରକୁ ଫେରିଲେ।

ପ୍ରଧାନ ଗୁରୁଜୀ ତା' ପରଦିନ ବିଦ୍ୟାଳୟରେ ଅମିତକୁ ପୁରସ୍କାର ଦେଲେ। ସଭାରେ କହିଲେ - ଅମିତର ମାନବିକତା ଗୁଣ ଯୋଗୁ ଗୋଟିଏ ଛୋଟ ଝିଅଟିଏ ବିପଦରୁ ଖସି ପଳେଇଆସିଲା। ତୁମେ ସଭିଏଁ ଅମିତ ପରି ପରୋପକାରୀ ହେବାକୁ ଚେଷ୍ଟା କର।

□□

ଲେଖକଙ୍କ ଇ-ମେଲ ଠିକଣା:
kunjasahu63@gmail.com

**ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ**




Search **Sahitya Charcha**
on Play Store

ଆପଣଙ୍କ **ଆଣ୍ଡ୍ରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'ର**
**ଆପ୍** ବର୍ତ୍ତମାନ **'ପ୍ଲେ ଷ୍ଟୋର୍'ରେ** ଉପଲବ୍ଧ ଅଛି।




**ପୁସ୍ତକ ସମୀକ୍ଷା**

# ଚିତ୍ରିତ କାନଭାସ୍

**କବି: ଜାନକୀ ବଲ୍ଲଭ ଦାଶ**
**ପ୍ରକାଶକ: ଶ୍ରଦ୍ଧା ପବ୍ଲିକେଶନ୍, ବାଲେଶ୍ୱର**
**ପୃଷ୍ଠା: ୧୦୮ ମୂଲ୍ୟ: ଟ.୧୦୦**

କବି ଜାନକୀ ବଲ୍ଲଭ ଦାଶ ମୁଖ୍ୟତଃ ପାରମ୍ପରିକ ଶୈଳୀ ଓ ଭାବବିନ୍ୟାସ ଆଧାରିତ କାବ୍ୟସର୍ଜନାରେ ସିଦ୍ଧହସ୍ତ। ମଧ୍ୟ ଓ ରୀତିଯୁଗୀୟ ଶବ୍ଦଚାତୁରୀର ଅପରୂପ ପ୍ରୟୋଗ ତାଙ୍କର ରଚନା ସମ୍ଭାରର ଲକ୍ଷଣୀୟ ବିଶେଷତ୍ୱ ବୋଲି ଆମର ଧାରଣା। କିନ୍ତୁ ଆଲୋଚ୍ୟ କବିତା ସଂକଳନଟି ସେହି ଧାରାର ଏକ ବ୍ୟତିକ୍ରମ ଭଳି ମନେହୁଏ। ଏହାର ଆଭାସ ମିଳେ ପୁସ୍ତକଟିର ପଛ ମଲାଟରେ ସ୍ଥାନ ପାଇଥିବା ଏକ ଟିପ୍ପଣୀରୁ ଯେଉଁଥିରେ କୁହାଯାଇଛି ଯେ 'ଚିତ୍ରିତ କାନଭାସ୍' ଶ୍ରୀ ଦାଶଙ୍କର ଚତୁର୍ଥ କବିତା ପୁସ୍ତକ ହେଲେ ହେଁ ଏହା ତାଙ୍କର ପ୍ରଥମ ଆଧୁନିକ କବିତା ସଂକଳନ। ଜଣେ ପରମ୍ପରାବାଦୀ କବି ହୋଇ ବି ଆଧୁନିକ କବିତାର ଭାବଧାରାକୁ ନିଜ ସର୍ଜନାରେ ରୂପ ଦେବାପାଇଁ ସେ ଯେ ଅକ୍ଷମ ନୁହନ୍ତି ତାହା ସୂଚାଇଦେବା ଯେମିତି ଏହି ପୁସ୍ତକର ଆଭିମୁଖ୍ୟ।

ଆଧୁନିକ କବିତାର ଏକ ପ୍ରତିନିଧି ସ୍ତରୀୟ ସଂକଳନ ଭାବରେ ଏହାକୁ ଉପସ୍ଥାପନା କରିଥିଲେ ହେଁ ସମକାଳୀନ କବିତା ଜଗତରେ ମୁଣ୍ଡ ଟେକିଥିବା ଉଦ୍ଭଟତାରୁ କବି ଏଥିରେ ସୁରକ୍ଷିତ ଦୂରତା ଅବଲମ୍ବନ କରିଛନ୍ତି। ଏପରିକି ଏଥିରେ ସନ୍ନିବେଶିତ ସବୁତକ କବିତା ମୁକ୍ତଛନ୍ଦ ଉପରେ ଆଧାରିତ ନୁହେଁ। କେବଳ ଭାଷାଗତ ନୁହେଁ, ଭାବଗତ ଛନ୍ଦ ମଧ୍ୟ ଫୁଟିଉଠିଛି ତା'ଙ୍କ ରଚନାର ଛତ୍ରେ ଛତ୍ରେ; ଯେମିତି,

*'ବିଷଣ୍ଣ ନଦୀର ତୀରେ / ଆସନ୍ନ ସକାଳ*
*ଗୋଧୂଳିର ଆଗମନୀ / ସନ୍ଧ୍ୟାର ବିକଳ*
*ମୋ ଆଖିର କୋଣେ କୋଣେ / ଆଲୋକ ବର୍ତ୍ତିକା*
*ଆରପାରେ ଠିଆ ଦେବାଳୟ/ ଦେବତାର ନାହିଁ ଦେଖା।'*

('ବିଷଣ୍ଣ ଲୁହ', ପୃ - ୭୧)

ଏହାକୁ ଲକ୍ଷ୍ୟ କଲେ ଆମେ ପାଉ ଯେ ସାମ୍ପ୍ରତିକ ଯୁଗଯନ୍ତ୍ରଣାକୁ ଚିତ୍ରିତ କରିବା ଆଳରେ ଭାବପ୍ରକାଶକୁ ଅଯଥା କ୍ଲିଷ୍ଟତର କରିବା କିମ୍ବା ସର୍ଜନାର ଆଙ୍ଗିକକୁ ଲଗାମଛଡ଼ା କରିବାର ବୃଥା ପ୍ରୟାସ ଏଥିରେ ନାହିଁ। ଅବଶ୍ୟ ତାହାର ଅର୍ଥ ନୁହେଁ ଯେ ଉତ୍ତର ଆଧୁନିକ କବିତାର କାବ୍ୟସ୍ୱରରୁ କବି ବିଚ୍ଛିନ୍ନ। ଏହାର ଏକ ଦୃଷ୍ଟାନ୍ତ ଦିଶିଯାଏ ନିମ୍ନୋକ୍ତ ପଦରେ;

*'ବିତର୍କିତ ମଧ୍ୟାହ୍ନର*
*ବିକଶିତ ମୁହୂର୍ତ୍ତମାନଙ୍କୁ ନେଇ*
*ସୂର୍ଯ୍ୟର ଗତି*
*ଗୋଧୂଳିରେ ଚଳଚଞ୍ଚଳ ପାଦର ଶିଥିଳତା*
*ଦେହ ଓ ଦାହର ନିରୂପିତ ସାରଣୀରେ*
*ବିପ୍ଳବର ପଦଧ୍ୱନି।*

('ବିତର୍କିତ ଇସ୍ତାହାର,' ପୃ - ୧୬)

ଅବଶ୍ୟ ଆଧୁନିକ କାବ୍ୟାଦର୍ଶର ଏହି ଉଦ୍ଭଟପଣିଆ ପୁସ୍ତକଟିରେ ସ୍ଥାନିତ ହୋଇଥିବା ଅଧିକାଂଶ କବିତାରେ ଦେଖିବାକୁ ମିଳେନାହିଁ। ବରଂ ସମକାଳୀନ ଦ୍ୱନ୍ଦ୍ୱ ଓ ଉଦ୍‌ବେଳନକୁ ଯଥାସମ୍ଭବ ସରଳ ଓ ଛନ୍ଦାୟିତ ଭାବରେ ପରିବେଷଣ କରିବାପାଇଁ କବି ଯତ୍ନଶୀଳ। ଏ ଦୃଷ୍ଟିରୁ ଏହି ସଂକଳନକୁ ଆଧୁନିକ କବିତାର ସ୍ୱରୂପକୁ ଏକ ନୂତନ ଛାଞ୍ଚରେ ଢ଼ାଳିବାର ପ୍ରୟାସ ବୋଲି କୁହାଯାଇପାରେ। ତଥାପି ଏହା ମଧ୍ୟ କହିବାରେ ଆମର ଦ୍ୱିଧା ନାହିଁ ଯେ ପାରମ୍ପରିକ ଛନ୍ଦୋବଦ୍ଧ କବିତାରେ କବି ଜାନକୀ ବଲ୍ଲଭ ଦାଶ ଯେତିକି ପାରଙ୍ଗମ ଓ ପ୍ରାଣବନ୍ତ, ଆଧୁନିକ କବିତାର ପରିବେଷ୍ଟନୀରେ ସେ ନିଜକୁ ବୋଧହୁଏ ସେତିକି ପରିମାଣରେ ସହଜ ମନେ କରିନାହାନ୍ତି।

***-ନିହାର ଶତପଥୀ***

# ସାହିତ୍ୟ ସମାଚାର

## ବଙ୍ଗାଳୀ ନନ୍ଦ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀର ଅନୁବାଦ ପୁରସ୍କାର



କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ମାର୍ଚ୍ଚ ୧୧ ତାରିଖ ଦିନ ଇଂରାଜୀ ଓ ୨୩ଟି ଭାରତୀୟ ଭାଷାର ଶ୍ରେଷ୍ଠ ଅନୁବାଦ କୃତି ପାଇଁ ପୁରସ୍କାରମାନ ଘୋଷଣା କରାଯାଇଛି। ଏହା ମଧ୍ୟରେ ବିଶିଷ୍ଟ ଓଡ଼ିଆ ଅନୁବାଦକ ବଙ୍ଗାଳୀ ନନ୍ଦଙ୍କର 'ନେଲ୍ଲୁରୀ କେଶବସ୍ୱାମୀ ଉତ୍ତମା କଥୁଲୁ' ଅନ୍ତର୍ଭୁକ୍ତ। ନେଲ୍ଲୁରୀ କେଶବସ୍ୱାମୀଙ୍କର ଏହି ଶୀର୍ଷକ ଏକ ତେଲଗୁ ଗଳ୍ପ ସଂକଳନକୁ ସେ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି।

ଓଡ଼ିଆ ବିଭାଗର ଏହି ପୁରସ୍କାର ନିର୍ଣ୍ଣୟ ପାଇଁ ସାହିତ୍ୟ ଏକାଡେମୀର ବିଚାରକ ମଣ୍ଡଳୀରେ ଥିଲେ ବୈଷ୍ଣବ ଚରଣ ସାମଲ, ବିପିନ ବିହାରୀ ମିଶ୍ର ତଥା ପ୍ରସନ୍ନ କୁମାର ମହାନ୍ତି। ଏଥିପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ଯେଉଁ ଅନ୍ୟ ଅନୁବାଦକଙ୍କ କୃତିଗୁଡ଼ିକୁ ବିଚାରକୁ ନିଆଯାଇଥିଲା ସେମାନେ ହେଲେ ସୂର୍ଯ୍ୟ ମିଶ୍ର, କ୍ଷୀରୋଦ ପରିଡ଼ା, କନକମଞ୍ଜରୀ ସାହୁ, ଇନ୍ଦୁଲତା ମହାନ୍ତି, ପ୍ରଦୀପ କୁମାର ରାୟ, ବିଜୟ କୁମାର ପ୍ରଧାନ ଓ ଧରଣୀଧର ନାଥ। ପୁରସ୍କାରଟି ପାଇଁ ମନୋନୀତ ହୋଇଥିବା ଅନୁବାଦକ ବଙ୍ଗାଳୀ ନନ୍ଦ ଏଯାବତ୍ ବିଭିନ୍ନ ଭାଷାରୁ ୧୪ଟି ପୁସ୍ତକ ଓଡ଼ିଆ ଭାଷାକୁ ଅନୁବାଦ କରିସାରିଛନ୍ତି। ସେ ରାୟଗଡ଼ା ଜିଲ୍ଲାର ବାସିନ୍ଦା ତଥା ୨୦୦୫ ମସିହାରେ ଶିକ୍ଷକତାରୁ ଅବସର ଗ୍ରହଣ କରିଛନ୍ତି। ଏହି ପୁରସ୍କାର ଘୋଷିତ ହେବା ପରେ ଶ୍ରୀ ନନ୍ଦ କହିଛନ୍ତି ଯେ, ୭୭ ବର୍ଷ ବୟସରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ଏହି ପୁରସ୍କାର ଜରିଆରେ ସ୍ୱୀକୃତି ପାଇଥିବାରୁ ସ୍ୱାଭାବିକ ଭାବେ ସେ ଆନନ୍ଦିତ।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଉପଲକ୍ଷେ ଭୁବନେଶ୍ୱରରେ ଆଲୋଚନା ସଭା




ଭୁବନେଶ୍ୱରଠାରେ ଥିବା ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ମାର୍ଚ୍ଚ ୧୧ ତାରିଖ ଦିନ ସର୍ଦ୍ଦାର ପଟେଲ ହଲ୍ ପରିସରରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଉପଲକ୍ଷେ 'ଶାସ୍ତ୍ରୀୟ ଓଡ଼ିଆ ସାହିତ୍ୟ ଗବେଷଣାର ନୂତନ ଦିଗ' ବିଷୟରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ସ୍ୱାଗତ ଅଭିଭାଷଣ ଦେଇ ଉତ୍କର୍ଷ କେନ୍ଦ୍ରର ନିର୍ଦ୍ଦେଶକ ଡ. ବସନ୍ତ କୁମାର ପଣ୍ଡା ଭାରତ ସରକାରଙ୍କ ଦ୍ୱାରା ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ଭାବରେ ସ୍ୱୀକୃତି ପ୍ରଦାନର ପୃଷ୍ଠଭୂମି ସଂପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରସନ୍ନ କୁମାର ସ୍ୱାଇଁ କହିଲେ ଯେ ଓଡ଼ିଆ କେବେ ହେଁ ଶ୍ରେଣୀକକ୍ଷର ଭାଷା ନଥିଲା। ସେ ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି'ର ଗୋଟିଏ ଧାଡ଼ି: "ଦିବ୍ୟ ଅଦିବ୍ୟ ଭାଷାରେ ପଦ ହେବ ସିଦ୍ଧି" ଉଦ୍ଧୃତ କରି କହିଲେ ଆମ ଭାଷାର ଦିବ୍ୟତ୍ୱର ତୁଳନା ନାହିଁ। ସେ ମଧ୍ୟ କହିଥିଲେ ଯେ ଆମ ସାହିତ୍ୟର ୯୫ ପ୍ରତିଶତ ଭାଗ ସମ୍ପର୍କରେ ଏବେ କେହି ଅବଗତ ନୁହଁନ୍ତି। ମୁଖ୍ୟ ଅତିଥି ବିଶିଷ୍ଟ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଉତ୍କର୍ଷ ପ୍ରସଙ୍ଗରେ ନିଜର ଭାବନା ବ୍ୟକ୍ତ କରି କହିଲେ ଯେ ଯଦି ଲେଖା ଓ ଲେଖକ ନଥା'ନ୍ତେ ତେବେ ଆଜି ଆମେ ଶାସ୍ତ୍ରୀୟ ମାନ୍ୟତା ପାଇନଥା'ନ୍ତେ।

# ଶେଷ ପୃଷ୍ଠା



ପ୍ରଶାନ୍ତ ଭୁଞ୍ୟା

# ପୁରଶ୍ଚରଣ*

ପଢୁଥିଲି ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରସଙ୍ଗରେ କିଛି କଥା ଆଉ ଆଲୋଚନା। ଶୁଣୁଥିଲି ବିଭିନ୍ନ ସଞ୍ଚାର ମାଧ୍ୟମରୁ ବ୍ୟଥା ଆଉ ବେଦନା ଅନେକ ଭାଷା ଓ ସାହିତ୍ୟ ରଥୀ ଆଉ ମହାରଥୀଙ୍କର ବିଭିନ୍ନ ମହୋତ୍ସବରେ। ଅତି ବିଚିତ୍ର ଆଉ ଅଦ୍ଭୁତ ପ୍ରସଙ୍ଗ ଆଉ ଆଲୋଚନା ସବୁ। କଥା କଥାରେ ହିନ୍ଦୀ ଆଉ ଇଂରାଜୀ ଶବ୍ଦପ୍ରୟୋଗ। ଉଦାହରଣ ଦେଲାବେଳେ ଅଶୀରୁ ନବେ ଶତକଡ଼ା ଅନ୍ୟ ଭାଷା ଓ ସଂସାରର ବହି, ଲେଖକ, ଉଦ୍ଧୃତିର ପ୍ରୟୋଗ। ମନଟା ମରିଯାଏ ଯେତେବେଳେ ଏଇ ସବୁ ଶୁଣେ ଆଉ ପଢ଼େ। ଢଗଟିଏ ମନେ ପଡ଼େ;

"କାକୁଡ଼ି ପାଇଁକି ରଞ୍ଜା ରଞ୍ଜେଇଲି, ବଳେ ମାଡ଼ିଗଲା ପୋଇ;
କାନ୍ତଙ୍କ ପାଇଁକି ଶେଯ ଶେଯାଇଲି ଶୋଇଗଲା ନଣନ୍ଦେଇ"

ଶାସ୍ତ୍ରୀୟ ଭାଷା ବୋଲି ଗର୍ବରେ ଉତ୍‌ଫୁଲ୍ଲ ହେଉଥିବା ଏଇ ଜାତିର ତୁଣ୍ଡରେ ମାଟିର ଭାଷା 'ଓଡ଼ିଆ' କାହିଁ!

ସଭିଏଁ ବୁଝିବା ଭଳି ଲିଖିତ ଭାଷାରେ ବ୍ୟକ୍ତ କରାଯିବା ମାନବର ବ୍ୟକ୍ତିଗତ ତଥା ଜାତୀୟ ଚିନ୍ତା ହିଁ ଆଦର୍ଶ ସାହିତ୍ୟର ମୂଳପିଣ୍ଡ। ଆମ ଭାଷା ଓ ସାହିତ୍ୟର ଛନ୍ଦୋବନ୍ଧନ, ଅଳଙ୍କାର, ବ୍ୟାକରଣ କେଉଁ ଗୁଣରେ ଊଣା! ଅଧିକାଂଶ ପ୍ରକାଶିତ, ପ୍ରଚାରିତ ଓ ପ୍ରଶଂସିତ ସାହିତ୍ୟରେ ହେଲାପେଲା। ଏବେ ଜ୍ଞାନୀଗୁଣୀ ନିର୍ବାକ୍। କିଏ ଧୃତରାଷ୍ଟ୍ର, କିଏ ଯତିବେଶୀ ରାବଣ ପ୍ରାୟେକ ନିଜ ନିଜର ଚିନ୍ତାଚେତନାରେ ବ୍ୟସ୍ତ। ସିଦ୍ଧିଲାଭ ନିମନ୍ତେ ଜଣେ ଆଦର୍ଶ ସାଧକ ଯେପରି ପଞ୍ଚାଙ୍ଗଯୁକ୍ତ ସାଧନା କରନ୍ତି ଇଷ୍ଟଦେବତାଙ୍କ ପାଇଁ ମନ୍ତ୍ରଜପ, ହୋମ, ତର୍ପଣ, ଅଭିଷେକ ଓ ବ୍ରାହ୍ମଣଭୋଜନ ସହ, ସେହିପରି ଏବକାର ସାହିତ୍ୟକ କେତେ ଏହି ପୁରଶ୍ଚରଣର ନାମ ଓ ଧର୍ମ ହିଁ ବଦଳାଇ ଦେଇଛନ୍ତି। ତେଣେ ଆଉ ପଲେ ଆରମ୍ଭ କଲେଣି ବର୍ଣ୍ଣନାଶ କ୍ରିୟାଯଜ୍ଞ। ଆମ ବର୍ଣ୍ଣମାଳାରେ ଥିବା ଅକ୍ଷର ଏବେ ସେମାନଙ୍କୁ ବୋଝ ହେବାରେ ଲାଗିଲାଣି। ପଶ୍ଚିମ ସଭ୍ୟତାର ହନୁକରଣରେ ପୋଷାକ, ମମତା, ଅନ୍ନବ୍ୟଞ୍ଜନ, ସଂସ୍କାର, ପ୍ରଭୃତି ହ୍ରାସ ହେବାରେ ଲାଗିଛି। ଏବେ ସେହି ଗ୍ରହଣଦୋଷ ଆମ ଭାଷା ଓ ସାହିତ୍ୟକୁ ଛୁଇଁବାରେ ଲାଗିଛି। କାମ୍ବୋଡ଼ିଆର ଖ୍ମେର ବର୍ଣ୍ଣମାଳାରେ ୭୪ ଅକ୍ଷର ଥିଲା ବେଳେ ପାପୁଆ ନିଉଗିନିଆର ବୌଗାନ୍‌ଭିଲେ ଦ୍ୱୀପର ରୋଟୋକାସ୍ ବର୍ଣ୍ଣମାଳାରେ ଅଛି ୧୨ ଗୋଟି ଅକ୍ଷର। ସମସ୍ତେ ଏହା ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଚୀନ୍‌ର ହାଞ୍ଜି ବର୍ଣ୍ଣମାଳାରେ ୫୦୦୦୦ରୁ ଅଧିକ ଅକ୍ଷର, ମାତ୍ରା, ଫଳା ଓ ସାଙ୍କେତିକ ଚିହ୍ନ, ପ୍ରଭୃତି ରହିଅଛି। ହେଲେ ସେମାନେ ସାଧାରଣ ଜନଜୀବନର ବ୍ୟବହାର ନିମନ୍ତେ କେବଳ ୩୦୦୦ ବର୍ଣ୍ଣ ହିଁ ବ୍ୟବହାର କରିଥାନ୍ତି। ନିଜ ବର୍ଣ୍ଣମାଳାକୁ ନେଇ ପ୍ରାୟତଃ ଅନେକ ସଂସ୍କୃତି ଗର୍ବ କଲାବେଳେ ଆମର ଏଇ ହୀନମନ୍ୟତା କିଆଁ !

ଆମ ଭାଷାକୁ ନେଇ ଆମ ଗାଁଗହଳରୁ ଆରମ୍ଭ କରି ସହର ନଗର ପରିଯନ୍ତେ ସାହିତ୍ୟର ଅତି ପ୍ରସିଦ୍ଧି ଅଛି। ଢଗ, କାହାଣୀ, ପ୍ରବଚନ, ଲୌକିକ ଗୀତ ଠାରୁ ଆରମ୍ଭ କରି କଳାଚାତୁରୀ ଓ କଳ୍ପନାପ୍ରସୂତ ସାହିତ୍ୟରେ ଆମ ସାହିତ୍ୟ ଅନନ୍ୟ। ଏବେ ଆମ ସାହିତ୍ୟର ଅନେକ ରଚନା, ତଥ୍ୟ ଓ ତତ୍ତ୍ୱ ଘୁଣାକ୍ଷର ପ୍ରାୟେକ ପ୍ରତୀୟମାନ। ଅନେକ ଖଣ୍ଡଅକ୍ଷରିଆ ସାହିତ୍ୟିକଙ୍କ ଅଶୁଦ୍ଧ ସଂଶୋଧନ ବିହୀନ ସାହିତ୍ୟ ଅଦୃଷ୍ଟାକ୍ଷର ଭଳି ବୋଧହୁଏ। ଏଣୁ ସମସ୍ତ ଭାଷା ଓ ସାହିତ୍ୟପ୍ରେମୀଙ୍କୁ ଆହ୍ୱାନ ରହିବ ଯେ ଶୁଦ୍ଧ ସାହିତ୍ୟ ରଚନା ଓ ସମ୍ପୂର୍ଣ୍ଣ ବର୍ଣ୍ଣମାଳାର ସୁରକ୍ଷା ସମସ୍ତ ସୁଧୀଙ୍କ ଇତିକର୍ତ୍ତବ୍ୟ ହେଉ।

-ପ୍ରଭୂ

* **ପୁରଶ୍ଚରଣ** - ମନ୍ତ୍ରଜପ, ହୋମ, ତର୍ପଣ, ଅଭିଷେକ ଓ ବ୍ରାହ୍ମଣ-ଭୋଜନ ଏହି ପଞ୍ଚାଙ୍ଗଯୁକ୍ତ ସାଧନା

□□

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com

Eastern India's No.1* Paediatric Hospital

# JAGANNATH HOSPITAL

AN EXCLUSIVE PERINATAL CENTRE

## Because we treat every child like our own

- 24 X 7 PAEDIATRIC NEONATAL EMERGENCY
- LEVEL - 3 NICU
- PAEDIATRICS & NEONATAL SURGERY
- 24 X 7 OBSRETRIC & GYNAECOLOGY
- 24 X 7 PATHO LAB



Call : 8093091301

185-P, Saheed Nagar, Bhubaneswar-15

*Source: Times of India Critical Healthcare Survey

Jugaad Corner

A bit of Jugaad & lots of Love





Jugaad Corner deals with supplies of raw bases for art and craft purposes for artists and Crafters PAN India.





www.jugaadcorner.com
www.facebook.com/jugaadcorner
www.instagram.com/jugaadcorner



We design, customize and manufacture all kinds of MDF and pinewood products that are further used by artists and crafters all over India for their creative projects.

Our designs are exclusively curated for home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar - 751024, Odisha
Contact - 9439034505,



Blessed Fingers deals with art and craft finished products and orders even accepted on çustomizations.

www.blessedfingers.com
www.facebook.com/theblessedfingers
www.instagram.com/theblessedfingers

Blessed Fingers








Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy